# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୯/୨୦୨୫ (୧୨ ପୃଷ୍ଠା) | Bhubaneswar, Friday, August 29/2025 | Page 12 | ₹ 7.00

୫୧ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 274 | ମୂଲ୍ୟ ₹୭/-




ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ତଳବନ୍ଧ ଗ୍ରାମରେ ୭୦ଫୁଟର ପାଣିଟାଙ୍କି ଉପରକୁ ଗୁରୁବାର ଏକ ଷଣ୍ଢ ଚଢ଼ି ଯାଇଥିବାବେଳେ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର ପାଇଁ ଉଦ୍ୟମ କରୁଛନ୍ତି। **(ଫଟୋ: ସଞ୍ଜିତ ବଳ, ତିହିଡ଼ି) (ରିପୋର୍ଟ: ପୃଷ୍ଠା-୪)**

# ଦିନକରେ ୪ ଲକ୍ଷ କୋଟି ହରାଇଲେ ନିବେଶକ

**ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୫୦ ପ୍ରତିଶତ ଟାରିଫ୍ ବୁଧବାରଠାରୁ ଲାଗୁ ହୋଇଥିବାବେଳେ ଏହାର ବଡ଼ ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡ଼ିଛି। ବିଶ୍ୱ ବାଣିଜ୍ୟକୁ ନେଇ ଉତ୍ତେଜନା, ଘରୋଇ ଚାପ ଯୋଗୁ ଷ୍ଟକ୍ ମାର୍କେଟରେ ଅସ୍ଥିରତା ଲାଗି ରହିଛି। ନିବେଶକମାନେ ଅନିଶ୍ଚିତତାର ସମ୍ମୁଖୀନ ହେବା ସହ ଚିନ୍ତାରେ ପଡ଼ିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ (ବିଏସ୍‌ଇ) ଗତ ୨ ଦିନରେ ୧,୫୦୦ ପଏଣ୍ଟରୁ ଅଧିକ ଖସିଛି। ଗୁରୁବାର ସେନ୍‌ସେକ୍ସ ୭୦୬ ପଏଣ୍ଟ ହ୍ରାସ ପାଇ ୮୦,୦୮୦.୫୭ ପଏଣ୍ଟରେ କାରବାର ବନ୍ଦ ହୋଇଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୫୦ ମଧ ୨୧୧ ପଏଣ୍ଟ ହ୍ରାସ ପାଇ ୨୪,୫୦୦.୯୦ରେ ରହିଛି। ଫଳରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଗୋଟିଏ ଦିନରେ ୪ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି।**

ନୂଆଦିଲ୍ଲୀ,୨୮।୮

ଗୁରୁବାର ଟାଇଟନ୍, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଲାର୍ସନ ଆଣ୍ଡ୍ ଟୁବ୍ରୋ, ଆକ୍ସିସ୍ ବ୍ୟାଙ୍କ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଶେୟାର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଇଥିବାବେଳେ ବିଏସ୍‌ଇ ତାଲିକାଭୁକ୍ତ ଅନ୍ୟ ସମସ୍ତ କମ୍ପାନୀ କ୍ଷତି ସହିଛନ୍ତି। ବିଶେଷ କରି ଆଇଟି ଏବଂ ଫାଇନାନ୍ସିଆଲ ସଂସ୍ଥାଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଚ୍‌ସିଏଲ୍ ଟେକ୍‌ନୋଲୋଜିଜ୍‌ର ଶେୟାର ମୂଲ୍ୟ ୨.୮୫ ପ୍ରତିଶତ ହ୍ରାସ ପାଇଥିବାବେଳେ ଇନ୍‌ଫୋସିସ୍ ୧.୯୫%, ପାୱାର ଗ୍ରୀଡ୍ ୧.୯୩%, ଟିସିଏସ୍ ୧.୮୯% ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶେୟାର ମୂଲ୍ୟ ୧.୫୫ ପ୍ରତିଶତ ହ୍ରାସ ପାଇଛି। ମଧ୍ୟମ ଓ କ୍ଷୁଦ୍ର ନିବେଶକ ମଧ ବାଦ୍ ପଡ଼ିନାହାନ୍ତି। ସେକ୍ଟର ଅନୁଯାୟୀ ଦେଖିଲେ କଞ୍ଜୁମର ଡ୍ୟୁରେବଲ୍ ୦.୪୯ ପ୍ରତିଶତ ଲାଭରେ ଥିବାବେଳେ ପିଏସ୍‌ୟୁ ବ୍ୟାଙ୍କଗୁଡ଼ିକର ଶେୟାର ମୂଲ୍ୟ ୦.୩୩ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ଆଇଟି, ବ୍ୟାଙ୍କିଙ୍ଗ୍, ଏଫ୍‌ଏମ୍‌ସିଜି ଏବଂ ଟେଲିକମ୍ ସେକ୍ଟର ☞ପୃଷ୍ଠା-୪

## ଟ୍ରମ୍ପଙ୍କ ଟାରିଫ୍ ପ୍ରଭାବ

### ୨ ଦିନରେ ସେନ୍‌ସେକ୍ସ ୧୫୦୦ ପଏଣ୍ଟ ହ୍ରାସ




## ୟୁକ୍ରେନ୍ ଯୁଦ୍ଧ ପାଇଁ ମୋଦି ଦାୟୀ: ପିଟର ନାଭାରୋ

ନ୍ୟୁୟର୍କ/ୱାଶିଂଟନ,୨୮।୮(ପି.ଟି.)

ୟୁକ୍ରେନ୍ ସଂଘର୍ଷକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଉପଦେଷ୍ଟା ପିଟର ନାଭାରୋ 'ମୋଦିଙ୍କ ଯୁଦ୍ଧ' ବୋଲି କହିଛନ୍ତି। ଶାନ୍ତିର ରାସ୍ତା ଆଂଶିକ ଭାବେ ନୂଆଦିଲ୍ଲୀ ହୋଇ ଯାଉଥିବା ସେ କହିଛନ୍ତି। ହ୍ୱାଇଟ୍ ହାଉସ୍‌ର ବରିଷ୍ଠ ବାଣିଜ୍ୟ ଓ ଉତ୍ପାଦନ ପରାମର୍ଶଦାତା ନାଭାରୋ ବୁଧବାର ବ୍ଲୁମ୍‌ବର୍ଗକୁ ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି, ରୁଷିଆର ଯୁଦ୍ଧ ମେଶିନ୍ ଚଳାଇବାରେ ଭାରତ ସହାୟତା କରୁଛି। ଭାରତ ପାଇଁ ଆମେରିକାର ବ୍ୟବସାୟୀ, ଉପଭୋକ୍ତା, କର୍ମଚାରୀଙ୍କ ସମେତ ପ୍ରତ୍ୟେକେ କ୍ଷତି ସହୁଛନ୍ତି। ଭାରତର ଉଚ୍ଚ ଟାରିଫ୍ ଯୋଗୁ ଆମେରିକୀୟଙ୍କୁ ନିଯୁକ୍ତି ☞ପୃଷ୍ଠା-୪

# ରାଜ୍ୟରେ ଚାଲିବ ୧୦୦୦ ଇ-ବସ୍

## ୪୫୦ ଇ-ବସ୍ ସହ ପଞ୍ଚମ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର,୨୮।୮(ବନ୍ଦନା ସେଠୀ)

ଓଡ଼ିଶା ଇଲେକ୍ଟ୍ରିକ୍ ବସ୍ (ଇ-ବସ୍) ଚଳାଚଳରେ ଦେଶରେ ପଞ୍ଚମ ସ୍ଥାନ ହାସଲ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରିଛି। ରାଜ୍ୟରେ ଏବେ ୪୫୦ଟି ଇ-ବସ୍ ଚଳାଚଳ କରୁଥିବାବେଳେ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବାକୁ ଯୋଜନା କରାଯାଇଛି। ସହରଗୁଡ଼ିକୁ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଯାତ୍ରୀ ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି ବୋଲି ଗୃହ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନ୍ୟାୟ ପାଇଁ ସଂଗ୍ରାମ


VAJIRAO IAS ACADEMY PVT.LTD
India's Premier Coaching Institute for Civil Services (IAS/OAS)

Odisha Civil Services-2023
FREE
INTERVIEW GUIDANCE PROGRAMME (IGP-2025)
Ace your OCS interview with Vajirao IAS Academy's exclusive mock sessions.

Starting Date
24th August 2025 Onwards:
Offline Mode:
Slot A (10:00AM - 1:00PM)
Slot B (2:00PM - 5:00PM)
Slot C (6:00PM - 9:00PM)
Online Mode:
Slot O (6:0PM - 9:00PM)

FREE DAF Analysis
FREE Interview Guidance Booklet
-Interview Do's & Don'ts
-How to Prepare: Hobbies
-Know your State
-Question from Optional Subjects
-Odisha Specific Current Affairs
-Recent Interview related Current Affairs
Interview Guidance Classes
Mock Interview Sessions
Feedback Sessions from Experts

Expert Panelists: Ex- OPSC Secretary, Serving IAS/OAS Officers, Retd. IRS/OAS/IAS/OPSC, Ex-Collector, Ex- Director, Higher Education Dept.

9040012858
www.vajiraoiasacademy.com | info@vajiraoiasacademy.com
Or Visit Our Branch at Jayadev Vihar, Bhubaneswar


# ସମୁଦ୍ରରେ ପହଁରି ୭ଦିନ ପରେ ଫେରିଲେ ୪ ମତ୍ସ୍ୟଜୀବୀ

ବାସୁଦେବପୁର,୨୮।୮(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚୂଡ଼ାମଣି ଗ୍ରାମର ୪ଜଣ ମତ୍ସ୍ୟଜୀବୀ ଗତ ୨୧ ତାରିଖରୁ ମାଛ ଧରିବାକୁ ଯାଇ ସମୁଦ୍ରରେ ଫସି ରହିଥିଲେ। ବୋଟ୍ ବୁଡ଼ିଯିବାରୁ ସେମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ପହଁରି ପହଁରି ୭ଦିନ ପରେ ବୁଧବାର ରାତିରେ କୂଳକୁ ଫେରିଛନ୍ତି। ସେମାନେ ହେଲେ ଗ୍ରାମର ପ୍ରକାଶ ମଲିକ(୩୪), ସପନ ମଲିକ (୭୦), ବନ ମଲିକ(୨୭) ଓ ପବନ ମଲିକ(୫୫)। ମତ୍ସ୍ୟଜୀବୀମାନଙ୍କ କହିବା ଅନୁଯାୟୀ, ସେମାନେ ଚୂଡ଼ାମଣି ମୁହାଣରୁ ହିଡ଼ିମ୍ବା ନାମକ ଏକ ବୋଟ୍‌ରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ବାଲିମୁଣ୍ଡା ସୁନାମୁହିଁ ସଂଲଗ୍ନ ସମୁଦ୍ରରେ ମାଛ ମାରୁଥିବା ବେଳେ ୨୩ ତାରିଖରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବୋଟ୍‌ଟି ବୁଡ଼ିଯାଇଥିଲା। ମାଛ ରଖିବା ପାଇଁ ☞ପୃଷ୍ଠା-୪




# ପାଲଘରରେ କୋଠା ଭୁଶୁଡ଼ିବା ଘଟଣା, ମୃତ୍ୟୁସଂଖ୍ୟା ୧୭କୁ ବୃଦ୍ଧି

ମୁମ୍ବାଇ, ୨୮।୮

ମହାରାଷ୍ଟ୍ର ପାଲ୍‌ଘର ଜିଲାଭିରାରଠାରେ ବୁଧବାର ୫୦ ଫ୍ଲାଟ ବିଶିଷ୍ଟ ଏକ ୪ ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ଏହି ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ବସାଇ-ଭିରାର ମ୍ୟୁନସିପାଲ କର୍ପୋରେଶନ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇ ଭଗ୍ନାବଶେଷ ତଳୁ ଅନେକ ମୃତଦେହ ବାହାର କରାଯାଇଛି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯିବ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ଗୁରୁବାର ଘୋଷଣା କରିଛନ୍ତି। ବସାଇ-ଭିରାର ମ୍ୟୁନିସିପାଲ୍ କର୍ପୋରେଶନ୍‌ର ଅଭିଯୋଗକ୍ରମେ ବୁଧବାର ପୋଲିସ ଉକ୍ତ କୋଠାର ବିଲ୍ଡରଙ୍କୁ ଗିରଫ କରିଥିଲା।

## ଦିଲ୍ଲୀରେ ଆଜି



ଦିଲ୍ଲୀରେ ଯମୁନା ନଦୀ ବିପଦ ସଙ୍କେତ ଅତିକ୍ରମ କରିବା ପରେ ଗୁରୁବାର ବନ୍ୟା ଚେତାବନୀ ଜାରି କରାଯାଇଛି। (ଫଟୋ-ଚମନ ଗୌତମ)


# ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ

ଗଡ଼ଚିରୋଲି, ୨୮।୮(ପି.ଟି.)

ମହାରାଷ୍ଟ୍ର ଗଡ଼ଚିରୋଲି ଜିଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୪ ମାଓବାଦୀ ନିହତ ହୋଇଛନ୍ତି। ଏହି ହାର୍ଡକୋର ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେଲେ ମୋଟ ୧୪ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଭମ୍ରାଗଡ଼ ସବ୍‌ଡ଼ିଭିଜନ ଅନ୍ତର୍ଗତ କୋପାର୍ଶି ଜଙ୍ଗଲରେ ଗଡ଼ଚିରୋଲି ଡିଭିଜନ ଗଙ୍ଗା ଏଲ୍‌ଓଏସ୍‌ର ମାଓବାଦୀମାନେ ଲୁଚି ରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇବା ପରେ ସୁରକ୍ଷା ବଳ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଅତିରିକ୍ତ ଏସ୍‌ପି (ଅପରେଶନ) ଏମ୍ ରମେଶଙ୍କ ନେତୃତ୍ୱରେ ପୋଲିସ ଏବଂ ସିଆର୍‌ପିଏଫ୍‌ର ଯବାନମାନେ ଅଭିଯାନରେ ସାମିଲ ହୋଇଥିଲେ। ବୁଧବାର ସର୍ଚ୍ଚ ଅପରେଶନ ବେଳେ ମାଓବାଦୀଙ୍କ ସହ ଗୁଳିବିନିମୟ ହୋଇଥିଲା। ସୁରକ୍ଷା ବଳ ଗୁଳିରେ ମାଲୁ ପଡା(୪୧), କ୍ରାନ୍ତି ଓରଫ ଯମୁନା ହାଲାମି(୩୨), ଜ୍ୟୋତି କୁଞ୍ଜାମ୍(୨୭) ଏବଂ ମାଙ୍ଗି ମାଡକାମ୍ (୨୨) ନିହତ ହୋଇଛନ୍ତି।

# ଆମେରିକୀୟ ରାପରଙ୍କ ସହ ଦୁବାଇ ପ୍ରିନ୍ସେସ୍‌ଙ୍କ ନିର୍ବନ୍ଧ

**ପୂର୍ବ ସ୍ୱାମୀଙ୍କୁ ଇନ୍‌ଷ୍ଟାଗ୍ରାମରେ ଛାଡ଼ପତ୍ର ଦେଇଥିଲେ**



ପ୍ରିନ୍ସେସ୍ ଶେଖ୍ ମହରା

ଦୁବାଇ, ୨୮।୮

ଦୁବାଇ ଶାସକ ତଥା ୟୁଏଇ ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକତୁମଙ୍କ ଝିଅ ତଥା ପ୍ରିନ୍ସେସ୍ ଶେଖ୍ ମହରା ମହମ୍ମଦ ରାଶିଦ ଅଲ୍ ମକତୁମ (୩୧)ଙ୍କର ମରୋକ୍କାନ-ଆମେରିକୀୟ ରାପର ଫ୍ରେଞ୍ଚ୍ ମୋଣ୍ଟାନା (୪୦)ଙ୍କ ସହ ନିର୍ବନ୍ଧ ହୋଇଛି। ଏନେଇ ଗୁରୁବାର ମୋଣ୍ଟାନାଙ୍କ ସହଯୋଗୀ କରିମ ଖର୍‌ବୁଚ ସୂଚନା ଦେଇ କହିଛନ୍ତି, ଗତ ଜୁନ୍‌ରେ ପ୍ୟାରିସ୍ ଫେଶନ ଉଇକ୍ କାର୍ଯ୍ୟକ୍ରମରେ ମୋଣ୍ଟାନା ମହରାଙ୍କୁ ପ୍ରପୋଜ୍ କରିଥିଲେ, ଯାହାକୁ ସେ ଗ୍ରହଣ କରିଥିଲେ। ମହରା ଗତବର୍ଷ ଜୁଲାଇରେ ତାଙ୍କ ପୂର୍ବ ସ୍ୱାମୀ ଶେଖ୍ ମାନା ବିନ୍ ମହମ୍ମଦଙ୍କୁ ଇନ୍‌ଷ୍ଟାଗ୍ରାମରେ ଛାଡ଼ପତ୍ର ଦେଇଥିଲେ। ମହରା ଇନ୍‌ଷ୍ଟାଗ୍ରାମରେ ଲେଖିଥିଲେ, 'ଏବେ ତୁମେ ଅନ୍ୟମାନଙ୍କ ସହ ବ୍ୟସ୍ତ ଥିବ। ତେଣୁ ମୁଁ ତୁମକୁ ଛାଡ଼ପତ୍ର ଦେଉଛି।' ଏହାପରେ ସେ ଡାଇଭର୍ସ ନାମରେ ଏକ ପର୍ଫ୍ୟୁମ ଲଞ୍ଚ୍ କରିଥିଲେ।

# ୩ ସନ୍ତାନ ନୀତିକୁ ଭାଗବତଙ୍କ ଗୁରୁତ୍ୱ

**'୭୫ ବର୍ଷ ଅବସର ବୟସ କେବେ କହିନାହୁଁ'**

ନୂଆଦିଲ୍ଲୀ, ୨୮।୮

ଭାରତୀୟ ମାତାପିତା ୩ ସନ୍ତାନ ଜନ୍ମ କରିବା ସପକ୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଗୁରୁବାର ଗୁରୁତ୍ୱାରୋପ କରିଛନ୍ତି। ଜନସଂଖ୍ୟାରେ ସ୍ଥିରତା ବଜାୟ ରଖିବା ସହ ହ୍ରାସକୁ ରୋକିବା ପାଇଁ ଏହା ଜରୁରୀ ବୋଲି ସେ କହିଛନ୍ତି। ଆର୍‌ଏସ୍‌ଏସ୍‌ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୩ ଦିନିଆ ସମ୍ମିଳନୀ ଶେଷରେ ଭାଗବତ ଗଣମାଧ୍ୟମକୁ କହିଥିଲେ, ଦେଶରେ ଜନ୍ମହାର ୨.୧ ରହିଥିବାବେଳେ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖିବା ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତର ୨.୧ ସନ୍ତାନ ଜନସଂଖ୍ୟା ନୀତି ମୋଟାମୋଟି ଭାବେ ଭଲ। କିନ୍ତୁ ଆପଣ କଦାପି ୦.୧ ପିଲା କରିପାରିବେ ନାହିଁ। ଗଣିତରେ ୨.୧କୁ ୨ ଧରାଯାଇଥାଏ। ସନ୍ତାନ ଜନ୍ମ କ୍ଷେତ୍ରରେ ଏହା ୨ ପରେ ୩ ହୋଇଥାଏ ବୋଲି ଡାକ୍ତରମାନେ କହିଥିବା ଭାଗବତ ଉଲ୍ଲେଖ କରିଛନ୍ତି।

୨.୧ ଜନ୍ମହାର ବଜାୟ ରଖୁଥିବା ସମ୍ପ୍ରଦାୟ ଧୀରେ ଧୀରେ ଲୋପ ପାଇଯିବେ। ତେଣୁ ଜନ୍ମହାର ୩ ବଜାୟ ରଖିବାକୁ ହେବ। ଉପଯୁକ୍ତ ବୟସରେ ବିବାହ କରିବା ସହ ୩ ସନ୍ତାନ ଜନ୍ମ କରିବା ଉଭୟ ମାତାପିତା ଓ ସନ୍ତାନଙ୍କ ସୁସ୍ଥତାକୁ ସୁନିଶ୍ଚିତ କରିବ ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ୭୫ତମ ଜନ୍ମଦିବସ ପାଳନ କରିବାକୁ ଯାଉଥିବାରୁ ଏହା ପରେ ସେ ଅବସର ନେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଭାଗବତ ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଭାଜପା ଓ ଏହାର ଆଦର୍ଶଗତ ଗୁରୁ ଆର୍‌ଏସ୍‌ଏସ୍ ଭିତରେ ଏଭଳି ଅଲିଖିତ ନିୟମ ନ ଥିବା ସେ କହିଛନ୍ତି। ଭାଗବତ କହିଛନ୍ତି, ୬ ଦିନ ପରେ ସେ ୭୫ ବର୍ଷରେ ପଦାର୍ପଣ କରିବେ। ସେ ୭୫ ବର୍ଷ ବୟସରେ ପହଞ୍ଚିଲେ କିମ୍ବା ଅନ୍ୟ କେହି ଏହି ବୟସରେ ଉପନୀତ ହେଲେ ଅବସର ନେବା କଥା ସେ କେବେ କହି ନାହାନ୍ତି। ୭୫ ବର୍ଷରେ ମୋଦି ଅବସର ନେବା ନେଇ କୌଣସି ନିୟମ ନ ଥିବା ଭାଜପା ବାରମ୍ବାର କହିଆସୁଥିଲା।



ମୋହନ ଭାଗବତ

ସେହିପରି ଭାଜପାର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନରେ ଆର୍‌ଏସ୍‌ଏସ୍‌ର କୌଣସି ଭୂମିକା ନ ଥିବା ଭାଗବତ ସ୍ପଷ୍ଟ କରିଦେଇଛନ୍ତି। ଭାଜପା ପାଇଁ ସବୁକିଛି ନିଷ୍ପତ୍ତି ଆର୍‌ଏସ୍‌ଏସ୍ ନେଉଥିବା ନେଇ ଯେଉଁ ଧାରଣା ରହିଆସିଛି, ତାହା ସମ୍ପୂର୍ଣ୍ଣ ଭୁଲ୍। ଆମେ ଦଳକୁ ପ୍ରସ୍ତାବ ଦେଇଥାଉ ଏବଂ ସେମାନେ ଏହା ଉପରେ ନିଷ୍ପତ୍ତି ନେଇଥାନ୍ତି ବୋଲି ଭାଗବତ କହିଛନ୍ତି।

ଆର୍‌ଏସ୍‌ଏସ୍‌ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନଭବନରେ ମଙ୍ଗଳବାରଠାରୁ ଏକ ତିନିଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଦିନରେ ସରସଂଘଚାଳକ ଭାଗବତ ଭବିଷ୍ୟତ ଭାରତ ଓ ସ୍ୱୟଂସେବକମାନଙ୍କ ଭୂମିକା ଉପରେ ନିଜ ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ। ଏହି ଉତ୍ସବରେ ବୁଧବାର ପ୍ରାୟ ୨ ଡଜନ ଦୂତାବାସର ୫୦ରୁ ଊର୍ଦ୍ଧ୍ୱ କୂଟନୀତିଜ୍ଞ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଆମେରିକାର ଫାଷ୍ଟ ସେକ୍ରେଟାରି ଗେରି ଆପଲଗର୍ଥ, ଆମେରିକାର ମିନିଷ୍ଟର-କାଉନ୍‌ସେଲର ରାଜନୈତିକ ବ୍ୟାପାର ଆରୋନ୍ କୋପ୍, ଚାଇନାର ମିନିଷ୍ଟର କାଉନ୍‌ସେଲର ଝୌ ଗୁଓହୁଇ, ରୁଷିଆର ଫାଷ୍ଟ ସେକ୍ରେଟାରି ମିଖାଇଲ ଜୟନ୍ତେଭ୍, ଶ୍ରୀଲଙ୍କା ହାଇକମିଶନର ପ୍ରଦୀପ ମୋହସିନି ଓ ମାଲେସିଆ ହାଇକମିଶନର ଦାତୋ ମୁଜାଫର।

# ବିହାରରେ ପଶିଛନ୍ତି ୩ ପାକିସ୍ତାନୀ ଆତଙ୍କବାଦୀ



ହାସନୈନ ଅଲି | ଆଦିଲ ହୁସେନ୍ | ମହମ୍ମଦ ଉସ୍‌ମାନ

ପାଟନା, ୨୮।୮(ପି.ଟି.)

ବିହାରରେ ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ସେଠାକୁ ହାଇପ୍ରୋଫାଇଲ୍ ନେତାଙ୍କ ଗସ୍ତ ଜାରି ରହିଥିବାବେଳେ ପାକିସ୍ତାନରୁ ୩ ଜଣ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଉକ୍ତ ରାଜ୍ୟରେ ପ୍ରବେଶ କରିଛନ୍ତି। ଗୋଇନ୍ଦା ବିଭାଗରୁ ଏହି ସୂଚନା ମିଳିବା ପରେ ବିହାର ପୋଲିସ ମୁଖ୍ୟାଳୟ ପକ୍ଷରୁ ସମସ୍ତ ଜିଲା ପୋଲିସଙ୍କୁ ଆଲର୍ଟରେ ରହିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଜୈଶ-ଇ-ମହମ୍ମଦର ୩ ଆତଙ୍କବାଦୀଙ୍କ ପାକିସ୍ତାନ ରାୱଲପିଣ୍ଡିର ହାସନୈନ ଅଲି, ଉମରକୋଟ୍‌ର ଆଦିଲ ହୁସେନ୍ ଏବଂ ବାହାବଲପୁରର ମହମ୍ମଦ ଉସ୍‌ମାନଙ୍କ ନାଁ ଓ ଫଟୋ ଜାରି କରାଯାଇଛି। ସେମାନେ ନେପାଳ ଦେଇ ଅନୁପ୍ରବେଶ କରିଥିବା ସନ୍ଦେହ କରାଯାଉଛି। ଆଗାମୀ

**ଗୋଇନ୍ଦା ସୂଚନା ପରେ ହାଇ ଆଲର୍ଟ**

ନିର୍ବାଚନରେ ବାଧା ସୃଷ୍ଟି କରିବା ନିମନ୍ତେ ସେମାନେ ଯୋଜନା କରିଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ ଏବଂ ତଲାସି ଅଭିଯାନ ବଢ଼ାଇବାକୁ କୁହାଯାଇଛି। ରାଜଗିରି, ବୋଧଗୟା, ପାଟନା ଓ ଅନ୍ୟାନ୍ୟ ସହରର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ପର୍ଯ୍ୟଟନ ସ୍ଥଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ପୂର୍ବ ଚମ୍ପାରନ୍ ଜିଲା ପୋଲିସ ଆତଙ୍କବାଦୀଙ୍କ ଫଟୋ ଜାରି କରି ଆବଶ୍ୟକ ତଥ୍ୟ ଦେଲେ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛି। ସୂଚନା ପ୍ରଦାନ ପାଇଁ ୩ଟି ଫୋନ୍ ନମ୍ବର ଦିଆଯାଇଛି।

# ମହିଳାଙ୍କ ପାଇଁ ଭୁବନେଶ୍ୱର ନିରାପଦ ସହର

ନୂଆଦିଲ୍ଲୀ, ୨୮।୮


ମହିଳାମାନଙ୍କ ପାଇଁ ଦେଶର ସବୁଠୁ ନିରାପଦ ସହର ମଧ୍ୟରେ ଭୁବନେଶ୍ୱର ସମେତ କୋହିମା, ବିଶାଖାପଟଣା, ଐଜୱ୍ଲ, ଗାଙ୍ଗଟକ୍, ଇଟାନଗର ଏବଂ ମୁମ୍ବାଇ ରହିଛି। ଅନ୍ୟପକ୍ଷରେ ପାଟନା, ଜୟପୁର, ଫରିଦାବାଦ, ଦିଲ୍ଲୀ, କୋଲକାତା, ଶ୍ରୀନଗର ଏବଂ ରାଞ୍ଚି ସବୁଠୁ ନିମ୍ନ ର୍ୟାଙ୍କରେ ରହିଥିବା ଜାତୀୟ ମହିଳା ସୁରକ୍ଷା ବାର୍ଷିକ ରିପୋର୍ଟ ଓ ସୂଚକାଙ୍କ (ଏନ୍‌ଏଆର୍‌ଆଇ) ୨୦୨୫ରୁ ଜଣାପଡ଼ିଛି। ଦେଶବ୍ୟାପୀ ୩୧ ସହରରୁ ୧୨,୭୭୦ ମହିଳାଙ୍କୁ ସର୍ଭେରେ ସାମିଲ କରାଯାଇଥିଲା। ସେମାନଙ୍କ ମତାମତ ଆଧାରରେ ପ୍ରସ୍ତୁତ ହୋଇଥିବା ଜାତୀୟସ୍ତରୀୟ ସୂଚକାଙ୍କ ଗୁରୁବାର ପ୍ରକାଶ ପାଇଛି। ଭୁବନେଶ୍ୱର, କୋହିମା ଓ ଶୀର୍ଷ ର୍ୟାଙ୍କରେ ଥିବା ଅନ୍ୟ ସହରଗୁଡ଼ିକରେ ଲିଙ୍ଗଗତ ସମାନତା, ନାଗରିକ ଅଂଶଗ୍ରହଣ, ନୀତି ନିର୍ଦ୍ଧାରଣ, ମହିଳା ଅନୁକୂଳ ଭିତ୍ତିଭୂମିରେ ସୁଦୃଢ଼ ରହିଛି। ଅନ୍ୟପକ୍ଷରେ ପାଟନା, ଜୟପୁର ଭଳି ସହର ଦୁର୍ବଳ ଆନୁଷ୍ଠାନିକ ଉତ୍ତରଦାୟିତ୍ୱ, ପିତୃସତ୍ତାତ୍ମକ ମାନଦଣ୍ଡ ଏବଂ ସହରାଞ୍ଚଳ ଭିତ୍ତିଭୂମିରେ ପାର୍ଥକ୍ୟ ଯୋଗୁ ଖରାପ ର୍ୟାଙ୍କ୍‌ରେ ରହିଛନ୍ତି।

ସର୍ଭେରେ ଭାଗନେଇଥିବା ପ୍ରତି ୧୦ ମହିଳାଙ୍କ ମଧ୍ୟରୁ ୬ ଜଣ ସେମାନଙ୍କ ସହରରେ ସୁରକ୍ଷିତ ଅନୁଭବ କରୁଥିବା କହିଥିବାବେଳେ ୪୦% ସେତେଟା ସୁରକ୍ଷିତ ନୁହନ୍ତି କିମ୍ବା ଅସୁରକ୍ଷିତ ମଣୁଥିବା ମତ ରଖିଥିଲେ। ରାତିରେ ସୁରକ୍ଷାକୁ ନେଇ ରହିଥିବା ଧାରଣାରେ ତୀବ୍ର ହ୍ରାସ ଦେଖାଦେଇଛି। ବିଶେଷ କରି ସର୍ବସାଧାରଣ ପରିବହନ ଏବଂ ମନୋରଞ୍ଜନ ସ୍ଥଳରେ ସେମାନେ ସର୍ବାଧିକ ଅସୁରକ୍ଷିତ ବୋଲି ବିବେଚନା କରୁଛନ୍ତି। ଦିନବେଳା ଶିକ୍ଷାନୁଷ୍ଠାନଗୁଡ଼ିକ ୮୬% ସୁରକ୍ଷିତ ବୋଲି ମତ ପ୍ରକାଶ ପାଇଥିବାବେଳେ ରାତିରେ କିମ୍ବା କ୍ୟାମ୍ପସ୍ ବାହାରେ ସୁରକ୍ଷାଗତ ଧାରଣା ଯଥେଷ୍ଟ ହ୍ରାସ ପାଇଛି। ନିରାପଦ ସମ୍ପର୍କିତ ଅଭିଯୋଗ ଉପରେ କର୍ତ୍ତୃପକ୍ଷ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଶ୍ୱାସ ଥିବା ମାତ୍ର ଏକ-ଚତୁର୍ଥାଂଶ ମହିଳା କହିଛନ୍ତି। ବର୍ତ୍ତମାନ ସୁରକ୍ଷା ଉଦ୍ୟମ ପର୍ଯ୍ୟାପ୍ତ ବୋଲି ୬୯% ମତ ଦେଇଥିବାବେଳେ ଯଥେଷ୍ଟ ବ୍ୟବଧାନ ବା ବିଫଳତା ରହିଥିବା ୩୦% କହିଛନ୍ତି। ଗତବର୍ଷ ସର୍ବସାଧାରଣ ସ୍ଥାନରେ ହଇରାଣ ହୋଇଥିବା ୭% ମହିଳା କହିଛନ୍ତି। ୨୪ ବର୍ଷରୁ କମ୍ ବୟସର ମହିଳାଙ୍କ କ୍ଷେତ୍ରରେ ଏହା ୧୪%। ପଡ଼ୋଶୀଙ୍କଠାରୁ ୩୮% ଏବଂ ସର୍ବସାଧାରଣ ପରିବହନରେ ୨୯% ମହିଳା ହଇରାଣର ସମ୍ମୁଖୀନ ହେଉଥିବା କହିଛନ୍ତି। ପ୍ରତି ୩ ଜଣରେ ଜଣେ ଘଟଣା ସମ୍ପର୍କରେ ରିପୋର୍ଟ କରିବାକୁ ଆଗେଇ ଆସିଥାନ୍ତି।

# ଭାରତୀୟଙ୍କ ଆୟୁ ୩.୫ ବର୍ଷ କମାଉଛି ବାୟୁ ପ୍ରଦୂଷଣ

ନୂଆଦିଲ୍ଲୀ, ୨୮।୮ (ପି.ଟି.)

ଭାରତରେ ହାରାହାରି ବାୟୁ ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ନିର୍ଦ୍ଦେଶାବଳୀଠାରୁ ଢେର ଅଧିକ। 'ଦି ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ ଆଟ୍ ଦି ୟୁନିଭର୍ସିଟି ଅଫ୍ ଶିକାଗୋ (ଇପିଆଇସି) ୨୦୨୫'ର ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ରେ ଭାରତର ବାୟୁ ପ୍ରଦୂଷଣ ସ୍ତରରେ ବୃଦ୍ଧି ଘଟିଥିଲା। ଦେଶରେ ବାୟୁ ପ୍ରଦୂଷଣ ସ୍ତର ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶାବଳୀ ତୁଳନାରେ ୮ ଗୁଣା ଅଧିକ ରହିଛି। ବୈଶ୍ୱିକ ମାନଦଣ୍ଡ ଅନୁଯାୟୀ, ଭାରତର ବାୟୁ ପ୍ରଦୂଷଣ ସ୍ତର କମିଲେ ଭାରତୀୟମାନଙ୍କର ଆୟୁ ୩.୫ ବର୍ଷ ବଢ଼ିଯିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ସେହିପରି ବୈଶ୍ୱିକ ମାନଦଣ୍ଡ ଅନୁଯାୟୀ, ବାୟୁ ପ୍ରଦୂଷଣ ସ୍ତରରେ ହ୍ରାସ ଘଟିଲେ ଦେଶର




ସବୁଠାରୁ ସ୍ୱଚ୍ଛ ଅଞ୍ଚଳଗୁଡ଼ିକରେ ରହୁଥିବା ଲୋକଙ୍କ ହାରାହାରି ଆୟୁରେ ୯.୪ ମାସ ବୃଦ୍ଧି ଘଟିବ। ଡବ୍ଲ୍ୟୁଏଚ୍‌ଓର ୨୦୨୧ ବାୟୁ ଗୁଣବତ୍ତା ନିର୍ଦ୍ଦେଶାବଳୀ ଅନୁଯାୟୀ, ପିଏମ୍ ୨.୫ ସୂକ୍ଷ୍ମ କଣିକା ପାଇଁ ବାର୍ଷିକ ହାରାହାରି ସୀମା ୫ ମାଇକ୍ରୋଗ୍ରାମ୍ ପର୍ କ୍ୟୁବିକ ମିଟର ହୋଇଥିବାବେଳେ ପିଏମ୍ ୧୦ କଣିକା ପାଇଁ ଏହି ସୀମା ୧୫ ମାଇକ୍ରୋଗ୍ରାମ୍ ପର୍ କ୍ୟୁବିକ ମିଟର ରହିଛି। ରିପୋର୍ଟ ଅନୁଯାୟୀ, ଭାରତର ୪୬% ଜନସଂଖ୍ୟା ଏପରି ଅଞ୍ଚଳରେ ବାସ କରନ୍ତି, ଯେଉଁଠାରେ ବାର୍ଷିକ ପିଏମ୍ ୨.୫ ସ୍ତର ୪୦ ମାଇକ୍ରୋଗ୍ରାମ୍ ପର୍ କ୍ୟୁବିକ ମିଟରର ଜାତୀୟ ମାନଦଣ୍ଡଠାରୁ ମଧ୍ୟ ଅଧିକ। କେବଳ ଉକ୍ତ ମାନଦଣ୍ଡକୁ ପୂରଣ କଲେ ଏହି ଅଞ୍ଚଳର ଲୋକଙ୍କ ଆୟୁରେ ୧.୫ ବର୍ଷ ବୃଦ୍ଧି ଘଟିବ। ସେହିପରି ଭାରତର ଉତ୍ତର ସମତଳ ଅଞ୍ଚଳକୁ ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଅଞ୍ଚଳରେ ଭାରତର ଜନସଂଖ୍ୟାର ୩୮.୯% ଅର୍ଥାତ୍ ପ୍ରାୟ ୫୪.୪ କୋଟି ଲୋକ ରହୁଥିବାବେଳେ ଏଠାରେ ବାୟୁ ପ୍ରଦୂଷଣ ସ୍ତରରେ ହ୍ରାସ ଘଟିଲେ ଲୋକଙ୍କ ହାରାହାରି ଆୟୁରେ ୫ ବର୍ଷ ବୃଦ୍ଧି ପାଇବ। ସେହିପରି ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶାବଳୀ ଅନୁଯାୟୀ, ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତରରେ ହ୍ରାସ ଘଟିଲେ ସେଠାକାର ଲୋକଙ୍କ ଆୟୁ ୮.୨ ବର୍ଷ ବଢ଼ିବ ବୋଲି ରିପୋର୍ଟ କହିଛି।

## ଫୁର୍‌ସତ

# କୋଷ୍ଟାରିକା ଉପକୂଳରୁ ବିରଳ ନାରଙ୍ଗୀ ସାର୍କ ଆବିଷ୍କୃତ

**ସାନ୍ ଜୋସ୍:** ଅନେକ ସମୟରେ ପ୍ରକୃତି ମଣିଷକୁ ଆଶ୍ଚର୍ଯ୍ୟ କରିଦେଇଥାଏ। କାରବିଆନ ଦେଶ କୋଷ୍ଟାରିକାର ଉପକୂଳରୁ ଏକ ନାରଙ୍ଗୀ ରଙ୍ଗର ସାର୍କକୁ ଆବିଷ୍କାର କରାଯାଇଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ବର୍ଷ କୋଷ୍ଟାରିକାର ଟୋର୍ଟୁଗୁଏରୋ ଜାତୀୟ ଉଦ୍ୟାନ ନିକଟସ୍ଥ ଏକ ସମୁଦ୍ରରେ ମତ୍ସ୍ୟଜୀବୀମାନେ ଏକ ବିରଳ ଉଜ୍ଜ୍ୱଳ ନାରଙ୍ଗୀ ରଙ୍ଗର ସାର୍କକୁ ଦେଖିବାକୁ ପାଇଥିଲେ। ସମ୍ପ୍ରତି ମରିନ୍ ବାୟୋଲୋଜି ଜର୍ନାଲରେ ବୈଜ୍ଞାନିକମାନେ ଏ ସମ୍ପର୍କିତ ଏକ ରିପୋର୍ଟକୁ ପ୍ରକାଶ କରିବା ସହ ଉକ୍ତ ବିରଳ ସାର୍କର ଫଟୋକୁ ମଧ୍ୟ ଶେୟାର କରିଛନ୍ତି। ପ୍ରଥମ ଥର ପାଇଁ ନାରଙ୍ଗୀ ରଙ୍ଗର ସାର୍କକୁ ଆବିଷ୍କାର କରାଯାଇଥିବା ନେଇ ରିପୋର୍ଟରେ କୁହାଯାଇଛି।

ସୂଚନା ଅନୁଯାୟୀ, ଗତବର୍ଷ 'ପରିସମିନା ଡୋମସ୍ ଡେଇ' ନାମକ ଏକ ଟ୍ରାଭେଲ କମ୍ପାନୀର କେତେଜଣ କର୍ମଚାରୀ କିଛି ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହ ମିଶି ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ସେତେବେଳେ ୩୧.୨ ଡିଗ୍ରୀ ସେଲସିୟସ୍ ଜଳ ତାପମାତ୍ରାରେ ସେମାନେ ଏହି ବିରଳ ସାର୍କ ମାଛକୁ ଦେଖିବାକୁ ପାଇଥିଲେ। ଏହି ସମୟରେ ଉକ୍ତ ବିରଳ ସାର୍କର ଫଟୋ ନିଆଯାଇଥିଲା। ଘଟଣାକୁ ନେଇ ସାମୁଦ୍ରିକ ବିଶେଷଜ୍ଞମାନଙ୍କ ଅଧ୍ୟୟନରୁ ଜଣାପଡ଼ିଛି, ୨ଟି ବିରଳ ଜେନେଟିକ୍ ଅବସ୍ଥା ଆଲ୍‌ବିନିଜମ ଏବଂ ଜାନ୍ଥିଜମ୍ ଯୋଗୁ ଉକ୍ତ ସାର୍କର ରଙ୍ଗ ନାରଙ୍ଗୀ ରହିଛି। ଏହି ଜେନେଟିକ୍ ଅବସ୍ଥା ସାର୍କ ଶରୀରର ରଙ୍ଗ ଗଠନକାରୀ ଉପାଦାନ ମେଲାନିନ୍‌କୁ ପ୍ରଭାବିତ କରିଥାଏ। ଆବିଷ୍କୃତ ହୋଇଥିବା ୨୦୦ ସେ.ମି. ଲମ୍ବ ବିଶିଷ୍ଟ ବୟସ୍କ ନାରଙ୍ଗୀ ସାର୍କର ଆଖି ଗାଢ଼ ଧଳା ରଙ୍ଗର ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ସାର୍କ ସାଧାରଣ ସାର୍କଠାରୁ ଭିନ୍ନ ବୋଲି ସାମୁଦ୍ରିକ ବିଶେଷଜ୍ଞମାନେ କହିଛନ୍ତି। ପ୍ରାଣୀମାନଙ୍କ କ୍ଷେତ୍ରରେ ଜାନ୍ଥିଜମ୍ ଜେନେଟିକ୍ ଅବସ୍ଥାକୁ ଅତ୍ୟନ୍ତ ବିରଳ ବୋଲି ବିବେଚନା କରାଯାଇଥାଏ। ପୂର୍ବରୁ କେତେକ ସରୀସୃପ ଏବଂ ପକ୍ଷୀଙ୍କଠାରେ ଏପରି ଜେନେଟିକ୍ ଅବସ୍ଥା ଚିହ୍ନଟ ହୋଇଥିବାର ଦେଖିବାକୁ ମିଳିଛି। ତେବେ ସାର୍କ ମାଛ କ୍ଷେତ୍ରରେ ଜାନ୍ଥିଜମ୍ ଦେଖାଯିବାର ଏହା ପ୍ରଥମ ମାମଲା ବୋଲି ବୈଜ୍ଞାନିକମାନେ କହିଛନ୍ତି। ସମ୍ପ୍ରତି ନାରଙ୍ଗୀ ରଙ୍ଗର ସାର୍କକୁ ନେଇ ଅଧିକ ଗବେଷଣା କରାଯାଉଛି ବୋଲି ମାରିନ୍ ବାୟୋଲୋଜି ଜର୍ନାଲରେ ପ୍ରକାଶ କରାଯାଇଛି।



# ଆଜିଠୁ ଓଟିଟିରେ 'ମେଟ୍ରୋ ଇନ୍ ଦିନୋ'



ସାରା ଅଲି ଖାନ୍

**ମୁମ୍ବାଇ:** ବଲିଉଡ୍‌ର ଜଣାଶୁଣା ଫିଲ୍ମ ନିର୍ମାତା ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମେଟ୍ରୋ ଇନ୍ ଦିନୋ' ଗତ ଜୁଲାଇ ୪ରେ ରିଲିଜ୍ ହୋଇଥିଲା। ତେବେ ଅଭିନେତ୍ରୀ ସାରା ଅଲି ଖାନ୍, ନୀନା ଗୁପ୍ତା, ଫାତିମା ସନା ଶେଖ୍, ଅଭିନେତା ଆଦିତ୍ୟ ରଏ କପୁର, ଅନୁପମ୍ ଖେର୍ ଏବଂ ଅଲି ଫଜଲଙ୍କ ଅଭିନୀତ ଏହି ରୋମାନ୍ସ କମେଡି ଫିଲ୍ମଙ୍କୁ ବକ୍ସ ଅଫିସ୍‌ରେ ଆଶାନୁରୂପ ସଫଳତା ମିଳି ନ ଥିଲା। ତେବେ ଶୁକ୍ରବାରଠାରୁ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ଷ୍ଟ୍ରିମିଂ ହେବାକୁ ଯାଉଛି। ଏନେଇ ନେଟ୍‌ଫ୍ଲିକ୍ସ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ସୂଚନା ଦିଆଯାଇଛି। ବିଭିନ୍ନ ମିଡିଆ ରିପୋର୍ଟ ଅନୁଯାୟୀ, 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ୪୭ କୋଟି ଟଙ୍କାର ବଜେଟରେ ନିର୍ମିତ ହୋଇଥିଲା। ତେବେ ବକ୍ସ ଅଫିସରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ୬୮.୨୫ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ ଭାରତୀୟ ସିନେମା ହଲ୍‌ଗୁଡ଼ିକରୁ ୫୨.୧ କୋଟି ଟଙ୍କା ସଂଗ୍ରହ କରିଥିଲା। ବିଭିନ୍ନ ବୟସର ଲୋକଙ୍କ ଲଭ୍ ଷ୍ଟୋରିକୁ ନେଇ ଏହି ଫିଲ୍ମର କାହାଣୀ ପର୍ଯ୍ୟବସିତ। ୨୦୦୭ରେ ରିଲିଜ୍ ହୋଇଥିବା ଅନୁରାଗଙ୍କ ନିର୍ଦ୍ଦେଶିତ 'ଲାଇଫ୍ ଇନ୍ ଏ ମେଟ୍ରୋ'ର ସିକ୍ୱେଲ ହେଉଛି 'ମେଟ୍ରୋ ଇନ୍ ଦିନୋ'।




# ଏ ବର୍ଷ ପ୍ରବଳ ଶୀତ

ଭୁବନେଶ୍ୱର,୨୮।୮(ଅନୁରାଧା ମହାରଣା)

ପ୍ରତିବର୍ଷ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରୁ ଦେଶରୁ ପ୍ରାୟତଃ ମୌସୁମୀ ବିଦାୟ ନେଉଥିବାବେଳେ ଚଳିତବର୍ଷ ଏଥିରେ ବିଳମ୍ବ ହେବ। ବିଶ୍ୱ ପାଣିପାଗ ସଙ୍ଗଠନ(ଡବ୍ଲୁଏମଓ)ର ଆକଳନ ଅନୁସାରେ, ବର୍ଷର ଶେଷ ଆଡ଼କୁ ଲା' ନିନା ପରିସ୍ଥିତି ସୃଷ୍ଟି ହେବାର ୬୦% ସମ୍ଭାବନା ରହିଛି। ଏହା ପ୍ରଭାବରେ ଶୀତଋତୁରେ ଦେଶରେ ପ୍ରବଳ ଶୀତ ଅନୁଭୂତ ହେବ। ଲା' ନିନା କେନ୍ଦ୍ରୀୟ ଏବଂ ପୂର୍ବ ବିଷୁବ ସମୁଦ୍ର ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରାର ବୃହତ୍ ପରିମାଣର ଶୀତଳତାକୁ ବୁଝାଏ। ଭାରତୀୟ ଉପମହାଦେଶରେ ବାୟୁମଣ୍ଡଳୀୟ ସଞ୍ଚାଳନରେ ପରିବର୍ତ୍ତନ ହେବା ଦ୍ୱାରା ଶୀତ ପରିମାଣ ବଢ଼ିପାରେ। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମଧ୍ୟ ଏହି ପୂର୍ବାନୁମାନ କରି କହିଛି, ଏହି ବର୍ଷର ଶେଷ ଆଡକୁ ଲା' ନିନା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ପାଣିପାଗର ବଡ଼ ପରିବର୍ତ୍ତନ ସୃଷ୍ଟି ହେବାକୁ ଯାଉଛି। ନଭେମ୍ବରରୁ ଫେବୃଆରୀ ଦେଶରେ ପ୍ରବଳ ଶୀତ ଅନୁଭୂତ ହେବ। ଓଡ଼ିଶାରେ ମଧ୍ୟ ଶୀତର ପ୍ରକୋପ ଅଧିକ ରହିବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ସୂଚନାଥାଉ କି, ରାଜ୍ୟରେ ମାସକ ମଧ୍ୟରେ ପଛକୁ ପଛ ୪ଟି ଲଘୁଚାପ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବା ସହ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଲାଗି ରହିଛି। ସେପ୍ଟେମ୍ବର ୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

# ନିର୍ମାଣ ହେବ ବିପର୍ଯ୍ୟୟ ସହନଶୀଳ ରାସ୍ତା

## ଠିକାଦାର ଦେବେ ୫ ବର୍ଷର ସ୍ଥାୟିତ୍ୱ ଗ୍ୟାରେଣ୍ଟି

ଭୁବନେଶ୍ୱର,୨୮।୮ (ରବିନାରାୟଣ ଜେନା)

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ପ୍ରତିବର୍ଷ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁ ରାସ୍ତା ନଷ୍ଟ ହେବା ସହ ବାହ୍ୟଜଗତରୁ ଲୋକେ ବିଚ୍ଛିନ୍ନ ହୋଇଯାଆନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ସ୍ଥାୟୀଭିତ୍ତିକ ବିପର୍ଯ୍ୟୟ ସହନଶୀଳ ରାସ୍ତା ନିର୍ମାଣ କରାଯିବାକୁ ଲକ୍ଷ୍ୟ ରହିଛି; ଯେଉଁଥିରେ ରାସ୍ତାର ମରାମତି ବାରମ୍ବାର ଆବଶ୍ୟକ ପଡ଼ିବ ନାହିଁ କି ବିପର୍ଯ୍ୟୟରେ ଧୋଇଯିବ ନାହିଁ। ରାସ୍ତା ନିର୍ମାଣ ପରେ ତାହା ଅତି କମ୍‌ରେ ୫ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ରହିବ। ଏହା ବିପର୍ଯ୍ୟୟପ୍ରବଣ ଅଞ୍ଚଳର ଜୀବନରେଖା ପାଲଟିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାରେ କୁହାଯାଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ)ର ମାର୍ଗଦର୍ଶିକାରେ କୁହାଯାଇଛି, ଓଡ଼ିଶାରେ ବନ୍ୟା, ବାତ୍ୟା ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାସ୍ତାର କ୍ଷତି ରୋକିବା ପାଇଁ ରାଜ୍ୟ ସରକାର 'ବିପର୍ଯ୍ୟୟ ସହନଶୀଳ ରାସ୍ତା' ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ୧୦୦୦ କୋଟି ଟଙ୍କା ବ୍ୟୟରେ ପ୍ରାୟ ୫୦୦ କିଲୋମିଟର ଗ୍ରାମୀଣ ରାସ୍ତାକୁ ଉନ୍ନତ ଓ ବିପର୍ଯ୍ୟୟ ସହନଶୀଳ କରାଯିବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିପର୍ଯ୍ୟୟ ସମୟରେ ହସ୍ପିଟାଲ, ସ୍କୁଲ, ବଜାର, ଯୋଗାଯୋଗ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଜରୁରୀ ସେବା ସହିତ ଜନସାଧାରଣଙ୍କୁ ସଂଯୋଗ କରାଇବା। ଏହାସହିତ ରାସ୍ତାଗୁଡ଼ିକୁ କମ୍ ରକ୍ଷଣାବେକ୍ଷଣରେ ଦୀର୍ଘସ୍ଥାୟୀ କରିବା ପାଇଁ ଯୋଜନା କରାଯାଇଛି। ରାଜ୍ୟର ଗ୍ରାମୀଣ ବିକାଶ ବିଭାଗ ଅଧୀନରେ ଥିବା ରାସ୍ତାଗୁଡ଼ିକରେ ବନ୍ୟାଜଳ ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ୍, ରାସ୍ତା ଉଚ୍ଚତା ବୃଦ୍ଧି, ପ୍ରତିରୋଧ ଦେଉଁଳୀ ଓ ପଥର ପିଚିଂ ଭଳି କାର୍ଯ୍ୟ କରାଯିବ। ପ୍ରକଳ୍ପଗୁଡ଼ିକରେ ନ୍ୟୂନତମ ୫ କୋଟି ଟଙ୍କା ବ୍ୟୟ ହେବ ଏବଂ ଏହା ଓଡ଼ିଶା ସରକାରଙ୍କ ବଜେଟ ମାଧ୍ୟମରେ ଅର୍ଥ ଯୋଗାଇ ଦିଆଯିବ। ୨୦୨୫-୨୬ ପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହା ୨୦୦ରୁ ୩୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ। ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଗ୍ରାମୀଣ ରାସ୍ତା ମାନୁଆଲ୍ ଏବଂ ଆଇଆରସି ନିୟମାବଳୀ ଅନୁସରଣ କରାଯିବ। ରାସ୍ତାର ଉପର ଚଉଡ଼ା ୭.୫ ମିଟର କିମ୍ବା ୯ ମିଟର ଏବଂ ଗାଡ଼ି ଚଳାଚଳ ପାଇଁ ଚଉଡ଼ା ୩.୭୫ ମିଟର କିମ୍ବା ୫.୫ ମିଟର ହେବ। ଏହା ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ୨୦୦ ମିଟର ମଧ୍ୟରେ ସ୍କୁଲ, ହସ୍ପିଟାଲ ଓ ବଜାର ସଂଯୋଗ ନିଶ୍ଚିତ କରାଯିବ। ପ୍ରକଳ୍ପରେ ୫ ବର୍ଷର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅନ୍ତର୍ଭୁକ୍ତ ହେବ। ପ୍ରକଳ୍ପର ଅଗ୍ରଗତି ଗ୍ରାମୀଣ ବିକାଶ ବିଭାଗ ଏବଂ ଇଞ୍ଜିନିୟର-ଇନ୍-ଚିଫ୍(ରୁରାଲ ୱାର୍କ୍ସ)ଙ୍କ ଦ୍ୱାରା ନିରୀକ୍ଷଣ କରାଯିବ; ଯାହାଫଳରେ ରାସ୍ତା ଦୀର୍ଘସ୍ଥାୟୀ ହୋଇପାରିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି।



ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଗଛରେ ପିଟିହୋଇ ୨ ନାବାଳକଙ୍କ ମୃତ୍ୟୁ

ବାରିପଦା,୨୮।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା-ଲୁଲୁଙ୍ଗ ରାସ୍ତା ପାର୍ଶ୍ୱ ଏକ ଗଛରେ ପିଟିହୋଇ ୨ ନାବାଳକ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ଭବାଡିହା ଗ୍ରାମର ନବୀନ ନାଏକଙ୍କ ପୁଅ ରାକେଶ (୧୩) ଓ ଦିବାକର ନାଏକଙ୍କ ପୁଅ ଶୁଭମ (୧୭) । ଏ ସଂକ୍ରାନ୍ତରେ ସଦର ଥାନା ପୋଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଶିମିଳିପାଳ ପାଦଦେଶ ଲୁଲୁଙ୍ଗ ବୁଲିବା ପାଇଁ ନାବାଳକଦ୍ୱୟ ଗୁରୁବାର ପୂର୍ବାହ୍ନରେ ଏକ ବାଇକ୍‌ରେ ଯାଇଥିଲେ। ତେବେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇଯିବାରୁ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ସମୁଦ୍ରରେ ଡଙ୍ଗା ଓଲଟି ଜଣେ ମତ୍ସ୍ୟଜୀବୀ ନିଖୋଜ

## ଅଳ୍ପକେ ବର୍ତ୍ତିଗଲେ ୬ ଜଣ

ଛତ୍ରପୁର/ଗଞ୍ଜାମ,୨୮।୮ (ଦିଲ୍ଲୀପ ସାମଲ/ ସନ୍ତୋଷ ପାଢୀ/ ବିଦ୍ୟାଧର ସାହୁ)

ଗଞ୍ଜାମ ପୋଡ଼ମପେଟା ସମୁଦ୍ର ନିକଟରେ ଗୁରୁବାର ଭୋର ସମୟରେ ଏକ ଡଙ୍ଗା ଓଲଟିପଡିଛି। ଫଳରେ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଛତ୍ରପୁର ବ୍ଲକ ନୋଳିଆ ନୂଆଗାଁର ଏଙ୍ଗ. କାଲେୟା। ତେବେ ଡଙ୍ଗାରେ ଥିବା ଅନ୍ୟ ୬ଜଣ ମତ୍ସ୍ୟଜୀବୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଖବର ଲେଖା ହେବା ସୁଦ୍ଧା ସମୁଦ୍ରରେ କୋଷ୍ଟଗାର୍ଡ, ଅଗ୍ନିଶମ ବିଭାଗ ଓ ମତ୍ସ୍ୟଜୀବୀମାନେ ଖୋଜିବା ଜାରି ରଖିଥିଲେ ସୁଦ୍ଧା ସେମାନଙ୍କ ସନ୍ଧାନ ମିଳିପାରିନାହିଁ। ଏନେଇ ସୂଚନା ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ସେଠାରେ ଉପସ୍ଥିତ ରହିଛନ୍ତି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନକୁ ସେ ଅବଗତ କରାଇଛନ୍ତି। ଗୁରୁବାର ନୋଳିଆ ନୂଆଗାଁର ୭ଜଣ ମାଛ ଧରିବା ପାଇଁ ଡଙ୍ଗାରେ ସମୁଦ୍ରକୁ ଯାଇଥିଲେ। ଉଚ୍ଚ ଜୁଆର ମାଡ଼ରେ ପୋଟମପେଟା ନିକଟରେ ଡଙ୍ଗା ଓଲଟି ପଡ଼ିଥିଲା। ଏଙ୍ଗ. କାଲେୟା ନିଖୋଜ ହୋଇଯାଇଥିବା ବେଳେ ପି. ଏଲେୟା, ଏମ. ବାବାଜୀ, ପି. କାଲେୟା, ପି. ରଘୁନାଥ, ଏମ. ମୋହନ ଓ ପି. ରାମେୟା ବର୍ତ୍ତି ଯାଇଥିଲେ। ଜିଲାପାଳ ତୁରନ୍ତ ଆକାଶ ମାର୍ଗ ସନ୍ଧାନ ପାଇଁ ଚିଠି ଲେଖିଛନ୍ତି। ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଥାନା ଆଇଆଇସି ସୁମିତ୍ରା ପାତ୍ର ଘଟଣା ସ୍ଥଳରେ ରହି ଅନୁଧ୍ୟାନ କରୁଛନ୍ତି।

# ବ୍ରିଜ୍ ପାର ବେଳେ ବାଇକ୍ ସହ ଭାସିଗଲେ ୩ ଯୁବକ

## ସ୍ଥାନୀୟ ଲୋକଙ୍କ ସହାୟତାରେ ହେଲେ ଉଦ୍ଧାର



୩ ଯୁବକ ପାଣିରେ ଭାସିଯାଉଥିବା ବେଳର ଦୃଶ୍ୟ।

ବୋରିଗୁମ୍ମା,୨୮।୮ (ବିଜୟ ସାହୁ)

ଲଗାଣ ବର୍ଷା ଯୋଗୁ କୋରାପୁଟ ଜିଲାରେ ବନ୍ୟା ସ୍ଥିତି ଉପୁଜିଛି। ଜିଲାର ବୋରିଗୁମ୍ମା ବ୍ଲକ୍‌ରେ ବ୍ରିଜ୍ ପାରହେଉଥିବା ବେଳେ ବାଇକ୍ ସହ ୩ ଯୁବକ ଭାସିଯିବା ବେଳର ଭିଡିଓ ଭାଇରାଲ ହେଉଛି। ସୂଚନା ଅନୁଯାୟୀ, ବୁଧବାର ବୋରିଗୁମ୍ମା ବ୍ଲକ୍‌ର ମାଲଦା-କଇଲାରି ବ୍ରିଜ୍ ଉପରେ ୫ ଫୁଟ୍‌ର ବର୍ଷାଜଳ ଚାଲୁଥିବା ବେଳେ ଏହାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଏହି ସମୟରେ ନବରଙ୍ଗପୁର ଜିଲା ଜମୁଗୁଡ଼ା ଗ୍ରାମର ୩ ଯୁବକ ଏକ ବାଇକ୍‌ରେ କୌଣସି କାମରେ କୋଟପାଡ଼ ଆସି ଫେରୁଥିଲେ। ସେମାନେ ବ୍ରିଜ୍ ପାରହେବାକୁ ଉଦ୍ୟମ କରି ଆଗକୁ ବଢ଼ିଥିଲେ। ଅଧା ବାଟରେ ପାଣିର ପ୍ରଖରସ୍ରୋତରେ ୩ ଯୁବକ ବାଇକ୍ ସହ ଭାସିଯାଇଥିଲେ। ଏହି ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ୩ ଯୁବକ ଉଦ୍ଧାର ହୋଇଥିବା ଜଣାପଡ଼ିଛି। କିନ୍ତୁ ବାଇକ୍ ପାଣିରେ ଭାସିଯାଇଥିଲା। ଗୁରୁବାର ଉକ୍ତ ବାଇକ୍‌କୁ ଜବତ କରାଯାଇଥିବା ସୂଚନା ମିଳିଛି।

# ଲଗାଣ ବର୍ଷା ଯୋଗୁ କେକେ ଲାଇନରେ ଟ୍ରେନ୍ ବାତିଲ

କୋରାପୁଟ,୨୮।୮ (ଅମିତାଭ ବେହେରା)

କିଛିଦିନ ହେବ ଲଗାଣ ବର୍ଷା ଓ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଛି। କେକେ ଲାଇନର କିରାଣ୍ଡୁଲ-ଜଗଦଲପୁର ମଧ୍ୟରେ ରେଳ ଧାରଣାରେ ପାଣି ଜମି ରହିବା ଓ ପଥର ପଡ଼ିବାରୁ କେତେକ ଟ୍ରେନ୍ ବାତିଲ କରାଯାଇଛି। ଅନ୍ୟ କେତେକ ଟ୍ରେନ୍‌ର ଗନ୍ତବ୍ୟ ପଥରେ ପରିବର୍ତ୍ତନ କରାଯାଇଥିବା ସୂଚନା ମିଳିଛି। ବିଭାଗୀୟ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ କେ.ସନ୍ଦୀପ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗୁରୁବାର ସୂଚନା ଦେଇଛନ୍ତି। ଅଗଷ୍ଟ ୩୦,୩୧ ଓ ସେପ୍ଟେମ୍ବର ୧ରେ ବିଶାଖାପାଟଣାଠାରୁ କିରାଣ୍ଡୁଲ ଯିବାକୁ ଥିବା ପାସେଞ୍ଜର ଟ୍ରେନ କୋରାପୁଟ ପର୍ଯ୍ୟନ୍ତ ଯାଇ ସମାନ ଦିନରେ କୋରାପୁଟଠାରୁ ବିଶାଖାପାଟଣା ଫେରିବ। ଅଗଷ୍ଟ ୨୯ ଓ ୩୧ରେ ବିଶାଖାପାଟଣା-କିରାଣ୍ଡୁଲ ନାଇଟ୍ ଏକ୍ସପ୍ରେସ୍ ବାତିଲ ହୋଇଛି। ଅଗଷ୍ଟ ୨୮,୩୦ ଓ ସେପ୍ଟେମ୍ବର ୧ରେ କିରାଣ୍ଡୁଲଠାରୁ ବିଶାଖାପାଟଣା ଯିବାକୁ ଥିବା ନାଇଟ୍ ଏକ୍ସପ୍ରେସ୍ ଟ୍ରେନ ବାତିଲ ହୋଇଛି। ସେହିପରି ଅଗଷ୍ଟ ୨୮, ୩୦ ଓ ସେପ୍ଟେମ୍ବର ୧ରେ ବିଶାଖାପାଟଣାଠାରୁ ବାହାରି କିରାଣ୍ଡୁଲ ଯିବାକୁ ଥିବା ଟ୍ରେନ୍ ଜଗଦଲପୁର ପର୍ଯ୍ୟନ୍ତ ଯାଇ ସେଠାରୁ ଏହା ପରଦିନ ଜଗଦଲପୁରଠାରୁ ବାହାରି ବିଶାଖାପାଟଣା ଯିବ ବୋଲି ସୂଚନା ମିଳିଛି।

DSPL - 228



ଜାତୀୟ କ୍ରୀଡ଼ା ଦିବସ

(୨୯ ଅଗଷ୍ଟ, ୨୦୨୫)

"ଜାତୀୟ କ୍ରୀଡ଼ା ଦିବସ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆସନ୍ତୁ, ପିଢ଼ି ପରେ ପିଢ଼ି, ପ୍ରେରଣାର ଉତ୍ସ ପାଲଟିଥିବା ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ସମ୍ମାନରେ ପାଳିତ ଜାତୀୟ କ୍ରୀଡ଼ା ଦିବସରେ ଆମେ ତାଙ୍କର କ୍ରୀଡ଼ା ପ୍ରତି ଥିବା ନିଷ୍ଠା ଓ ଆଦର୍ଶକୁ ମନେପକାଇବା ଏବଂ ସମସ୍ତଙ୍କ ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ଜାଗ୍ରତ କରିବା ।

ଓଡ଼ିଶା ସରକାର ତୃଣମୂଳ ସ୍ତରର ପ୍ରତିଭାକୁ ପ୍ରୋତ୍ସାହିତ କରିବା ସହ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି ଏବଂ ଆମ ଖେଳାଳିମାନଙ୍କ ପାଇଁ ସର୍ବୋତ୍ତମ ତାଲିମ ସୁବିଧା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଆସନ୍ତୁ, ଆମେ ସମସ୍ତେ ମିଶି ଆମ ରାଜ୍ୟକୁ ସମଗ୍ର ବିଶ୍ୱରେ କ୍ରୀଡ଼ାର ଏକ ଶକ୍ତିଶାଳୀ କେନ୍ଦ୍ର ଭାବେ ଗଢ଼ି ତୋଳିବା ଏବଂ ଆମର କ୍ରୀଡ଼ା ପ୍ରତିଭା ମାନଙ୍କୁ ବିଶ୍ୱ କ୍ରୀଡ଼ାର ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା ।"

ଜୟ ହିନ୍ଦ
ବନ୍ଦେ ଉତ୍କଳ ଜନନୀ

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-29001/13/0105/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବରମୁଣ୍ଡା ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ, ସ୍ଥାନ: କୂଆଖାଇ, ସମୟ: ସକାଳ ୯ ଟା।
- କୋ-ଅର୍ଡିନେଶନ୍ କମିଟି ପକ୍ଷରୁ ଧାରଣା, ସ୍ଥାନ: ଟିପିସିଓଡିଏଲ୍ କର୍ପୋରେଟ୍ ଅଫିସ୍ ସମ୍ମୁଖ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅସ୍ଥାୟୀ ବନ କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ବାଦିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ବିହାର, ସମୟ: ଅପରାହ୍ନ ୩ ଟା।
- ୧୪ତମ ଗୁରୁଶ୍ରୀ ସମ୍ମାନ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ଶସକ୍ତ ଓଡ଼ିଶା ତଥା ବିକଶିତ ଓଡ଼ିଶା ଗଠନ ନିମନ୍ତେ ଅଧିବେଶନ, ସ୍ଥାନ, ହୋଟେଲ୍ କ୍ରାଉନ୍, ନୟାପଲ୍ଲୀ, ସମୟ: ଅପରାହ୍ନ ୩ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ୨୦୯ତମ ଆଲୋଚନାଚକ୍ର (ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ଥିତି), ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସମୟ: ଅପରାହ୍ନ ୫ଟା।
- ୮୬ତମ ସଂସ୍କୃତି ଚର୍ଚ୍ଚା ସ୍ଥାନ: ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଓଡ଼ିଶା ପୋଲିସର ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଆର.କେ. ପାଢ଼ୀ ମେମୋରିଆଲ ହଲ, ଆଇପିଏସ୍ ମେସ୍, ମୁଖ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଭାଦ୍ର ସତସଙ୍ଗ ପରିକ୍ରମା, ସ୍ଥାନ: ଶୈଳେନ୍ଦ୍ର ପ୍ରସାଦ ସାହୁଙ୍କ ବାସଭବନ ପ୍ରାଙ୍ଗଣ, ମହାନଦୀ ବିହାର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ଶ୍ରୀରାଧା ଜନ୍ମୋତ୍ସବ ଉପଲକ୍ଷେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସକାଳ ୯ଟା।
- ନୃତ୍ୟ, ଝୋଟି ପ୍ରତିଯୋଗିତା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ଅପରାହ୍ନ ୩ଟା।
- ଶ୍ରୀରାଧା ଜନ୍ମୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ ଓ ପୁରସ୍କାର ପ୍ରଦାନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ପଥ ଉତ୍ସବ, ସ୍ଥାନ: ସମବାୟ ଛକଠାରୁ ବ୍ୟାଙ୍କ ଛକ ପର୍ଯ୍ୟନ୍ତ, ସମୟ: ସକାଳ ୭ଟା।
- ବଡ଼ା ଖାନା, ସ୍ଥାନ: ମଲ୍‌ଟି ପର୍ପୋଜ୍ ହଲ୍, ଗାନ୍ଧୀପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ୱାକାଥନ୍, ସ୍ଥାନ: ସ୍ପୋର୍ଟସ୍ ହଷ୍ଟେଲ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଜାତୀୟ କର୍ମଶାଳା ଉଦ୍‌ଘାଟନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୮ଟା।
- କ୍ରୀଡ଼ା ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଧାମନଗର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ସକାଳ ୬ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- କୁଡୁମୀ ସେନାର ପ୍ରସ୍ତୁତି ବୈଠକ,ସ୍ଥାନ: ଲାୟନ୍ସ କ୍ଲବ, ବାରିପଦା,ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ପୋଷଣ କିଟ ବଣ୍ଟନ, ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା।

## ଗଞ୍ଜାମ
- ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଆସିକା ହରିହର ହାଇସ୍କୁଲ ଇନଡୋର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଫୁଲବାଣୀ କରୋନେଶନ ପଡ଼ିଆ, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ଜାତୀୟ କ୍ରୀଡା ଦିବସ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଫିଟ ଇଣ୍ଡିଆ ପ୍ଲେଜ୍, ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ସଂସଦ ଖେଳ ମହୋତ୍ସବ, ସ୍ଥାନ: ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ପୌରପରିଷଦ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ୟୁଥ କ୍ଲବ ଗଣେଶ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଜାତୀୟ କ୍ରୀଡା ଦିବସ ପାଳନ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଗଣେଶ ପୂଜା ଉପଲକ୍ଷେ ବାଦୀପାଲା, ସ୍ଥାନ- ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ନବମ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ସପ୍ତମ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ନୟାଗଡ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା ଅବସରରେ ସଂକୀର୍ତ୍ତନ ପରିବେଷଣ, ସ୍ଥାନ: ନୟାଗଡ ବଜାର ଓଡଗାଁ ରୋଡ, ସମୟ: ମଧ୍ୟାହ୍ନ ୧୨ଟା।
- ପାଲାର ପ୍ରଥମ ଥାକ, ସ୍ଥାନ: ନୟାଗଡ ବଜାର ଓଡଗାଁ ରୋଡ, ସମୟ: ଅପରାହ୍ନ ସାଢ଼େ ୩ଟା, ପାଲାର ୨ୟ ଥାକ, ସ୍ଥାନ: ନୟାଗଡ ବଜାର ଓଡଗାଁ ରୋଡ, ସମୟ: ସନ୍ଧ୍ୟା ୭ଟା।
- ଜାତୀୟ ଖେଳ ଦିବସ ଅବସରରେ ମିନି ମାରାଥନ, ସ୍ଥାନ: ନୟାଗଡ ଷ୍ଟାଡିୟମ ଠାରୁ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ, ସମୟ: ସକାଳ ୭ଟା ୧୧ଟା।
- ଶପଥ ସମାରୋହର ସମୟ: ସକାଳ ୮ଟା, ସ୍ଥାନ: ନୟାଗଡ ଷ୍ଟାଡିୟମ।
- ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା, ସମୟ: ସକାଳ ସାଢ଼େ ୮ଟା।
- ନୟାଗଡ ସ୍ପୋର୍ଟିଂ କ୍ଲବ ସହ ମଣିଂ କ୍ଲବର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ, ସମୟ: ଅପରାହ୍ନ ସାଢ଼େ ୩ଟା, ସ୍ଥାନ:ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ।
- ତଅପୋଇ ମହୋତ୍ସବ ର ପ୍ରସ୍ତୁତି ବୈଠକ, ସ୍ଥାନ ଖଣ୍ଡପଡା ବ୍ଲକର ବେଣାଗାଡିଆ, ସମୟ: ଅପରାହ୍ନ ୪ଟା।
- ଷଷ୍ଠୀ ପର୍ବ, ସ୍ଥାନ କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।

## ରାୟଗଡ଼ା
- ମା' ମଝିଘରିଆଣୀ ମନ୍ଦିରର ଉନ୍ନତିକରଣ ନିମନ୍ତେ ଭୂମିପୂଜନ, ସ୍ଥାନ: ମଝି ଘରିଆଣି ମନ୍ଦିର, ରାୟଗଡା, ସମୟ: ସକାଳ ୭ ଟା।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌର ପରିଷଦ ପୁରୁଷ କର୍ମଚାରୀ, ପରିଷଦ ବୃନ୍ଦ, ଏବଂ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ କ୍ରିକେଟ ପ୍ରତିଯୋଗିତା ଫାଇନାଲ ମ୍ୟାଚ୍, ସ୍ଥାନ: ଜିସିଡ଼ି ଖେଳପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମ୍ୟୁଜିକାଲ ଚେୟାର, ଝୋଟି ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୨ଟା ୩୦।

## ନବରଙ୍ଗପୁର
- ଭାରତୀ କଳା ନିକେତନ ଆନୁକୁଲ୍ୟରେ ୪ ଦିନିଆ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ସ୍ଥାନ: ଉମରକୋଟ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ
- ଚାରି ପ୍ରହର ନାମଯଜ୍ଞ, ସ୍ଥାନ: ମା' ଠାକୁରାଣୀ ଗଣେଶ ପୂଜା ମଣ୍ଡପ, ନନ୍ଦପୁର, ସମୟ: ସକାଳ ୭ଟା।
- ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୧୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ, ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- କଲମ ପରିବାର ପକ୍ଷରୁ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସକାଳ ୬ଟା

## ରାଉରକେଲା
- ଲେଡିଲାଇନ୍ସ ପକ୍ଷରୁ ମିନି ମାରାଥାନ୍, ସ୍ଥାନ: ଝିରପାଣି ପ୍ରବେଶ ପଥ, ସମୟ: ସକାଳ ୬ଟା।
- ଆର୍‌ଏମ୍‌ସିର ପଥ ଉତ୍ସବ ପାଳିତ, ସ୍ଥାନ: ଉଦିତନଗର ହନୁମାନ ବାଟିକା ଛକ, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ପରିବାର ପକ୍ଷରୁ ସାମୂହିକ ହୋମଯଜ୍ଞ, ସ୍ଥାନ: ଗାୟତ୍ରୀ ଶକ୍ତିପୀଠ, ସମୟ: ସକାଳ ୭ଟା।
- ସାହିତ୍ୟ ଓ କବିତା ଆସର ସଭା, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ଜରାନିବାସ ଅନ୍ତେବାସୀଙ୍କ ସହିତ ନୂଆଁଖାଇ ପାଳନ, ସ୍ଥାନ: ଲୁହୁରାଢିପା ହାଉସିଂ ବୋର୍ଡ କଲୋନୀ ଜରା ନିବାସ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ନୂଆଖାଇ ଅବସରରେ ଚାରା ବଣ୍ଟନ, ସ୍ଥାନ: ରେଙ୍ଗାଲପାଲି, ବରଗଡ଼, ସମୟ: ସକାଳ ୮ଟା।

## ବୌଦ୍ଧ
- ଏନ୍‌ଏସି ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଜାତୀୟ କ୍ରୀଡ଼ା ଦିବସ ପାଇଁ ପଦଯାତ୍ରା, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡ଼ି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର
- ତରଭା ବ୍ଲକର ନର୍ଡା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ ପାଇଁ ମହିଳା ଦଣ୍ଡ ନୃତ୍ୟ, ସ୍ଥାନ: ନର୍ଡା ଗ୍ରାମ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ନୂଆପଡ଼ା ବାନର ସେନା ମଞ୍ଚ ପକ୍ଷରୁ ବିଜୁଳି ସେବା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ସକାଳ ୯ଟା।
- ସାର୍ବଜନୀନ ଗଣେଶ ପୂଜା କମିଟି ତରବୋଡ଼ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ଼ ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅନୁପସ୍ଥିତି କାରଣରୁ ଉପରିସ୍ଥଙ୍କ ଚାପର ସମ୍ମୁଖୀନ ହେବେ। ଯାତ୍ରାକାଳରେ କୌଣସି ଯୁବକଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ପରିବାର ଖର୍ଚ୍ଚଭାର ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଗତକାଲିର ଯୋଜନା ମୁତାବକ କାମକୁ ଆଜି ସମ୍ପନ୍ନ କରିବାରେ ସଫଳ ହେବେ।

**ବୃଷ** ପରୋକ୍ଷ ଶତ୍ରୁତା କରୁଥିବା ଯୋଗୁ ବନ୍ଧୁଙ୍କ କାର୍ଯ୍ୟକଳାପ ଦେଖି ବିଚଳିତ ହୋଇପାରନ୍ତି। ପଡୋଶୀଙ୍କ ପରାମର୍ଶରେ ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରର ସମସ୍ୟା ସମାଧାନ ହେବ। ଅଭାବ ନ ଥିଲେ ମଧ୍ୟ କେତକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମିଥୁନ** କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତା କାରଣରୁ ଆଶା କରି ନ ଥିବା ଖବର ଶୁଣି ବିସ୍ମିତ ହୋଇପାରନ୍ତି। ରାଜନୈତିକ ସ୍ତରରେ କଳହ ଘେରରେ ଆକ୍ରାନ୍ତ ହେବାର ସୂଚନା ରହିଛି। ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବାର ଆଶା କରାଯାଇପାରେ।

**କର୍କଟ** କର୍ମକ୍ଷେତ୍ରରେ ପ୍ରତ୍ୟେକ ବିଫଳତାକୁ ସମୀକ୍ଷା କରି ନିରାକରଣ ପୂର୍ବକ କାର୍ଯ୍ୟକଲେ ସଫଳତା ପାଇବେ। ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ସାଙ୍ଗକୁ ପ୍ରାଧାନ୍ୟତା ମଧ୍ୟ ବଢ଼ିବ। ବନ୍ଧୁଙ୍କ ପରାମର୍ଶ କ୍ରମେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ସିଂହ** ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ସାମାଜିକ ସ୍ତରରେ ଏଜେନ୍ସି, କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଦିଗରେ ବନ୍ଧୁଙ୍କ ସହ ବିଭିନ୍ନ ଆଲୋଚନା କରିପାରନ୍ତି। ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବାର ସୂଚନା ରହିଛି। ଭଲ ସମ୍ପର୍କ ଥିବା ବନ୍ଧୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ତୁଳା** ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଅଧାପନ୍ତରିଆ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାର ସୂଚନା ରହିଛି। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିମାନଙ୍କ ନିକଟରୁ ପ୍ରଶଂସା ମିଳିବ। ନିଜ ମନ ପସନ୍ଦର ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି।

**ବିଛା** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବା ସହ ଯାହା ଆଶା କରୁଥିଲେ ତାହା ପାଇପାରିବେ। ଯୁକ୍ତିଯୁକ୍ତ କଥା କହିଲେ ମଧ୍ୟ ସ୍ୱାର୍ଥହାନି ଆଶଙ୍କାରେ ବନ୍ଧୁ ଭୁଲ୍ ଦୃଷ୍ଟିରୁ ବିଚାର କରିପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମ ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ବନ୍ଧୁଙ୍କ ପ୍ରେରଣାରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବା ସହ ଟେନ୍‌ସନ ମଧ୍ୟ ଦୂର ହେବ।

**ଧନୁ** ପଡୋଶୀଙ୍କ ସହାନୁଭୂତିରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବାରୁ ମାନସିକ ସ୍ଥିତି ବଦଳିଯିବ। ଆପଣଙ୍କ କାର୍ଯ୍ୟଦକ୍ଷତାରେ ପଡୋଶୀମାନେ ଭୂରିଭୂରି ପ୍ରଶଂସା କରିପାରନ୍ତି। କିନ୍ତୁ ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଆତ୍ମୀୟ ତଥା ପଡୋଶୀମାନେ ମନ ବୁଝିଲାଭଳି କଥା କହି କାର୍ଯ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇପାରନ୍ତି।

**କୁମ୍ଭ** ଆପଣଙ୍କ ଲୋକପ୍ରିୟତା ବୃଦ୍ଧି ହେତୁ ମିତ୍ରମାନେ ପରୋକ୍ଷ ଶତ୍ରୁତା ଆଚରଣ କରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପାଖପଡୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ମୀନ** ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ। ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବ। ସରକାରୀ ସ୍ତରରେ ଅଟକିଥିବା କାମକୁ ସମ୍ପନ୍ନ ସକାଶେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସାହିତ୍ୟ, କ୍ରୀଡା, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ଅଗଷ୍ଟ ୨୯ ତାରିଖ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ, ଶ୍ରୀମନ୍ଦିରରେ ବିମ୍ବାସୁର ବଧ ପ୍ରସ୍ତାବ, ଭାଦ୍ରବ ଶୁକ୍ଳପକ୍ଷର ଷଷ୍ଠୀ ଓଷା ଶୁକ୍ରବାର, ଷଷ୍ଠୀଦେବୀପୂଜା, ସୋମନାଥ ବ୍ରତ ଆରମ୍ଭ। ରାଶି ନକ୍ଷତ୍ର-ଦିବା ଘ.୧୧।୩୮ ମି. ପର୍ଯ୍ୟନ୍ତ, ସ୍ୱାତୀ/ତୁଳା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ, ଘ.୦୬।୨୩ ମଧ୍ୟେ, ଘ.୦୭।୧୩ ଗତେ, ୦୮।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୪ ଗତେ, ଘ.୧୧।୪୭ ମଧ୍ୟେ ରାହୁକାଳ।

# ଓଡ଼ିଶାକୁ ଗୁରୁତ୍ୱ ଦେଉଛି ସଂସଦ: ବାଚସ୍ପତି

ଭୁବନେଶ୍ୱର,୨୮।୮(ରବିନାରାୟଣ ଜେନା)

ଓଡ଼ିଶା ଭଳି ଏକ ଅନୁସୂଚିତ ଜାତି ଓ ଜନଜାତିବହୁଳ ରାଜ୍ୟକୁ ସଂସଦ ଗୁରୁତ୍ୱ ଦେଉଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଗୁରୁବାର ବିଧାନସଭାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବାଚସ୍ପତି କହିଥିଲେ, ଦେଶ ସ୍ୱାଧୀନତା ପରେ ୧୯୭୬ରୁ ଏଯାବତ୍ ୫ଥର ଦିଲ୍ଲୀରେ ଏହି ଜାତୀୟ ସମ୍ମିଳନୀ କରାଯାଇଥିବାବେଳେ ପ୍ରଥମଥର ପାଇଁ ଏହା ଓଡ଼ିଶାରେ ହେବାକୁ ଯାଉଛି। ଆସନ୍ତାକାଲି(ଶୁକ୍ରବାର)ଠାରୁ ଓଡ଼ିଶା ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରଠାରେ ଦୁଇଦିନିଆ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ସମ୍ମିଳନୀ ଅନୁଷ୍ଠିତ ହେବ। ଏହାକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବେ। ସମ୍ମିଳନୀକୁ ନେଇ ବାଚସ୍ପତି ସୁରମା ପାଢ଼ୀ ଲୋକ ସଭା ବାଚସ୍ପତି, ରାଜ୍ୟ ସଭା ଉପାଧ୍ୟକ୍ଷ ଏବଂ ତାଙ୍କର ସମସ୍ତ ସହଯୋଗୀଙ୍କୁ କୃତଜ୍ଞତା ଜଣାଇ କହିଥିଲେ, ଏହି ସମ୍ମିଳନୀ ଓଡ଼ିଶା ପାଇଁ ବହୁ ଗୁରୁତ୍ୱ ବହନ କରୁଛି। ଏହି ଅବସରରେ ଆଲୋଚନା ସହ ଅନ୍ୟ ସମସ୍ତ ରାଜ୍ୟକୁ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟଙ୍କ ଚାଲିଚଳଣି, ପୋଷାକ ପରିଧାନ, କାର୍ଯ୍ୟକୁଶଳତା, କାରିଗରି ବିଦ୍ୟା, ହସ୍ତଶିଳ୍ପ ସମ୍ପର୍କରେ ଅବଗତ କରାଇବା ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଉଛି । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ନୃତ୍ୟ-ସଂଗୀତ, ଚାରୁକଳା, କାରୁକଳା ସହିତ ଆଗନ୍ତୁକମାନଙ୍କୁ ପରିଚିତ କରାଇବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅତିଥିମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ, କୋଣାର୍କ, ଜନଜାତି ସଂଗ୍ରହାଳୟ ଆଦି ବୁଲାଇ ଦେଖାଇବାର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏହି ସମ୍ମିଳନୀରେ ଭିନ୍ନ ଭିନ୍ନ ରାଜ୍ୟରେ ରହିଥିବା ସଂସଦୀୟ ପରମ୍ପରା, କଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କିତ ଭାବର ଆଦାନପ୍ରଦାନ ହେବ।

# ୭୦ଫୁଟ୍ ପାଣିଟାଙ୍କି ଉପରେ ଷଣ୍ଢ

## ୧୦ ଘଣ୍ଟାର ଉଦ୍ୟମ ପରେ ଉଦ୍ଧାର

ତିହିଡ଼ି,୨୮।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ତଳବନ୍ଧ ଗ୍ରାମରେ ଗୁରୁବାର ଏକ ଷଣ୍ଢ ୭୦ ଫୁଟ୍ ଉପରେ ଥିବା ପାଣି ଟାଙ୍କି ଉପରକୁ ଚଢ଼ି ଯାଇଥିଲା। ଅଗ୍ନିଶମ ବାହିନୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ୧୦ ଘଣ୍ଟା ଉଦ୍ୟମ କରି ଷଣ୍ଢଟିକୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ, ପାଣିଟାଙ୍କି ଉପରକୁ ଷଣ୍ଢ ଚଢ଼ି ଯାଇଥିବା ଦେଖି କେତେଜଣ ଗ୍ରାମବାସୀ ସକାଳ ପ୍ରାୟ ୬ଟା ବେଳେ ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥୀଙ୍କୁ ଜଣାଇଥିଲେ। ଟାଙ୍କିର ତଳୁ ଉପର ଯାଏ ଥିବା ଶିଡ଼ି ପାହାଚ ଦେଇ ଷଣ୍ଢଟି ଉପରକୁ ଚଢ଼ିଯାଇଥିଲେ ମଧ୍ୟ ତଳକୁ ଓହ୍ଲାଇପାରି ନ ଥିଲା। ପରେ ସରପଞ୍ଚଙ୍କ ପ୍ରତିନିଧି ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ ଅଧିକାରୀ ଅନନ୍ତ ପ୍ରସାଦ ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ସକାଳ ୮ଟାରୁ ଷଣ୍ଢ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଥିଲେ। ପରେ ଜିଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ନିରଞ୍ଜନ ବାରିକ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷୀକେଶ ବେହେରା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ନିରାକାର ଜେନାଙ୍କ ସମେତ ଏନ୍‌ଡିଆର୍‌ଏଫ୍‌ର ମୁଖ୍ୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଏଥିରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଷଣ୍ଢକୁ ତଳକୁ ଆଣିବାରେ ସକ୍ଷମ ହୋଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହାକ ନାହିଁ କି ଡାକ ନାହିଁ,**
**ଡର ଭୟ ନାହିଁ କାହାକୁ;**
**ଯୋଡ଼ା ଭାରିଯାରେ କି ଯଶ ଅଛି,**
**ପଚାରେ ଯା ତୋ ମାଆକୁ।**

ଦି ନାଆରେ ପାଦ ଦେଇଥିବା ବ୍ୟକ୍ତିଙ୍କ ପରିଣତି ସାଙ୍ଘାତିକ ହୋଇଥାଏ। ସ୍ଥଳ ବିଶେଷରେ ଏଭଳି ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗିବା ସହ ଅନେକ ହଟହଟା ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ହାତୀ ଚାଲେ ବଜାର,**
**କୁକୁର ଭୁକେ ହଜାର।**

ସାଧାରଣତଃ ଦରିଦ୍ର ଓ ଦୁର୍ବଳ ଶ୍ରେଣୀୟ ବ୍ୟକ୍ତିଙ୍କ ପ୍ରତିରୋଧକୁ ପ୍ରତିପତ୍ତିଶାଳୀ ବ୍ୟକ୍ତି ହେୟଜ୍ଞାନ କରୁଥିବାର ଦେଖିବାକୁ ମିଳିଥାଏ। ଧନୀକ ଶ୍ରେଣୀର ବ୍ୟକ୍ତିଙ୍କ ଏପରି ବେଖାତିର ଭାବ ପ୍ରଦର୍ଶନକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଦିନକରେ ୪ ଲକ୍ଷ...

କ୍ଷତି ସହିଛି। ଗତ କିଛି ସପ୍ତାହ ହେଲା ପୁଞ୍ଜି ପ୍ରତ୍ୟାହାର ଜାରି ରହିବା ସହ ଘରୋଇ ଅଭିବୃଦ୍ଧିର ଦୃଢ଼ ସଙ୍କେତ ମିଳୁ ନ ଥିବାରୁ ନିବେଶକମାନଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇଛି। ଗୁରୁବାର ନିବେଶକମାନେ ୪ ଲକ୍ଷ କୋଟି ଟଙ୍କା ହରାଇବା ପରେ ସେମାନଙ୍କ ମନୋବଳ ଆହୁରି କମ୍‌ଜୋର ହୋଇଛି। ଆମେରିକା ଟାରିଫ୍‌କୁ ନେଇ ଆଭିମୁଖ୍ୟ ସ୍ପଷ୍ଟ ନ ହେଲେ ବିଦେଶୀ ପୁଞ୍ଜି ଆଗମନରେ ସ୍ଥିରତା ଆସି ନ ପାରେ ଓ ପୁଞ୍ଜିବଜାର ଅଧିକ ଅସ୍ଥିର ରହିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଡଲାର ତୁଳନାରେ ଟଙ୍କାର ଗତି ଏବଂ ଅଶୋଧିତ ତୈଳ ମୂଲ୍ୟ ଟ୍ରେଣ୍ଡ ଉପରେ ସମସ୍ତଙ୍କର ନଜର ରହିଛି। କ୍ଷତିର ସମ୍ମୁଖୀନ ହେଉଥିବା ସେକ୍ଟରଗୁଡ଼ିକ ପାଇଁ ପ୍ରୋତ୍ସାହନ ପ୍ରଦାନ ଭଳି ସରକାରଙ୍କ ତରଫରୁ ଯଦି କୌଣସି ସହାୟକ ନୀତି ଗ୍ରହଣ କରାଯାଏ, ତେବେ ତୁରନ୍ତ କିଛିଟା ଆଶ୍ୱସ୍ତି ମିଳିପାରେ। ତେବେ ସ୍ଥାୟୀ ସୁଧାର କେବଳ କର୍ପୋରେଟ୍ ଆୟ ବୃଦ୍ଧି ଏବଂ ବୈଶ୍ୱିକ ବାଣିଜ୍ୟ ଉତ୍ତେଜନା ହ୍ରାସ ଦ୍ୱାରା ସମ୍ଭବ ବୋଲି କୁହାଯାଇଛି। ନିବେଶକମାନେ ଚୟନାତ୍ମକ ହେବା ପାଇଁ ବଜାର ରଣନୀତିକାରମାନେ ପରାମର୍ଶ ଦେଇଛନ୍ତି।

### ୟୁକ୍ରେନ୍ ଯୁଦ୍ଧ ପାଇଁ...

ହରାଇବାକୁ ପଡୁଥିବାବେଳେ ଆୟ ହ୍ରାସ ପାଉଛି। ମୋଦିଙ୍କ ଯୁଦ୍ଧ ପାଇଁ ଆମକୁ ପାଣ୍ଠି ଯୋଗାଇବାକୁ ପଡୁଥିବାରୁ କରଦାତା କ୍ଷତି ସହୁଥିବା ନାଭାରୋ କହିଛନ୍ତି। ନାଭାରୋଙ୍କ ସମେତ ହ୍ୱାଇଟ୍ ହାଉସ୍‌ର ଅନ୍ୟତମ ଆର୍ଥିକ ପରାମର୍ଶଦାତା କେଭିନ୍ ହାସେଟ୍ଟ ଭାରତକୁ କଡ଼ା ଚେତାବନୀ ଦେଇ କହିଛନ୍ତି, ଯଦି ରୁଷିଆରୁ ନୂଆଦିଲ୍ଲୀ ତୈଳ ଆମଦାନୀ ଜାରି ରଖେ ଏବଂ ଆମେରିକୀୟ ସାମଗ୍ରୀ ପାଇଁ ବଜାର ଖୋଲିବାକୁ ମନା କରେ ତେବେ ଅଧିକ କଟକଣା ଲାଗୁ ହେବ। ଭାରତୀୟ ସାମଗ୍ରୀ ଉପରେ ନୂଆ ଟାରିଫ୍ ଲଗାଇବା ନିଷ୍ପତ୍ତି ସହ ଆମେରିକା ଜାତୀୟ ଅର୍ଥନୈତିକ ପରିଷଦର ନିର୍ଦ୍ଦେଶକ ଥିବା ହାସେଟ୍ଟ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। ଯଦି ନୂଆଦିଲ୍ଲୀ ଏହାର ରୁଷିଆ ଆଭିମୁଖ୍ୟ ନ ବଦଳାଏ ତେବେ ଟ୍ରମ୍ପ୍ ବଦଳାଇବେ ମୁଁ ଭାବୁନାହିଁ ବୋଲି ସେ କହିଛନ୍ତି। ଭାରତ ସହ ବାଣିଜ୍ୟ ବୁଝାମଣା ବିବାଦୀୟ ବୋଲି ହାସେଟ୍ଟ କହିବା ସହ ବଜାର ସୁଯୋଗ ପ୍ରଦାନରେ ଭାରତର କଠୋର ନୀତିକୁ ନିନ୍ଦା କରିଛନ୍ତି।

### ସମୁଦ୍ରରେ ପହଁରି...



ଉଦ୍ଧାର ୪ ମତ୍ସ୍ୟଜୀବୀ

ନେଇଥିବା ୨ଟି ସୋଲପେଟିକୁ ଧରି ୩ଦିନ ଅଖିଆ ଅପିଆ ଭାସମାନ ଅବସ୍ଥାରେ ରହିଥିଲେ। ସେହି ସୋଲପେଟିକୁ ଧରି ପ୍ରାୟ ୨୦ କି.ମି.ରୁ ଊର୍ଦ୍ଧ୍ୱ ପହଁରି ପହଁରି ସେମାନେ ବୁଧବାର ରାତି ୧୦ଟା ବେଳେ କଷିଆ ଜେଟି ନିକଟସ୍ଥ ବନି ଜଙ୍ଗଲ ପାଖରେ ପହଞ୍ଚିଥିଲେ। ଖବର ପାଇ ବୋଟ୍ ମାଲିକ ନଟବର ମଲିକ ଚୂଡ଼ାମଣି ଗ୍ରାମର କେତେଜଣ ମତ୍ସ୍ୟଜୀବୀଙ୍କ ସହ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ରାତି ପ୍ରାୟ ୧୧ଟା ବେଳେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ସମୁଦ୍ରରେ ଫସିଥିବା ସମୟର ସଂଘର୍ଷମୟ ଅନୁଭୂତି ବଖାଣି ମତ୍ସ୍ୟଜୀବୀ ପବନ କହନ୍ତି, ବୋଟ୍‌ଟି ବୁଡ଼ିଯିବା ପରେ ୪ଜଣ ହାତ ଧରାଧରି ହୋଇ ମାଛପେଟିକୁ ଆଶ୍ରା କରି ସମୁଦ୍ରରେ ଭାସୁଥିଲେ। ଘନ ଅନ୍ଧକାର ଗଭୀର ସମୁଦ୍ରରୁ ଜୀବନ ବଞ୍ଚାଇ ଘରକୁ ଫେରିବେ ବୋଲି ଆଶା ନ ଥିଲା। ୪ ଦିନ ଧରି ବିନା ଖାଦ୍ୟରେ ଦୁର୍ବଳ ହୋଇ ଜୀବନ ଚାଲିଯିବା ଭଳି ଅନୁଭବ ହେଉଥିଲା। ବହୁ କଷ୍ଟରେ ଚେଷ୍ଟା କରି ସେହି ସୋଲପେଟି ଭରସାରେ ସେମାନେ ପହଁରି କୂଳକୁ ଆସିପାରିଛନ୍ତି। ପ୍ରଭୁ ଗଜାନନଙ୍କ ଆଶୀର୍ବାଦରୁ ଗଣେଶ ପୂଜା ରାତିରେ ଭାସି ଭାସି କୂଳରେ ଲାଗିଥିଲେ ବୋଲି ସେ କହିଛନ୍ତି।

### ରାଜ୍ୟରେ ଚାଲିବ...

ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ସୂଚନାନୁସାରେ, ଦେଶରେ ଏବେ ୧୪୩୨୯ଟି ଇ-ବସ୍ ଚଳାଚଳ କରୁଛି। ଦିଲ୍ଲୀରେ ସର୍ବାଧିକ ୩୫୬୪ ଇ-ବସ୍ ଚଳାଚଳ କରୁଥିବାବେଳେ ମହାରାଷ୍ଟ୍ରରେ ୩୨୯୬, କର୍ଣ୍ଣାଟକରେ ୨୨୩୬ ଏବଂ ଉତ୍ତର ପ୍ରଦେଶରେ ୮୫୦ଟି ଇ-ବସ୍ ଚାଲୁଛି। ତେବେ ଓଡ଼ିଶା ସହରାଞ୍ଚଳରେ ପରିବେଶ ଅନୁକୂଳ ଗମନାଗମନ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ନେଇ ପଡ଼ୋଶୀ ପଶ୍ଚିମବଙ୍ଗ (୩୯୧), ଆନ୍ଧ୍ର ପ୍ରଦେଶ (୨୩୮), ଛତିଶଗଡ଼ (୨୧୫) ଏବଂ ଝାଡ଼ଖଣ୍ଡ (୪୬)କୁ ଏ କ୍ଷେତ୍ରରେ ପଛରେ ପକାଇଛି। କେନ୍ଦ୍ର ସରକାର ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ-ଡ୍ରାଇଭ୍ ଭଳି ଯୋଜନା ଅଧୀନରେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଓଡ଼ିଶାରେ ଆମ ବସ୍ ସେବା ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଏହି ସହାୟତାର ଲାଭ ଉଠାଇବାରେ ସକ୍ରିୟ ରହିଛି ଏବଂ ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଓ ଅନୁଗୋଳକୁ ଆମ ବସ୍ ସେବା ସମ୍ପ୍ରସାରଣ ପାଇଁ ପ୍ରସ୍ତୁତି ଚଳାଇଛି। ଆମ ବସ୍ ସେବାର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କ୍ରୁଟ ଡିପୋ ଏବଂ ଟର୍ମିନାଲରେ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯାଉଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶାର ସବୁଜ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଇ-ପରିବହନରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ଉଭୟ ପରିବେଶ ଏବଂ ଲୋକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କହିଛନ୍ତି। ଏବେ ଓଡ଼ିଶାରେ ଇ-ବସ୍ ମୁଖ୍ୟତଃ ଭୁବନେଶ୍ୱର, କଟକ ଏବଂ ପୁରୀର ଯାତ୍ରୀମାନଙ୍କୁ ସେବା ପ୍ରଦାନ କରୁଥିବା ସୂଚନା ଦିଆଯାଇଛି।

# ଦିନରେ ଚୋରି, ରାତିରେ ପ୍ରବଚନ

ଭୁବନେଶ୍ୱର,୨୮।୮(ସତ୍ୟଜିତ୍ ରାଉତ)

ୟୁଟ୍ୟୁବରେ ଚ୍ୟାନେଲ ଖୋଲି ପ୍ରବଚନ ଦେଉଥିଲେ। ଅପରାଧକୁ କେମିତି ରୋକା ଯାଇପାରିବ, ଏଥିରେ ଫସି ଲୋକଟିଏ କିପରି ହନ୍ତସନ୍ତ ହୁଏ, ଏହି କାମରୁ କିପରି ଜଣେ ମଣିଷ ନିବୃତ୍ତ ରହି ନିଜକୁ ବଦଳାଇପାରିବ ସେନେଇ ପ୍ରବଚନ ଦେଉଥିଲେ। ହେଲେ ଜୀବନ ବଦଳାଇବାକୁ ଅନ୍ୟମାନଙ୍କୁ ବିଭିନ୍ନ ସତ୍‌ମାର୍ଗ ଦେଖାଉଥିବା ପ୍ରବଚକ ଜଣକ ନିଜେ ଅନ୍ୟ ଘରେ ପଶି କଳାକନା ବୁଲାଉଥିଲେ। ଦିନରେ ଚୋରି କରି ରାତିରେ ପ୍ରବଚନ ଦେଉଥିବା ଜଣେ ମୋଟିଭେଶନାଲ ସ୍ପିକରଙ୍କୁ କମିଶନରେଟ୍ ପୋଲିସ ବାନ୍ଧିଛି। ସେ ହେଲେ କଟକ ଜିଲା ବୈଦେଶ୍ୱର ଖଜୁରିପଦା ଗ୍ରାମର ମନୋଜ କୁମାର ସିଂ(୪୨)। ନବ ବିବାହିତ ଦମ୍ପତିଙ୍କ ଘରର ତାଲା ଭାଙ୍ଗି ଚୋରି କରିବା ମାମଲାରେ ଭରତପୁର ଥାନା ପୋଲିସ ଗୁରୁବାର ମନୋଜଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୨୦୦ ଗ୍ରାମ୍‌ର ସୁନା ଅଳଙ୍କାର, ୧ ଲକ୍ଷ ନଗଦ ଟଙ୍କା, ସ୍କୁଟି (ଓଡି୦୧୩-ଡବ୍ଲ୍ୟୁ-୧୭୪୪), ତାଲା ଭଙ୍ଗାରେ ବ୍ୟବହୃତ ରଡ୍ ଜବତ ହୋଇଛି। ଭୁବନେଶ୍ୱର



ମନୋଜ କୁମାର ସିଂ



ଜବତ ସୁନା ଅଳଙ୍କାର ଓ ଟଙ୍କା।

## ମୋଟିଭେଶନାଲ ସ୍ପିକର ଗିରଫ

- ନବବିବାହିତ ଦମ୍ପତିଙ୍କ ଘରୁ ନେଇଯାଇଥିଲେ ଟଙ୍କା, ଅଳଙ୍କାର
- ବିଭିନ୍ନ ଥାନାରେ ୧୦ ମାମଲା: ଅଳଙ୍କାର, ଲକ୍ଷେ ଟଙ୍କା ଜବତ

ଜେଏମ୍ଏଫ୍ସି-୫ କୋର୍ଟକୁ ମନୋଜଙ୍କୁ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମନୋଜ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ୫, ଚନ୍ଦ୍ରଶେଖରପୁର ଥାନାରେ ୨, ତମାଣ୍ଡୋ, ଖଣ୍ଡଗିରି ଓ ନୟାଗଡ଼ ଥାନାରେ ଗୋଟିଏ ଲେଖାଏ ଚୋରି ମାମଲା ରହିଛି। ମନୋଜ ବିଶେଷ କରି ଦିନବେଳା ଚୋରି କରୁଥିବାବେଳେ ରାତିରେ ୟୁଟ୍ୟୁବ୍ ଚ୍ୟାନେଲ (ଚେଞ୍ଜ ଇୟୋର ଲାଇଫ୍) ଜରିଆରେ ପ୍ରବଚନ ଦେଉଥିଲେ। ତାଲା ପଡ଼ିଥିବା ଘରକୁ ସେ ଟାର୍ଗେଟ୍ କରୁଥିଲେ। ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରିବାରି ପ୍ଲଟ ନଂ.୧୨୧୫/୧୫୪୬ସ୍ଥିତ ଏକ ଘରେ ଗତ ୨ମାସ ହେଲା ଭଡ଼ାରେ ରହୁଥିବା ଦମ୍ପତି ଶୁଭଶ୍ରୀ ନାୟକ ଓ ଦେବବ୍ରତ ନାୟକ ଚୋରିର ଶିକାର ହୋଇଥିଲେ। ସେମାନଙ୍କ ୩ ମାସ ତଳେ ବିବାହ ହୋଇଥିଲା। ଶୁଭଶ୍ରୀ ଏକ ବ୍ୟାଙ୍କରେ କାମ କରୁଥିବାବେଳେ ସ୍ୱାମୀ ବ୍ୟବସାୟ କରନ୍ତି। ଅଗଷ୍ଟ ୧୪ ସକାଳ ୯ଟା ୩୦ରେ ଦମ୍ପତି ନିଜ କାମରେ ଘରୁ ବାହାରି ଯାଇଥିଲେ। ମନୋଜ ଏହା ପରେ ସେଠାକୁ ଆସି ତାଲାକୁ ଭାଙ୍ଗିବା ସହ ଚୋରି କରିଥିଲେ। ବେଡ୍‌ରୁମରେ ଥିବା ଆଲମିରାରୁ ୩୦୦ ଗ୍ରାମ୍‌ର ସୁନା ଅଳଙ୍କାର, ପ୍ରାୟ ୫ ଲକ୍ଷ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ଶୁଭଶ୍ରୀଙ୍କ ଏତଲାକ୍ରମେ ପୋଲିସ ଭରତପୁର ଥାନାରେ ମାମଲା (ନଂ.୪୬୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୋଲିସ ମନୋଜଙ୍କୁ କାବୁ କରିଛି। ଅଭିଯୁକ୍ତ ମନୋଜ ୮୨ ଗ୍ରାମର ସୁନା ଅଳଙ୍କାରକୁ ନୟାଗଡ଼ ୟୁଏନ୍ଆଇ ଗୋଲ୍ଡ ବ୍ରାଞ୍ଚରେ ବନ୍ଧକ ରଖି ୪.୭୩ ଲକ୍ଷ ଆଣିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଦମ୍ପତିଙ୍କୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଜବତ ଚୋରି ଅଳଙ୍କାର ଓ ଟଙ୍କା ଫେରାଇଛନ୍ତି। ତେବେ ମନୋଜଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ତାଙ୍କ ଝିଅ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି।

# ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା, ଜଣେ ଗିରଫ

ସୋହେଲା,୨୮।୮(ଅଶ୍ୱିନୀ ପାତ୍ର)

ପଶ୍ଚିମ ଓଡ଼ିଶାରେ ଗୁରୁବାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ ଚାଲିଥିବାବେଳେ ବରଗଡ଼ ଜିଲା ସୋହେଲା ଥାନା ହଳଦୀପାଲି ପେଟ୍ରୋଲ ପମ୍ପରେ ଦିନ ଦ୍ୱିପ୍ରହରରେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାକାଣ୍ଡରେ ହଳଦୀପାଲି ଗ୍ରାମର ବଳିଷ୍ଠ ପ୍ରଧାନ(୨୪)ଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ପୋଲିସ ହତ୍ୟାକାରୀ ସୋହେଲା ଥାନା ଗର୍ଭଣା ଗ୍ରାମର ଲିପନ ଓରଫ ଲିପୁ ସାହୁ(୨୪)ଙ୍କୁ ଗିରଫ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ମୃତକ ବଳିଷ୍ଠ ପେଟ୍ରୋଲ ପମ୍ପ ପରିସରରେ ବସି ମୋବାଇଲ ଦେଖୁଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ମିନିଟରେ ଅଭିଯୁକ୍ତ ଲିପନ ସେଠାରେ ପହଞ୍ଚି ଅତର୍କିତଭାବେ ଏକ ଟାଙ୍ଗିଆରେ ବଳିଷ୍ଠଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଚୋଟ ପରେ ଚୋଟ ପକାଇଥିଲେ। ଏହାପରେ ଅଭିଯୁକ୍ତ ଦୌଡ଼ି ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବଳିଷ୍ଠଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ

## ଅଭିଯୁକ୍ତଙ୍କୁ ଫାଶୀ ଦାବିରେ ରାଜପଥ ଅବରୋଧ



ହତ୍ୟା ଅଭିଯୁକ୍ତଙ୍କୁ ଫାଶୀ ଦାବିରେ ସୋହେଲା ଥାନା ହଳଦୀପାଲି ଛକରେ ରାଜପଥ ଅବରୋଧ।

ଅଭିଯୁକ୍ତ ଲିପନ୍‌ଙ୍କୁ ଖୋଜାଖୋଜି କରି ତାଙ୍କ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ସିସିଟିଭି ଫୁଟେଜରେ କଏଦ ହୋଇଥିବା ଭିଡିଓରେ ମୃତକଙ୍କୁ ଅଭିଯୁକ୍ତ ଟାଙ୍ଗିଆରେ ୧୬ ଚୋଟ ମାରିଥିବା ଦେଖିବାକୁ ମିଳିଛି। ଏହି ଘଟଣା ପ୍ରଘଟ ହେବା ପରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଭିଯୁକ୍ତଙ୍କୁ ଫାଶିଦଣ୍ଡ ଦାବିରେ ଉତ୍ତ୍ୟକ୍ତ ଲୋକେ ଅପରାହ୍ନ ପ୍ରାୟ ୩ଟାରୁ ହଳଦୀପାଲି ଛକ ରାସ୍ତା ଉପରେ ଟାୟାର ଓ କାଠ ଜାଳି ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମ କବାଟ, ସୌରଭ ଓତା, ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଥିଲେ। ଆଲୋଚନା ବିଫଳ ହେବାପରେ ଅପରାହ୍ନ ପ୍ରାୟ ୪ଟାରେ ପୋଲିସ ଆନ୍ଦୋଳନକାରୀମାନଙ୍କୁ ରାସ୍ତାରୁ ଉଠାଇ ନେଇଥିଲା। ଏହାପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ହଳଦୀପାଲି ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ ରହିଛି। ତେବେ ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସାଧାରଣରେ ଆଲୋଚନା ହେଉଛି।

# ପୋଲିସ ପାଟ୍ରୋଲିଂ ବେଳେ ଚମ୍ପଟ ମାରିଲେ ଅଭିଯୁକ୍ତ

ନୀଳଗିରି, ୨୮।୮(ପ୍ରଶାନ୍ତ ବିଶ୍ୱାଳ)

## ଦେଶୀ ବନ୍ଧୁକ, ବାଇକ୍ ଜବତ

ବାଲେଶ୍ୱର ଜିଲା ନୀଳଗିରି ପୋଲିସ ପକ୍ଷରୁ ବୁଧବାର ରାତି ପ୍ରାୟ ୯ଟା ବେଳେ ପାଟ୍ରୋଲିଂ ଚାଲିଥିବାବେଳେ ନୀଳଗିରି-ମିତ୍ରପୁର ରାସ୍ତାର କେନ୍ଦୁଖୁଣ୍ଟା ଛକ ନିକଟରେ ଜଣେ ବାଇକ୍ ଆରୋହୀ ପୋଲିସକୁ ଦେଖି ଗାଡ଼ି ଛାଡ଼ି ପଳାଇଥିଲେ। ପୋଲିସ ଗାଡ଼ି ପାଖକୁ ଯାଇ ଦେଖିବା ବେଳକୁ ସେଥିରେ ଟଙ୍ଗାଯାଇଥିବା ବ୍ୟାଗ୍‌ରେ ଏକ ଦେଶୀ ବନ୍ଧୁକ ଥିବା ଜଣାପଡିଥିଲା। ପୋଲିସ ବାଇକ୍ (ନଂ. ଓଡି୦୧ଭି-୭୬୬୭) ଓ ବନ୍ଧୁକକୁ ପୋଲିସ ଜବତ କରି ଥାନାକୁ ଆଣିଥିଲା। ଗୁରୁବାର ସକାଳେ ଗାଡ଼ି ମାଲିକ ଧୋବାଶିଳା ଗ୍ରାମର ଭୀମ ସିଂଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚୁରା କରିଥିଲା। ଉକ୍ତ ଗାଡ଼ିଟି ତାଙ୍କ ନାମରେ ଅଛି ହେଲେ ଏହାକୁ ଶଳା ମାଗି ନେଇଥିଲେ। ଜବତ ବନ୍ଧୁକ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି ଭୀମ ପୋଲିସକୁ କହିଛନ୍ତି। ବାଇକ୍ ଚାଳକ ଭୀମଙ୍କ ଶଳା ହୋଇଥିବାବେଳେ ସେ ମାଟିଆଳି ଗ୍ରାମସ୍ଥିତ ଶ୍ୱଶୁର ଘରେ ରହୁଥିଲେ। ଖବରପାଇ ପୋଲିସ ମାଟିଆଳି ଗ୍ରାମରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ତାଙ୍କ ଶ୍ୱଶୁର ଘରୁ ଖସିପଳାଇ ଯାଇଥିଲେ। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୩୪୫/୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ନୂଆଁଖାଇରେ ହତ୍ୟା: ପୁଅ ମାଡ଼ରେ ବାପା ମୃତ

କୁଚିଣ୍ଡା,୨୮।୮(ବିରଞ୍ଚି ଦର୍ଜୀ)

ପଶ୍ଚିମ ଓଡ଼ିଶାବାସୀ ଗୁରୁବାର ଆନନ୍ଦ ଉଲ୍ଲାସର ସହ ଗଣପର୍ବ ନୂଆଁଖାଇ ପାଳନ କରୁଥିବାବେଳେ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଚାରଭାଟି ଗ୍ରାମରେ ଘଟିଛି ଏକ ହତ୍ୟାକାଣ୍ଡ। ମାତ୍ର ୭୦ ଟଙ୍କା ଦେବାକୁ ମନା କରିବାରୁ ଉତ୍ତ୍ୟକ୍ତ ପୁଅର ମୁଥମାଡ଼ରେ ଯାଇଛି ପୁଅର ମୁଥମାଡ଼ରେ ଯାଇଛି ବାପାଙ୍କ ଜୀବନ। ମୃତକ ହେଲେ କୃପାସିନ୍ଧୁ ରକ୍ସା(୭୦)। କୁଚିଣ୍ଡା ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁଅ ବିବର୍ଦ୍ଧନ ରକ୍ସା(୨୩)ଙ୍କୁ ଗିରଫ କରିଛି। ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ଆସି ଘଟଣାର ତଦନ୍ତ କରିଛନ୍ତି। ହତ୍ୟାକାଣ୍ଡ ପରେ ଚାରଭାଟି ଗାଁରେ ନୂଆଁଖାଇ ଉଲ୍ଲାସରେ ଫିକା ପଡ଼ିଯାଇଛି।

ସୂଚନା ଅନୁଯାୟୀ, ନୂଆଁଖାଇ ପାଇଁ ଗୁରୁବାର ପୂର୍ବାହ୍ନରେ ପ୍ରସ୍ତୁତି ଚାଲିଥିଲା। ଚାରଭାଟିର ବିବର୍ଦ୍ଧନ ବାପା କୃପାସିନ୍ଧୁଙ୍କୁ ଖର୍ଚ୍ଚ ପାଇଁ ୭୦ଟଙ୍କା ମାଗିଥିଲେ। ମାତ୍ର କୃପାସିନ୍ଧୁ ଟଙ୍କା ଦେବାକୁ ମନା କରିଥିଲେ। ଏହାକୁ ନେଇ ବାପ ପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିବର୍ଦ୍ଧନ ବାପାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ପରେ ମୁହଁ ଓ ବେକକୁ ମୁଥ ଓ ବିଧା ମାରିଥିଲେ। ଫଳରେ ଘଟଣାସ୍ଥଳରେ କୃପାସିନ୍ଧୁଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ଝିଅ ନିର୍ମିତା ସାହି ପଡ଼ିଶାଙ୍କୁ ଡାକିବା ସହ କୁଚିଣ୍ଡା ଥାନାକୁ ଖବର ଦେଇଥିଲେ। କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ ପୋଲିସ ଟିମ୍‌ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବାପାଙ୍କୁ ହତ୍ୟା କରିବା ପରେ ଦୀର୍ଘ ସମୟ ଧରି ମୃତଦେହ ପାଖରେ ବସି ରହିବା ପରେ ପୋଲିସ ଆସୁଥିବା ଜାଣି ବିବର୍ଦ୍ଧନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ବିବର୍ଦ୍ଧନଙ୍କୁ ଗିରଫ କରିଛି। କୁଚିଣ୍ଡା ମେଡିକାଲ ଶବାଗାରରେ ମୃତଦେହ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ଏକ ମାମଲା(ନଂ.୨୪୯/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ମୋବାଇଲ ବାହାନାରେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର

ନିଶ୍ଚିନ୍ତକୋଇଲି,୨୮।୮
(ଅଶୋକ କୁମାର ମହାପାତ୍ର)

## ଥାନାରେ ଅଭିଯୁକ୍ତ ଅଟକ

ତୃତୀୟ ଶ୍ରେଣୀରେ ପଢୁଥିବା ଜଣେ ୯ ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ମୋବାଇଲ ଦେଖାଇବା ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏହି ଅଭାବନୀୟ ଘଟଣା ଘଟିଛି। ଏନେଇ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୭୨/୨୦୨୫) ରୁଜୁକରିଛି। ଏଥିସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ଭଦ୍ରକ ଅଞ୍ଚଳର ଜଣେ ବ୍ୟକ୍ତି ପରିବାର ସହ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଭଡ଼ାସୂତ୍ରରେ ରହି ଆସୁଥିଲେ। ତାଙ୍କ ନାବାଳିକା ଝିଅ ସ୍ଥାନୀୟ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀ। ଉକ୍ତ ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ବୁଧବାର ସନ୍ଧ୍ୟାରେ ତାଙ୍କୁ ମୋବାଇଲ ଦେଖାଇବାକୁ ପ୍ରଲୋଭନ ଦେଖାଇ ଏକ ପରିତ୍ୟକ୍ତ ଗୃହକୁ ନେଇଯାଇଥିଲେ। ସେଠାରେ ଅମାନୁଷିକ ଭାବେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏନେଇ ସେ ଚିତ୍କାର କରିବାରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ। ପାଟିଶୁଣି ପରିବାର ସଦସ୍ୟ ଓ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୋଲିସ କୌଶଳକ୍ରମେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଉଠାଇ ଆଣି ଥାନାରେ ପଚରାଉଚୁରା କରୁଛି।

## ରାଜ୍ୟ ଖବର

# ସମଲେଇଙ୍କୁ ନବାନ୍ନ ଭୋଗ ଲାଗିହେଲା

## ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶା ଉତ୍ସବମୁଖର

ସମ୍ବଲପୁର,୨୮।୮(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଗୁରୁବାର ପଶ୍ଚିମ ଓଡ଼ିଶାରେ ଉତ୍ସାହ ଉଦ୍ଦୀପନାର ସହ ପାଳନ ହୋଇଯାଇଛି। ଧାର୍ଯ୍ୟ ଲଗ୍ନନୁସାରେ ଗୁରୁବାର ପୂର୍ବାହ୍ନ ୧୦ଟା ୩୩ ମିନିଟ୍ ଗତେ ୧୦ଟା ୫୫ମିନିଟ୍ ମଧ୍ୟେ ତୁଳା ଲଗ୍ନରେ ଇଷ୍ଟଦେବୀ ସମଲେଇଙ୍କଠାରେ ନବାନ୍ନ ଲାଗି ନୀତି ହୋଇଥିଲା। ପ୍ରାତଃ ୪ଟାରେ ଦେବୀଙ୍କ ସ୍ନାନନୀତି ହୋଇଥିଲା। ସକାଳ ୪ଟା ୩୦ରେ ସମ୍ବଲପୁରୀ ପାଟବସ୍ତ୍ର ଏବଂ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ସମଲେଇଙ୍କୁ ପୂଜକମାନେ ଶୃଙ୍ଗାର କରିଥିଲେ। ୯ଟାରେ ମନ୍ଦିର ପରିସରସ୍ଥ ୧୧୫ ପାର୍ଶ୍ୱ ଦେବଦେବୀଙ୍କଠାରେ ଝୋଟି ଦିଆଯାଇଥିଲା। ଏହାପରେ ପରମ୍ପରାନୁସାରେ ପ୍ରାୟ ପୂର୍ବାହ୍ନ ୧୦ଟାରେ କ୍ଷତ୍ରିୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ଘଣ୍ଟ, ଶଙ୍ଖା ସହ ନବାନ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ନିଆଯାଇଥିଲା। ସେହିପରି କ୍ରମାନ୍ୱୟରେ ଗଙ୍ଗାଧର ରାୟ, କୋଦଣ୍ଡ ରାୟ, ସୁଧାଂଶୁ ରାୟ ଏବଂ ପ୍ରଶାନ୍ତ ରାୟଙ୍କ ଘରୁ ମଧ ପ୍ରସ୍ତୁତି ହୋଇଥିବା ନବାନ୍ନ ଭୋଗ ମନ୍ଦିରକୁ ପ୍ରବେଶ ହୋଇଥିଲା। ପରମ୍ପରାନୁସାରେ ନୂଆ ଚାଉଳର ପିଠା କାକରା, ଉଖୁଡ଼ା, ଖିରି, ସାରୁ ଶାଗ ପ୍ରଭୃତି ଝାଡୁଆପଡ଼ା ବେହେରା ପରିବାରଙ୍କ ଘରୁ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ୧୦ଟା ୩୦ରେ ଦେବୀଙ୍କ ରୁଦ୍ଧଦ୍ୱାର ନୀତି ଆରମ୍ଭ ହୋଇଥିଲା। ପୂଜକମାନେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ଉଚ୍ଚାରଣ ପୂର୍ବକ ଇଷ୍ଟଦେବୀ ମା'ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ଏହି ସମୟରେ ମୁଖ୍ୟ ଦ୍ୱାରାରେ ଦଣ୍ଡାୟନମାନ ହୋଇଥିବା ପୂଜକ ଶଙ୍ଖନାଦ କରିଥିଲେ; ଯାହାକି ଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ ହୋଇଥିବା ସୂଚିତ କରିଥିଲା। ପୂର୍ବାହ୍ନ ୧୧ଟାରେ ପୂଜକମାନେ ମନ୍ଦିର ଗମ୍ଭୀରାରୁ ବାହାରିଥିଲେ। ପୂଜକମାନେ ୧୧୫ ପାର୍ଶ୍ୱ ଦେବତାଙ୍କୁ କୁରେଇପତ୍ରରେ ଚାଉଳ, ଗୁଆଘିଅ ଓ ଗୁଡ଼ରେ ପ୍ରସ୍ତୁତ ନବାନ୍ନ ଭୋଗ ଅର୍ପଣ କରିଥିଲେ। ୧୧ଟା ୫୦ରେ ମହାଆଳତି ଓ ମଧ୍ୟାହ୍ନ ୧୨ଟାରେ ଦେବୀଙ୍କ ଅନ୍ନ ଭୋଗ ଓ ପହଡ଼ ନୀତି ହୋଇଥିଲା। ଅପରାହ୍ନ ୧୨ଟା ୩୦ରେ ଭକ୍ତମାନଙ୍କ ଦର୍ଶନ ସକାଶେ ଗମ୍ଭୀରା ଦ୍ୱାର ଉନ୍ମୁକ୍ତ କରାଯାଇଥିଲା।

ସେହିପରି ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ଝାରସୁଗୁଡ଼ା ଜିଲାର ଇଷ୍ଟଦେବୀ ସମଲେଶ୍ୱରୀ, ସୁନ୍ଦରଗଡ଼ ଜିଲାର ସମଲେଇ, ଶିଖରବାସିନୀ, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ, ବୌଦ୍ଧର ଭୈରବୀ, ବରଗଡ଼ର ସମଲେଇ, ନୂଆପଡ଼ା ଜିଲାର ଟାନୱଟ କଣାଭଇରା ଓ ସମଲେଇ ପୀଠରେ ଧାର୍ଯ୍ୟ ଲଗ୍ନ ଅନୁସାରେ ନବାନ୍ନ ଲାଗି ନୀତି ସମ୍ପନ୍ନ ହୋଇଛି। ଏହା ପରେ ଜନସାଧାରଣ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଅର୍ପଣକରି ନୂଆଁ ଖାଇଥିଲେ। ଏହାପରେ ଜୁହାର ଭେଟ୍ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ପ୍ରେକ୍ଷାଳୟଗୁଡ଼ିକରେ ନୂଆଁଖାଇ ଭେଟ୍‌ଘାଟ ଉତ୍ସବ ହୋଇଛି। ସମ୍ବଲପୁରୀ ଲୋକଗୀତ, ଲୋକବାଦ୍ୟ, ଲୋକନୃତ୍ୟରେ ପ୍ରେକ୍ଷାଳୟଗୁଡିକ ଦୁଲୁକିଉଠିଥିଲା। ନୂଆଁଖାଇରେ ପଶ୍ଚିମ ଓଡ଼ିଶାର ଗ୍ରାମରୁ ସହର ମୁଖରିତ ହୋଇଛି।



ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ସମଲେଇ ପୀଠରେ ଗୁରୁବାର ପୂଜକମାନେ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରୁଛନ୍ତି।

# ଏଯାଏ ପିଲାଙ୍କୁ ମିଳିଲାନି ସ୍କୁଲ ପୋଷାକ

ଭୁବନେଶ୍ୱର,୨୮।୮
(ସୁଚିସ୍ମିତା ସାହୁ)

ଏବର୍ଷ ସମସ୍ତ ଛାତ୍ରୀଛାତ୍ରଙ୍କୁ ଟି ଶାର୍ଟ, ପ୍ୟାଣ୍ଟ, ଜୋତା, ଟୋପି ଏବଂ ପରିଚୟପତ୍ର ମାଗଣାରେ ଯୋଗାଇ ଦେବାକୁ ରାଜ୍ୟ ସରକାର କହିଥିଲେ। ପିଲାମାନେ ମଧ ଖୁସିରେ ଅପେକ୍ଷା କରିଥିଲେ। ହେଲେ ଶିକ୍ଷା ବର୍ଷର ଅଧା ସମୟ ସରିବାକୁ ବସିଲାଣି, ଏଯାଏ ସରକାରୀ ସ୍କୁଲ ପିଲାଙ୍କୁ ନୂଆ ୟୁନିଫର୍ମ ମିଳିପାରିଲା ନାହିଁ; ଫଳରେ ଅନେକ ପିଲା ଏବେ ଚିରାଫଟା, ସିଲେଇ ହୋଇଥିବା ଓ ରଙ୍ଗ ଉଡ଼ିଯାଇଥିବା ୟୁନିଫର୍ମ ଡ୍ରେସ୍ ପିନ୍ଧି ସ୍କୁଲ ଯାଉଥିବା ଦେଖିବାକୁ ମିଳିଛି। ଏପରି କି ପିଲାଙ୍କ ପାଇଁ ବିକଳ୍ପ ନ ଥିବାରୁ ବର୍ଷାରେ ଓଦା ହୋଇଯାଇଥିବା ଡ୍ରେସ୍ ପିନ୍ଧି ଯିବାକୁ ପଡୁଛି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏପରି ଅବ୍ୟବସ୍ଥାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠୁଛି। ରାଜ୍ୟରେ ଡ୍ରପ୍ ଆଉଟ୍ ହାର କମାଇବା ଓ ସ୍କୁଲ ପ୍ରତି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ପ୍ରତିବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଦୁଇ ହଳ ମାଗଣା ପୋଷାକ ଦିଆଯାଉଛି। ଏଥିପାଇଁ ସରକାର ପ୍ରତି ପିଲାଙ୍କ ପିଛା ୧୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏବର୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଟି ଶାର୍ଟ, ପ୍ୟାଣ୍ଟ, ଜୋତା, ଟୋପି ଏବଂ ପରିଚୟପତ୍ର ମାଗଣାରେ ଯୋଗାଇଦେବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ସଂସ୍ଥାର ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଜୁଲାଇ ୧୫ରେ ପିଲାଙ୍କୁ ପୋଷାକ ମିଳିବ ବୋଲି ଦିନ ନିର୍ଦ୍ଧାରଣ କରାଯାଇଥିଲା। ହେଲେ ପରେ ଅଗଷ୍ଟ ୧୫ ସୁଦ୍ଧା ପୋଷାକ ଦିଆଯିବ ବୋଲି କୁହାଯାଇଥିଲା। ସ୍ୱାଧୀନତା ଦିବସରେ ପିଲାମାନେ ନୂଆ ଡ୍ରେସ ପିନ୍ଧି ବିଦ୍ୟାଳୟକୁ ଆସିବାକୁ ଉତ୍କଣ୍ଠାର ସହ ଚାହିଁ ବସିଥିଲେ। ହେଲେ ନ ମିଳିବାରୁ ପୁରୁଣା ୟୁନିଫର୍ମ ପିନ୍ଧି ପତାକା ଉତ୍ତୋଳନ କରିଥିଲେ ପିଲା। ଏମିତି କି ପରେ ବି ନୂଆ ୟୁନିଫର୍ମ ନ ମିଳିବାରୁ ସେମିତି ପୁରୁଣା ୟୁନିଫର୍ମ ଓ ବାହାର ଡ୍ରେସ୍ ପିନ୍ଧି ପିଲାମାନେ ସ୍କୁଲରେ ଗଣେଶ ପୂଜା କରିଥିଲେ। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ସରକାରୀ ସ୍କୁଲରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରାଜ୍ୟରେ ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁବାଟିକା ଖୋଲାଯାଇଛି। ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ମାଗଣା ୟୁନିଫର୍ମ ପ୍ରଦାନ କରାଯିବ। ହେଲେ ଏଯାବତ ଡ୍ରେସ ମିଳି ନ ଥିବାରୁ ସେମାନେ ମଧ ଘରୋଇ ଡ୍ରେସ ପିନ୍ଧି ସ୍କୁଲ ଯାଉଛନ୍ତି। ତେବେ ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କର୍ମଚାରୀମାନେ କହିଛନ୍ତି, ପୋଷାକ ବଣ୍ଟନ ଦାୟିତ୍ୱରେ ଥିବା ଉଚ୍ଚ ଅଧିକାରୀମାନେ ଠିକ ଭାବେ ଯାଞ୍ଚ କରୁନାହାନ୍ତି କି ପଦକ୍ଷେପ ନେଉନାହାନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀମାନେ (ଏସ୍ଏଚ୍‌ଜି) ପୋଷାକ ତିଆରି କରିବାରେ ବିଳମ୍ବ କରୁଛନ୍ତି। ସେଥିପାଇଁ ପିଲାଙ୍କୁ ପୋଷାକ ମିଳିବାରେ ବିଳମ୍ବ ହେଉଥିବା କହୁଛନ୍ତି। ଭୁବନେଶ୍ୱରର କିଛି ସ୍କୁଲ ପିଲାଙ୍କୁ ହାଉସ୍ ପୋଷାକ ଓ ଟୋପି ବଣ୍ଟନ କରାଯାଇଛି। କିନ୍ତୁ ଏଯାବତ ତାଙ୍କୁ ସ୍କୁଲ ୟୁନିଫର୍ମ ମିଳିନାହିଁ। କେବେ ମିଳିବ ତାହା ଠିକ ଭାବେ ଜଣାନାହିଁ। ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ କହିଛନ୍ତି, ବିଦ୍ୟାଳୟଗୁଡ଼ିକରେ ସ୍କୁଲ ଡ୍ରେସ ବଣ୍ଟନ ଆରମ୍ଭ ହୋଇଛି। ଆମକୁ ବିଳମ୍ବରେ ଅନୁମୋଦନ ମିଳିଥିଲା। ସେଥିପାଇଁ ପିଲାଙ୍କ ଡ୍ରେସ୍ ବଣ୍ଟନରେ ବିଳମ୍ବ ହୋଇଛି। ସେପ୍ଟେମ୍ବର ୫ ସୁଦ୍ଧା ସବୁ ବିଦ୍ୟାଳୟରେ ପିଲାଙ୍କୁ ସ୍କୁଲ ଡ୍ରେସ୍ ମିଳିଯିବ। ଏସ୍ଏଚ୍‌ଜିଗୁଡ଼ିକୁ ତ୍ୱରିତ କାର୍ଯ୍ୟ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ୩୦ରୁ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ

**ଭୁବନେଶ୍ୱର,୨୮।୮(ସୁଚିସ୍ମିତା ସାହୁ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଆସନ୍ତା ୩୦ ତାରିଖଠାରୁ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଆରମ୍ଭ ହେବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ରହିଥିବା ଉତ୍କଳ ରଙ୍ଗମଞ୍ଚଠାରେ ୩ଦିନ ଧରି ଚାଲିବାକୁ ଏହି ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିବେ। ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷିତ ହେବା ସହିତ 'ଗୋଟିପୁଅର ଗାୟନ ବାଦନ ଓ ପରିବେଷଣ', 'ଗୋଟିପୁଅର ବିକାଶ', 'ଗୋଟିପୁଅର ମୌଳିକତା ଓ ବେଶପୋଷାକ' ଶୀର୍ଷକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହେବ। ଏଥିସହ ପ୍ରାଚୀନ ମଠ ଓ ମନ୍ଦିର ଗୁଡ଼ିକରେ ପୂର୍ବରୁ ପରିବେଷିତ ହୋଇଥିବା ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ସଂଗୃହିତ ହୋଇଥିବା ବିରଳ ଗୋଟିପୁଅ ନୃତ୍ୟ ପରମ୍ପରାର ଭିଡ଼ିଓ ଗୁଡିକ ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟରେ ପ୍ରଦର୍ଶନ କରାଯିବ।

# ରାଜଭବନରେ ନୂଆଁଖାଇ

ଭୁବନେଶ୍ୱର,୨୮।୮(ସୁଚିସ୍ମିତା ସାହୁ)

ରାଜଭବନରେ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ରାଜଭବନର ଅଭିଷେକ ହଲଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରି ନୂଆ ଧାନ ଓ ନବାନ୍ନ ଅର୍ପଣ କରିବା ସହ ରାଜ୍ୟବାସୀଙ୍କର ଶୁଭ ମନାସି ଥିଲେ। ନୂଆଁଖାଇ ପାଳନ କରି ରାଜ୍ୟପାଳ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ନୂଆଁଖାଇ ଏକ ପର୍ବ, ଯାହା ଧରିତ୍ରୀ ମାତା ଓ ଆମର କୃଷକଙ୍କ ପ୍ରତି କୃତଜ୍ଞତା ଜଣାଇବାର ଅବସର। ଏହି ପର୍ବ ପାରିବାରିକ ବନ୍ଧନକୁ ମଜଭୁତ କରିବା ସହିତ ଲୋକଙ୍କୁ ଏକାଠି କରିବା ଏବଂ ସଦ୍‌ଭାବ ପ୍ରତିଷ୍ଠା କରିଥାଏ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ କୃଷକ ଭାଇ ଭଉଣୀ ତଥା ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସେମାନଙ୍କ ସୁଖ ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। କୃଷି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ରାଜଭବନରେ ନୂଆଁଖାଇ ପାଳନ ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଇଷ୍ଟଦେବୀଙ୍କ ଆଶୀର୍ବାଦ ପ୍ରାର୍ଥନା କରିବା ସହିତ ନବାନ୍ନ ଭକ୍ଷଣ କରିଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ତାଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମା' ସମଲେଇଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

ସ୍ୱର୍ଗଟିଏ ନିର୍ମାଣ କରିବା କେଡେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। –ଶ୍ରୀଅରବିନ୍ଦ

-ଷଷ୍ଠୀ ଓଷା,
ସୋମନାଥ ବ୍ରତାରମ୍ଭ



# ନ୍ୟାୟ ପାଇଁ ସଂଗ୍ରାମ



ଜେମ୍ସ ଏ.ଗୋଲ୍ଡଷ୍ଟୋନ୍

ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାରେ ଥିବା ଆଇନ, ନୀତି ଓ ଏହାସହ ଜଡ଼ିତ ସଂସ୍ଥାଗୁଡ଼ିକ ଗମ୍ଭୀର ଅପରାଧରେ ଲିପ୍ତ ଅପରାଧୀମାନଙ୍କୁ ଉତ୍ତରଦାୟୀ କରିବାରେ ନିଆଯାଉଥିବା ପଦକ୍ଷେପ ସବୁକୁ ମାର୍ଗଦର୍ଶନ କରିଆସିଛି। ବିଶ୍ୱ ମୁଖ୍ୟତଃ ଗଣତନ୍ତ୍ର ଓ ମାନବ ଅଧିକାରକୁ ଅଧିକ ସମ୍ମାନ ଦେବା ଲାଗି ଆଗଉଥିବା ଅବଧାରଣାକୁ ଆଧାର କରି ଅନ୍ତର୍ଜାତୀୟ ନ୍ୟାୟିକ ଢାଞ୍ଚା ଗଠନ କରାଯାଇଥିଲା। ଏହା ନିଶ୍ଚିତ ଯେ, ନ୍ୟାୟିକ ଅଗ୍ରଗତି ସରଳ ନ ଥିଲା। ଏଥିରେ ସବୁଦିଗରେ ପ୍ରତିକୂଳ ସ୍ଥିତି ସବୁ ରହିଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀ ଓ ଜାପାନର ଅପରାଧୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ନୁରେମ୍ବର୍ଗ ଓ ଟୋକିଓ ଯୁଦ୍ଧ ଅପରାଧ ନ୍ୟାୟିକ ବିଚାରଠାରୁ ଆରମ୍ଭକରି ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ(ଆଇସିସି) ଗଠନ କରିଥିବା ରୋମ ନିୟମାବଳୀର ସ୍ୱୀକୃତି ପର୍ଯ୍ୟନ୍ତ; ସାଧାରଣ ପ୍ରକ୍ରିୟା ଉତ୍ତରଦାୟିତ୍ୱ ଦିଗରେ ହିଁ ଗତିକରୁଥିଲା। ବିଶ୍ୱରେ କେତେକ ପୁରାତନ ଓ ସବୁଠୁ ଶକ୍ତିଶାଳୀ ଗଣତାନ୍ତ୍ରିକ ଦେଶ ସେମାନଙ୍କର ତ୍ରୁଟି ଓ ଅପରାଧ ଥିବା ସତ୍ତ୍ୱେ ଯୁଗୋସ୍ଲାଭିଆ, ରୁଆଣ୍ଡା ଏବଂ ସିଏରା ଲିଓନ୍‌ରେ ନ୍ୟାୟ ପାଇଁ ନେତୃତ୍ୱ ନେବାର ପ୍ରୟାସରେ ସାହାଯ୍ୟ କରିଥିଲେ। ହେଲେ ଏବେ ଏହି ଧାରା ପୂରା ବିପରୀତ ହୋଇଯାଇଛି। ମାନବ ଅଧିକାରକୁ ଆଡ଼ ଆଖିରେ ଦେଖୁଥିବା ଏକଚ୍ଛତ୍ରବାଦୀ ନେତାମାନେ ଆମେରିକା ସମେତ ଅନେକ ଗଣତାନ୍ତ୍ରିକ ଦେଶରେ କ୍ଷମତାକୁ ଆସିଛନ୍ତି। ଡୋନାଲ୍ଡ ଟ୍ରମ୍ପ୍ ୨୦୧୬ରେ ପ୍ରଥମେ ରାଷ୍ଟ୍ରପତି ହେବା ପରେ ୨୦୨୪ରେ ପୁନର୍ବାର ନିର୍ବାଚିତ ହେବା ପ୍ରକୃତରେ ଚିନ୍ତାଜନକ। ଦ୍ୱିତୀୟ ପାଳିରେ ଟ୍ରମ୍ପ୍‌ଙ୍କ ପ୍ରଶାସନରେ ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାରେ ଆମେରିକାର ନେତୃତ୍ୱ ଜରୁରୀ, କିନ୍ତୁ ଏଥିରେ ଅସଙ୍ଗତି ଦେଖାଯାଇଛି। ଆମେରିକା ତା' ଦାୟିତ୍ୱରୁ ଦୂରେଇଯାଇ ଆଇସିସିର ପ୍ରୋସେକ୍ୟୁଟର, ୨ଜଣ ଡେପୁଟି ପ୍ରୋସେକ୍ୟୁଟର ଏବଂ ୬ ଜଣ ବିଚାରପତିଙ୍କ ଉପରେ କଟକଣା ଲଗାଇଛି।

କୌଣସି ପ୍ରକାର ଉତ୍ତରଦାୟିତ୍ୱକୁ ଭୟ କରୁଥିବା ଏକଚ୍ଛତ୍ରବାଦୀ ଶକ୍ତିର ଚାପରେ ରହିବାରେ ଆମେରିକା କେବଳ ଏକମାତ୍ର ଗଣତନ୍ତ୍ର ନୁହେଁ। ପ୍ରକାଶିତ ଖବରଗୁଡ଼ିକ ଅନୁଯାୟୀ, ଏବେ ଗାଜାରେ ଲାଗି ରହିଥିବା ଯୁଦ୍ଧ ପୂର୍ବରୁ ଇସ୍ରାଏଲର ମୋସାଦ ଇଣ୍ଟେଲିଜେନ୍ସ ଏଜେନ୍ସିର ପୂର୍ବତନ ନିର୍ଦ୍ଦେଶକ ଆଇସିସିର ସେତେବେଳର ପ୍ରୋସେକ୍ୟୁଟର ଫାତୌ ବେନ୍‌ସୌଦାଙ୍କୁ ଧମକ ଦେଇଥିବା ଅଭିଯୋଗ ଆସିଥିଲା। ପାଲେଷ୍ଟାଇନ୍‌ରେ ମାନବତା ବିରୋଧୀ ଅପରାଧ ଓ ଯୁଦ୍ଧ ଅପରାଧ ଅଭିଯୋଗ ଉପରେ ତଦନ୍ତରେ ବାଧା ସୃଷ୍ଟି କରିବାରେ କ୍ଷମତାର ଚାପରେ ଚାଲିଥିବା ଏକ ଦୀର୍ଘବର୍ଷର



ଅଭିଯାନ ଯୋଗୁ ଏଭଳି ଘଟିଥିଲା। ୨୦୧୯ରେ, ଫିଲିପାଇନ୍ସର ସେତେବେଳର ରାଷ୍ଟ୍ରପତି ରୋର୍ଡିଗୋ ଡୁଟର୍ଟେଙ୍କ ଡ୍ରଗ୍ସ ବିରୋଧୀ କାର୍ଯ୍ୟାନୁଷ୍ଠାନ ଉପରେ ଆଇସିସି ତଦନ୍ତ କରିବା ପରେ ଫିଲିପାଇନ୍ସ ଆଇସିସିରୁ ଓହରିଯାଇଥିଲା। ଏହା ସହ ଚଳିତ ବର୍ଷ ପ୍ରାରମ୍ଭରେ, ଆଇସିସିର ଏକ ଗିରଫ ପରଓ୍ୱାନାକୁ କାର୍ଯ୍ୟକାରୀ କରିବା ପାଇଁ ମନା କରିଦେବା ପରେ ହଙ୍ଗେରୀ ମଧ୍ୟ ଆଇସିସିରୁ ଦୂରେଇଯିବା ଲାଗି ଘୋଷଣା କରିଥିଲା।

ଅବଶ୍ୟ ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥା କେବଳ ଗଣତନ୍ତ୍ରଗୁଡ଼ିକ ପାଇଁ ଚିନ୍ତାର କାରଣ ନୁହେଁ। ମିତ୍ରଶକ୍ତିର ନେତାମାନଙ୍କ ମଧ୍ୟରେ ଅନ୍ୟତମ ଜୋଶେଫ ଷ୍ଟାଲିନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଣ୍ଟରନ୍ୟାଶନାଲ ମିଲିଟାରି ଟ୍ରିବ୍ୟୁନାଲ ବା ଅନ୍ତର୍ଜାତୀୟ ସାମରିକ ପ୍ରାଧିକରଣ ଗଠନ କରିବାକୁ ରାଜି ହୋଇଥିଲେ, ଯାହା ନୁରେମ୍ବର୍ଗ ବୈଠକରେ ଉପସ୍ଥାପନ କରାଯାଇଥିଲା। ନୁରେମ୍ବର୍ଗରେ ଆମେରିକାର ମୁଖ୍ୟ ପ୍ରୋସେକ୍ୟୁଟର ଭାବେ କାର୍ଯ୍ୟ କରିଥିବା ତଥା ଆମେରିକା ସୁପ୍ରିମକୋର୍ଟ ବିଚାରପତି ରବର୍ଟ ଜାକ୍‌ସନ ତାଙ୍କ ପ୍ରାରମ୍ଭିକ ବିବୃତିରେ କହିଥିଲେ, ଅଧିକ ଶାନ୍ତି ବଜାୟ ରଖିବା ପାଇଁ ନିଆଯାଉଥିବା ବୃହତ୍ ପଦକ୍ଷେପର ଏକ ଅଂଶ ହେଉଛି ନ୍ୟାୟିକ ବିଚାର। ରୋମ ନିୟମାବଳୀରେ ସ୍ୱାକ୍ଷର କରିଥିବା ସରକାରଗୁଡ଼ିକ ସମାନ ଭାବେ ସ୍ୱୀକାର କରନ୍ତି ଯେ,ଗମ୍ଭୀର ଅପରାଧଗୁଡ଼ିକ ଶାନ୍ତି, ସୁରକ୍ଷା ଓ ବିଶ୍ୱର ମଙ୍ଗଳ ପ୍ରତି ବିପଦ।

ଏପରିକି ବିଶ୍ୱ ଏବେ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଉଥିବା ସମୟରେ ପୃଥିବୀରେ ଗଣହତ୍ୟାର ଶିକାର ହେଉଥିବା ଲୋକଙ୍କ ସହ ଯୁଦ୍ଧ ଅପରାଧ, ମାନବତା ବିରୋଧୀ ଅପରାଧ ଏବଂ ଆକ୍ରମଣ ଆଦି କ୍ଷେତ୍ରରେ ନ୍ୟାୟ ଦେବା ଲାଗି ଚେଷ୍ଟା କରୁଥିବା ସ୍ୱାଧୀନ ବିଚାରପତି ଓ ଆଇନଜୀବୀଙ୍କ ପାଇଁ ପୃଥିବୀ ଏକ ଅସୁରକ୍ଷିତ ତଥା ଅଶାନ୍ତ ସ୍ଥାନ ହୋଇଯାଇଛି। ସେମାନଙ୍କ ଦାୟିତ୍ୱକୁ ସଙ୍କୁଚିତ କରୁଛି। ପାରମ୍ପରିକ ସୀମା ଟପି ଯେତେବେଳେ ଦେଶର ନିର୍ବାଚିତ ମୁଖ୍ୟମାନେ ସେମାନଙ୍କ କ୍ଷମତା ବିସ୍ତାର କରିବାକୁ ଚାହୁଁଛନ୍ତି; ସରକାର ଯେତେବେଳେ ବାର୍ ଆସୋସିଏଶନର ନେତୃତ୍ୱକୁ ତଡ଼ିଦେଉଛନ୍ତି କିମ୍ବା ସେମାନଙ୍କ ବିରୋଧରେ ଆପରାଧିକ ଅଭିଯୋଗ ଆଣୁଛନ୍ତି ଏବଂ କାର୍ଯ୍ୟପାଳିକାରେ ବିଫଳତା ଉପରେ ଏକ ମଜଭୁତ ପାଚେରି ଭାବେ ଠିଆହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଶର ନ୍ୟାୟାଳୟଗୁଡ଼ିକରେ ଚେଷ୍ଟା କରୁଥିବା ବିଚାରପତିମାନଙ୍କୁ ଧମକ ଦିଆଯାଉଛି; ସେତେବେଳେ ଆଇନର ଶାସନ ପ୍ରଭାବିତ ହେଉଛି। ଏହା ସମସ୍ତଙ୍କ ପ୍ରତି କ୍ଷତିକାରକ।

ତେବେ ପ୍ରଶ୍ନ ଉଠୁଛି, ଗମ୍ଭୀର ଅପରାଧରେ ଜଡ଼ିତ ଅପରାଧୀମାନଙ୍କୁ ଦାୟୀ କରାଯିବାର କାର୍ଯ୍ୟ କଠିନ ପରିସ୍ଥିତି ମଧ୍ୟରେ ଜାରି ରହିବ ନା ଲୋପ ପାଇଯିବ। ତେବେ ଅନେକ ଆହ୍ୱାନ ଓ ଅସନ୍ତୋଷ ମଧ୍ୟରେ ବିରୋଧ ଓ ସାହସର ଅନେକ ଅଭିବ୍ୟକ୍ତିରେ ମୁଁ କିଛି ଆଶା ଥିବା ଲକ୍ଷ୍ୟକରୁଛି। ଏହା ସହ ଆଇନ ଉପରେ ରହିଥିବା ବିଶ୍ୱାସ କ୍ଷମତାର ଅହଂକାର ବିରୋଧରେ ପ୍ରତିବାଦ କରିବା ପାଇଁ ଏକ ସାଧନ ଭାବେ ଉଭାହୋଇଥିବା ଜଣାପଡୁଛି। ଏଭଳି ପ୍ରଗତି ସବୁଠି ଦେଖାଯାଇଛି ଓ ଆଇନର ଶାସନକୁ ଅଗକୁ ନେଇଛି। ଫଳରେ ଏକ ଆଇନ–ଶାସନ ସଂସ୍କୃତି ସମ୍ଭବ ହୋଇପାରିଛି। ବର୍ଷେ କି ୨ ବର୍ଷ ତଳେ ସେନେଗାଲ, ଭାରତ, ବ୍ରାଜିଲ ଏବଂ ଅନ୍ୟ ଦେଶଗୁଡ଼ିକରେ ଗଣତାନ୍ତ୍ରିକ ନିର୍ବାଚନଗୁଡ଼ିକରେ ସ୍ୱଚ୍ଛତା ଆଣିଥିବା ବିଚାରପତିମାନଙ୍କୁ ଦେଖନ୍ତୁ। ବହୁ ସମୟରେ ସେମାନେ ବଡ଼ ବିପଦରେ ରହି କାମ କରିଛନ୍ତି। ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ମନ୍ତବ୍ୟ ଓ ସେମାନଙ୍କ ପାଇଁ ପ୍ରତିନିଧିତ୍ୱ କରୁଥିବା ଆଇନ ସଂସ୍ଥାଗୁଡ଼ିକୁ ଦଣ୍ଡିତ କରିବା ସକାଶେ ନିଆଯାଇଥିବା ବେଆଇନ ପଦକ୍ଷେପକୁ ଆମେରିକାର କୋର୍ଟଗୁଡ଼ିକ ରଦ୍ଦ କରିଦେଇଥିବା ଘଟଣା ସମ୍ପର୍କରେ ବି ବିଚାର କରନ୍ତୁ।

ବିଶ୍ୱସ୍ତରରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ ବା ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ(ଆଇସିଜେ) ମ୍ୟାନ୍‌ମାର, ସିରିଆ ଓ ଗାଜାରେ ଘଟୁଥିବା ଗମ୍ଭୀର ଅପରାଧଗୁଡ଼ିକୁ ସାମ୍ନାକୁ ଆଣିବାରେ ସାହସର ସହ ପ୍ରମୁଖ ଭୂମିକା ନେଇଛି। ଗତ ବର୍ଷ ଆଇସିଜେ, ଇଣ୍ଟରନ୍ୟାଶନାଲ ଟ୍ରିବ୍ୟୁନାଲ ଫର୍ ଦି ଲ ଅଫ୍ ଦି ସି ଏବଂ ଇଣ୍ଟର ଆମେରିକାନ କୋର୍ଟ ଅଫ୍ ହ୍ୟୁମାନ ରାଇଟ୍ସର ରାୟ ସ୍ପଷ୍ଟ କରିଛନ୍ତି ଯେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଦେଶଗୁଡ଼ିକର ଏକ ନ୍ୟାୟିକ ଦାୟିତ୍ୱ ରହିଛି। ତେବେ ଅନ୍ତର୍ଜାତୀୟ ସ୍ତରରେ ନ୍ୟାୟ ପାଇଁ ଏବଂ ଗଣତନ୍ତ୍ର ସକାଶେ ଏବେ ଚାଲିଥିବା ସଂଗ୍ରାମ ଯଦିଓ ସମାନ ନୁହେଁ, ତଥାପି ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଛି। ଉଭୟ ଲଢ଼େଇରେ କେବଳ ଆଶା ପ୍ରକାଶ କରିବା ଯଥେଷ୍ଟ ନୁହେଁ। ବରଂ ଗମ୍ଭୀର ଅପରାଧର ଶିକାର ହୋଇଥିବା ଲୋକମାନଙ୍କ ପାଇଁ ଏବଂ ଅପରାଧ ବିରୋଧରେ ସ୍ୱର ଉଠାଇବାକୁ ଯେଉଁମାନେ ଚିନ୍ତା କରୁଛନ୍ତି ସେମାନଙ୍କୁ ନ୍ୟାୟ ଦେବା ଦରକାର। ବ୍ୟାପକ ଭୟର ଏକ ବାତାବରଣରେ ଏକ ଚିଠିରେ ସ୍ୱାକ୍ଷର କରିବା,ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ଯୋଗଦେବା କିମ୍ବା ଏକଚ୍ଛତ୍ରବାଦ କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକ ନ୍ୟାୟିକ ଅଭିଯୋଗ ଦାଖଲ କରିବାର ପ୍ରତ୍ୟେକଟି ନିଷ୍ପତ୍ତି ହେଉଛି ନ୍ୟାୟ ପାଇଁ ଏକ ପଦକ୍ଷେପ।

**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,**
**ଓପନ ସୋସାଇଟି ଜଷ୍ଟିସ୍ ଇନିସିଏଟିଭ**

# ଧ୍ୟାନରତ ମନ



ଆରତି ମହାନ୍ତି

ନୀରବ ସଚେତନ ମନ ହେଉଛି ଧ୍ୟାନର ପ୍ରଥମ ପାହାଚ। ଅର୍ଥାତ୍ ମନରେ ଭାବନା ଚାଲି ନ ଥିବ କିନ୍ତୁ ଶରୀର ନୀରବ ନିଶ୍ଚଳ ରହିଥିବ। ଏହିପରି ଅବସ୍ଥା ରାତିରେ ଶୋଇବା ବେଳେ ଘଟିପାରେ। କିନ୍ତୁ ଦିନ ବେଳା ମଧ୍ୟ ଯଦି ଜଣେ କାମ କରିବା ପରେ କୌଣସି ଗୋଟିଏ ଜାଗାରେ ଚୁପ୍‌ଚାପ୍ ବସି ଖାଲି ଚାରିଆଡ଼କୁ ଲକ୍ଷ୍ୟକରି ଦେଖୁ କିନ୍ତୁ ମନରେ କୌଣସି ଭାବନା ଚାଲୁ ନ ଥାଏ। ସେମିତି ଅବସ୍ଥାକୁ ମଧ୍ୟ ଧ୍ୟାନର ଅବସ୍ଥା କହିହେବ।

ଉପରେ ଆମେ ଧ୍ୟାନ କାହାକୁ କୁହାଯାଏ ସେ କଥା କହିଲୁ। ରାତିରେ ଶୋଇବାକୁ ଯିବା ବେଳେ ଭଲକରି ମୁହଁ ହାତ ଗୋଡ଼ ଧୋଇନବ। ତା'ପରେ ବିଛଣାରେ ଗୋଟିଏ ଆରାମ ଲାଗୁଥିବା ଅବସ୍ଥାରେ ଶୋଇବ। ଆଉ ମନକୁ ଦେଖିବ, ଦିନସାରା ରହିଥିବା ଆଘାତ, ବିରକ୍ତି ଇତ୍ୟାଦି ସବୁ ସେଇ ମନ ଭିତରକୁ ଆସିବାକୁ ଆରମ୍ଭ କରିଦେବ। ସେତେବେଳେ ପୂରାପୂରି ଚେତ୍ ଥାଇ ଯଦି ସେସବୁ ଖାଲି ଦେଖିଯାଅ ତା' ସଙ୍ଗେ କୌଣସି ରକମର ଯୁକ୍ତିତର୍କ ନ କରି କେବଳ ନୀରବ ରହ ତାକୁ ଲକ୍ଷ୍ୟକର ତେବେ ଦେଖିବ ଧୀରେ ଧୀରେ ମନ ଶାନ୍ତ ହୋଇଯାଉଛି। ଏହି ଅବସ୍ଥାରେ ସୁଖ ନିଦ୍ରା ହୁଏ। ଆଉ ସକାଳୁ ଜଣେ ଉଠିବ ତ ପୂରାପୂରି ଶାନ୍ତ ଧୀରସ୍ଥିର ମନ ନେଇ ଉଠିବ। କାରଣ ତା' ମନରେ ସେତେବେଳେ ଗତଦିନର କୌଣସି ଭାବନା ଉଠିବ ନାହିଁ। ଏସବୁ ହେଉଛି ଧ୍ୟାନର ଅଂଶ। ଉପର ଲିଖିତ କଥାଗୁଡ଼ିକ ନିଜକୁ ନିଜେ ନିଜ ଭିତରେ ପରୀକ୍ଷା କରି ଦେଖ, ଆଉ ଜୀବନକୁ ଠିକ୍ ଭାବରେ ଚଲାଅ ଏହା ହେଉଛି ଏକ ବିଶେଷ ଶିକ୍ଷା ଏବଂ ଅସଲ ଧ୍ୟାନ।

ପ୍ରାୟ ସବୁ ମଣିଷ ଏଇ ଧ୍ୟାନ ପ୍ରହେଳିକା ପଛରେ ଧାଇଁଥାନ୍ତି। ସଂସାରରେ ଅନେକ ପ୍ରକାରର ଧ୍ୟାନ କଥା ବର୍ଣ୍ଣନା କରାଯାଇଛି। ଯେପରିକି ଜୈନ ଧ୍ୟାନ, ବୌଦ୍ଧ ଧ୍ୟାନ, ତିବ୍ବତୀୟ ଧ୍ୟାନ ଆଉ ତା'ଛଡ଼ା ଯେତେ ଯିଏ ନିଜକୁ ଗୁରୁ ବୋଲାଉଥିବା ବ୍ୟକ୍ତିଙ୍କଠାରୁ ଶିଖି ନିଜ ନିଜ ବାଟରେ ଧ୍ୟାନ କଥା କହନ୍ତି। ତେବେ ଏସବୁ ଧ୍ୟାନ ମନର ଉତ୍କର୍ଷ ଆଣିପାରେ ନାହିଁ। ମନକୁ ଏଇ ଜଞ୍ଜାଳପୂର୍ଣ୍ଣ ସଂସାରରୁ ଅଳ୍ପ କିଛି ସମୟ ପାଇଁ ନିବୃତ୍ତି ମିଳିବା ପ୍ରକୃତରେ ଧ୍ୟାନ ନୁହେଁ। କାରଣ ମଣିଷ ଭାବନାରୁ କିଛି ସମୟ ପାଇଁ ମୁକୁଳିବାକୁ ଯେଉଁ ପଦକୁ ବାରମ୍ବାର ଉଚ୍ଚାରଣ କରିବା କଥା ସେଥିରେ କୁହାଯାଇଛି ସେଇଟା ଏକାଗ୍ରତା, ଧ୍ୟାନ ନୁହେଁ। କାରଣ ମନକୁ ଭାବନାରୁ ଟାଣି ଆଣିବା ଏକାଗ୍ରତା ଅର୍ଥାତ୍ ମନର ସବୁ ଶକ୍ତିକୁ ଏକାଗ୍ରୀଭୂତ କରି ଜୀବନଠୁ କିଛି ସମୟ ପାଇଁ ନିଜ ଭାବନାରୁ ମୁକ୍ତ ହେବା। କିନ୍ତୁ ଏଠି ଯାହାଙ୍କର ବକ୍ତବ୍ୟକୁ ଆମେ ଉପସ୍ଥାପନା କରିବାକୁ ଯାଉଛୁ, ସେ ହେଉଛନ୍ତି ଜିଡ୍ଡୁ କ୍ରିଷ୍ଣମୂର୍ତ୍ତି। ସେ କହନ୍ତି ଧ୍ୟାନ ସମୁଦାୟ ଜୀବନ ସହିତ ମିଶି ରହିଛି ଖାଲି ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ନୀରବ ରହି ନିଜକୁ ଦେଖିବା ବା ଉପଲବ୍ଧି କରିବା ଆଉ ସେଇ ଭାବନାରୁ ବାହାରି ଆସିବା। ଏଥିପାଇଁ କୌଣସି ନୀତିନିୟମର ଆବଶ୍ୟକତା ନାହିଁ। କେବଳ ତମେ କ'ଣ, ତମ ଭିତରେ କି ଭାବନା ଉଠୁଛି ତମେ ପ୍ରକୃତରେ କ'ଣ ତାକୁ ଯଦି ବିନା ବାଛବିଚାରରେ ବୁଝିଯାଅ ତେବେ ତମ ଭିତରେ ପ୍ରକୃତ ନିର୍ମଳ ପବିତ୍ର ଭାବ ଦେଖାଦେବ। ଦେଖ ଏ ସବୁଠି ତମେ ହେଉଛ ତମର ନିଜ ଗୁରୁ ଓ ଶିଷ୍ୟ ଉଭୟ। ନିଜ ଭିତରକୁ ଖାଲି ଦେଖ, ବୁଝ। ଜୀବନର ସ୍ରୋତକୁ ଉପଲବ୍ଧି କରିପାରିବ।

ମନ ପୂରାପୂରି ନୀରବ ରହିଥିବ ଏମିତିବି ଦିନ ଭିତରେ ଅନେକ ସମୟରେ କାମଦାମ ସାରି ଟିକେ କେଉଁଠି ବସିପଡୁ କି ଟିକେ ବିଛଣାରେ ଗଡ଼ିପଡୁ। ସେତେବେଳେ ବି ଆମ ମନ ସମ୍ପୂର୍ଣ୍ଣ ଚୁପ୍ ରହିଥିବା ଦରକାର। ତେବେ ଆମର ପୂରା ବିଶ୍ରାମ ହୁଏ। ତା' ନ ହେଲେ ମନର କ୍ଲାନ୍ତି ଯାଏ ନାହିଁ। ଏହିପରି ପ୍ରତି ମୁହୂର୍ତ୍ତରେ ନିଜ ମନକୁ ଲକ୍ଷ୍ୟ କରିବା ଦରକାର। ଯେମିତି ସେ ବ୍ୟସ୍ତ ବିବ୍ରତ ହୋଇ ନ ରହେ। ଏପରି ନିଜକୁ ଖାଲି ଲକ୍ଷ୍ୟକରି ଦିନ କଟାଇବା ହେଉଛି ଧ୍ୟାନର ଅଂଶ। ଗୋଟାଏ କି ଦି'ଟା ଦିନରେ ମନକୁ ସେମିତି ଅବସ୍ଥାକୁ ଆଣିବା କଷ୍ଟକର। ସଦାବେଳେ ଯଦି ସଚେତ ରହିଥାଏ ଅର୍ଥାତ୍ ମନ କୁଆଡ଼େ ନେଇଯାଉଛି ତାକୁ ଦେଖିନିଏ ତେବେ ଚଟ୍‌କରି ପୁଣି ନୀରବତାକୁ ଫେରିଆସିବା ଦରକାର। ଏମିତି କରୁକରୁ ଦିନେ ନିଜେ ଦେଖିପାରିବ ତମ ମନରେ ଶୂନ୍ୟତା ଦୀର୍ଘ ସମୟ ଧରି ରହୁଛି। କାମ କଲାବେଳେ ତା' ଉପରେ ମନକୁ ସମ୍ପୂର୍ଣ୍ଣ ଶକ୍ତି ଦେଇ ଦେଖୁଥିବା ଓ ବୁଝୁଥିବା ମନ ଧ୍ୟାନୀ ମନ, ଶାନ୍ତ ମନ। ଏପରି ଏକାନ୍ତ ବିଶାଳ ଏକ ମନ ଭିତରେ ହିଁ ସେଇ ଅପରିମେୟ ବା ଅପରିସୀମ ପ୍ରକାଶ ଲାଭକରେ।

**ଶ୍ରୀରାମ ନଗର, ଭୁବନେଶ୍ୱର**
**ମୋ: ୯୬୯୨୦୯୮୦୫୪**

## ଏଇ ଭାରତରେ

ସ୍ୱର୍ଣ୍ଣଚମ୍ପାର ମୂଲ୍ୟ ବଜାରରେ ଅଧିକ। ଏହାକୁ ଲକ୍ଷ୍ୟ କରି ମହାରାଷ୍ଟ୍ର ସିନ୍ଧୁଦୁର୍ଗର ଉଦୟ ଗୋପୀନାଥ ଭେଲାଙ୍କର ଏହି ଫୁଲ ଚାଷ ଆରମ୍ଭ କରିଥିଲେ। ଏବେ ଜଣେ ସଫଳ ଚାଷୀ ଭାବେ ଏଥିରୁ ସେ ବର୍ଷକୁ ୯ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସାତ ପ୍ରକାର ସ୍ୱର୍ଣ୍ଣଚମ୍ପା ଅଛି, କିନ୍ତୁ ଉଦୟ ଗାଢ଼ ହଳଦିଆ କିସମକୁ ଚାଷ କରୁଛନ୍ତି। ୨୦ ଏକର ନର୍ସରିରେ ୩୦୦୦ ବଡ଼ ଚମ୍ପାଗଛ ଅଛି। ପ୍ରତିଦିନ ଗୋଟିଏ ଗଛରୁ ୧୫୦–୨୦୦ ଫୁଲ ମିଳୁଛି। ବଜାରରେ ୧୦୦ଟି ଫୁଲକୁ ୧୦୦ ଟଙ୍କାରେ ସେ ବିକ୍ରି କରୁଛନ୍ତି। ଶ୍ରବଣ ମାସରେ କିମ୍ବା ବିଭିନ୍ନ ପର୍ବପର୍ବାଣିରେ ଏହା ୭୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ପ୍ରତିବର୍ଷ ଏହିସବୁ ଗଛରୁ ସେ ୧୦,୦୦୦ କଲମୀ ଉତାରୁଛନ୍ତି ଏବଂ ତାହାକୁ ମହାରାଷ୍ଟ୍ର ସମେତ ମଧ୍ୟପ୍ରଦେଶ, କେରଳ, କର୍ନାଟକ ଓ ତାମିଲନାଡୁରେ ବିକ୍ରି କରାଯାଉଛି। କେବଳ ଏତିକି ନୁହେଁ, ସେ କଲମୀ ପଦ୍ଧତିରେ ଏକ ନୂଆ କିସମର ଫୁଲ ବିକାଶ କରିଛନ୍ତି, ଯାହାର ନାମ ଦେଇଛନ୍ତି 'ଭେଲାଙ୍କର ଚମ୍ପା'। ଏହା ବର୍ଷର ସବୁ ସମୟରେ ଫୁଟୁଛି।

## ଚିରନ୍ତନୀ

ମୋ ମରମ କିପାଁ ସଚକିତ ଯେ
ଫଗୁଣ–ଜୋଛନା ତଳେ ମିତ ହେ !
ଯୌବନ ଛଳ ଛଳ ଧରଣୀ
ନୀଳ ଜଳେ ଭାସିଯାଏ ତରଣୀ
ଉନ୍ମନା ଆଜି ମୋର କରଣୀ
ନ ମାନଇ ଭାଷା ବନ୍ଧର ଗୀତ ସେ ! –(ଫଗୁଣ ଜ୍ୟୋସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 2 | 3 | | 4 | | | | |
| | | 6 | 8 | | | 9 | | |
| | | | | 2 | | 6 | | 3 |
| | 7 | | 1 | 6 | | | | |
| | 4 | 9 | | | | | 5 | |
| 2 | | | | | | | | |
| | | | 6 | 5 | | | 2 | |
| | 9 | | | | | | 7 | 1 |
| | 8 | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 2 | 3 | 5 | 9 | 4 | 7 | 6 |
| 5 | 7 | 9 | 6 | 8 | 4 | 3 | 1 | 2 |
| 6 | 3 | 4 | 1 | 7 | 2 | 5 | 8 | 9 |
| 4 | 5 | 6 | 2 | 1 | 8 | 7 | 9 | 3 |
| 7 | 9 | 1 | 4 | 3 | 6 | 2 | 5 | 8 |
| 8 | 2 | 3 | 7 | 9 | 5 | 6 | 4 | 1 |
| 3 | 1 | 8 | 5 | 2 | 7 | 9 | 6 | 4 |
| 2 | 6 | 5 | 9 | 4 | 1 | 8 | 3 | 7 |
| 9 | 4 | 7 | 8 | 6 | 3 | 1 | 2 | 5 |

ଗତକାଲିର ଉତ୍ତର

# ଭାରତୀୟ ଦର୍ଶନରେ କର୍ମବାଦ



ଡ.ଚନ୍ଦ୍ରକଳା ନାୟକ

ଭାରତୀୟ ସଂସ୍କୃତିରେ ଦର୍ଶନକୁ ତତ୍ତ୍ୱଜ୍ଞାନ ବା ଆଧ୍ୟାତ୍ମିକ ବିଦ୍ୟା ବୋଲି ଅଭିହିତ କରାଯାଏ। ଦର୍ଶନର ଆକ୍ଷରିକ ଅର୍ଥ ହେଉଛି 'ପ୍ରଜ୍ଞାନୁରାଗ'। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ମତରେ ଦର୍ଶନ ହେଉଛି ବାସ୍ତବତାର ସମ୍ପର୍କରେ ଏକ ଯୁକ୍ତିଯୁକ୍ତ ସମସ୍ୟା। ଭାରତୀୟ ଦର୍ଶନରେ ମାନସିକ, ସାମାଜିକ, ଆଧ୍ୟାତ୍ମିକ ତଥା ନୈତିକ ଶକ୍ତିର ବିକାଶ ଘଟିଥାଏ। ମନୁଷ୍ୟ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଦର୍ଶନ ଏକ ଜୀବନବ୍ୟାପୀ ପ୍ରକ୍ରିୟା। ଭାରତୀୟ ଦର୍ଶନ କର୍ମବାଦରେ ଗଭୀରଭାବେ ବିଶ୍ୱାସ ରଖେ। ଯେଉଁଭଳି କର୍ମ ତଦନୁଯାୟୀ ନିଶ୍ଚିତ ଫଳ ହେଉଛି କର୍ମବାଦର ମୂଳଖାତା। କୃତକର୍ମର ଫଳ ନଷ୍ଟ ହୁଏ ନାହିଁ ଓ ଅକୃତକର୍ମର ଫଳ ଲାଭ ହୁଏନାହିଁ। ଭାରତୀୟ ଦର୍ଶନରେ କେବଳ କର୍ମବାଦ ସୀମିତ ନୁହେଁ। ଏହା ସମଗ୍ର ଜାତୀୟ ଜୀବନକୁ ପ୍ରଭାବିତ କରିଛି। ସାଧାରଣରୁ ଅତିସାଧାରଣ ଲୋକଟିଏ ଏଥିରେ ଗଭୀର ବିଶ୍ୱାସ ରଖେ। ଏହି ବିଶ୍ୱାସ ଅନୁଯାୟୀ ନିଜ ଜୀବନକୁ ପରିଚାଳିତ କରିବାରେ ପ୍ରୟାସକରେ। ଭାରତୀୟ ପ୍ରାୟ ସମସ୍ତ ଦାର୍ଶନିକ ସମ୍ପ୍ରଦାୟ କର୍ମବାଦକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବିଶ୍ୱାସ କରନ୍ତି। ବୌଦ୍ଧଧର୍ମଠାରୁ ଆରମ୍ଭ କରି ବେଦାନ୍ତ ପର୍ଯ୍ୟନ୍ତ ସମସ୍ତେ କର୍ମବାଦ ଉପରେ ବିଶ୍ୱାସ ରଖିଥାନ୍ତି।

କର୍ମ ତିନି ପ୍ରକାରର। ସଞ୍ଚିତ କର୍ମ, ପ୍ରାରବ୍ଧ କର୍ମ ଓ କ୍ରିୟମାଣ କର୍ମ। ଯେଉଁ କର୍ମ ପୂର୍ବଜନ୍ମରେ, ଯାହାର ଫଳଭୋଗ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ, ତାହା ସଞ୍ଚିତ କର୍ମ। ଯେଉଁ କର୍ମର ଫଳଭୋଗ ଆରମ୍ଭ ହୋଇଛି, ତାହାକୁ ପ୍ରାରବ୍ଧ କର୍ମ କୁହାଯାଏ। ପ୍ରାରବ୍ଧ କର୍ମର ଫଳଭୋଗ ପାଇଁ ଆମେ ଶରୀର ଧାରଣ କରିଛୁ। ଏହି ଜୀବନରେ ବର୍ତ୍ତମାନ ଆମେ ଯେଉଁ କର୍ମକରିଛୁ, ତାହାକୁ କ୍ରିୟମାଣ କର୍ମ କୁହାଯାଏ। ଭାରତୀୟ ଦର୍ଶନ କର୍ମବାଦର ଉଭୟତାତ୍ତ୍ୱିକ ଓ ବ୍ୟବହାରିକ ଦିଗ ପ୍ରତି ଗୁରୁତ୍ୱ ଦିଏ। ପାଶ୍ଚାତ୍ୟ ଦର୍ଶନ ସତ୍ୟକୁ ଜାଣିବାକୁ ଚେଷ୍ଟାକରେ, କିନ୍ତୁ ଭାରତୀୟ ଦର୍ଶନ ସତ୍ୟକୁ ଜାଣିବା ସହ ଜୀବନର ସତ୍ୟକୁ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖେ। ଏହା କେବଳ ତତ୍ତ୍ୱଚର୍ଯ୍ୟା ନୁହେଁ, ଜୀବନଚର୍ଯ୍ୟା ମଧ୍ୟ। ଭାରତୀୟ ଆଦର୍ଶ ଭାରତୀୟଙ୍କ ଜୀବନ ଧର୍ମ ପାଲଟି ଯାଏ। ଭାରତରେ ନୀତିଶାସ୍ତ୍ର ଓ ଧର୍ମ ଦର୍ଶନଠାରୁ ପୃଥକ ଭାବେ କିମ୍ବା ସ୍ୱାଧୀନ ଭାବେ କୌଣସି ବିଷୟ ଆଲୋଚିତ ହୋଇ ନାହିଁ। ଭାରତୀୟ ଦର୍ଶନରେ ଧର୍ମ ଓ ନୈତିକତାର ଏକତ୍ର ବିକାଶ ଘଟିଛି। ସେଥି ପାଇଁ କୁହାଯାଏ – ଭୋଗ ବା ଇନ୍ଦ୍ରିୟ ଲାଳସା ପରିତୃପ୍ତିକୁ ଆଦର୍ଶକଲେ, ଜୀବନର କଲ୍ୟାଣ ଅସମ୍ଭବ ଏବଂ ସମାଜରେ ଅରାଜକତା ଅବଶ୍ୟମ୍ଭାବୀ। ଭାରତୀୟ ଦାର୍ଶନିକମାନେ ନୈତିକ ଆଦର୍ଶ ସହିତ ଆଧ୍ୟାତ୍ମିକତାକୁ ଏକତ୍ର ଯୁକ୍ତ କରିଥିବାରୁ ନୈତିକ ପରମାଦର୍ଶ ସମ୍ବନ୍ଧରେ ସେମାନଙ୍କ ଭିତରେ ବିଶେଷ ମତବାଦ ଦେଖାଯାଏ ନାହିଁ। ବ୍ୟକ୍ତିର ଜୀବନକୁ ସୁସ୍ଥ, ସୁଶୃଙ୍ଖଳା କରିବା ଓ ସାମାଜିକ କଲ୍ୟାଣ ପ୍ରତିଷ୍ଠା କରିବା ସବୁ ଭାରତୀୟ ଦାର୍ଶନିକଙ୍କ ପ୍ରାଥମିକତା।

ଶ୍ରୀମଦ୍ ଭଗବଦ୍ ଗୀତା, ମହାଭାରତ ଯୁଦ୍ଧ ପରିପ୍ରେକ୍ଷୀରେ ଶ୍ରୀକୃଷ୍ଣ ଧନୁର୍ଦ୍ଧର ଅର୍ଜୁନଙ୍କୁ ଦେଇଥିବା ଉପଦେଶ ଏକାଧାରରେ ଏକ ଜୀବନ



ଶାସ୍ତ୍ର, ଧର୍ମଶାସ୍ତ୍ର ତଥା ନୀତିଶାସ୍ତ୍ର। ଗୀତାରେ ୧୮ଟି ଅଧ୍ୟାୟ ମଧ୍ୟରୁ ଦ୍ୱିତୀୟ ଅଧ୍ୟାୟ 'ସାଂଖ୍ୟଯୋଗ'ରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କର୍ମସମ୍ପାଦନା ସମ୍ପର୍କରେ ଯେଉଁ ଉପଦେଶ ଦେଇଛନ୍ତି ତାହା ହେଉଛି – କର୍ମଯୋଗ। ମହାଭାରତର ମହାସମରର ପ୍ରଥମ ଦିନରେ ପାଣ୍ଡବ ସେନାର ସେନାପତି ଅର୍ଜୁନ ସମ୍ମୁଖରେ ସ୍ୱଜନମାନଙ୍କୁ ଦେଖି କିଂକର୍ତ୍ତବ୍ୟବିମୂଢ଼ ହୋଇଥିଲେ। ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ତାଙ୍କୁ କର୍ମର ଜଟିଳ ତତ୍ତ୍ୱକୁ ବ୍ୟାଖ୍ୟା କରି ଶ୍ରୀକୃଷ୍ଣ କହିଛନ୍ତି, ଜୀବନ କର୍ମମୟ ଏବଂ ଜୀବନରେ ଏପରି ମୁହୂର୍ତ୍ତ ନାହିଁ, ଯେଉଁଠି କର୍ମ ନାହିଁ। କର୍ମ ହିଁ ଜୀବନ। କେବଳ ମୃତ୍ୟୁରେ ହିଁ କର୍ମରୁ ମୁକ୍ତି। ନିଜର ଧର୍ମାନୁସାରେ କର୍ତ୍ତବ୍ୟ କରିଚାଲିବା ମାନବ ଜୀବନର ଏକମାତ୍ର ଉଦ୍ଦେଶ୍ୟ। ଯୁଦ୍ଧରେ ପ୍ରିୟଜନଙ୍କ ମୃତ୍ୟୁ ଆଶଙ୍କା ଅର୍ଜୁନଙ୍କୁ ବିଚଳିତ କରୁଥିଲା। ଅର୍ଜୁନଙ୍କୁ ଏହି ମାନସିକ ଅବସ୍ଥାରୁ ଉଦ୍ଧାର କରିବା ପାଇଁ ଶ୍ରୀକୃଷ୍ଣ ପ୍ରଥମେ ତାଙ୍କୁ ଆତ୍ମ ତତ୍ତ୍ୱ ଓ ସ୍ୱଧର୍ମ ପାଳନର ଉପଦେଶ ଦେଇଥିଲେ। କିନ୍ତୁ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ କଥା ପରିବର୍ତ୍ତନ କରି ପାରି ନ ଥିଲା। ଅର୍ଜୁନଙ୍କ ଏହି ମାନସିକ ଅବସ୍ଥାର କାରଣ ଥିଲା ତାଙ୍କର ଆତ୍ମାଭିମାନ। ସେ ନିଜକୁ କର୍ତ୍ତା ମଣୁଥିଲେ। ଯୁଦ୍ଧରେ ଯେତେ ରକ୍ତପାତ ଓ ପ୍ରାଣହାନି ଘଟିବ, ତାହା ତାଙ୍କୁ ପାପ ଫଳ ଭୋଗ କରିବାକୁ ଦେବ ବୋଲି ସେ ଚିନ୍ତା କରୁଥିଲେ। ଅପର ପକ୍ଷରେ ଯୁଦ୍ଧକ୍ଷେତ୍ର ତ୍ୟାଗକରି ଯିବା ଯୋଦ୍ଧା କ୍ଷେତ୍ରରେ ଅତ୍ୟନ୍ତ ଅଶୋଭନୀୟ ହେବ, ଏକଥା ବି ଭାବୁଥିଲେ। ଏହି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ ଶ୍ରୀକୃଷ୍ଣ ତାଙ୍କୁ କାମନା ବାସନା ତ୍ୟାଗକରି, କର୍ତ୍ତୃତ୍ୱର ଅଭିମାନ ପରିହାର କରି, କିଭଳି କର୍ମ କରାଯାଇ ପାରିବ, ତାହା ବୁଝାଇ ଦେଲେ। ଫଳରେ ଆଶା ନ ରଖି ସମ୍ପୂର୍ଣ୍ଣ ନିରାସକ୍ତଭାବେ କାର୍ଯ୍ୟ କରିବା ହିଁ ପ୍ରକୃତ କର୍ମଯୋଗ। ଶ୍ରୀକୃଷ୍ଣଙ୍କ ଏହି ବାଣୀ ଅର୍ଜୁନଙ୍କ ପାଇଁ କେବଳ ନ ଥିଲା, ବରଂ ପଥ ହୁଡୁଥିବା ଦିଗହରା ମଣିଷ ପାଇଁ ଏହା ମାର୍ଗ ଦର୍ଶନ ଥିଲା।

ଭାରତୀୟ ଦର୍ଶନରେ ଯେଉଁ ଦୁଇ ପ୍ରକାର କର୍ମ କଥା କୁହାଯାଇଛି, ତାହା ସକାମ ଓ ନିଷ୍କାମ କର୍ମ। ଯେଉଁକର୍ମ ଫଳପ୍ରାପ୍ତିର ଆକାଂକ୍ଷା ରଖେ ତାହା ସକାମ କର୍ମ। କିନ୍ତୁ କର୍ମଟି କରିବା ପରେ ଯଦି କର୍ତ୍ତା ତା'ର ଈପ୍ସିତ ଫଳ ନ ଥାଏ, ତେବେ ଯନ୍ତ୍ରଣା ଭୋଗକରେ । ଅପର ପକ୍ଷରେ ନିଷ୍କାମ କର୍ମରେ କୌଣସି ଫଳ ଭୋଗର ଇଚ୍ଛା ଜଡ଼ିତ ନ ଥାଏ। ନିଷ୍କାମ କର୍ମ ନୈତିକ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ। ଭାରତୀୟ ଦର୍ଶନରେ ନିଷ୍କାମ କର୍ମର ତିନୋଟି ଲକ୍ଷଣ ଅଛି। ପ୍ରଥମତଃ ଆକାଂକ୍ଷା ବର୍ଜନ କରିବା ଆବଶ୍ୟକ। ଦ୍ୱିତୀୟରେ କର୍ତ୍ତୃତ୍ୱାଭିମାନ ତ୍ୟାଗ କରିବା। ଶେଷରେ ନିଜର ସମସ୍ତ କର୍ମଫଳ ଈଶ୍ୱରଙ୍କୁ ସମର୍ପଣ କରିଦେବା ଉଚିତ। ଭଗବଦ୍‌ଗୀତା ଭାରତୀୟ ଦର୍ଶନର ମୂଳମନ୍ତ୍ର। ପ୍ରଭୁ ଶ୍ରୀକୃଷ୍ଣଙ୍କ ଅମୃତବାଣୀ କେବଳ ଅର୍ଜୁନ କାହିଁକି ସମ୍ପୂର୍ଣ୍ଣ ମାନବ ସମାଜକୁ ଚିରକାଳ ବୁଦ୍ଧିଦୀପ୍ତ କରିଅଛି। କର୍ମରେ ମଣିଷର ଅଧିକାର ଅଛି। କଦାପି କର୍ମଫଳରେ ନାହିଁ।

ଭାରତୀୟ ଦର୍ଶନ କେତୋଟି ସ୍ୱତନ୍ତ୍ର ଗୁଣର ଅଧିକାରୀ ହୋଇଥିବାରୁ ଏହା ବିଶ୍ୱର ଅନ୍ୟ ଦାର୍ଶନିକ ଧାରାମାନଙ୍କଠାରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଭାରତୀୟ ଦର୍ଶନ କର୍ମବାଦ ଓ ଉଦାରତାକୁ ବ୍ୟାପକ କରି ସାରା ବିଶ୍ୱରେ ନିଜର ସ୍ଥିତି ସୁଦୃଢ଼ କରି ବିଶ୍ୱବାସୀଙ୍କୁ କର୍ମବାଦର ପ୍ରେରଣା ଯୋଗାଇଛି।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ**
**ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋ: ୯୪୩୭୯୫୭୬୧୭**

## ପାଠକ ଶ୍ରେଷ୍ଠ ବିଚାରକ

### କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଆଶା ଓ ଆଶଙ୍କା

ମହାଶୟ,

ବର୍ତ୍ତମାନ ବିଶ୍ୱ ଯେଉଁଠି ବିଜ୍ଞାନ ଓ ପ୍ରଯୁକ୍ତିରେ ଦ୍ରୁତଗତିରେ ପରିବର୍ତ୍ତନ ହେଉଛି, ସେଠି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ସବୁଠୁ ଅଧିକ ଆଲୋଚିତ ବିଷୟ। ଏହା ଏମିତି ଏକ ଉପକରଣ ଯାହା ମେଶିନ, ରୋବୋ ବା କମ୍ପ୍ୟୁଟରକୁ ମାନବ ପରି ଚିନ୍ତା, ଶିକ୍ଷା ଓ ନିଷ୍ପତ୍ତି ନେବା ଶକ୍ତି ଦେଇଥାଏ। ଏଆଇର ସକାରାତ୍ମକ ପ୍ରଭାବ ସ୍ୱାସ୍ଥ୍ୟ କ୍ଷେତ୍ରରେ ରହିଛି। ଏହା ସାହାଯ୍ୟରେ ରୋଗ ଚିହ୍ନଟ, ଡିଜିଟାଲ ଚିକିତ୍ସା ଓ ରୋବୋଟିକ ସର୍ଜେରି ସମ୍ଭବ ହୋଇଛି। ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟକ୍ତିଗତ ଶିକ୍ଷା, ଡିଜିଟାଲ ଟ୍ୟୁଟର୍ ବା ଏଆଇ ଚାଳିତ ଅନ୍‌ଲାଇନ କ୍ଲାସ ଉପଲବ୍ଧ। ବ୍ୟବସାୟ ଓ କୃଷିରେ ଏଆଇ ଡେଟା ଆନାଲିସିସ, ଅଟୋମେଶନ ଓ ଟ୍ରେଣ୍ଡ ପ୍ରଦାନ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଆଗାମୀ ଦିନରେ ଏଆଇ ଦ୍ୱାରା ଚାଳିତ ଗାଡ଼ି, ଡ୍ରୋନ ସେବା, ସ୍ମାର୍ଟ ଘର ଏବଂ ଦୂରସ୍ଥ ଅଞ୍ଚଳରେ ଡାକ୍ତରୀ ଓ ଶିକ୍ଷା ପ୍ରବେଶ ନିଶ୍ଚିତ ହେବ। ଏହା ମାନବ ଜୀବନର ଗୁଣମାନ ବଢ଼ାଇବ। ଏଆଇ ନୂଆ ଅବସର ଆଣିଛି ସତ, କିନ୍ତୁ ଚାକିରି ହରାଇବା, ଗୋପନୀୟତା ଭଙ୍ଗ ଓ ଅନୈତିକ ବ୍ୟବହାର ଭଳି ଚିନ୍ତା ବି ଉଠିଛି। ଅତ୍ୟଧିକ ନିର୍ଭରତା ମାନବ ଦକ୍ଷତାକୁ କ୍ଷୀଣ କରିପାରେ। ଏକ ଦୁଇ ଧାର ତଲୱାର ଭଳି। ଯଦି ଏହାକୁ ନୈତିକତା ଓ ଦାୟିତ୍ୱର ସହିତ ବ୍ୟବହାର କରାଯାଏ, ତେବେ ଏହା ମାନବ ସମାଜ ପାଇଁ ଆଶୀର୍ବାଦ ହେବ। ତେଣୁ ଏହା ପାଇଁ ଅନୁଶାସନ, ଶିକ୍ଷା ଓ ସଚେତନତା ଆବଶ୍ୟକ।

**–ସ୍ୱଦେଶ ରଞ୍ଜନ ମହାକୁଲ, ଗୋପୀନାଥପୁର, ବୌଦ୍ଧ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିରୂପା, ଗେଙ୍ଗୁଟି ନଦୀରେ ତୃତୀୟ ବନ୍ୟା


ବିରୂପା ନଦୀରେ ଆସିଥିବା ବନ୍ୟା ପାଣି ଏକ ଗ୍ରାମରେ ପଶିଛି।

**ଚଣ୍ଡିଖୋଲ,୨୮।୮(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ନିର୍ବାଚନୀମଣ୍ଡଳୀ ଦେଇ ପ୍ରବାହିତ ବିରୂପା ଓ ଗେଙ୍ଗୁଟି ନଦୀରେ ୩ୟ ବନ୍ୟା ଜଳ ପ୍ରବେଶ କରିଛି। ଏହି ଦୁଇ ନଦୀରେ ବନ୍ୟା ଆସିବା ଦ୍ୱାରା ମଝିପଡ଼ା, ଗୋପାଳପୁର, ଚାରିନଙ୍ଗଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଣି ପଶିଛି। ସେହିପରି ପତରାଜପୁର ପଞ୍ଚାୟତର ଆମ୍ବସୌରୀ ଓ ବାଲିପଡ଼ିଆ ପଞ୍ଚାୟତର ଦେକୁରି ଗ୍ରାମର କିଛି ଅଂଶ ଜଳମଗ୍ନ ହୋଇଛି। ସମସ୍ତ ଚାଷ ଜମି ପାଣିରେ ବୁଡ଼ିଯାଇଥିବାବେଳେ କେତେକ ଗ୍ରାମ୍ୟ ରାସ୍ତା ଉପରେ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ଖଡ଼ଗପୁର ହାଟ ପାଣିରେ ବୁଡ଼ିଯାଇଛି। ସେହିପରି ଗୋପାଳପୁର ପଞ୍ଚାୟତର ମୁସଲମାନ ସାହି ଓ ଦଳେଇ ସାହି ରାସ୍ତା ଉପରେ ୪ ଫୁଟର ପାଣି ଚାଲିଛି। ଚାରିନଙ୍ଗଳ ପଞ୍ଚାୟତର ଗ୍ରାମ୍ୟ ରାସ୍ତାଗୁଡ଼ିକ ବୁଡ଼ିଯାଇଛି। ମଝିପଡ଼ା ପଞ୍ଚାୟତର ଚଣ୍ଡିଆଠାରେ ରାସ୍ତା ବୁଡ଼ିଯାଇଛି। ବାରମ୍ବାର ବନ୍ୟା ଆସିବା ଦ୍ୱାରା ଚାଷୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ତୁରନ୍ତ ପ୍ରଶାସନ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

# ଜାରକା ଗଣେଶ ପୂଜା କମିଟି ପକ୍ଷରୁ ବାଦୀପାଲା

**ଧର୍ମଶାଳା,୨୮।୮(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅଧୀନ ଜାରକା ଗଣେଶ ପୂଜା କମିଟି ପକ୍ଷରୁ ଗଜାନନଙ୍କ ୪୪ତମ ପୂଜା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହେଉଛି। ଏହି ଅବସରରେ ଜାରକା ବଡ଼ବଜାରସ୍ଥିତ ପୂଜା ମଣ୍ଡପରେ ବୁଧବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟାରେ ଲକ୍ଷ୍ମୀପ୍ରିୟା ସାହୁ ଓ ତାଙ୍କ ସାଥିମାନେ ଏବଂ ସୁଶ୍ରୀ ଚିନ୍ମୟୀ ଶତପଥୀ ଓ ତାଙ୍କ ସାଥୀମାନେ ପାଲା ପରିବେଷଣ କରିଛନ୍ତି ବୋଲି ପୂଜା କମିଟି ସଭାପତି ରମେଶ କୁଣ୍ଡୁ, ସମ୍ପାଦକ ବିରଜା ଶତପଥୀ ଓ କୋଷାଧ୍ୟକ୍ଷ ଗୌରାଙ୍ଗ ଦାସ ସୂଚନା ଦେଇଛନ୍ତି। ଜନସମାବେଶକୁ ଦୃଷ୍ଟିରେ ରଖି ଧର୍ମଶାଳା ପୋଲିସ ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।


ବାଦୀପାଲା ପରିବେଷଣ କରାଯାଉଛି।

# ବନ୍ୟାବିପନ୍ନଙ୍କୁ ଓଷ୍ଟା ପକ୍ଷରୁ ରିଲିଫ୍ ବଣ୍ଟନ

**କଟକ,୨୮।୮(କାର୍ତ୍ତିକ ସାହୁ)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଯାଜପୁର ଜିଲାର ବନ୍ୟା ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ପ୍ରେସ ଇସ୍ତାହାରରେ ଏ ନେଇ ଜଣାଇଛନ୍ତି।

ପ୍ରକାଶ ଯେ, ବନ୍ୟାର ବିଭିଷିକା ଓଡ଼ିଶାର ପ୍ରାୟ ୪ଟି ଜିଲାକୁ ଅସ୍ତବ୍ୟସ୍ତ କରିଛି। ଯାଜପୁର ଜିଲାର ବୈତରଣୀ ନଦୀର ଶାଖା କାଣୀନଈ ଦ୍ୱାରା ଦଶରଥପୁର ବ୍ଲକ୍‌ର ଅହିଆସ ଓ କସ୍‌ପା ସଂଗମ ସ୍ଥଳଠାରେ ଘାଇ ସୃଷ୍ଟି ହୋଇ ଅନେକ ଲୋକଙ୍କ ଘରଦ୍ୱାର ପାଣିଘେରରେ ରହିଥିଲା। ଅନେକ ଘର ମଧ୍ୟ ଭୁଶୁଡ଼ିବା ସହିତ ଲୋକମାନଙ୍କ ଧନ ଜୀବନ ନଷ୍ଟ ହୋଇଥିଲା। ଏବେ ମଧ୍ୟ ଲୋକମାନେ ଛାତ ଉପରେ ଏବଂ ରାସ୍ତାରେ ଖୋଲା ଆକାଶ ତଳେ ରହିଛନ୍ତି। ଓଷ୍ଟା ପକ୍ଷରୁ ବନ୍ୟାବିପନ୍ନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ୍ ଆଦି ଶୁଖିଲା ଖାଦ୍ୟ ସହିତ ମହମବତୀ, ଦିଆସିଲି ଏବଂ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ଓଷ୍ଟା ଟେଷ୍ଟପେପର୍ ଆଦି ରିଲିଫ୍ ବଣ୍ଟନ କରାଯାଇଛି। ରାସ୍ତା ଉପରେ ଗୃହପାଳିତ ପଶୁ ଗାଈ, ଛେଳି, ମେଣ୍ଢା ଆଦିଙ୍କୁ ନେଇ ଜରି ପାଲ ତଳେ ଆଶ୍ରୟ ନେଇଛନ୍ତି। ଅନେକ ଲୋକଙ୍କ ଘର ମଧ୍ୟ ଭାଙ୍ଗିଯାଇଛି। ହଜାର ହଜାର ବର୍ଗ ମାଇଲ୍ ଚାଷଜମି ଉପରେ ପାଣି ମାଡ଼ି ଯାଇଛି। ଧାନ ଚାଷ ସହିତ ପନିପରିବା ଆଦି ପାଣିରେ ବୁଡ଼ି ପଚିସଢ଼ି ଯାଇଛି। ଏହି ଅଞ୍ଚଳରେ ବନ୍ୟାଜଳ ମାଡ଼ିଯିବା ଫଳରେ ଲୋକମାନଙ୍କ ଅର୍ଥନୈତିକ ମାନଦଣ୍ଡକୁ ପଛକୁ ଠେଲି ଦେଇଛି। ପ୍ରଭାବିତ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟପୁସ୍ତକ ଓ ପାଠ୍ୟ ଉପକରଣ ଯୋଗାଇ ଦେବାକୁ ଓଷ୍ଟା ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।

ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶଙ୍କ ସମେତ ଜିଲା ସଭାପତି ସୁନନ୍ଦ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ, ଜିଲା ସମ୍ପାଦକ ପବିତ୍ର କୁମାର ପଣ୍ଡା, ରାଜ୍ୟ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ରମେଶ ଚନ୍ଦ୍ର ବେହେରା ଓ ବ୍ଲକ୍ ସଂପାଦକ ଭରତ ନାୟକ ଓ ଶ୍ରୀକାନ୍ତ ସାହୁ, ମମତା ମିଶ୍ର, ପ୍ରାକ୍ତନ ନେତୃତ୍ୱ ଦିଗମ୍ବର ସାହୁ ଓ ଧନଞ୍ଜୟ କେଶରୀ ରାଉତରାୟ ପ୍ରମୁଖ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ।

# ଛାତ୍ରୀଙ୍କୁ ପ୍ରମୋଦ କର ଗଣିତ ସମ୍ମାନ


ଛାତ୍ରୀଙ୍କୁ ଗଣିତ ସମ୍ମାନରେ ସମ୍ମାନିତ କରାଯାଉଛି।

**ଦଶରଥପୁର,୨୮।୮ (ସୁଶାନ୍ତ କୁମାର ବେହୁରିଆ):** ବିଞ୍ଝାରପୁର ଉତ୍ତଙ୍ଗରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପଞ୍ଚମ ପ୍ରମୋଦ କର ଗଣିତ ସମ୍ମାନ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ୨୦୨୫ ଦଶମ ଶ୍ରେଣୀ ପରୀକ୍ଷାରେ ଗଣିତରେ ଶତକଡ଼ା ୯୭ ପ୍ରତିଶତ ମାର୍କ ରଖିଥିବା ମିହିର ପଣ୍ଡାଙ୍କ ଝିଅ ନିହାରିକାଙ୍କୁ ଏହି ସମ୍ମାନ ମିଳିଛି। ଛାତ୍ରୀଙ୍କୁ ସାମାଜିକ କର୍ମୀ ପୃଥିବୀରାଜ କର ମାନପତ୍ର, ପୁଷ୍ପଗୁଚ୍ଛ, ଉପଢ଼ୌକନ ସହ ୩ ହଜାର ଟଙ୍କା ପ୍ରଦାନ କରି ସମ୍ମାନିତ କରିଛନ୍ତି। ପୂର୍ବତନ ପ୍ରଧାନଶିକ୍ଷକ ପ୍ରମୋଦ କରଙ୍କ ଗଣିତରେ ଅଗାଧ ପାଣ୍ଡିତ୍ୟ ଥିବାରୁ ସେ ଦଶମ ପରୀକ୍ଷାରେ ଗଣିତରେ ସର୍ବାଧିକ ମାର୍କ ରଖୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରତି ବର୍ଷ ସମ୍ମାନିତ କରୁଥିଲେ। ତାଙ୍କ ପୁତ୍ର ପୃଥିବୀରାଜ ଓ ବିଘ୍ନରାଜ ବାପାଙ୍କ ଏହି ଇଚ୍ଛାକୁ ପ୍ରତିବର୍ଷ ପାଳନ କରି ଆସୁଛନ୍ତି।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 25-SBP-TRD-OT-2025-26, ତା.21.08.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ ମହାସମୁନ୍ଦ (ପ୍ଲାଟଫର୍ମ-1) ଓ ବାଗବାହରା (ପ୍ଲାଟଫର୍ମ-1) ଠାରେ ଉଚ୍ଚ ସ୍ତରୀୟ ପ୍ଲାଟଫର୍ମର ବୃଦ୍ଧିକରଣ କାର୍ଯ୍ୟ ଏବଂ ମହାସମୁନ୍ଦ (ପ୍ଲାଟଫର୍ମ-2), ବାଗବାହରା (ପ୍ଲାଟଫର୍ମ-2), ଖରିଆର ରୋଡ଼ (ପ୍ଲାଟଫର୍ମ-2/3), ନୂଆପଡ଼ା ରୋଡ଼, ଲଖନା, ହରିଶଙ୍କର ରୋଡ଼, ତୁରେକେଲା ରୋଡ଼ ଏବଂ କଣ୍ଟାବାଞ୍ଜି ଠାରେ ପୃଷ୍ଠ ନିର୍ମାଣ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 12,32,436.00, EMD : ₹ 24,700/-, ଶେଷ ହେବା ଅବଧି : 08 ମାସ।

(2) ଇ-ଟେଣ୍ଡର ସଂ. 26-SBP-TRD-OT-2025-26, ତା.21.08.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳର ଦେଓଗାଁ ରୋଡ଼-ଥେରୁବାଲି ସେକ୍ସନରେ PSC ସ୍ଲାବ୍ ଦ୍ୱାରା ସ୍ପାନ 12.20 ମିଟରର 10 ଗୋଟି ଷ୍ଟିଲ ଗର୍ଡର ବ୍ରିଜ୍‌ର ପୁନଃସ୍ଥାପନ, (2) ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନରେ କି.ମି. 311/29-31, ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନର କି.ମି. 308/29-31 ନିକଟରେ, ଲାଞ୍ଜିଗଡ଼ ରୋଡ଼-ଭବାନୀପାଟଣା ସେକ୍ସନରେ କି.ମି. 18/12-13 ନିକଟରେ, ଆମ୍ଭୋଦଲା-ଲାଞ୍ଜିଗଡ଼ ରୋଡ଼ ବ୍ଲକ୍ ସେକ୍ସନର କି.ମି. 257/5-7 ନିକଟରେ, ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନର କି.ମି. 320/35-37 ନିକଟରେ ଅତିକ୍ରମଣ ବିଶିଷ୍ଟ ସ୍ଥାନରେ ରୋଡ଼ ଅଣ୍ଡର ବ୍ରିଜ୍ / ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ, (3) ସମ୍ବଲପୁର ମଣ୍ଡଳରେ ମୁନିଗୁଡ଼ା-ବିଷମକଟକ ବ୍ଲକ୍ ସେକ୍ସନରେ କି.ମି. 293/0-1 ଠାରେ ଲେଭେଲ କ୍ରସିଙ୍ଗ-RV-230, ମୁନିଗୁଡ଼ା-ବିଷମକଟକ ବ୍ଲକ୍ ସେକ୍ସନରେ କି.ମି. 290/33-291/01 ଠାରେ ଲେଭେଲ କ୍ରସିଙ୍ଗ-RV-228, ଦହିକାଲୁ-ମୁନିଗୁଡ଼ା ବ୍ଲକ୍ ସେକ୍ସନରେ କି.ମି. 276/25-27 ଠାରେ ଲେଭେଲ କ୍ରସିଙ୍ଗ-RV-220, ଆମ୍ଭୋଦଲା-ଦହିକାଲୁ ବ୍ଲକ୍ ସେକ୍ସନରେ କି.ମି. 270/10-12 ଠାରେ ଲେଭେଲ କ୍ରସିଙ୍ଗ-RV-217, ନରଲା ରୋଡ଼-ଲାଞ୍ଜିଗଡ଼ ରୋଡ଼ ବ୍ଲକ୍ ସେକ୍ସନରେ କି.ମି. 249/1-2 ଠାରେ ଲେଭେଲ କ୍ରସିଙ୍ଗ-RV-205 ପରିବର୍ତ୍ତେ ରୋଡ଼ ଅଣ୍ଡର ବ୍ରିଜ / ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 24,35,581.31, EMD : ₹ 48,700/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 12.09.2025, 1530 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-520/Q/25-26


# ଗାଡ଼ି ଚଢ଼ାଇ ମାରିଦେବାକୁ ଉଦ୍ୟମ ଘଟଣାରେ ଜଣେ ଗିରଫ



**ଯାଜପୁରରୋଡ୍,୨୮।୮ (ପବିତ୍ର ରଞ୍ଜନ ମହାନ୍ତି):** ଗାଡ଼ି ଚଢ଼ାଇ ମାରି ଦେବାକୁ ଉଦ୍ୟମ ଘଟଣାରେ ଯାଜପୁର ରୋଡ୍ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଔପଦା ଗ୍ରାମର ସ୍କର୍ପିଓ ଚାଳକ ବିଚିତ୍ର କୁମାର ରାଉତ।

ଯାଜପୁରରୋଡ ଆଦର୍ଶ ଥାନାରେ କୋପଣ୍ଡ ଗ୍ରାମର ଗୀତାଞ୍ଜଳି ପରିଡ଼ା ଗତ ଏପ୍ରିଲ ୪ରେ ଏକ ଅଭିଯୋଗ କରିଥିଲେ। ତାଙ୍କ ଦାଦାପୁଅ ଭାଇ ଦେବାଶିଷ ପରିଡ଼ା ଯାଜପୁରରୋଡ ଓଭର ବ୍ରିଜ ନିକଟରେ ସ୍କୁଟିରେ ଯାଉଥିବାବେଳେ ଓଆର୨୧ବି ୦୦୩୩ନଂ. ସ୍କର୍ପିଓକୁ ତାଙ୍କ ଉପରେ ଜଣେ ବ୍ୟକ୍ତି ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଅଭିଯୋଗକୁ ଆଧାର କରି ନଂ.୧୯୩ /୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା ଯେ, ସ୍କର୍ପିଓ ଚାଳକ ବିଚିତ୍ରଙ୍କୁ ଦେବାଶିଷ କିଛି ଟଙ୍କା ଦେଇଥିଲେ। ଏହି ଟଙ୍କାକୁ ଦେବାଶିଷ ବାରମ୍ବାର ମାଗିଥିଲେ। ହେଲେ ବିଚିତ୍ର ଟଙ୍କା ନ ଦେବାରୁ ସେଦିନ ଦେବାଶିଷ ବିଚିତ୍ରଙ୍କ ଔପଦାସ୍ଥିତ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଦେବାଶିଷ ଯାଜପୁରରୋଡ ଫେରିବା ସମୟରେ ବିଚିତ୍ର ସ୍କର୍ପିଓ ଆଣି ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ ସ୍କୁଟିରୁ ପଡ଼ି ଦେବାଶିଷ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଯାଜପୁରରୋଡ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଭିଯୁକ୍ତ ବିଚିତ୍ର ସେହିଦିନଠାରୁ ଫେରାର ହୋଇ ଯାଇଥିଲେ। ପୋଲିସ ତାଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଶେଷରେ ଧର୍ମଶାଳା ଅଞ୍ଚଳରୁ ଗିରଫ କରିଥିଲା ବୋଲି ଯାଜପୁରରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAO-C-RSP-BBS-20-2025, ତା.08.08.2025ରିଖ

**କାର୍ଯ୍ୟର ନାମ :** "ମୁଖ୍ୟ ପ୍ରଶାସନିକ ଅଧିକାରୀ, ନିର୍ମାଣ, ସଡ଼କ ସୁରକ୍ଷା ପ୍ରକଳ୍ପ (RSP), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ପରିସୀମାରେ ROBs (ରୋଡ଼ ଓଭର ବ୍ରିଜ୍) / FOBs (ଫୁଟ୍ ଓଭର ବ୍ରିଜ୍)/ LHS (ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ)ର ବିଭିନ୍ନ ନିର୍ମାଣ ସ୍ଥଳ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟର ନିର୍ମାଣ" ନିମନ୍ତେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ (PSS) ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 52.89 କୋଟି, EMD : ₹ 27,94,700/-, କାର୍ଯ୍ୟ ଶେଷ ହେବା ଅବଧି: 48 (ଅଠଚାଳିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇ-ଟେଣ୍ଡର ନଥିପତ୍ରରେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) / RSP / ଭୁବନେଶ୍ୱର
PR-87/CI/25-26



GOVT. OF ODISHA No.O-647

**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**

**On line-05 /ACE/RW/AND/2025-26**

**Construction of New Building of Patitapaban Degree College, Sainkul**

No. 5211// Date : 22.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure** in **Single Cover system**. The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil Works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 05/EE/ RW/AND/2025-26 | 30.08.2025 at 10.00 A.M. | 06.09.2025 up to 5.00 P.M. | 06.09.2025 up to 5.00 P.M. | 08.09.2025 at 11.30 A.M. |

OIPR-25055/11/0025/2526

Sd./- Executive Engineer R.W. Division, Anandapur



GOVERNMENT OF ODISHA No. O-637

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**

E-Mail: sencrwangul@yahoo.co.in, Ph.: 06764-236404

**TENDER CALL NOTICE FOR BRIDGE WORKS IN ODISHA**

**Bid Identification No. Bridge Online AGL-12/2025-26**

No. 2451 Dt.21.08.25

1. Name of the Work : Bridge Works
2. Total No. of Work : 03 Nos.
3. Estimated Cost : Rs.133.52 Lakhs to Rs.415.93 Lakhs (Approx.)
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-12/2025-26 | 03.09.25 at 10.00 A.M. | 17.09.25 upto 5.00 P.M. | 16.09.25 upto 1.00 P.M. | 18.09.25 at 10.00 A.M. | Will be intimated separately |

(1) For detailed Notice inviting tenders, please visit to the website www.tendersorissa.gov.in.

OIPR-25180/11/0065/2526 Sd./- Chief Construction Engineer, Rural Works Circle, Angul


# ଦିବ୍ୟାଙ୍ଗ ମହିଳାଙ୍କୁ ପକ୍କାଘର ଉପହାର


ଦିବ୍ୟାଙ୍ଗ ମହିଳା ସୁଚିତ୍ରା ଦାସଙ୍କୁ ଗୃହ ପ୍ରଦାନ କରାଯାଉଛି।

**ଦଶରଥପୁର,୨୮।୮(ସୁଶାନ୍ତ କୁମାର ବେହୁରିଆ):** ମାନବ ସେବା ହିଁ ଈଶ୍ୱର ସେବା। ଏହି ବ୍ରତକୁ ସାମାଜିକ କର୍ମୀ ଭରତ ବାଇ ପାଳନ କରି ନିଜସ୍ୱ ଖର୍ଚ୍ଚରେ ଏକ ପକ୍କାଘର ନିର୍ମାଣ କରି ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତ ପଥରପଡ଼ା ଗ୍ରାମର ଦିବ୍ୟାଙ୍ଗ ମହିଳା ସୁଚିତ୍ରା ଦାସଙ୍କୁ ଉପହାର ଦେଇଛନ୍ତି। ଗଣେଶ ପୂଜା ଅବସରରେ ଗୃହ ପ୍ରବେଶ କରାଯାଇଛି। ଭରତ ତାଙ୍କ ୩୪ତମ ପକ୍କାଘର(ଗୋପବନ୍ଧୁ କୁଟୀର)କୁ ସୁଚିତ୍ରାଙ୍କୁ ହସ୍ତାନ୍ତର କରିଛନ୍ତି। ତାଙ୍କ ଅନୁପସ୍ଥିତରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖାର ମ୍ୟାନେଜର ନିହାରକାନ୍ତ ସ୍ୱାଇଁ ଓ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ପ୍ରତାପ ଜେ ଦାସଙ୍କ ଦ୍ୱାରା ଗୃହପ୍ରବେଶ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖବରଦାତା ଚନ୍ଦ୍ର ନାରାୟଣ ଦାସ, ସମରେନ୍ଦ୍ର ପାଢ଼ୀ, ଅମେରେନ୍ଦ୍ର ଦାସ, ସୁରେନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ଶୁଭମ ଦାସ, ସାମାଜିକ କର୍ମର ସେଖ ମମ୍ମିନ ଅଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଭରତ ଦୀର୍ଘ ବର୍ଷ ଧରି ନିଜସ୍ୱ ଉଦ୍ୟମରେ ୩୩ ବାସଗୃହ ନିର୍ମାଣ କରି ବିଞ୍ଝାରପୁର ଓ ଦଶରଥପୁର ବ୍ଲକ ଅଧୀନ ଗରିବ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କୁ ଉପହାର ଦେଇଛନ୍ତି। ଏହା ତାଙ୍କର ୩୪ତମ ଉପହାର। ତାଙ୍କର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।


**ODISHA WATER SUPPLY & SEWERAGE BOARD**

e-mail: eicowssb@gmail.com, Ph.: 0674-2571185

**Bid Identification No. 02/OWSSB of 2025-26 Dt.26.08.2025**

No. CAD-1604: Name of the Work: **Request for Proposal (RFP) for** "Selecting a Capacity-Building and Knowledge Management Agency to Support SBM 2.0 Implementation of UWM across 110 ULBs in Odisha".

The notice can be seen in the Govt. website i.e. **www.odisha.gov.in** and complete bid document can be viewed/downloaded from e-procurement portal of State Government **https://tendersodisha.gov.in** from 02.09.2025 (15.00 hrs. IST) to 24.09.2025 upto (15.00 hrs. IST)

**Sd./- Engineer-in-Chief, OWSSB**
OIPR-32497/11/0006/2526



Government of Odisha No. O-659

**OFFICE OF THE SUPERINTENDING ENGINEER RURAL WORKS DIVISION, JHARSUGUDA**

Email: eerw_jharsuguda@yahoo.co.in, Tel.: 06645-271643

**Bid Identification No. Online - SEJSG - 05 of 2025-26**

**NOTICE INVITING TENDER FOR BUILDING WORK IN ODISHA**

**NATIONAL COMPETITIVE BIDDING THROUGH e-Procurement**

1. Name of the Work : Building Works as per DTCN available in the **www.tendersorissa.gov.in**.
2. Total No. of Work : 01 (One) No.
3. Estimated Cost : Rs.15.08 Lakhs
4. Period of Completion : 03 (Three) Calendar Months
5. Period and Time of availability of bid document in the portal for Bidding : Dt.30.08.2025 at 11.00 A.M. to 10.09.2025 upto 05.00 P.M.
6. Date and Time of bid Opening : Dt.11.09.2025 at 11.00 A.M.
7. Name and address of the Officer Inviting Bid : S.E., R.W. Division, Jharsuguda

(1) Other details can be seen from Detailed Notice Inviting Tenders, available in website **www.tendersorissa.gov.in**.
(2) Corrigendum if any shall only be published in the above website.

OIPR-25104/11/0038/2526 Sd./- Superintending Engineer R.W. Division, Jharsuguda



**ଭାରତୀୟ ରିଜର୍ଭ ବ୍ୟାଙ୍କ୍**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର, ଭୁବନେଶ୍ୱର, ଓଡ଼ିଶା ରେ ଥିବା ପୋଲିସ୍ ବେରେକ୍ ନିକଟରେ ଷ୍ଟିଲ୍ ସିଡ଼ି ଉପଲବ୍ଧ କରାଇବା ଓ ଲଗାଇବା ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ସେପ୍ଟେମ୍ବର 10, 2025 ଅପରାହ୍ନ 05:00 ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ବିକଶିତ ପ୍ରତିଭା ରାଷ୍ଟ୍ର ବିକାଶର ସ୍ୱପ୍ନ ଦେଖେ

## ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ନୂଆଖାଇ ପର୍ବ

ରଘୁନାଥପୁର,୨୮।୮ (ରାଜେନ୍ଦ୍ର ନାରାୟଣ ସିଂହ)

ନୂଆଁଖାଇ ଉପଲକ୍ଷେ ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡ଼ସ୍ଥିତ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ହରିଶ ଚନ୍ଦ୍ର ଭୂୟାଁ କ୍ୟାମ୍ପସ-୨ରେ ୧୦ମ ବାର୍ଷିକ ପ୍ରତିଭା ଚୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ କମିଟି ସଭାପତି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ରାଜ କିଶୋର ସାହୁଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଡ. ଅନିତା ସାବତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେବା ସହ ବିକଶିତ ପ୍ରତିଭା ରାଷ୍ଟ୍ର ବିକାଶର ସ୍ୱପ୍ନ ଦେଖେ ବୋଲି ବକ୍ତବ୍ୟରେ କହିଥିଲେ। ଏହାଛଡ଼ା ଭୌଗୋଳିକ ସୂଚନାଙ୍କ ଦ୍ୱାରା ଜିଆଇ ମାନ୍ୟତାପ୍ରାପ୍ତ ସାମଗ୍ରୀ ବିଶ୍ୱ ବଜାରରେ କିପରି ବିକ୍ରୟ ହୋଇପାରିଛି, ସେ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ କବି ରବି ସ୍ୱାଇଁ ମେଧାବୀ ଛାତ୍ରୀଛାତ୍ରଙ୍କ ଧୈର୍ଯ୍ୟ, ସହନଶୀଳତା ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। କୃଷିଭିତ୍ତିକ ସଂସ୍ଥା ଲାଲ (ଲିଭ୍ ଆଣ୍ଡ୍ ଲେଟ୍ ଲିଭ୍) ଅନୁଷ୍ଠାନର ସଂପାଦକ କ୍ଷେତ୍ରମୋହନ ବେହେରା ଗୋରେଖନାଥ କୃଷକ ମହାସଂଘ ଚଳିତବର୍ଷ ତା'ର ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଛି ଓ ଦୀର୍ଘ ୨୫ ବର୍ଷର ଯାତ୍ରା ମଧ୍ୟରେ ତାର କାର୍ଯ୍ୟରେ କିପରି କୃଷକ ସମାଜର ମଙ୍ଗଳ କାମନା କରୁଛି ସେ ବିଷୟରେ ତାଙ୍କର ବକ୍ତବ୍ୟରେ କହିଥିଲେ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଦ୍ୱାରା ବିହନ ଗ୍ରାମ ଯୋଜନାର ସଫଳତା ଏବଂ ଭାରତ ସରକାରଙ୍କ ଦ୍ୱାରା ଏହି ପଦ୍ଧତିକୁ ଆପଣାଇ ବିହନ ଗ୍ରାମ ଯୋଜନା ଦେଶ ସାରା ପ୍ରଚଳନ କରିଥିଲେ। ଅନୁଷ୍ଠାନ ତରଫରୁ ୭ ଦେଶୀ କିସମ ଧାନ ବିହନକୁ ଭାରତ ସରକାରଙ୍କ ତରଫରୁ ପ୍ରମାଣୀକରଣ ମାନ୍ୟତା ମିଳିବା ଦ୍ୱାରା ରାଜ୍ୟର ବହୁ ହଜାର ଚାଷୀଙ୍କ ଆର୍ଥିକ ଉନ୍ନତି ଘଟିଛି ବୋଲି ସମ୍ପାଦକ ବେହେରା କହିଥିଲେ। ସଭାର ଉପସ୍ଥାପକ ଅଲେଖ ଚନ୍ଦ୍ର ବେହେରା ସଭା ସଞ୍ଚାଳନ କରିଥିଲେ। ସମ୍ମାନିତ ଅତିଥିଭାବେ କୁଲେଇଲୋ ହାଡ଼ଯୋଡ଼ା ଅନୁଷ୍ଠାନର ପ୍ରମୁଖ ଗିରିଶ ଚନ୍ଦ୍ର ବେଉରିଆ, ପ୍ରଫେସର ଗଜେନ୍ଦ୍ର ପ୍ରସାଦ ବେହେରା, ସାମାଜିକ କର୍ମୀ ଇ. କାହ୍ନୁଚରଣ ବେହୁରା, ଲେଖକ ଡ. କୈଳାସ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଲାଲ ଅନୁଷ୍ଠାନର କୋଷାଧ୍ୟକ୍ଷ ସୁଧୀରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଇଂଲିଶ୍ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ପ୍ରସନ୍ନ କୁମାର ତ୍ରିପାଠୀ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଡ. ବିରସ କୁମାରୀ ନାୟକ, ଡ. ଯାଜ୍ଞସେନୀ ରାଉତ, ପ୍ରତାପ କୁମାର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

# ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ସଚେତନତା, ପ୍ରଶିକ୍ଷଣ


ତଟ ରକ୍ଷୀ, ନାଭାଲ ଓ ସାମୁଦ୍ରିକ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

## ସାମିଲ ହେଲେ ତଟ ରକ୍ଷୀ, ନାଭାଲ ଓ ସାମୁଦ୍ରିକ ପୋଲିସ

ମହାକାଳପଡ଼ା,୨୮।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାଶି ମତ୍ସ୍ୟ ଅବତରଣ କେନ୍ଦ୍ରରେ ଗୁରୁବାର ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ସୁରକ୍ଷା ନେଇ ଏକ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୁଦ୍ରରେ ପ୍ରବେଶ କରିବା ପୁର୍ବରୁ ପାଣିପାଗ ପ୍ରତିକୂଳ ଯୋଗୁ ମତ୍ସ୍ୟଜୀବୀ କିପରି ସୁରକ୍ଷିତ ରହିବେ ସେଥିପାଇଁ ପ୍ରଶିକ୍ଷଣ କରାଯାଇଥିଲା। ଗଭୀର ସମୁଦ୍ରରେ ଝଡ଼ତୋଫାନ ସମ୍ଭାବନା ଅଧିକ ରହିଛି। ମାଛ ଧରିବା ସମୟରେ ଲାଇଫ ଜ୍ୟାକେଟ, ବଡ଼ ପ୍ଲାଷ୍ଟିକ ଡ୍ରମ, ଭିଏଚ୍‌ଏଫ୍ ଯନ୍ତ୍ରକୁ କିପରି ବ୍ୟବହାର କରି ନିଜକୁ ସୁରକ୍ଷିତ ରଖି ହେବ ସେ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଥିଲା। ମତ୍ସ୍ୟଜୀବୀ ସୁକୁମାର ମଣ୍ଡଳ, ହରିପଦ ଗାୟନ, କୃଷ୍ଣପଦ ମଣ୍ଡଳ, ସହଦେବ ଦାସ, ରାସ ବିହାରୀ ଦାସ ପ୍ରମୁଖ ନିଜ ସମସ୍ୟା କହିଥିଲେ। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ଭାବେ ଅନେକ ମାଛ ଧରା ଟ୍ରଲର ପ୍ରବେଶ କରି ଛୋଟ ବୋଟକୁ ଆକ୍ରମଣ କରୁଥିବା ଖରିନାଶିର ମତ୍ସ୍ୟଜୀବୀମାନେ ଅଭିଯୋଗ କରିଥିଲେ। ବିଶେଷ କରି ବାଲେଶ୍ୱର, ଧାମରା, ବଳରାମଗଡ଼ି, ଦୀଘା, କସାଫଳ ଓ ପଶ୍ଚିମ ବଙ୍ଗର ଟ୍ରଲର ବେଆଇନ ଭାବେ ପ୍ରବେଶ କରି ଆମ ବୋଟ୍‌କୁ ବୁଡାଇ ଦେଇଥିବା ପୂର୍ବରୁ ନଜିର ରହିଛି । ଏ ସଂକ୍ରାନ୍ତରେ ମତ୍ସ୍ୟଜୀବୀମାନେ ତଟରକ୍ଷୀ , ନାଭାଲ ଓ ସାମୁଦ୍ରିକ ପୋଲିସକୁ ଅବଗତ କରିଥିଲେ। ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଖରିନାଶିସ୍ଥିତ ମା'ରାମଚଣ୍ଡୀ ବୋଟ୍ ମାଲିକ ସଂଘ ସଭାପତି ଗୋପୀ ରକ୍ଷିତ, ଉପ ସଭାପତି ଭକ୍ତ ରଞ୍ଜନ ମାହାଳୀ, ସମ୍ପାଦକ ତୁଷାର ସର୍ଦ୍ଦାରଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରଶିକ୍ଷଣ ଦେଉଥିବା ତଟରକ୍ଷୀ ବାହିନୀ, ନାଭାଲ ଓ ସାମୁଦ୍ରିକ ପୋଲିସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ପାରାଦୀପ ତଟରକ୍ଷୀ ବାହିନୀ ଓ ନାଭାଲର ବରିଷ୍ଠ ଅଧିକାରୀ, ସାମୁଦ୍ରିକ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୫୧ ୟୁନିଟ୍ ରକ୍ତ ସଂଗ୍ରହ

ନାଉଗାଁ,୨୮।୮ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣାସ୍ଥିତ ଇନ୍ଦିରା ସ୍ମାରକୀ ଯୁବକ ସଂଘ ପକ୍ଷରୁ ପବିତ୍ର ଗଣେଶ ପୂଜା ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗୁରୁବାର ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ଦାସ କହିଥିଲେ, ରକ୍ତଦାନ ଏକ ମହତ୍ କାର୍ଯ୍ୟ। ରକ୍ତ ଦାନ କରି ଆମେ ଅନେକ ଜୀବନ ରକ୍ଷା କରିପାରିବା। ବିଶେଷକରି ଯୁବ ପିଢ଼ି ଏହି ମହତ୍ କାର୍ଯ୍ୟରେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତ ଦେବା ଆବଶ୍ୟକ। କେବଳ ରକ୍ତଦାନ ନୁହେଁ, ସମାଜ ଗଠନରେ ଯୁବ ପିଢ଼ି ସଂଗଠିତ ହୋଇ କାର୍ଯ୍ୟ କଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ର କୁମାର ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ଦାସ, ତ୍ରିଲୋଚନ ବେହୁରା, ବିଭୂତି ଭୂଷଣ ତ୍ରିପାଠୀ, ବିଦୁର ନାୟକ, ସୁକାନ୍ତ ନାୟକ, କୃଷ୍ଣଚନ୍ଦ୍ର ନାୟକ, ନିଗମାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଭାପତି ରାଜେଶ କୁମାର ବେହୁରା ଓ ସମ୍ପାଦକ ବିକାଶ କୁମାର ପରିଡ଼ା ପରିଚାଳନା କରିଥିଲେ।

# ମୃତ ସପ୍ଲାୟରଙ୍କ ପରିବାରକୁ ଆର୍ଥିକ ସହାୟତା


ପ୍ରଭାକର ସାହୁଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯାଉଛି।

ଜଗତ୍‌ସିଂହପୁର, ୨୮।୮ (ପ୍ରମୋଦ କୁମାର ନାୟକ)

ବାଲିକୁଦା କଣିଆସ୍ଥିତ ପାର୍ବତୀ ଡେକୋରେଟର ଆଣ୍ଡ ସପ୍ଲାୟର ମାଲିକ ପ୍ରଭାକର ସାହୁ ନିକଟରେ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସାହୁ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସୁଖଦୁଃଖରେ ସାମିଲ ଥିଲେ। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସାହୁଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁମାନ୍ୟଗଣ୍ୟ ବ୍ୟକ୍ତି, ମା'ଶାରଳା ଟେଣ୍ଟ୍ ହାଉସ ମାଲିକ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଛନ୍ତି। ଏହି ଅବସରରେ ମା'ଶାରଳା ଟେଣ୍ଟ୍ ହାଉସ ମାଲିକ ସଂଘ ପକ୍ଷରୁ ୨୦ ହଜାର ଟଙ୍କା ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ ଉଷାରାଣୀ ଓ ପୁଅ ମନୋଜଙ୍କୁ ପ୍ରଦାନ କରାଯାଇଛି। ଏହି ସହାୟତା ପ୍ରଦାନ ସମୟରେ ଜିଲା ସଭାପତି ମଧୁସୂଦନ ସାହୁ, ଉପଦେଷ୍ଟା ଦିଲ୍ଲୀପ କୁମାର ମହାନ୍ତି, ସୁକାନ୍ତ କୁମାର ପଣ୍ଡା, ମିର୍ଜା ରାଜା ବଲ୍ଲି ବେଗ, ମାୟାଧର ପରିଡ଼ା, ଦେବେନ୍ଦ୍ର କାଳୁଆ, ବୃନ୍ଦାବନ ମହାନ୍ତି, ପ୍ରତାପ ସାହୁ, ସୁକାନ୍ତ ସାହୁ, ପ୍ରତାପ ସ୍ୱାଇଁ, ସହ ସମ୍ପାଦକ ଅଲେଖ ବିଶୋଇ, ଅଭିମନ୍ୟୁ ନାୟକ, ଗଣେଶ ପାଲ, ବିନୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଚକ୍ଷୁ ଦାନକରି ଅମର ହେଲେ ଅନ୍ୱେଷ



ରଘୁନାଥପୁର,୨୮।୮(ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟଶୋଳ ଗ୍ରାମର ଅକ୍ଷୟ ବେହେରାଙ୍କ ପୁଅ ଅନ୍ୱେଷ ଦାସ (୨୦) ନିଜର ଦୁଇ ଚକ୍ଷୁ ଦାନ କରି ସବୁଦିନ ପାଇଁ ଅମର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୨୧ରେ ଅନ୍ୱେଷ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରୁ ଆସୁଥିବାବେଳେ ସିଆର୍‌ପି ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଅନ୍ୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅନ୍ୱେଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଆବେଦନ ପରେ ମୃତ ଅନ୍ୱେଷଙ୍କ ୨ ଚକ୍ଷୁ ଦାନ କରାଯାଇଛି ବୋଲି ବାପା ଅକ୍ଷୟ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଅନ୍ୱେଷଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

ଜଗତ୍‌ସିଂହପୁର, ୨୮।୮ (ପ୍ରମୋଦ କୁମାର ନାୟକ): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସିଳନ୍ଦି ଗ୍ରାମରେ ଜନ୍ମିତ ରସାନନ୍ଦ ସାହୁଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜିଲାର ଜଣେ ସ୍ୱନାମଧନ୍ୟ ଶିକ୍ଷାବିତ୍ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ପୂର୍ବତନ ଜିଲା ଶିକ୍ଷା ପରିଦର୍ଶକ ଥିବାବେଳେ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଥିଲେ। ଏଥିଯୋଗୁ ତାଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନ ସମେତ ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ସାହୁଙ୍କ ବିୟୋଗରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ନଟବର ବାରିକ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ସାମାଜିକ କର୍ମୀ ବିଶ୍ୱଜିତ ପୋଥାଳ, ମାନସ କୁମାର ରଥ, ଇଂ. ବେଦଦ୍ୟୁତି ପୃଷ୍ଟି, ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 25-SBP-TRD-OT-2025-26, ତା.21.08.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ ମହାସମୁନ୍ଦ (ପ୍ଲାଟଫର୍ମ-1) ଓ ବାଗବାହରା (ପ୍ଲାଟଫର୍ମ-1) ଠାରେ ଉଚ୍ଚ ସ୍ତରୀୟ ପ୍ଲାଟଫର୍ମର ବୃଦ୍ଧିକରଣ କାର୍ଯ୍ୟ ଏବଂ ମହାସମୁନ୍ଦ (ପ୍ଲାଟଫର୍ମ-2), ବାଗବାହରା (ପ୍ଲାଟଫର୍ମ-2), ଖରିଆର ରୋଡ଼ (ପ୍ଲାଟଫର୍ମ-2/3), ନୂଆପଡ଼ା ରୋଡ଼, ଲଖନା, ହରିଶଙ୍କର ରୋଡ଼, ତୁରେକେଲା ରୋଡ଼ ଏବଂ କଣ୍ଟାବାଞ୍ଜି ଠାରେ ପୃଷ୍ଠ ନିର୍ମାଣ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 12,32,436.00, EMD : ₹ 24,700/-, ଶେଷ ହେବା ଅବଧି : 08 ମାସ।

(2) ଇ-ଟେଣ୍ଡର ସଂ. 26-SBP-TRD-OT-2025-26, ତା.21.08.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳର ଦେଓଗାଁ ରୋଡ଼-ଥେରୁବାଲି ସେକ୍ସନରେ PSC ସ୍ଲାବ୍ ଦ୍ୱାରା ସ୍ପାନ 12.20 ମିଟରର 10 ଗୋଟି ଷ୍ଟିଲ ଗର୍ଡର ବ୍ରିଜ୍‌ର ପୁନଃସ୍ଥାପନ, (2) ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନରେ କି.ମି. 311/29-31, ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନର କି.ମି. 308/29-31 ନିକଟରେ, ଲାଞ୍ଜିଗଡ଼ ରୋଡ଼-ଭବାନୀପାଟଣା ସେକ୍ସନରେ କି.ମି. 18/12-13 ନିକଟରେ, ଆମ୍ଭୋଦଲା-ଲାଞ୍ଜିଗଡ଼ ରୋଡ଼ ବ୍ଲକ୍ ସେକ୍ସନର କି.ମି. 257/5-7 ନିକଟରେ, ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନର କି.ମି. 320/35-37 ନିକଟରେ ଅତିକ୍ରମଣ ବିଶିଷ୍ଟ ସ୍ଥାନରେ ରୋଡ଼ ଅଣ୍ଡର ବ୍ରିଜ୍ / ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ, (3) ସମ୍ବଲପୁର ମଣ୍ଡଳରେ ମୁନିଗୁଡ଼ା-ବିଷମକଟକ ବ୍ଲକ୍ ସେକ୍ସନରେ କି.ମି. 293/0-1 ଠାରେ ଲେଭେଲ କ୍ରସିଙ୍ଗ-RV-230, ମୁନିଗୁଡ଼ା-ବିଷମକଟକ ବ୍ଲକ୍ ସେକ୍ସନରେ କି.ମି. 290/33-291/01 ଠାରେ ଲେଭେଲ କ୍ରସିଙ୍ଗ-RV-228, ଦହିକାଲୁ-ମୁନିଗୁଡ଼ା ବ୍ଲକ୍ ସେକ୍ସନରେ କି.ମି. 276/25-27 ଠାରେ ଲେଭେଲ କ୍ରସିଙ୍ଗ-RV-220, ଆମ୍ଭୋଦଲା-ଦହିକାଲୁ ବ୍ଲକ୍ ସେକ୍ସନରେ କି.ମି. 270/10-12 ଠାରେ ଲେଭେଲ କ୍ରସିଙ୍ଗ-RV-217, ନରଲା ରୋଡ଼-ଲାଞ୍ଜିଗଡ଼ ରୋଡ଼ ବ୍ଲକ୍ ସେକ୍ସନରେ କି.ମି. 249/1-2 ଠାରେ ଲେଭେଲ କ୍ରସିଙ୍ଗ-RV-205 ପରିବର୍ତ୍ତେ ରୋଡ଼ ଅଣ୍ଡର ବ୍ରିଜ୍ / ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 24,35,581.31, EMD : ₹ 48,700/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 12.09.2025, 1530 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-520/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAO-C-RSP-BBS-20-2025, ତା.08.08.2025ରିଖ

**କାର୍ଯ୍ୟର ନାମ :** ''ମୁଖ୍ୟ ପ୍ରଶାସନିକ ଅଧିକାରୀ, ନିର୍ମାଣ, ସଡ଼କ ସୁରକ୍ଷା ପ୍ରକଳ୍ପ (RSP), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ପରିସୀମାରେ ROBs (ରୋଡ଼ ଓଭର ବ୍ରିଜ୍) / FOBs (ଫୁଟ୍ ଓଭର ବ୍ରିଜ୍)/ LHS (ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ)ର ବିଭିନ୍ନ ନିର୍ମାଣ ସ୍ଥଳ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟର ନିର୍ମାଣ'' ନିମନ୍ତେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ (PSS) ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 52.89 କୋଟି, EMD : ₹ 27,94,700/-, କାର୍ଯ୍ୟ ଶେଷ ହେବା ଅବଧି: 48 (ଅଠଚାଳିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇ-ଟେଣ୍ଡର ନଥିପତ୍ରରେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) / RSP / ଭୁବନେଶ୍ୱର
PR-87/CI/25-26



GOVT. OF ODISHA
No.O-647

**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

**NOTICE INVITING TENDER**
NATIONAL COMPETITIVE BIDDING THROUGH e-PROCUREMENT NOTICE
On line-05 /ACE/RW/AND/2025-26
Construction of New Building of Patitapaban Degree College, Sainkul

No. 5211// Date : 22.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure** in **Single Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil Works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 05/EE/ RW/AND/2025-26 | 30.08.2025 at 10.00 A.M. | 06.09.2025 up to 5.00 P.M. | 06.09.2025 up to 5.00 P.M. | 08.09.2025 at 11.30 A.M. |

OIPR-25055/11/0025/2526
Sd./- Executive Engineer
R.W. Division, Anandapur



GOVERNMENT OF ODISHA
No. O-637

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404

**TENDER CALL NOTICE FOR BRIDGE WORKS IN ODISHA**
Bid Identification No. Bridge Online AGL-12/2025-26

No. 2451 Dt.21.08.25

1. Name of the Work : Bridge Works
2. Total No. of Work : 03 Nos.
3. Estimated Cost : Rs.133.52 Lakhs to Rs.415.93 Lakhs (Approx.)
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-12/2025-26 | 03.09.25 at 10.00 A.M. | 17.09.25 upto 5.00 P.M. | 16.09.25 upto 1.00 P.M. | 18.09.25 at 10.00 A.M. | Will be intimated separately |

(1) For detailed Notice inviting tenders, please visit to the website **www.tendersorissa.gov.in.**

OIPR-25180/11/0065/2526
Sd./- Chief Construction Engineer, Rural Works Circle, Angul



**ODISHA WATER SUPPLY & SEWERAGE BOARD**
e-mail: eicowssb@gmail.com, Ph.: 0674-2571185

**Bid Identification No. 02/OWSSB of 2025-26 Dt.26.08.2025**

No. CAD-1604: Name of the Work: **Request for Proposal (RFP) for** "Selecting a Capacity-Building and Knowledge Management Agency to Support SBM 2.0 Implementation of UWM across 110 ULBs in Odisha".

The notice can be seen in the Govt. website i.e. **www.odisha.gov.in** and complete bid document can be viewed/downloaded from e-procurement portal of State Government **https://tendersodisha.gov.in** from 02.09.2025 (15.00 hrs. IST) to 24.09.2025 upto (15.00 hrs. IST)

**Sd./- Engineer-in-Chief, OWSSB**
OIPR-32497/11/0006/2526



Government of Odisha
No. O-659

**OFFICE OF THE SUPERINTENDING ENGINEER**
**RURAL WORKS DIVISION, JHARSUGUDA**
Email: eerw_jharsuguda@yahoo.co.in, Tel.: 06645-271643

**Bid Identification No. Online - SEJSG - 05 of 2025-26**
**NOTICE INVITING TENDER FOR BUILDING WORK IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Building Works as per DTCN available in the **www.tendersorissa.gov.in**.
2. Total No. of Work : 01 (One) No.
3. Estimated Cost : Rs.15.08 Lakhs
4. Period of Completion : 03 (Three) Calendar Months
5. Period and Time of availability of bid document in the portal for Bidding : Dt.30.08.2025 at 11.00 A.M. to 10.09.2025 upto 05.00 P.M.
6. Date and Time of bid Opening : Dt.11.09.2025 at 11.00 A.M.
7. Name and address of the Officer Inviting Bid : S.E., R.W. Division, Jharsuguda

(1) Other details can be seen from Detailed Notice Inviting Tenders, available in website **www.tendersorissa.gov.in**.
(2) Corrigendum if any shall only be published in the above website.

OIPR-25104/11/0038/2526
**Sd./- Superintending Engineer**
**R.W. Division, Jharsuguda**



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର, ଭୁବନେଶ୍ୱର, ଓଡ଼ିଶା ରେ ଥିବା ପୋଲିସ୍ ବେରେକ୍ ନିକଟରେ ଷ୍ଟିଲ୍ ସିଡ଼ି ଉପଲବ୍ଧ କରାଇବା ଓ ଲଗାଇବା ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ସେପ୍ଟେମ୍ବର 10, 2025 ଅପରାହ୍ନ 05:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ରୂପାନ୍ତରୀକରଣ ଆଳରେ ଲକ୍ଷାଧିକ ଟଙ୍କା ବରବାଦ

**କୁଞ୍ଜବିହାରୀ ବାଳିକା ବିଦ୍ୟାଳୟ**

■ ଛାତରୁ ଖସୁଛି ସିମେଣ୍ଟ ପ୍ଲାଷ୍ଟର

■ ବିପଦସଙ୍କୁଳ ପୁରାତନ ବାଳିକା ଶିକ୍ଷାନୁଷ୍ଠାନ

ଖଣ୍ଡପଡ଼ା,୨୮।୮

(ଅଜୟ କୁମାର ମହାରଣା)

ସ୍ଥାନୀୟ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିପଦସଙ୍କୁଳ ଶ୍ରେଣୀଗୃହ ଅସୁରକ୍ଷିତ ଘୋଷଣା ପରେ ପାଠ ପଢ଼ାରେ ସମସ୍ୟା ସୃଷ୍ଟି ହୋଇଛି। ଶିକ୍ଷାର ବିକାଶ ତଥା ଉନ୍ନତି ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇ ଅନେକ କୋଟି ଟଙ୍କା ବ୍ୟୟ କରାଯାଇଛି। ବିଗତ ସରକାରଙ୍କ ଅମଳରେ ବିଦ୍ୟାଳୟ ରୂପାନ୍ତରୀକରଣ ଆଳରେ ଲକ୍ଷାଧିକ ଟଙ୍କା ବରବାଦ ହୋଇଛି। ଶ୍ରେଣୀଗୃହ ଓ କାନ୍ଥ ବାହାରେ ରଙ୍ଗ ଲଗାଇ ଚାକଚକ୍ୟ କରାଯାଇଛି। ହେଲେ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ବାଳିକାମାନଙ୍କ ଶିକ୍ଷାର ବିକାଶ ଦିଗରେ ଗଢି ଉଠିଥିବା ଏହି ଶିକ୍ଷାନୁଷ୍ଠାନର ସୁରକ୍ଷା ପାଇଁ ରାଜ୍ୟ ସରକାର ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ କଣ୍ଟିଲୋରେ ବାଳିକାମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ଗ୍ରାମୀଣ ଅଞ୍ଚଳର କୁଞ୍ଜ ବିହାରୀ ସାହୁ ନାମକ ଜଣେ ସମାଜସେବୀ ୧୯୬୫ ମସିହାରେ କଣ୍ଟିଲୋ-ପାଟଣା ମଧ୍ୟସ୍ଥଳ ପାହାଡ଼କୁ କାଟି ଏକ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ।



ବିଦ୍ୟାଳୟ ଶ୍ରେଣୀଗୃହର ଛାତରୁ ପ୍ଲାଷ୍ଟର ଖସିଛି।

ସେହି ଅନୁଷ୍ଠାନର ନାମ ତାଙ୍କ ନାମ ଅନୁସାରେ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନାମିତ ହୋଇଥିଲା। ପରବର୍ତ୍ତୀ ସମୟରେ ନିକଟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ଯୋଜନା ମୁତାବକ ଏହି ବିଦ୍ୟାଳୟରେ ମିଶ୍ରଣ କରାଯାଇ ଏହାକୁ କୁଞ୍ଜ ବିହାରୀ ନୋଡାଲ ହାଇସ୍କୁଲର ମାନ୍ୟତା ଦିଆଯାଇଛି। ପ୍ରଥମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି। ସଂପୃକ୍ତ ବିଦ୍ୟାଳୟଟି ୧୯୯୪ ମସିହାରୁ ଟେକେନ ଓଭରର ମାନ୍ୟତା ପାଇଛି। ହେଲେ ଦୀର୍ଘ ୬୦ ବର୍ଷର ଏହି ବିଦ୍ୟାଳୟ ଶ୍ରେଣୀଗୃହ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମରାମତି ପାଇଁ ଅନୁଦାନ ରାଶି ମଞ୍ଜୁର ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଠିକାଦାର ପ୍ରୀତି ଯୋଗୁ କାମ ଶେଷ ହେବାର ୧ବର୍ଷ ମଧ୍ୟରେ ପୁଣି ଥରେ ମରାମତି କରାଯାଇଛି। ସେଠିରେ ଦୁଇ ମହଲା ବିଶିଷ୍ଟ ସେହି ବିଦ୍ୟାଳୟର ଉପରେ ଥିବା ୨ଟି କୋଠରିର ନିମ୍ନମାନର ମରାମତି କାର୍ଯ୍ୟ ଯୋଗୁ ଏବେ ସିମେଣ୍ଟ ଖସି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା ସୂଚନା ଦେଇଛନ୍ତି।

ରାଜ୍ୟ ସରକାର ପାହାଡ଼ ଉପରେ କେବଳ ପଥର ଓ ସିମେଣ୍ଟରେ ନିର୍ମିତ ଦୁଇ ମହଲା ବିଶିଷ୍ଟ ଏହି ପୁରାତନ ଶିକ୍ଷାନୁଷ୍ଠାନ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟ ବାଟରେ ଅର୍ଥ ବ୍ୟୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସଂପୃକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଛାତଟି ଦୁର୍ବଳ ଅବସ୍ଥାରେ ରହିଛି। ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସୁଛି। ପୁରୁଣା ଛାତକୁ ଭଙ୍ଗାଯାଇ ନୂତନ ଛାତ ପକାଇବା ଦିଗରେ ପ୍ରଶାସନ ପଦକ୍ଷେପ ନେଲେ ଏହି ଶିକ୍ଷାନୁଷ୍ଠାନର ସୁରକ୍ଷା ହୋଇପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପକ୍ଷରୁ ଲିଖିତ ଭାବେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ଶ୍ରେଣୀ ଗୃହର ମରାମତି ସହ ପୁରାତନ ଛାତକୁ ଭଙ୍ଗି ନୂତନ ଛାତ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଏଥିପାଇଁ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟକୁ ୫-ଟି ଯୋଜନାରେ ସାମିଲ କରାଯାଇ କାମ କରାଯାଇଛି। ମାତ୍ର ଏହି ମଞ୍ଜୁର ଅର୍ଥରେ ପୁରୁଣା ଛାତରେ କୌଣସି କାର୍ଯ୍ୟ କରାଯାଇ ପାରିବ ନାହିଁ ବୋଲି ବିଦ୍ୟାଳୟରେ ଆୟୋଜିତ ଏକ ବୈଠକରେ ତତ୍କାଳୀନ ବିଡିଓ ଅରୁଣିମା ସାହୁ ସୂଚନା ଦେଇଥିଲେ। ତେବେ ଦୀର୍ଘ ୬୦ ବର୍ଷ ପୂର୍ବରୁ ପାହାଡର ଶୀର୍ଷ ଦେଶରେ ପଥରକୁ କାଟି ପଥରର କାନ୍ଥ ଉପରେ ଛାତ ନିର୍ମାଣ କରାଯାଇ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବାରୁ ଏହି ପୁରାତନ ବିଦ୍ୟାଳୟର ସୁରକ୍ଷା ଲାଗି ଛାତର ରକ୍ଷଣାବେକ୍ଷଣ ଦିଗରେ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଓ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାବି କରିଛନ୍ତି।

# ଡାକ୍ତର, କର୍ମଚାରୀ ଅଭାବ ଯୋଗୁ ରୋଗୀ ହନ୍ତସନ୍ତ

**ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**



ଖଣ୍ଡପଡ଼ା,୨୮।୮

(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏଠାରେ ସର୍ବଦା ଡାକ୍ତର ଓ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଭିତ୍ତିଭୂମି ସୁଦୃଢ଼ ପରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ରୋଗୀମାନଙ୍କୁ ସେବା ପ୍ରଦାନ କରିବାରେ ଅନ୍ୟଡାକ୍ତରମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ବିବିଏସ୍ ଡାକ୍ତରଙ୍କ ବ୍ୟତୀତ ଜଣେ ବି ବିଶେଷଜ୍ଞ ଡାକ୍ତର ନାହାନ୍ତି। ଭେଷଜ, ଶଲ୍ୟ, ଶିଶୁ , ଦନ୍ତ ଓ ଚକ୍ଷୁ ରୋଗ ଚିକିତ୍ସକ ପଦବୀଗୁଡିକ ବହୁ ବର୍ଷ ହେଲା ଖାଲି ପଡ଼ିଛି। ଜଣେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ନ ଥିବାରୁ ମହିଳା ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ସମ୍ପର୍କୀୟମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପ୍ରସୂତିକାଳୀନ ସେବା ପାଇବାରୁ ବଞ୍ଚିତ ହେଉଥିବା ମହିଳାମାନେ ପରିସ୍ଥିତି ଦୃଷ୍ଟିରୁ ଘରୋଇ ଡାକ୍ତରଖାନା ନତୁବା ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଦକ୍ଷ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ସମୟାନୁକ୍ରମେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ସମୟରେ ଓ ଜରୁରୀକାଳୀନ ପରିସ୍ଥିତିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ସମୟେ ସମୟେ ଡାକ୍ତରଙ୍କୁ ଦେଖାକରି ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରିବା ନିମନ୍ତେ ରୋଗୀମାନଙ୍କୁ ଦୀର୍ଘ ସମୟ ଧରି ଲାଇନରେ ଛିଡା ହେବାକୁ ପଡୁଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିରାମୟ ଯୋଜନାରେ ପର୍ଯ୍ୟାପ୍ତ ପରିମାଣର ଔଷଧ, ଆନୁସଙ୍ଗିକ ଇଞ୍ଜେକଶନ ଓ ସାଲାଇନ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଉଥିଲେ ହେଁ ଡାକ୍ତରଙ୍କ ଅଭାବ ଏକ ପ୍ରମୁଖ ସମସ୍ୟା ରୂପେ ଏଠାରେ ମୁଣ୍ଡ ଟେକିଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ମଧ୍ୟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ୧୯୨୭ରେ ପ୍ରତିଷ୍ଠିତ ଏହି ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ବିଭାଗୀୟ ସଚିବ ଓ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟଚିକିତ୍ସାଧିକାରୀ ଡ. ଅଭିସାର ପଣ୍ଡାଙ୍କୁ ପଚାରିବାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖା ଦେଇଥିବା ଅସୁବିଧା ସମ୍ପର୍କରେ ସେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

# ମାଟିରେ ମିଶିଲା ସଂସ୍କୃତ ଶିକ୍ଷାନୁଷ୍ଠାନ



ଭାଙ୍ଗିପଡ଼ିଥିବା ସଂସ୍କୃତ ଶିକ୍ଷାନୁଷ୍ଠାନ।

ଖଣ୍ଡପଡ଼ା୨୮।୮

(ଅଜୟ କୁମାର ମହାରଣା)

ପ୍ରଶାସନିକ ଉଦାସୀନତା ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଖଣ୍ଡପଡ଼ା ସହରରେ ପ୍ରାକ ସ୍ୱାଧୀନତା ସମୟ ୧୯୧୫ରେ ପ୍ରତିଷ୍ଠିତ ହୋଇଥିବା ରାମଚନ୍ଦ୍ର ସଂସ୍କୃତ ଟୋଲ ଶିକ୍ଷାନୁଷ୍ଠାନଟି ମାଟିରେ ବିଲିନ ହୋଇଯାଇଛି। ସଂସ୍କୃତ ଭାଷାର ପ୍ରସାର ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଥିବା ସେହି ଶିକ୍ଷାନୁଷ୍ଠାନରୁ ଏକଦା ଅନେକ ଛାତ୍ରୀଛାତ୍ର ପାଠପଢ଼ି ଏବେ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ମାତ୍ର ଦୀପତଳ ଅନ୍ଧାର ପରି ଶିକ୍ଷାନୁଷ୍ଠାନଟିର ସୁରକ୍ଷା ପ୍ରତି କେହି ହେଲେ ଦୃଷ୍ଟି ନ ଦେବା ଫଳରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକାଶଥାଉକି, ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ପରି ଶିକ୍ଷାନୁଷ୍ଠାନ ଗୁଡିକୁ ଖୋଲାଯିବା ପରେ ସମୟାନୁକ୍ରମେ ପୁରାତନ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ପ୍ରଶାସନ ଅଣଦେଖା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ସଂସ୍କୃତଶିକ୍ଷାନୁଷ୍ଠାନରୁ ଧୀରେ ଧୀରେ ଛାତ୍ରୀଛାତ୍ର ଦୂରେଇ ଯିବା ଶିକ୍ଷାନୁଷ୍ଠାନ ବନ୍ଦ ହେବାର ଅନ୍ୟତମ କାରଣ ଅଟେ ବୋଲି ଜଣାପଡ଼ିଛି। ତତ୍କାଳୀନ ଖଣ୍ଡପଡ଼ା ରାଜା ରାମଚନ୍ଦ୍ର ସିଂହ ମର୍ଦ୍ଦରାଜଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ନାମିତ ଏହି ଶିକ୍ଷାନୁଷ୍ଠାନ ପ୍ରତି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଲୋକ ପ୍ରତିନିଧିମାନେ କେହି ହେଲେ ଦୃଷ୍ଟି ନ ଦେବାରୁ ପୁରାତନ ଶିକ୍ଷାନୁଷ୍ଠାନଟି ମାଟିରେ ମିଶିଯାଇଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।

# ବୃଓଙ୍ଗ ନଦୀରେ କୁମ୍ଭୀର, ସତର୍କ କଲା ବନ ବିଭାଗ

ଗଣିଆ,୨୮।୮(ସନ୍ତୋଷ କୁମାର ପ୍ରଧାନ)

ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର କୁମ୍ଭୀରଖଣିଗ୍ରାମ ନିକଟ ବୃଓଙ୍ଗ ନଦୀରେ ଏକ କୁମ୍ଭୀର ଦେଖିବାକୁ ମିଳିଛି। କୁମ୍ଭୀରକୁ ଦେଖି ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୁମ୍ଭୀରଖଣି ଗ୍ରାମର ଲୋକମାନେ ପ୍ରତିଦିନ ଗାଧୁଆ ଶୌଚ ପାଇଁ ଯାଉଥିବା ବେଳେ କୁମ୍ଭୀରକୁ ଦେଖି ଲୋକେ ସ୍ନାନ ଶୌଚ ପାଇଁ ନଦୀକୁ ଯାଉ ନାହାନ୍ତି। ସ୍ଥାନୀୟ ଲୋକଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଲଘୁଚାପ ଜନିତ ବର୍ଷା ଯୋଗୁ ମହାନଦୀର ଶାଖା ବୃଓଙ୍ଗରେ ବଢିପାଣି ଆସିଥିଲା। କୁମ୍ଭୀରଟି ମହାନଦୀରୁ ବଢ଼ିପାଣିରେ ବୃଓଙ୍ଗ ନଦୀ ଦେଇ କୁମ୍ଭୀରଖଣି ଗ୍ରାମ ନିକଟକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ବନ୍ୟପ୍ରାଣୀ ବିଭାଗକୁ ଅବଗତ କରିବା ପରେ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସମେତ ବନ କର୍ମଚାରୀମାନେ ବୃଓଙ୍ଗ ନଦୀରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ସତର୍କ କରାଇବା ସହ କୁମ୍ଭୀର ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି।

# ବାଇକ୍ ଦୁର୍ଘଟଣା, କ୍ରେନ୍‌ରେ ଝୁଲି ରହିଲା ହାତ

ବେଲଗୁଣ୍ଠା,୨୮।୮(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଉଦ୍ଦୁରା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ଦେହରୁ ହାତ ଅଲଗା ହୋଇଯାଇଛି। ଯୁବକ ଜଣକ ହେଲେ ଜଗନ୍ନାଥ ପ୍ରସାଦ ଥାନା ପଞ୍ଚଭୂତି ଗ୍ରାମର ଗୋବିନ୍ଦ ବିଷୋୟୀ (୪୫)। ଗୁରୁବାର ଅପରାହ୍ଣରେ ଗୋବିନ୍ଦ ବାଇକ୍ (ନଂ. ଓଡ଼ି୦୭ ଏଏମ୍-୩୬୫୦) ଯୋଗେ ବେଲଗୁଣ୍ଠା ପଟୁ ନିମପଦର ଶ୍ୱଶୁର ଘରକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଜଗନ୍ନାଥପ୍ରସାଦ ରାସ୍ତାର ଉଦ୍ଦୁରା ଗ୍ରାମ ଛକଠାରୁ ଅଳ୍ପ ଦୂରରେ ବହୁ ଦିନରୁ ରାସ୍ତାକଡ଼ରେ ରହିଥିବା ଏକ କ୍ରେନ ସହିତ ଧକ୍କା ହୋଇଥିଲେ। ଫଳରେ ଗୋବିନ୍ଦଙ୍କ ବାମ ପଟ ହାତ କାନ୍ଧ ପାଖରୁ ଛିଣ୍ଡି ଯାଇ କ୍ରେନ୍‌ରେ ଝୁଲି ରହିଥିଲା।

# ସର୍ଜରି ବଦଳରେ ଅର୍ଥୋପେଡିକ ଡାକ୍ତର କଲେ ଚିକିତ୍ସା

ନୟାଗଡ଼,୨୮।୮(ଲୋକନାଥ ମିଶ୍ର)

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ସର୍ଜରି ଡାକ୍ତର ଅନୁପସ୍ଥିତ ଥିଲେ। କିଛି ସମୟ ପରେ ସର୍ଜରି ଡାକ୍ତର ଚାମ୍ବରକୁ ଆସି ଅର୍ଥୋପେଡିକ ଡାକ୍ତର ଚିକିତ୍ସା କରାଇଲେ। ତେବେ ଅର୍ଥପେଡିକ ଡାକ୍ତର ଅନୁପସ୍ଥିତ ଭାବି ବହୁ ରୋଗୀ ଫେରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥୋପେଡିକ ଡାକ୍ତର ଉଭୟ ବିଭାଗର ରୋଗୀଙ୍କୁ ଚିକିତ୍ସା କରିଥିବା ସୂଚନା ମିଳିଛି।

# ନଦୀ ପାରହୋଇ ଯାତାୟାତ କରୁଛନ୍ତି ୩ ଗାଁର ଲୋକେ

ମୋହନା, ୨୮।୮(ମନ୍ମଥ ମିଶ୍ର)

ନଦୀ ପାର ପାଇଁ ଦୌଡି ହିଁ ପଲଟିଛି ତିନି ଖଣ୍ଡ ଗ୍ରାମବାସୀଙ୍କ ସାହା ଭରସା । ବର୍ଷ ଦିନେ ସେମାନେ ନଦୀ ପାର ହୋଇ ବିଭିନ୍ନ କାର୍ଯ୍ୟରେ ଅନ୍ୟତ୍ର ଯାତାୟାତ କରିଥାନ୍ତି। ଗୁରୁବାର ଚାନ୍ଦିପୁଟ ଆସିଥିବା ଗଜପତି ଜିଲା ମୋହନା ବ୍ଲକ ଚାନ୍ଦିପୁଟ ପଞ୍ଚାୟତ ବାଙ୍କୀଖୋଲା ଗ୍ରାମର ଗ୍ରାମବାସୀ ଦଉଡି ସାହାଯ୍ୟରେ ନଦୀ ପାର ହୋଇ ଗାଁକୁ ଫେରିବାର ଦୃଶ୍ୟ ଦେଖିବାକୁ ମିଳିଛି। ମୋହନା ବ୍ଲକରେ କିଛିଦିନ ହେବ ଲଗାଣ ବର୍ଷା ଯୋଗୁ ଏହି ନଦୀରେ ଜଳ ବୃଦ୍ଧି ପାଇବା ପରେ ବାଙ୍କଖୋଲା, ଚଢିଆପଦା ଓ ଜକରାପଲି ଗ୍ରାମର ଗ୍ରାମବାସୀ ଦଉଡି ସହାୟତାରେ ସ୍କୁଲ, କଲେଜ, ପଞ୍ଚାୟତ କାର୍ଯ୍ୟାଳୟ, ମେଡ଼ିକାଲ ଓ ଦୈନିକ ହାଟ ବଜାର ଏପରି ବିପଦ ସଙ୍କୁଳ ଅବସ୍ଥାରେ ନଦୀପାର ହେଇ ଯାତାୟାତ କରୁଛନ୍ତି। ବର୍ଷା ଋତୁରେ ଏହି ଦୌଡି ହିଁ ଗ୍ରାମବାସୀଙ୍କ ପାଇଁ ଭାରସା ପଲଟୁଛି। ସମସ୍ୟା ନେଇ ବାରମ୍ବାର ଜିଲା ପ୍ରଶାସନ ସହ ବ୍ଲକ ପ୍ରଶାସନ ନିକଟରେ ଗ୍ରାମବାସୀ ଜଣାଇ ଆସୁଥିଲେ ସୁଦ୍ଧା ଏଯାଏ କୌଣସି ସମାଧାନ ହୋଇ ପାରିନି। ଏ ନେଇ ଜିଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବିଡ଼ିଓଙ୍କୁ ଏହାର ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ।



ମହିଳାମାନେ ଦଉଡ଼ି ସାହାଯ୍ୟରେ ନଦୀ ପାର ହୋଇ ଗାଁକୁ ଫେରୁଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAO-C-RSP-BBS-20-2025, ତା.08.08.2025ରିଖ

**କାର୍ଯ୍ୟର ନାମ :** ''ମୁଖ୍ୟ ପ୍ରଶାସନିକ ଅଧିକାରୀ, ନିର୍ମାଣ, ସଡ଼କ ସୁରକ୍ଷା ପ୍ରକଳ୍ପ (RSP), ପୂର୍ବ ତଟ ରେଳପଥ, ଭୁବନେଶ୍ୱରଙ୍କ ପରିସୀମାରେ ROBs (ରୋଡ୍ ଓଭର ବ୍ରିଜ୍) / FOBs (ଫୁଟ୍ ଓଭର ବ୍ରିଜ୍)/ LHS (ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ)ର ବିଭିନ୍ନ ନିର୍ମାଣ ସ୍ଥଳ ଏବଂ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟର ନିର୍ମାଣ'' ନିମନ୍ତେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ (PSS) ପ୍ରଦାନ ପାଇଁ ପ୍ରସ୍ତାବ ନିମନ୍ତେ ଅନୁରୋଧ (RFP)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 52.89 କୋଟି, EMD : ₹ 27,94,700/-, କାର୍ଯ୍ୟ ଶେଷ ହେବା ଅବଧି: 48 (ଅଠଚାଳିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇ-ଟେଣ୍ଡର ନଥିପତ୍ରରେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) / RSP / ଭୁବନେଶ୍ୱର

PR-87/CI/25-26



**GOVT. OF ODISHA** No.O-647

**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**

**On line-05 /ACE/RW/AND/2025-26**

**Construction of New Building of Patitapaban Degree College, Sainkul**

No. 5211// Date : 22.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure** in **Single Cover system**. The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil Works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 05/EE/ RW/AND/2025-26 | 30.08.2025 at 10.00 A.M. | 06.09.2025 up to 5.00 P.M. | 06.09.2025 up to 5.00 P.M. | 08.09.2025 at 11.30 A.M. |

OIPR-25055/11/0025/2526

Sd./- Executive Engineer R.W. Division, Anandapur



**GOVERNMENT OF ODISHA** No. O-637

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**

E-Mail: sencrwangul@yahoo.co.in, Ph.: 06764-236404

**TENDER CALL NOTICE FOR BRIDGE WORKS IN ODISHA**

**Bid Identification No. Bridge Online AGL-12/2025-26**

No. 2451 Dt.21.08.25

1. Name of the Work : Bridge Works
2. Total No. of Work : 03 Nos.
3. Estimated Cost : Rs.133.52 Lakhs to Rs.415.93 Lakhs (Approx.)
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-12/2025-26 | 03.09.25 at 10.00 A.M. | 17.09.25 upto 5.00 P.M. | 16.09.25 upto 1.00 P.M. | 18.09.25 at 10.00 A.M. | Will be intimated separately |

(1) For detailed Notice inviting tenders, please visit to the website **www.tendersorissa.gov.in.**

OIPR-25180/11/0065/2526 Sd./- Chief Construction Engineer, Rural Works Circle, Angul



**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 25-SBP-TRD-OT-2025-26, ତା.21.08.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଲଖୋଲୀ-ଟିଟିଲାଗଡ଼ ସେକ୍ସନରେ ମହାସମୁନ୍ଦ (ପ୍ଲାଟଫର୍ମ-1) ଓ ବାଗବାହରା (ପ୍ଲାଟଫର୍ମ-1) ଠାରେ ଉଚ୍ଚ ସ୍ତରୀୟ ପ୍ଲାଟଫର୍ମର ବୃଦ୍ଧିକରଣ କାର୍ଯ୍ୟ ଏବଂ ମହାସମୁନ୍ଦ (ପ୍ଲାଟଫର୍ମ-2), ବାଗବାହରା (ପ୍ଲାଟଫର୍ମ-2), ଖରିଆର ରୋଡ୍ (ପ୍ଲାଟଫର୍ମ-2/3), ନୂଆପଡ଼ା ରୋଡ୍, ଲଖନା, ହରିଶଙ୍କର ରୋଡ୍, ତୁରେକେଲା ରୋଡ୍ ଏବଂ କଣ୍ଟାବାଞ୍ଜି ଠାରେ ପୃଷ୍ଠ ନିର୍ମାଣ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 12,32,436.00, EMD : ₹ 24,700/-, ଶେଷ ହେବା ଅବଧି : 08 ମାସ।

(2) ଇ-ଟେଣ୍ଡର ସଂ. 26-SBP-TRD-OT-2025-26, ତା.21.08.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳର ଦେଓଗାଁ ରୋଡ୍-ଥେରୁବାଲି ସେକ୍ସନରେ PSC ସ୍ଲାବ୍ ଦ୍ୱାରା ସ୍ପାନ 12.20 ମିଟରର 10 ଗୋଟି ଷ୍ଟିଲ ଗର୍ଡର ବ୍ରିଜ୍‌ର ପୁନଃସ୍ଥାପନ, (2) ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନରେ କି.ମି. 311/29-31, ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନର କି.ମି. 308/29-31 ନିକଟରେ, ଲାଞ୍ଜିଗଡ଼ ରୋଡ୍-ଭବାନୀପାଟଣା ସେକ୍ସନରେ କି.ମି. 18/12-13 ନିକଟରେ, ଆମ୍ୱୋଦଲା-ଲାଞ୍ଜିଗଡ଼ ରୋଡ୍ ବ୍ଲକ୍ ସେକ୍ସନର କି.ମି. 257/5-7 ନିକଟରେ, ବିଷମକଟକ-ଥେରୁବାଲି ବ୍ଲକ୍ ସେକ୍ସନର କି.ମି. 320/35-37 ନିକଟରେ ଅତିକ୍ରମଣ ବିଶିଷ୍ଟ ସ୍ଥାନରେ ରୋଡ୍ ଅଣ୍ଡର ବ୍ରିଜ୍ / ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ, (3) ସମ୍ବଲପୁର ମଣ୍ଡଳରେ ମୁନିଗୁଡ଼ା-ବିଷମକଟକ ବ୍ଲକ୍ ସେକ୍ସନରେ କି.ମି. 293/0-1 ଠାରେ ଲେଭେଲ କ୍ରସିଙ୍ଗ-RV-230, ମୁନିଗୁଡ଼ା-ବିଷମକଟକ ବ୍ଲକ୍ ସେକ୍ସନରେ କି.ମି. 290/33-291/01 ଠାରେ ଲେଭେଲ କ୍ରସିଙ୍ଗ-RV-228, ଦହିକାଲୁ-ମୁନିଗୁଡ଼ା ବ୍ଲକ୍ ସେକ୍ସନରେ କି.ମି. 276/25-27 ଠାରେ ଲେଭେଲ କ୍ରସିଙ୍ଗ-RV-220, ଆମ୍ୱୋଦଲା-ଦହିକାଲୁ ବ୍ଲକ୍ ସେକ୍ସନରେ କି.ମି. 270/10-12 ଠାରେ ଲେଭେଲ କ୍ରସିଙ୍ଗ-RV-217, ନରଲା ରୋଡ୍-ଲାଞ୍ଜିଗଡ଼ ରୋଡ୍ ବ୍ଲକ୍ ସେକ୍ସନରେ କି.ମି. 249/1-2 ଠାରେ ଲେଭେଲ କ୍ରସିଙ୍ଗ-RV-205 ପରିବର୍ତ୍ତେ ରୋଡ୍ ଅଣ୍ଡର ବ୍ରିଜ / ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 24,35,581.31, EMD : ₹48,700/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 12.09.2025, 1530 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-520/Q/25-26



**ODISHA WATER SUPPLY & SEWERAGE BOARD**

e-mail: eicowssb@gmail.com, Ph.: 0674-2571185

**Bid Identification No. 02/OWSSB of 2025-26 Dt.26.08.2025**

No. CAD-1604: Name of the Work: **Request for Proposal (RFP) for** "Selecting a Capacity-Building and Knowledge Management Agency to Support SBM 2.0 Implementation of UWM across 110 ULBs in Odisha".

The notice can be seen in the Govt. website i.e. **www.odisha.gov.in** and complete bid document can be viewed/downloaded from e-procurement portal of State Government **https://tendersodisha.gov.in** from 02.09.2025 (15.00 hrs. IST) to 24.09.2025 upto (15.00 hrs. IST)

**Sd./- Engineer-in-Chief, OWSSB**

OIPR-32497/11/0006/2526



Government of Odisha No. O-659

**OFFICE OF THE SUPERINTENDING ENGINEER RURAL WORKS DIVISION, JHARSUGUDA**

Email: eerw_jharsuguda@yahoo.co.in, Tel.: 06645-271643

**Bid Identification No. Online - SEJSG - 05 of 2025-26**

**NOTICE INVITING TENDER FOR BUILDING WORK IN ODISHA**

**NATIONAL COMPETITIVE BIDDING THROUGH e-Procurement**

1. Name of the Work : Building Works as per DTCN available in the **www.tendersorissa.gov.in**.
2. Total No. of Work : 01 (One) No.
3. Estimated Cost : Rs.15.08 Lakhs
4. Period of Completion : 03 (Three) Calendar Months
5. Period and Time of availability of bid document in the portal for Bidding : Dt.30.08.2025 at 11.00 A.M. to 10.09.2025 upto 05.00 P.M.
6. Date and Time of bid Opening : Dt.11.09.2025 at 11.00 A.M.
7. Name and address of the Officer Inviting Bid : S.E., R.W. Division, Jharsuguda

(1) Other details can be seen from Detailed Notice Inviting Tenders, available in website **www.tendersorissa.gov.in**.

(2) Corrigendum if any shall only be published in the above website.

OIPR-25104/11/0038/2526

Sd./- Superintending Engineer R.W. Division, Jharsuguda



**ଭାରତୀୟ ରିଜର୍ଭ ବ୍ୟାଙ୍କ୍**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ

ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର, ଭୁବନେଶ୍ୱର, ଓଡ଼ିଶା ରେ ଥିବା ପୋଲିସ୍ ବେରେକ୍ ନିକଟରେ ଷ୍ଟିଲ ସିଡ଼ି ଉପଲବ୍ଧ କରାଇବା ଓ ଲଗାଇବା ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ସେପ୍ଟେମ୍ବର 10, 2025 ଅପରାହ୍ନ 05:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ବୈତରଣୀ, କାଣୀରେ କମୁଛି ଜଳସ୍ତର


**ଦଶରଥପୁର,୨୮।୮ (ସୁଶାନ୍ତ କୁମାର ବେହୁରିଆ):** ଯାଜପୁର ଜିଲାର ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବନ୍ୟା ଜଳ ସାମାନ୍ୟ କମିଛି। ଫଳରେ କାଣୀ ନଦୀରେ ହୋଇଥିବା ଘାଇରେ ଜଳ ପ୍ରବାହ ବନ୍ଦ ହୋଇଯାଇଛି। ଏହାପରେ ଜଳସେଚନ ବିଭାଗ ପକ୍ଷରୁ ଗୁରୁବାର ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଥିବା

- ଘାଇ ମରାମତି ଆରମ୍ଭ
- ଘରକୁ ଫେରିଲେ ବନ୍ୟା ବିପନ୍ନ
- ମାଟିରେ ମିଶିଲା ବହୁ କଚ୍ଚା ଘର

ଦଶରଥପୁର ବ୍ଲକ୍‌ର ବିପନ୍ନ ବନ୍ୟା ପାଣି କମିବା ପରେ ଘରକୁ ଫେରିବା ଆରମ୍ଭ କରିଛନ୍ତି। ବନ୍ୟାରେ ସର୍ବସ୍ୱ ହରାଇଥିବା ପରିବାରଗୁଡ଼ିକ ସେମାନଙ୍କ ଘରକରଣା ସାମଗ୍ରୀ ସଜାଡ଼ିବାରେ ଲାଗିଛନ୍ତି। ଏହି ବନ୍ୟାରେ ବହୁ ସଂଖ୍ୟାରେ କଚ୍ଚା ଘର ଭାଙ୍ଗି ମାଟିରେ ମିଶିଯାଇଛି। ଘାଇ ସମ୍ମୁଖରେ ଥିବା ମିର ଭାନୁଙ୍କ କୋଠା ଘର ପାଣି ମାଡ଼ରେ ମାଟିରେ ମିଶିଯାଇଛି। କସପା ଓ ମଲ୍ଲିକାପୁର ପଞ୍ଚାୟତରେ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ବିଭିନ୍ନ ଏନଜିଓ ଏବଂ ଘରୋଇ ସଂସ୍ଥା ପକ୍ଷରୁ ବିପନ୍ନଙ୍କୁ ରିଲିଫ ଯୋଗାଇ ଦିଆଯାଉଥିବା ଦେଖାଯାଇଛି।



କସପା ପଞ୍ଚାୟତ କାର୍ଯ୍ୟାଳୟରେ ଲୋକେ ଆଶ୍ରୟ ନେଇଛନ୍ତି।




ପାଣି କମିବା ପରେ ଘାଇ ମରାମତି କରାଯାଉଛି।



ବନ୍ୟାରେ ଏକ ଚାଳଘର ଭୁଶୁଡ଼ି ପଡିଛି।



ବନ୍ୟା ପରେ କସପା ଗ୍ରାମର ଅବସ୍ଥା।




ବନ୍ୟାପାଣି ମାଡ଼ରେ ଏକ କୋଠାଘର କ୍ଷତିଗ୍ରସ୍ତ ହୋଇଛି।



ବନ୍ୟାରେ ଏକ କଚ୍ଚା ଘରର କାନ୍ଥ ଭୁଶୁଡ଼ି ପଡିଛି।

# ଶିଶୁକୁ ଭୁଲ୍ ଇଞ୍ଜେକଶନ ଦିଆଯିବା ନେଇ ଅଭିଯୋଗ

**ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ ଉତ୍ତେଜନା**

- ଥଣ୍ଡା ଜ୍ୱର ଭଲହେବା ବଦଳରେ ଶିଶୁର ଗୋଡ଼ ଅଚଳ
- ଡାକ୍ତରଙ୍କ ଚିକିତ୍ସା ଅବହେଳାକୁ ଦାୟୀ କଲେ ପରିବାର ଲୋକେ

**ପଟ୍ଟାମୁଣ୍ଡାଇ,୨୮।୮(କଳ୍ପତରୁ ନାୟକ):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ଜଣେ ୪ ବର୍ଷର ଶିଶୁକୁ ଭୁଲ ଇଞ୍ଜେକଶନ ଦିଆଯିବା, ଏହାପରେ ଶିଶୁଟି ତଳେ ଗୋଡ଼ ଲଗାଇ ନ ପାରିବା ଯୋଗୁ ପରିବାର ଲୋକେ ଭାଙ୍ଗି ପଡିଥିଲେ। ଏହାପରେ ପରିବାର ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିଲେ । ଏହାପରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗୁରୁବାର ପୂର୍ବାହ୍ନରେ ପରିବାର ଲୋକେ ଓ ଗ୍ରାମବାସୀ ଡାକ୍ତରଖାନା ଆଗରେ ଧରଣାରେ ଦେଇଥିଲେ । ଅପରାହ୍ନରେ ଦାୟିତ୍ୱରେ ଥିବା ମେଡିକାଲ ଅଫିସର ଡା.ଚନ୍ଦ୍ରଶେଖର ଦାସ ଶିଶୁକୁ କଟକ ଶିଶୁଭବନ ପଠାଇବା ପରେ ଧାରଣା ପତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ପୌରପାଳିକା ଅଧୀନ ମାଟିଆ ଅନୁସୂଚିତ ଜାତିସାହିର ଆନନ୍ଦ ମଲ୍ଲିକଙ୍କ ୪ ବର୍ଷର ପୁଅ ରୋହନ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ । ସେଥିପାଇଁ ତାଙ୍କୁ ଗତ ୨୩ ତାରିଖରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ମେଡିକାଲକୁ ନିଆଯାଇଥିଲା । ଦାୟିତ୍ୱରେ ଥିବା ଜଣେ ଡାକ୍ତର ତାଙ୍କୁ ଔଷଧ ଓ ଇଞ୍ଜେକଶନ ଦେବା ପାଇଁ ପରାମର୍ଶ ଦେଇଥିଲେ । ଆନନ୍ଦ ଡାକ୍ତରଙ୍କ ପ୍ରେସକ୍ରିପଶନ ଓ ଚିଠା ଅନୁଯାୟୀ ନିରାମୟ କେନ୍ଦ୍ର ଓ ବାହାର ଦୋକାନରୁ ଔଷଧ ଆଣିଥିଲେ । ଡାକ୍ତରଙ୍କ ପ୍ରେସକ୍ରିପଶନ ଅନୁଯାୟୀ ନର୍ସ ରୋହନଙ୍କୁ ଇଞ୍ଜେକଶନ ଦେବା ପରେ ଆନନ୍ଦ ପୁଅକୁ ନେଇ ଘରକୁ ଫେରିଥିଲେ । ହେଲେ ଜ୍ୱର ଭଲହେବା ବଦଳରେ ରୋହନ ଅଧିକ ଗୁରୁତର ହୋଇପଡ଼ିଥିଲା । ସେ ୨ ଗୋଡ଼ ତଳେ ଲଗାଇ ପାରି ନ ଥିଲେ। ଏନେଇ ଆନନ୍ଦ ପୁଅକୁ ଧରି ପୁଣିଥରେ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ । ମାତ୍ର ସେଦିନ ଦାୟିତ୍ୱରେ ଥିବା ଡାକ୍ତର ପୂର୍ବ ପ୍ରେସକ୍ରିପଶନ ରଖିଦେଇ ପୁଅକୁ କଟକ ବଡ଼ ଡାକ୍ତରଖାନା ନେଇ ଯିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଆନନ୍ଦ ଅରାଜି ହୋଇ ପ୍ରେସକ୍ରିପଶନ ନେବାକୁ ଅଡି ବସିଥିଲେ। ହେଲେ ସେହି ପ୍ରେସକ୍ରିପଶନ ନ ମିଳିବାରୁ ଡାକ୍ତରଙ୍କ ଭୁଲ ଔଷଧ ଓ ଇଞ୍ଜେକଶନ ପାଇଁ ପୁଅର ଏଭଳି ଅବସ୍ଥା ହୋଇଛି ବୋଲି ଆନନ୍ଦ ଅଭିଯୋଗ କରିଥିଲେ । ପରେ ଡାକ୍ତରମାନେ ତାଙ୍କ ପ୍ରେସକ୍ରିପଶନ ଫେରାଇ ଦେଇଥିଲେ ବୋଲି ଆନନ୍ଦ କହିଛନ୍ତି। ଏନେଇ ପରିବାର ଲୋକେ ମେଡିକାଲ ଅଧିକାରୀ, ଥାନା ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କ ଅଭିଯୋଗ କେହି ଶୁଣି ନ ଥିଲେ। ଶେଷରେ ପରିବାର ଲୋକଙ୍କ ସହିତ ଗ୍ରାମବାସୀ ଧାରଣା ଦେଇଥିଲେ।



ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସିଥିବା ପରିବାର ସଦସ୍ୟ ଓ ଗ୍ରାମବାସୀ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି


metroselfie@gmail.com



@ ଆର୍ଯ୍ୟମନ



@ ପ୍ରମୋଦ



@ ପ୍ରିୟରଞ୍ଜନ



@ ରାକେଶ



@ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଯୁବ ପରିଷଦ, ନନ୍ଦରାମ ବାଟିକା, ବ୍ୟାସନଗର।



ହରଚଣ୍ଡି କ୍ଲବ୍ ଗଣେଶ ପୂଜା କମିଟି, ବ୍ୟାସନଗର।



ନେତାଜୀ ୟୁଥ୍ କ୍ଲବ୍, ଉମାପଦ, ବ୍ୟାସନଗର।



ଓମ୍ କ୍ଲବ୍, ଚାନ୍ଦମା, ବ୍ୟାସନଗର।



ସ୍ୱାଭିମାନୀ କ୍ରାନ୍ତି କ୍ଲବ୍, ନହକା ବାଇପାସ୍ ଛକ, ବ୍ୟାସନଗର।

# ସର୍ଭେରେ ସୀମିତ ତାଳଚେର-ଗୋପାଳପୁର ରେଳପଥ

**ଖଣ୍ଡପଡ଼ା,୨୮।୮ (ଅଜୟ କୁମାର ମହାରଣା)**

ତାଳଚେରରୁ ଖଣ୍ଡପଡ଼ା, ନୟାଗଡ଼ ଦେଇ ବ୍ରହ୍ମପୁର ଗୋପାଳପୁରକୁ ନୂତନ ବ୍ରଡ଼ଗେଜ ରେଳପଥ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ପକ୍ଷରୁ ଇତିମଧ୍ୟରେ ୩ଥର ସର୍ଭେ କାର୍ଯ୍ୟ ଶେଷ ହୋଇଛି। ୧୯୯୦ରେ ପ୍ରଥମେ ଉକ୍ତ ରେଳପଥ ନିର୍ମାଣ ଲାଗି ସର୍ଭେ କରାଯାଇଥିଲା। ପୁନର୍ବାର ୨ୟ ଥର ପାଇଁ ୧୯୯୭ ଓ ୩ୟ ଥର ପାଇଁ ୨୦୦୩ରେ ସର୍ଭେ କରାଯାଇ ସବିଶେଷ ରିପୋର୍ଟ ପ୍ରସ୍ତୁତ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପିଙ୍କ୍‌ବୁକରେ ସ୍ଥାନିତ ହୋଇଥିବାରୁ ବିଧି ବ୍ୟବସ୍ଥା କ୍ରମେ ୨୦୧୮-୧୯ ଆର୍ଥିକ ବର୍ଷରେ ଟୋକନ ମନି ଭାବେ ୫ ଲକ୍ଷ, ୨୦୧୯-୨୦ରେ ୧୦ ଲକ୍ଷ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୧୦ ଲକ୍ଷ ଏପରି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଦକ୍ଷିଣପୂର୍ବ ରେଳପଥ ଅଧୀନରେ ଥିବା ତାଳଚେର-ଗୋପାଳପୁର ମଧ୍ୟରେ ରେଳପଥ ନିର୍ମାଣ ହେଲେ ତାଳଚେର କୋଇଲା ଖଣିରୁ ଗୋପାଳପୁର ବନ୍ଦରକୁ କୋଇଲା ପରିବହନ ସୁଗମ ହେବା ସହ ଦୂରତ୍ୱ ମଧ୍ୟ ହ୍ରାସ ପାଇବ। ଉକ୍ତ ନୂତନ ରେଳପଥଟି ନିର୍ମାଣଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ନୟାଗଡ଼ଠାରେ ସଂଯୋଗ କରିବ। ରେଳ ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ତାଳଚେର-ଗୋପାଳପୁର ମଧ୍ୟରେ ୨୯୩ କି.ମି. ନୂତନ ରେଳପଥ ନିର୍ମାଣ କରାଯିବ ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟର ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଆଦି ୫ ଜିଲା ଦେଇ ଏହି ନୂତନ ରେଳପଥ ଅତିକ୍ରମ କରୁଥିବା ବେଳେ ପରିବହନ ଓ ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ମତ ପ୍ରକାଶ ପାଇଛି। ଉକ୍ତ ନୂତନ ରେଳପଥର ୨୨ଟି ସ୍ଥାନରେ ରେଳଗାଡ଼ି ରହଣି ନିମନ୍ତେ ଷ୍ଟେଶନ୍ ନିର୍ମାଣ କରାଯିବ। ଅନୁଗୋଳ, ଢେଙ୍କାନାଳ, ବଡ଼ମ୍ବା, କଣ୍ଟିଲୋ, ଖଣ୍ଡପଡ଼ା, ନୟାଗଡ଼, ଶରଣକୂଳ, ବୁଗୁଡ଼ା, ବାଲିପଦର, ସୁବଳୟା, ଆସ୍କା, ଧବଳପୁର, ହିଞ୍ଜିଳିକାଟୁ, କୁକୁଡ଼ାଖଣ୍ଡି ଓ ବ୍ରହ୍ମପୁର ଷ୍ଟେସନ୍ ଦେଇ ଜିଲାର ଗୋପାଳପୁରକୁ ଏହି ରେଳପଥ ସଂଯୋଗ କରିବ। ଉକ୍ତ ନୂତନ ରେଳପଥରେ ନିର୍ମାଣ ହେବାକୁ ଥିବା ୨୨ଟି ରେଳ ଷ୍ଟେଶନ୍ ମଧ୍ୟରୁ ବ୍ରହ୍ମପୁର ଷ୍ଟେଶନ୍‌କୁ ବାଦ୍ ଦେଲେ ୧୬ଟି ୩ ଲାଇନ୍ ବିଶିଷ୍ଟ ଷ୍ଟେଶନ୍, ୫ଟି ୨ ଲାଇନ୍ ବିଶିଷ୍ଟ ଷ୍ଟେଶନ୍ ହେବ। ପ୍ରତ୍ୟେକ ସ୍ଥାନରେ କର୍ମଚାରୀଙ୍କ ରହଣି ନିମନ୍ତେ ବାସଗୃହ ନିର୍ମାଣ କରାଯିବ। ଏହି ନୂତନ ରେଳପଥ କାର୍ଯ୍ୟକ୍ଷମ ହେଲେ ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଶ୍ରୀନୀଳମାଧବ କ୍ଷେତ୍ର କଣ୍ଟିଲୋ, ନୟାଗଡ଼ ଜିଲାର ଶରଣକୁଳସ୍ଥିତ ପ୍ରସିଦ୍ଧ ଲଡୁବାବାଙ୍କ ଶୈବପୀଠ, ଓଡ଼ଗାଁର ରଘୁନାଥଙ୍କ ପୀଠ ଓ କଟକ ଜିଲାର ବଡ଼ମ୍ବା ସ୍ଥିତ ମା' ଭଟ୍ଟାରିକାଙ୍କ ପୀଠକୁ ଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଆଗମନ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ ତଥା କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିବା କଣ୍ଟିଲୋର ଶ୍ରୀନୀଳମାଧବ ପୀଠକୁ ରେଳ ସେବା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ଗତ ୨୦୨୪ ଜାନୁଆରୀ ୬ରେ କଣ୍ଟିଲୋଠାରେ ଆୟୋଜିତ ଏକ ସାଧାରଣ ସଭାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ। ରେଳମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀବାସୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା। ଯାହାକି ୨୦୨୪ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତେବେ ରଜ୍ୟରେ ଡ଼ବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ଅଞ୍ଚଳବାସୀଙ୍କ ସ୍ୱପ୍ନ, ପର୍ଯ୍ୟଟନ କ୍ଷେତ୍ରକୁ ରେଳ ସଂଯୋଗ କେବେ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବେଦଶାସ୍ତ୍ର ପାଠଶାଳାରେ ଶ୍ରୀଗଣେଶ ଚତୁର୍ଥୀ ମହୋତ୍ସବ



ଶ୍ରୀଗଣେଶ ଚତୁର୍ଥୀ ମହୋତ୍ସବରେ ସାମିଲ ହୋଇଥିବା ଅତିଥି।

**ଖଣ୍ଡପଡ଼ା।୨୮।୮ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ନଟବରପୁରଶାସନ ଗ୍ରାମସ୍ଥିତ ବେଦଶାସ୍ତ୍ର ପାଠଶାଳାରେ ଶ୍ରୀଗଣେଶ ଚତୁର୍ଥୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବୈଦିକ ସଂସ୍କୃତି ପ୍ରତିଷ୍ଠାନମର ପ୍ରତିଷ୍ଠାତା ସଭାପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରଫେସର ରମାକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଭାରତୀୟ ସଂସ୍କୃତିରେ ବିଘ୍ନ ବିନାଶକ ପ୍ରଭୁ ଗଜାନନଙ୍କର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ଦାଶ ଓ ସଦସ୍ୟ ବିମ୍ବାଧର ଆଚାର୍ଯ୍ୟ ବୈଦିକ ରୀତିରେ ଶ୍ରୀଗଣେଶଙ୍କ ମୂର୍ତ୍ତି ପ୍ରତିଷ୍ଠା ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ପାଠଶାଳାର ମୁଖ୍ୟ ଅଧ୍ୟାପକ ସତ୍ୟବାନ ଦାଶ ବିଦ୍ୟାର୍ଥୀମାନଙ୍କ ଗହଣରେ ବେଦପାଠ କରିବା ସହ ହବନ କାର୍ଯ୍ୟ ସମ୍ପାଦନ କରିଥିଲେ। ଉପସଭାପତି ବିନାୟକ ନନ୍ଦ, ସଚିବ ଶିବ ନାରାୟଣ ଆଚାର୍ଯ୍ୟ, ଆବାହକ ରମେଶ ଚନ୍ଦ୍ର ଆଚାର୍ଯ୍ୟ, ଛାତ୍ରାବାସ ସଂରକ୍ଷକ ପ୍ରସନ୍ନ କୁମାର ଆଚାର୍ଯ୍ୟ, ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶରଥୀ ଜେନା, ସଞ୍ଜୟ କୁମାର ନନ୍ଦ, ବିଜୟକୁମାର ସାମଲ,ସଂସ୍କୃତ ଶିକ୍ଷକ ଭଗବାନ ବେହେରା, ସିଆରସିସି ଗଜପତି ବିଶ୍ୱାଳ, ପୁରୀ ଉଦ୍ୟାନ ବିଭାଗ ଅଧିକାରୀ ସମ୍ବିତ୍ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟାରେ ବାଦ୍ୟଗୁରୁ ଲକ୍ଷ୍ମଣ ନାୟକଙ୍କ ମାର୍ଗଦର୍ଶନରେ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା।

## ଗାଁରୁ ବିତାଡ଼ିତ ପାଇଁ କଂସାରୀ ଦମ୍ପତିଙ୍କୁ ଆକ୍ରମଣ

### ସ୍ୱାମୀ ଗୁରୁତର, ସ୍ତ୍ରୀ ଚିକିତ୍ସା ପରେ ଗାଁକୁ ଫେରିଲେ

**ନୟାଗଡ଼,୨୮।୮ (ଲୋକନାଥ ମିଶ୍ର)**

ଶରଣକୁଳ ଥାନା ହରିହରପୁର ଗାଁରେ କଂସାରୀ ଦମ୍ପତିଙ୍କୁ ଗୁରୁବାର ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ଦୟାନିଧି ମହାରଣା ଓ ତାଙ୍କ ସ୍ତ୍ରୀ ନମିତା ମହାରଣା। ଆକ୍ରମଣରେ ଆହତ ହୋଇ ଏହି ଦମ୍ପତି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଦୟାନିଧିଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି। ନମିତ ସାମାନ୍ୟ ସୁସ୍ଥ ହେବା ପରେ ଘରକୁ ଫେରିଛନ୍ତି। ଏହି ଦମ୍ପତିଙ୍କୁ ବିନା କାରଣରେ ଅତର୍କିତ ଆକ୍ରମଣ କର ଯାଇଛି ବୋଲି ଅଭିଯୋଗ ହୋଇଛି।

ନମିତା କହିଛନ୍ତି, ଗାଁରୁ ବିତାଡିତ ପାଇଁ ଆମ ପରିବାରକୁ ବିଭିନ୍ନ ସମୟରେ ଆକ୍ରମଣ କରାଯାଉଛି। ଏପରିକି ଜାତିଆଣ ଆକ୍ଷେପ ବି କରାଯାଉଛି। ଗତ ୨୬ ତାରିଖରେ ମୋ ପୁତୁରା ଦୀପକଙ୍କୁ ହରିହରପୁର ଗାଁର ୫ ରୁ ୬ ଜଣ ବ୍ୟକ୍ତି ମିଳିତ ଭାବେ ଆକ୍ରମଣ କରିଥିଲେ। ଏନେଇ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ନ୍ୟାୟ ମିଳିଲା ନାହିଁ। ପୋଲିସ ମାମଲା ରୁଜୁ କରିବ କହି ଅଣଦେଖା କଲା। ପୋଲିସର ଅସହଯୋଗ ଯୋଗୁ ପରବର୍ତ୍ତୀ ସମୟରେ ଗୁରୁବାର ହରିହରପୁର ଗାଁର ଏକ ଦମ୍ପତି ଠେଙ୍ଗା ଓ ଲୁହା ରଡ଼ରେ ଆମକୁ ଆକ୍ରମଣ କରିଛନ୍ତି। ଗାଁରୁ ନ ଯିବାରୁ ବାରମ୍ବାର ଆକ୍ରମଣ ହେଉଥିବା ବେଳେ ଆମ ଜୀବନ ପ୍ରତି ବିପଦ ବଢି ଚାଲିଛି। ଆମ କଂସାରୀ ଘର ପରିବାରକୁ ହରିହରପୁର ଗାଁରୁ ବିତାଡିତ କରିବା ପାଇଁ କେତେଜଣ ଲୋକ ଲାଗି ପଡିଛନ୍ତି। ହେଲେ ଆମେ ଆମ ଭିଟାମାଟି ଛାଡିବୁ କାହିଁକି ପଚାରିଲେ ଉତ୍ତର ମିଳୁନି। ଆମକୁ ପୋଲିସ ନ୍ୟାୟ ଦେବାରେ ବିଫଳ ହେଇଛି। ଏଥିପାଇଁ ଆମେ ଏସ୍‌ପିଙ୍କ ଦ୍ୱାରସ୍ଥ ହେବୁ। ତେବେ ଘଟଣା ସମ୍ପର୍କରେ ଶରଣକୁଳ ଥାନାକୁ ଯୋଗାଯୋଗ କରିଥିଲୁ। ଥାନା ଅଧିକାରୀ କହିଲେ ଏ ବିଷୟରେ ଆମେ ଅବଗତ ଅଛୁ। ତଦନ୍ତ କରାଯାଉଛି। ଆଇନ ଅନୁଯାୟୀ ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ।



ଡାକ୍ତରଖାନାରେ ଦୟାନିଧି ମହାରଣା।

## ଶିମିଳି ଝରଣାରେ ଖସିପଡ଼ି ପର୍ଯ୍ୟଟକ ଗୁରୁତର



ଆହତ ପର୍ଯ୍ୟଟକଙ୍କୁ ଡାକ୍ତରଖାନା ନିଆଯାଉଛି।

**ନୟାଗଡ଼/ଶରଣକୁଳ,୨୮।୮ (ଲୋକନାଥ ମିଶ୍ର/ ଦୀପକ କର)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତ ଶିମିଳି ଝରଣାରେ ଖସିପଡି ଗୁରୁବାର ଜଣେ ପର୍ଯ୍ୟଟକ ଗୁରୁତର ହୋଇଛନ୍ତି। ଆହତ ପର୍ଯ୍ୟଟକ ହେଲେ ଜଗତସିଂହପୁର ଥାନା ଅଳିପିଙ୍ଗଳ ଗାଁର ପ୍ରଦୀପ୍ତ ସାହୁ(୩୨)। ତାଙ୍କୁ ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଶିମିଳି ଝରଣା ବୁଲିବାକୁ ଜଗତସିଂହପୁର ଜିଲାରୁ ୪ ପର୍ଯ୍ୟଟକ ଆସିଥିଲେ। ତେବେ ପ୍ରଦୀପ ପାହାଡ଼ ଚଢୁ ଥିବାବେଳେ ହଠାତ୍ ଖସି ପଡି ଆହତ ହୋଇଥିଲେ।

## ଶିକ୍ଷକ ଛାତ୍ରୀଙ୍କ ଗଣେଶ ପୂଜା ଭୋଗ ଫେରାଇ ଦେବା ଘଟଣା

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲେ ଛାତ୍ରୀଙ୍କ ବାପା

**ନୂଆଗାଁ,୨୮।୮ (ଧନେଶ୍ୱର ସାହୁ)**


ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତ ବନ୍ଧାମୁହିଁସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଜଣେ ଛାତ୍ରୀ ବୁଧବାର ଗଣେଶ ପୂଜାରେ ଠାକୁରଙ୍କ ନିକଟରେ ପୂଜା କରିବା ପାଇଁ ଭୋଗ ନେଇ ଯାଇଥିବା ବେଳେ ଛାତ୍ରୀ ଜଣକ ଅନୁସୂଚିତ ଜାତିର ହୋଇଥିବାରୁ ଛୁଆଁଅଛୁଆଁ ଭେଦଭାବ ଯୋଗୁ ଶିକ୍ଷକ ଭୋଗ ଫେରାଇ ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ବେରୁହାଁବାରି ପଞ୍ଚାୟତ ବନ୍ଧାମୁହିଁଗ୍ରାମର କିଶୋର ନାୟକଙ୍କ ଝିଅ ବନ୍ଧାମୁହିଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠପଢ଼ନ୍ତି। ସ୍କୁଲରେ ଗଣେଶ ପୂଜା ହେଉଥିବାରୁ ଠାକୁରଙ୍କ ନିକଟରେ ଭୋଗ କରିବା ପାଇଁ ଛାତ୍ରୀ ଜଣକ ନଡ଼ିଆ, କଦଳୀ, ଧୂପକାଠି ଆଦି ନେଇ ସ୍କୁଲକୁ ଯାଇଥିଲେ। ଛାତ୍ରୀଙ୍କ କହିବା ମୁତାବକ, ମୁଁ ଭୋଗ ନେଇ ଯାଇଥିବା ଦେଖି ଭୋଗ କରାଯିବ ନାହିଁ ବୋଲି ସ୍କୁଲର ବୁଧିଆ ସାର୍ କହିଥିଲେ। ଫଳରେ ମୁଁ ଭୋଗ ନେଇ ଘରକୁ ଫେରି ଆସିଥିଲି। ମୁଁ ଆସିବା ପରେ ଅନ୍ୟମାନଙ୍କ ଭୋଗ ଗଣେଶଙ୍କ ନିକଟରେ ପୂଜା କରାଯାଇଥିଲା ବୋଲି ସେ କହିଛନ୍ତି। ଛାତ୍ରୀଜଣକ ଘରକୁ ଫେରି କାନ୍ଦିବା ପରେ ବାପା କିଶୋର ଘଟଣା ବିଷୟରେ ଝିଅକୁ ପଚାରି ବୁଝିଥିଲେ। ସ୍କୁଲରେ ଛୁଆଁଅଛୁଆଁ ଭେଦଭାବ ଯୋଗୁ ଝିଅର ଭୋଗକୁ ପୂଜା ନ କରି ଫେରାଇ ଦିଆଯାଇଥିବା ଶୁଣିବା ପରେ ଦୁଃଖରେ ମର୍ମାହତ ହେବା ସହ ଏହାର ତଦନ୍ତ କରି ନ୍ୟାୟ ଦେବା ନିମନ୍ତେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲେଖି ସୋସିଆଲ ମିଡିଆରେ ପୋଷ୍ଟ କରିଥିବା କହିଛନ୍ତି କିଶୋର। ସ୍କୁଲରେ ମୋ ଝିଅ ପ୍ରତି ଯେପରି ବ୍ୟବହାର କରାଯାଇଛି ସେଭଳି ବ୍ୟବହାର ଆଉ କାହାରି ସହ କରା ନ ଯିବା ପାଇଁ ଏହାର ଏକ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଛାତ୍ରୀଙ୍କ ବାପା ଦାବି କରିଛନ୍ତି। ଘଟଣା ବାବଦରେ ସଂପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାୟକଙ୍କୁ ପଚାରିବାରେ ପୂଜାଦିନ ମୁଁ ସ୍କୁଲକୁ ଆସିବା ପୂର୍ବରୁ ଘଟଣା ଘଟିସାରିଥିଲା ଏବଂ ଛାତ୍ରୀ ଜଣକ କାନ୍ଦି କାନ୍ଦି ଘରକୁ ଯାଇଥିବା ଶୁଣିଥିଲି। ପରେ ବୁଧିଆସାରଙ୍କୁ ପଚାରିବାରେ ସେ ଅଭିଯୋଗକୁ ଅସ୍ୱୀକାର କରିଥିବା କହିଛନ୍ତି ପ୍ରଧାନ ଶିକ୍ଷକ ନାୟକ। ଏ ନେଇ ନୟାଗଡ଼ ଜିଲାଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ୮୮୯୫୯୭୧୬୧୨ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆର୍ଯ୍ୟମନ



@ ପ୍ରମୋଦ



@ ପ୍ରିୟରଞ୍ଜନ



@ ରାକେଶ



@ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାସ୍ତାରେ ନର୍ଦ୍ଦମା ପାଣି

**ନୟାଗଡ଼,୨୮।୮ (ଲୋକନାଥ ମିଶ୍ର)**

ନୟାଗଡ ବ୍ଲକ ଷଠିଆପଲ୍ଲୀ ଗାଁରେ ନୟାଗଡ଼-କେଶରପୁର ରାସ୍ତାରେ ନର୍ଦ୍ଦମା ପାଣି ଲହଡି ମାରୁଛି। ବର୍ଷା ଛାଡିବାର ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ନର୍ଦ୍ଦମାର ଜଳ ରାସ୍ତାରେ ପ୍ରବାହିତ ହେବାରୁ ରାସ୍ତା ନଷ୍ଟ ହେଉଛି। ସ୍ଥାନୀୟ ଲୋକେ ରାସ୍ତାରେ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ଡ୍ରେନ ଜଳ ରାସ୍ତାରେ ପ୍ରବାହିତ ହେଉଥିବାବେଳେ ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ରାସ୍ତାରେ ନର୍ଦ୍ଦମା ପାଣି, ଯାତାୟାତରେ ଲୋକେ ହନ୍ତସନ୍ତ।

# ବଦଳୁନି ନୟାଗଡ଼ ଟ୍ରାଫିକ୍ ସମସ୍ୟା

- ଗୋଲେଇ ଟ୍ରାଫିକରେ ଅପବ୍ୟୟ ୨.୧୫ କୋଟି
- ଗାଈ, ବୁଲାକୁକୁରଙ୍କ ଉପରେ ନିୟନ୍ତ୍ରଣ ନାହିଁ
- ଭାଷଣରେ ସହରାଞ୍ଚଳ ସୌନ୍ଦର୍ଯ୍ୟ

**ନୟାଗଡ଼,୨୮।୮ (ଲୋକନାଥ ମିଶ୍ର)**

ଅସଜଡା ଟ୍ରାଫିକ ବ୍ୟବସ୍ଥା ନୟାଗଡ଼ ସହରରେ ଚିନ୍ତାର କାରଣ ପାଲଟିଛି। ରାସ୍ତାରେ ଗୋରୁ ଓ କୁକୁର ମାଳ ମାଳ ହୋଇ ବୁଲିବା କାରଣରୁ ବଢ଼ି ଚାଲିଛି ଦୁର୍ଘଟଣା। ଗାଈ ଓ କୁକୁରଙ୍କ ଉପରେ ମ୍ୟୁନିସିପାଲିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବିପର୍ଯ୍ୟସ୍ତ ଟ୍ରାଫିକ ସେବା ଅବ୍ୟବସ୍ଥାକୁ ନିମନ୍ତ୍ରଣ କରି ଚାଲିଛି। ସେପଟେ ଗୋଲେଇ ଟ୍ରାଫିକ ପାଇଁ ୨କୋଟି ୧୫ ଲକ୍ଷ ଖର୍ଚ୍ଚ ହୋଇଥିବା ଅଭିଯୋଗ ହୋଇ ଆସୁଛି। ଗୋଲେଇ ଟ୍ରାଫିକ ନିର୍ମାଣ ପରେ ଦୁର୍ଘଟଣା ହ୍ରାସ ବଦଳରେ ବଢ଼ି ଚାଲିଛି। ଜିଲା ସଦର ମହକୁମାରେ ଟ୍ରାଫିକର ଚିତ୍ର ବଦଳୁ ନ ଥିବାରୁ ସହରର ବିକାଶ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ନିଆଯାଉଥିବା ପଦକ୍ଷେପ ନୟାଗଡ ସହରାଞ୍ଚଳ ସୌନ୍ଦର୍ଯ୍ୟକୁ ବାଟବଣା କରି ଚାଲିଛି।



ରାସ୍ତା ଉପରେ ବୁଲାକୁକୁର।

ପ୍ରକାଶଯେ, ପୁରୀରୁ ନୟାଗଡ଼ ଜିଲା ପୃଥକ ହେବା ପରେ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚିଛି। ହେଲେ ବିକାଶ ଅଧୁରା ହୋଇ ରହିଛି। ଏଣୁ ଜିଲା ସଦର ମହକୁମା ଉପେକ୍ଷିତ ଓ ଅଣଦେଖା ହୋଇ ରହିଛି। କେଉଁଠି ନାଁ କେଉଁଠି ତ୍ରୁଟି ସହରର ବିକାଶରେ ଅନ୍ତରାୟ ସୃଷ୍ଟି କରି ଭାଷଣବାଜିରେ ଝୁଲି ରହିଛି। ଜିଲା ସଦର ମହକୁମା ହେଲବି ପ୍ଲାନ ମୁତାବକ ସହର ଗଠନ ହୋଇ ନାହିଁ। ଏଠାରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ରହିଛି। ଦୋକାନୀ ଓ ଉଠା ଦୋକାନୀମାନେ ଡ୍ରେନ ଓ ରାସ୍ତାକୁ ମାଡି ରାସ୍ତା ଉପରେ ସେମାନଙ୍କ ବ୍ୟବସାୟ କରୁଛନ୍ତି। ସେହିଭଳି ରାସ୍ତା ଉପରେ ବାଇକ୍ ଆଦି ଯାନବାହାନ ରଖିବା ରାସ୍ତାକୁ ଅନୁରୂପ ଭାବେ ଜାମ୍ କରି ଟ୍ରାଫିକ ସେବାକୁ ବିପର୍ଯ୍ୟସ୍ତ କରୁଛି। ନୂଆ ବସଷ୍ଟାଣ୍ଡ ହେଲା। ଯାନବାହାନ ନୂଆବସଷ୍ଟାଣ୍ଡକୁ ନ ଯାଇ ୫୭ନଂ. ଜାତୀୟ ରାଜପଥ ସମେତ ବିଭିନ୍ନ ରାସ୍ତା ଉପରେ ରହୁଛି। ମାଗଣା ପାର୍କିଂ ପାଇଁ ଜେଲ ଜମିରେ ବ୍ୟବସ୍ଥା ରହିଛି। ହେଲେ ଏହା କାମରେ ଲାଗି ପାରୁନି। ନୟାଗଡ଼ ଏନଏସି ରୂପାନ୍ତରିତ ହୋଇ ନୟାଗଡ଼ ମ୍ୟୁନିସିପାଲିଟି ହୋଇଛି। ତେବେ ଜାତୀୟ ରାଜପଥ ହେଉକି ରାଜ୍ୟ ରାଜପଥ ଏପରିକି ଜିଲା ସଡକ ସହ ନୟାଗଡ ସହରର ବିଭିନ୍ନ ୱାର୍ଡ ରାସ୍ତାରେ ଗୋରୁ ଓ କୁକୁର ପଲ ଘୁରି ବୁଲୁଛନ୍ତି। ମାଲିକମାନେ ଘରେ ଗୁହାଳ ନ କରି ଗାଈଙ୍କୁ ବଜାରକୁ ଛାଡି ଦେଉଛନ୍ତି। ଘରେ କେବଳ କ୍ଷୀର ଦୁହିଁବା ବେଳକୁ ଆଣୁଛନ୍ତି। ଏଥିପାଇଁ ଗାଈମାନେ ରାସ୍ତାରେ ଘୁରି ବୁଲୁଛନ୍ତି। ପୁଣି ରାସ୍ତାରେ ମଳତ୍ୟାଗ କରିବା ଦ୍ୱାରା ରାସ୍ତା ମଧ୍ୟ ଅପରିଷ୍କାର ହେଉଛି। ହେଲେ ଏମାନଙ୍କୁ ଘଉଡାଇବା ପାଇଁ ଅଥବା ଗାଈମାଲିକଙ୍କୁ ଜରିମାନା ବି କରାଯାଉନି। ଏଣୁ ଗୋରୁ ମାଲିକମାନେ ସେମାନଙ୍କ ଗୋରୁଙ୍କୁ ଘରେ ରଖୁ ନାହାନ୍ତି। ଅନ୍ୟପକ୍ଷେ ବିଭିନ୍ନ ସମୟରେ କଟକ, ପୁରୀ ଓ ଭୁବନେଶ୍ୱରରୁ କିଛି କୁକୁରଙ୍କୁ ଟ୍ରକ ଯୋଗେ ଆଣି ନୟାଗଡ଼ରେ ଛଡା ଯାଉଛି। ଏଣୁ କୁକୁରଙ୍କ ସଂଖ୍ୟା ମଧ୍ୟ ନୟାଗଡ଼ ସହରରେ ବଢ଼ି ଚାଲିଛି। ଗାଈ ଓ କୁକୁର ସହରର ବିଭିନ୍ନ ସ୍ଥାନରେ ଘୁରି ବୁଲି ଟ୍ରାଫିକ ସେବା ବିଗାଡୁଛନ୍ତି। ଏଭଳିସ୍ଥଳେ ସହରକୁ ସୌନ୍ଦର୍ଯ୍ୟକରଣ କରିବା ଓ ଟ୍ରାଫିକ ସମସ୍ୟା ଏଡାଇବା ପାଇଁ ୨୦୨୦ ନଭେମ୍ବର ୧୮ରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ତତ୍କାଳୀନ ଏସ୍‌ପି ପ୍ରତ୍ୟୁଷ ଦିବାକର ନୟାଗଡ ସହର ପରିକ୍ରମା କରି ସହରର ରୂପରେଖକୁ ବଦଳାଇବାକୁ ନିଷ୍ପତି ନେଇଥିଲେ। ରାସ୍ତାକଡରେ ଟୁହୁଇଲର ରହଣି ପାଇ ପାର୍କିଂ ବ୍ୟବସ୍ଥା କରାଯିବାକୁ କହିଥିଲେ। ପରବର୍ତ୍ତୀ ସମୟରେ ସହରର ଟ୍ରାଫିକ ଛକ ନିକଟସ୍ଥ ଓଡ଼ଗାଁ ରାସ୍ତାର ପ୍ରାରମ୍ଭରୁ ଓଡଗାଁ ଛକର ଗୁରୁ କ୍ଲଥ ଷ୍ଟୋର ପର୍ଯ୍ୟନ୍ତ ଡ୍ରେନର ଉଭୟ ପାର୍ଶ୍ୱରେ ଜିଆଇର ବାରିକେଟ ନିର୍ମାଣ କରାଗଲା। କିଛି ଦିନ ପରେ ବାରିକେଟ ସତ୍ତ୍ୱେ ବ୍ୟବସାୟୀମାନେ ଡ୍ରେନକୁ ନିଜ କବ୍‌ଜାକୁ ନେଇ ସାରିଛନ୍ତି। ଉଠାଦୋକାନୀମାନେ ବାରିକେଡ୍ ବାହାରେ ପିଚୁ ରାସ୍ତା ଉପରେ ଉଠାଦୋକାନର ପସରା ମେଲାଇ ବ୍ୟବସାୟ କରୁଛନ୍ତି। ମ୍ୟୁନିସିପାଲିଟି ଓ ପୋଲିସ ପକ୍ଷରୁ ଉଠାଦୋକାନୀ ଉପରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ଚାଲିଛି। ଏନେଇ ପୂର୍ବତନ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ନୟାଗଡ ଜିଲା ହେବା ପରେ ଲୋକଙ୍କର ଭାବନା ଭାବନାରେ ରହିଗଲା। ହାତ ପାହନ୍ତାରେ ପ୍ରଶାସନକୁ ପାଇବି ବଦଳୁନି ଜିଲା ସଦର ମହକୁମାର ଚିତ୍ର। ବିପର୍ଯ୍ୟସ୍ତ ଟ୍ରାଫିକକୁ ସଜାଡିବା ପାଇଁ ଆନ୍ତରିକତା ନାହିଁ। ପୁଣି ସହରର ସୌନ୍ଦର୍ଯ୍ୟ ପାଇଁ ଭାଷଣବାଜି ଅଧିକ କାମ କମ। ଏଭଳିସ୍ଥଳେ ପ୍ରଶାସନ ଅଥବା ରାଜନେତା ଆନ୍ତରିକତାର ସହ କାମ କରୁ ନ ଥିବା ପରି ଜଣାପଡୁଛି। ଏଣୁ ଜିଲା ସଦର ମହକୁମାର ଚିତ୍ର ବଦଳି ପାରୁନି ବୋଲି ଆଲୋଚନା ଓ ଚର୍ଚ୍ଚା ହେଉଛି ବୋଲି କ୍ଷୋଭର ସହ କହିଛନ୍ତି।

# ବନ୍ୟା ପ୍ରଭାବିତଙ୍କ ସମସ୍ୟା ଶୁଣିଲେ ଏମ୍‌ପି

- ରିଲିଫ୍ ପର୍ଯ୍ୟାପ୍ତ ହେଉ ନ ଥିବା ଅଭିଯୋଗ ଆଣିଲେ ଭାଜପା ନେତ୍ରୀ
- ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଜିଲାପାଳଙ୍କ ପ୍ରତିଶ୍ରୁତି


ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଜିଲାପାଳ ଓ ଭାଜପା ନେତାଙ୍କ ସହ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ।

ଦଶରଥପୁର,୨୮।୮(ସୁଶାନ୍ତ କୁମାର ବେହୁରିଆ): ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଗୁରୁବାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ଦଶରଥପୁର ବ୍ଲକର କସପାଠାରେ ହୋଇଥିବା ଘାଇ ବୁଲିଦେଖିବା ପରେ କସପା, ମଲ୍ଲିକାପୁର ଓ କୟାଁ ପଞ୍ଚାୟତ ଗସ୍ତ କରି ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିଛନ୍ତି। ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇଛନ୍ତି। କାଣୀରେ କାହିଁକି ବାରମ୍ବାର ଘାଇ ହେଉଛି ଓ ସେନେଇ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଉପସ୍ଥିତ ଜିଲାପାଳ ଅମ୍ବର କୁମାର କରଙ୍କଠାରୁ ପଚାରି ବୁଝିଛନ୍ତି।

ପ୍ରଶାସନ ପକ୍ଷରୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବା ସହ ୬ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ସୂଚନା ଦେବା ସହ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ଜାରି ରହିଛି ବୋଲି କହିଛନ୍ତି। ଗୋଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇଛି ବୋଲି ଜିଲାପାଳ ଏମ୍‌ପିଙ୍କୁ ଅବଗତ କରିଛନ୍ତି।

ବୈତରଣୀ ଓ କାଣୀରେ ବନ୍ୟା ଆସିବା ଫଳରେ କୟାଁ, କମାରଡିହ, ଖାନନଗର, ନିଜାମପୁର, ଦଉପୁର, ଥାଲକୁଡ଼ି ଆଦି ପଞ୍ଚାୟତରେ ଏବେବି ବନ୍ୟାଜଳ ପଶି ରହିଛି। ପ୍ରଶାସନ ପକ୍ଷରୁ ଯାହା ରିଲିଫ ଯୋଗାଇଦିଆଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଭାଜପା ନେତ୍ରୀ ବିବିତା ମଲ୍ଲିକ ଏମ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ସେହିପରି ବୈତରଣୀ ନଦୀର କୟାଁଗୋଲାଠାରୁ ଗହିରାପାଳ ପର୍ଯ୍ୟନ୍ତ ବନ୍ଧ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ନେତ୍ରୀ ମଲ୍ଲିକ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ବନ୍ୟାରେ ଭାସି ପ୍ରାଣ ହରାଇଥିବା ମଲ୍ଲିକାପୁର ଗ୍ରାମର ମଦନ ମୋହନ ରଣାଙ୍କ ପରିବାର ବର୍ଗଙ୍କୁ ଏମ୍‌ପି ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏମ୍‌ପିଙ୍କ ଗସ୍ତ ସମୟରେ ଜିଲାପାଳଙ୍କ ସମେତ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଭାଜପା ନେତା ଗୌତମ ରାୟ, ଭାଜପା ନେତ୍ରୀ ବବିତା ମଲ୍ଲିକ, ଦୀପ୍ତିରେଖା ମିଶ୍ର, ନିରଞ୍ଜନ ବେହୁରିଆ, ସୁବାସ ମହାନ୍ତି, ପ୍ରଶେଷ ସୁତାର, ଲକ୍ଷ୍ମୀଧର ସାହୁ, ପତିତପାବନ ମହାନ୍ତି, ସୁନିଲ ରାଉତ, ପ୍ରମୋଦ ପଣ୍ଡା, ଇନ୍ଦ୍ରଜିତ ଦାସ, ସତ୍ୟଜିତ ସାମଲ, ସବ୍ୟସାଚୀ ଦାସ, ହର୍ଷକୁମାର ବେହୁରିଆ, ସୁନୀଲ ବେହୁରିଆ ଓ ପ୍ରଜ୍ଞା ପାରମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଜଣେ ଅଟକ

ବିଞ୍ଝାରପୁର,୨୮।୮(ରାମକୃଷ୍ଣ ଦାସ): ବିଞ୍ଝାରପୁର ଥାନା କଲ୍ୟାଣପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଯୁବତୀ ଇପ୍ସିତା ବଳ(୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସେ ହେଲେ ଜରି ଗ୍ରାମର ମନୋଜ ସାମଲ(୨୬)।

ଗ୍ରାମର ଅଜୟ ବଳଙ୍କ ଝିଅ ଇପ୍ସିତା ସିଂହପୁର ନିକଟବର୍ତ୍ତୀ ଖରସ୍ରୋତା କଲେଜ ଛକ ନିକଟରେ ଥିବା ଏକ ଘର ଭଡ଼ା ନେଇ ବିୟୁଟି ପାର୍ଲର କରିଥିଲେ। ସବୁଦିନ ପରି ବୁଧବାର ସକାଳୁ ଇପ୍ସିତା ନିଜ ଘରୁ ବିୟୁଟି ପାର୍ଲର ଖୋଲିବାକୁ ଯାଇଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ। ହେଲେ ସେ ଫୋନ ଉଠାଇ ନ ଥିଲେ। ଏହାପରେ ପରିବାର ଲୋକେ ପାର୍ଲର ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଇପ୍ସିତା ପାର୍ଲର ଫ୍ୟାନରେ ରଶିରେ ଝୁଲିଥିବା ଦେଖିବାକୁ ପାଇଥିଲେ। ଫଳରେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଜାତ ହୋଇଥିଲେ। ଏହାପରେ ଇପ୍ସିତାଙ୍କ ପରିବାର ଲୋକେ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ତାଙ୍କ ଝିଅଙ୍କୁ କେହି ମାରି ଫ୍ୟାନରେ ଟାଙ୍ଗି ଦେଇଥିବା ସେମାନେ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ନଂ.୩୯୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ


ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ରସୁଲପୁର,୨୮।୮(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଯାଜପୁରର ଗାନ୍ଧୀ, ଧର୍ମଶାଳାର ପୂର୍ବତନ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ସଂଗ୍ରାମୀ ମହାନ୍ତି ମତ୍ସ୍ୟଜୀବୀ ସଂପ୍ରଦାୟଙ୍କ ବିକାଶ ପାଇଁ ବହୁ ପଦକ୍ଷେପ ନେଇଥିଲେ। ସେଥିପାଇଁ ବ୍ଲକ ଅନ୍ତର୍ଗତ ଯୋକଡ଼ିଆ ଆନିକଟ ନିକଟ ଯୋକଡ଼ିଆ ମତ୍ସ୍ୟଜୀବୀ ସୋସାଇଟ୍ ତରଫରୁ ଶ୍ରାଦ୍ଧ ଦିବସକୁ ଉତ୍ସାହର ସହ ପାଳନ କରାଯାଇଛି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୋସାଇଟ୍‌ର କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ସମେତ ମତ୍ସ୍ୟଜୀବୀ ପରିବାର ପ୍ରତ୍ୟେକ ସଦସ୍ୟ ଯୋଗଦେଇଥିଲେ। ପରମାନନ୍ଦ ପ୍ରେମୀ ଖରସ୍ରୋତା ନଦୀପଠାରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମତ୍ସ୍ୟଜୀବୀ ସମ୍ପ୍ରଦାୟରଙ୍କ ଜୀବନ, ଜୀବିକା ଉଜ୍ଜୀବିତ ପାଇଁ ମହାନ୍ତିଙ୍କ ରହିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପରମାନନ୍ଦ ସ୍ମୃତି ସଂସଦ ପକ୍ଷରୁ ରସୁଲପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସଂସଦ ତରଫରୁ ଏକ ପଦଯାତ୍ରା କରାଯାଇଥିଲା। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସାମାଜିକ କର୍ମୀ କାଳନ୍ଦୀ କଣ୍ଡ, ଆଇନଜୀବୀ ତପନ ପଣ୍ଡା, ଆଧ୍ୟାତ୍ମିକବାଦୀ ସନାତନ ନାୟକ, କ୍ରୀଡ଼ାଭାରତୀର ଯାଜପୁର ଜିଲା ସଭାପତି ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ପଦଯାତ୍ରୀ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଜନସାଧାରଣଙ୍କୁ ଚାରା ବଣ୍ଟନ କରିଥିଲେ।

## ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ଗଣେଶପୂଜା

ଯାଜପୁରରୋଡ, ୨୮।୮(ପବିତ୍ର ରଞ୍ଜନ ମହାନ୍ତି): ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜ ବ୍ୟାସନଗର ଶାଖାର ତୃତୀୟ ବାର୍ଷିକ ଗଣେଶ ପୂଜା ଉତ୍ସବ ପାଳିତ ହୋଇଯାଇଛି। ବ୍ୟାସନଗର ସହରର ଦଳା ସ୍ଥିତ ନନ୍ଦିଘୋଷ ଟ୍ରେଡର୍ସ ପରିସରରେ ଅନୁଷ୍ଠିତ ପୂଜା ଉତ୍ସବର ଦ୍ୱିତୀୟ ଦିବସରେ ଜିଲା ସଭାପତି ବସନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପାରିବାରିକ ବନ୍ଧୁମିଳନ ଅୟୋଜିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ମଧୁ ବୈଶ୍ୟ ପରିବାର ସଦସ୍ୟ ସାମିଲ ହୋଇଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁ ବୈଶ୍ୟ ସମାଜର ଏକତା ଓ ଭାଇଚାରାର ଭୂୟସୀ ପ୍ରଶଂସା କରିଥିଲେ। ଏକ ଗଣେଶ ମନ୍ଦିର ନିର୍ମାଣ ପାଇଁ ସଂଗଠନ ଦୀର୍ଘ ଦିନ ଧରି ଦାବିକରି ଆସୁଥିବାରୁ ବିଧାୟକ ମନ୍ଦିର ପାଇଁ ଜମି ଓ ଆର୍ଥିକ ଅନୁଦାନ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ଯୋଗଦେଇ ସାମାଜିକ ନିରାପତ୍ତା ପାଇଁ ଏଭଳି ସଂଗଠନର ଆବଶ୍ୟକତା ରହିଥିବା କହିଥିଲେ। ଜିଲା ସମ୍ପାଦକ ଧୀରେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଧର୍ମଶାଳା ବ୍ଲକର ରଘୁନାଥ ପାତ୍ର, ପ୍ରଶାନ୍ତ ସାହୁ ଓ ଅଶୋକ ସାହୁ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ବିକାଶ ପ୍ରସଙ୍ଗରେ କହିଥିଲେ। ସୁବର୍ଣ୍ଣପୁରଠାରେ ଅବସ୍ଥାପିତ ଜିଲା ଦକ୍ଷତା ବିକାଶ ଅଧିକାରୀ ସଞ୍ଜୁ କୁମାରୀ ସାହୁ ମଧୁ ବୈଶ୍ୟଙ୍କ ଅଭିବୃଦ୍ଧି ପାଇଁ ବକ୍ତବ୍ୟ ରଖିଥିଲେ। ଉତ୍ସବ ଆୟୋଜନରେ ବୀର କିଶୋର ସାହୁ, ବିଷ୍ଣୁଚରଣ ସାହୁ, ଧୀରେନ୍ଦ୍ର ସାହୁ, ବଳରାମ ସାହୁ, ରାମଚନ୍ଦ୍ର ସାସମଲ, ଭକ୍ତବନ୍ଧୁ ସାହୁ, ଲକ୍ଷ୍ମୀଧର ସାହୁ, ବଳରାମ ସାହୁ, ବୈରାଗୀ ଚରଣ ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ମୋହିନୀ ମୋହନ ସାହୁ, ପ୍ରଫୁଲ୍ଲ ସାହୁ, ଗଙ୍ଗାଧର ସାହୁ, ସୁଧାଂଶୁ ଶେଖର ସାହୁ ଓ ସତୀଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ମଧୁବୈଶ୍ୟ ସମାଜ ବନ୍ଧୁ ମିଳନରେ ବିଧାୟକ ଆକାଶ ଦାସନାୟକ ଓ ଅନ୍ୟମାନେ ।

## ଏସ୍‌ସି ତାଲିକାଭୁକ୍ତ ପାଇଁ ଏମ୍‌ପିଙ୍କୁ ଦାବିପତ୍ର


ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଯାଜପୁରରୋଡ,୨୮।୮ (ପବିତ୍ର ରଞ୍ଜନ ମହାନ୍ତି): ପାଣ ବୈଷ୍ଣବ ସମାଜକୁ ଏସ୍‌ସି (ଅନୁସୂଚିତ ଜାତି)ତାଲିକାଭୁକ୍ତ କରିବାକୁ ଦାବି ହୋଇଛି। ଏନେଇ ପାଣ ବୈଷ୍ଣବ ସମାଜ ପକ୍ଷରୁ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ବୁଧବାର ମଧ୍ୟାହ୍ନରେ ଯାଜପୁରରୋଡ୍ ରେଳ ଷ୍ଟେଶନଠାରେ ଏମ୍‌ପି ରାଜଧାନୀ ଏକ୍ସପ୍ରେସରେ ଦିଲ୍ଲୀଗସ୍ତ କରିବାବେଳେ ବୈଷ୍ଣବ ସମାଜର କାର୍ଯ୍ୟକାରୀ ସଭାପତି କ୍ଷୀରଦ ଦାସ, ବିଶ୍ୱନାଥ ପାତ୍ର ପ୍ରମୁଖ ତାଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏମ୍‌ପି ଏହାକୁ ଗମ୍ଭୀରତର ସହ ଗ୍ରହଣ କରି କେନ୍ଦ୍ର ସରକାର ଓ କେନ୍ଦ୍ର ଏସ୍‌ସି,ଏସ୍‌ଟି ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଯୋଗ୍ୟ, ରାଜ୍ୟର ଯାଜପୁର, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ ଓ ଢେଙ୍କାନାଳ ଜିଲାରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ପାଣ ବୈଷ୍ଣବ ପରିବାର ଏସ୍‌ସି ତାଲିକା ଭୁକ୍ତଥିଲେ। କିନ୍ତୁ ୧୯୮୦ରେ ସେମାନଙ୍କୁ କେନ୍ଦ୍ର ସରକାର ଏସ୍‌ସି ତାଲିକାରୁ ବାଦଦେଇ ସାଧାରଣ ବର୍ଗ ତାଲିକା ଭୁକ୍ତ କରିଛନ୍ତି। ଫଳରେ ସେମାନେ ସରକାରୀ ସୁବିଧା ସୁଯୋଗ ପାଇପାରୁନାହାନ୍ତି। ପୂର୍ବରୁ ଏହି ସମାଜ କେନ୍ଦ୍ର ଏସ୍‌ସି/ଏସ୍‌ଟି ସଚିବ ଏବଂ ଏସ୍‌ସି/ଏସ୍‌ଟି କମିଶନରଙ୍କୁ ଚିଠି ଲେଖି ସେମାନଙ୍କ ଦାବି ଜଣାଇଥିଲେ। ଏହାପରେ କେନ୍ଦ୍ର ଏସ୍‌ସି/ଏସ୍‌ଟି ପ୍ରମୁଖ ସଚିବ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଘଟଣାର ଯାଞ୍ଚ କରିଥିଲେ। ନବୀନ ପଟ୍ଟନାୟକ ସରକାର ଘଟଣାର ତଦନ୍ତ କରି କେନ୍ଦ୍ର ଏସ୍‌ସି/ଏସ୍‌ଟି ବିଭାଗକୁ ରିପୋର୍ଟ ପଠେଇ ଦେଇଥିଲେ। ଏହାପରେ ଏସ୍‌ସି କମିଶନ ଉକ୍ତ ମାମଲାରେ ଜଣେ ଏମ୍‌ପିଙ୍କ ହସ୍ତକ୍ଷେପ ଆବଶ୍ୟକ ବୋଲି ମତ ଦେଇଥିଲେ। ଫଳରେ ପାଣ ବୈଷ୍ଣବ ସମାଜ କମକର୍ତ୍ତା ଏମ୍‌ପି ପାଣିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସଂସଦରେ ସେମାନଙ୍କ ଦାବି ଉପସ୍ଥାପନ କରିବା ସହ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ନିବେଦନ କରିଥିଲେ।

## କବି ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ ପାଳିତ


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ।

ବିଞ୍ଝାରପୁର,୨୮।୮(ରାମକୃଷ୍ଣ ଦାସ): ଯାଜପୁର ଜିଲାର ଅନ୍ୟତମ ସାରସ୍ୱତ ସଂଗଠନ ଅଖିଳ ଚକ୍ର ପକ୍ଷରୁ ବିଞ୍ଝାରପୁର ବ୍ଲକ ମାଁସଡ଼ା ପଞ୍ଚାୟତର ଗୌଡ଼ସାହିସ୍ଥିତ ଧନେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ପଦ୍ମଶ୍ରୀ କବି ରାଧାମୋହନ ଗଡ଼ନାୟକଙ୍କର ୧୨୫ତମ ଜୟନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶମ୍ଭୁନାଥ ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଆନନ୍ଦ ଚନ୍ଦ୍ର ମିଶ୍ର, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା, ପ୍ରାବନ୍ଧିକ ଅକ୍ଷୟ କୁମାର ସେଠୀ, କବି ରମାକାନ୍ତ ନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଧନେଶ୍ୱର ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଅଖିଳଚକ୍ର ସଂଗଠନର ସମ୍ପାଦକ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ କବି ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ରାଧାମୋହନ ସବୁଜ ଗୋଷ୍ଠୀର ଜଣେ ସଂଗ୍ରାମୀ ଦେଶପ୍ରେମୀ କବି ଓ ସୌନ୍ଦର୍ଯ୍ୟ ପିପାସୁଥିଲେ ବୋଲି ମୁଖ୍ୟବକ୍ତା ସ୍ୱାଇଁ ମତବ୍ୟକ୍ତ କରିବା ସହିତ କବିଙ୍କର ଏକାଧିକ କବିତାର ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଆନନ୍ଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦାୟିତ୍ୱ ନେବେ ଉପାଧ୍ୟକ୍ଷା

ଧର୍ମଶାଳା,୨୮।୮(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ରଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କିରବାକୁ ଉପଜିଲାପାଳ ଚିଠି ଲେଖିଛନ୍ତି। ପଞ୍ଚାୟତ ସମିତି ଆଇନ ୧୯୫୯ ଅନୁଯାୟୀ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୨୮୬୭, ତା: ୨୫।୦୮।୨୦୨୫ରେ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି।


ବିଶ୍ୱ ବିଜୟିନୀ ମିଶ୍ର ।

ନୂତନ ଅଧ୍ୟକ୍ଷ ନିର୍ବାଚନ ନ ହେବା ପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିବେ ବୋଲି ଚିଠିରେ ଦର୍ଶାଯାଇଛି। ଆସନ୍ତା ୨ ଦିନ ସରକାରୀ ଛୁଟି ରହୁଥିବା ଯୋଗୁ ୩୦ ତାରିଖ କିମ୍ବା ପରେ ମିଶ୍ର ଦାୟିତ୍ୱ ନେବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଗତ ୨୦ ତାରିଖରେ ଇସ୍ତଫା ଦେବା ପରେ ଅଧ୍ୟକ୍ଷ ପଦବୀ ଫାଙ୍କା ପଡ଼ିଛି।

## ଆଦର୍ଶ ଶିକ୍ଷୟିତ୍ରୀଙ୍କ ଶ୍ରାଦ୍ଧବାର୍ଷିକୀ

ରସୁଲପୁର,୨୮।୮(ରଞ୍ଜିତ ରାଉତ): ଧର୍ମଶାଳା ବ୍ଲକ ଅଞ୍ଚଳର ଆଦର୍ଶ ଶିକ୍ଷୟିତ୍ରୀ ତଥା ସାହିତ୍ୟ ଅନୁରାଗୀ ସରୋଜିନୀ ଦାସଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ଓ ସରୋଜିନୀ ସ୍ମୃତି ସମ୍ମାନ ଉତ୍ସବ-୨୦୨୫ ଗୁରୁବାର ନୀଳକଣ୍ଠପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ସରୋଜିନୀ ସ୍ମୃତି ସଂସଦ ସଭାପତି ରାଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ଓ ସରୋଜିନୀ ସ୍ମୃତି ସମ୍ମାନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯାଜପୁର ପୂର୍ବତନ ଏମ୍‌ପି ରୀତା ତରାଇ, ମୁଖ୍ୟବକ୍ତା ଭାବରେ ପ୍ରବଚକ କାମଦେବ ଶତପଥୀ, ସମ୍ମାନିତ ଅତିଥି ଭାବରେ ଶିଶୁ ସାହିତ୍ୟିକ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ସରୋଜିନୀ ଏକାଧାରରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ସାହିତ୍ୟ ଅନୁରାଗୀ, ଧର୍ମପାରାୟଣା, ପରୋପକାରୀ ମହିଳା ଥିଲେ ବୋଲି ପ୍ରକାଶ କରିଥିଲେ। ସ୍ମୃତି ସମ୍ମାନ ଉତ୍ସବରେ ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ସାହିତ୍ୟିକ ରାଜକିଶୋର ପାଢ଼ୀଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଂସଦର ପ୍ରତିଷ୍ଠା ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତିଙ୍କ ସ୍ୱ-ରଚିତ କବିତା ସଂକଳନ 'ପ୍ରତିଗନ୍ଧା'କୁ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ଆୟୋଜିତ ରକ୍ତଦାନ ଶିବିରରେ ସଂଗଠନର ସଦସ୍ୟମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଉତ୍ସବକୁ ସଂଗଠନର ସଂପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତି ବାର୍ଷିକ ବିବରଣୀପାଠ କରିଥିଲେ। ଖବରଦାତା ଅଖିଳ ସ୍ୱାଇଁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚୈତନ୍ୟ ସ୍ୱାଇଁ, ପ୍ରବୋଧ ମହାନ୍ତି, ଦୁଃଖିଶ୍ୟାମ ବଳ, ବିବେକାନନ୍ଦ ରାୟ, ସରୋଜ ମହାନ୍ତି, ଲତିକା ପଟ୍ଟନାୟକଙ୍କ ସମେତ ବହୁ ସରୋଜିନୀ ପ୍ରେମୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସଂସଦ ତରଫରୁ ଅର୍ପିତା ପଟ୍ଟନାୟକ, ସୀତିକଣ୍ଠ ମହାନ୍ତି, ସାଇଶ୍ରେୟା ଜେନା, ସିର୍ଦ୍ଧାର୍ଥ ସୌମ୍ୟଦୀପ୍ତ ମହାନ୍ତି, ରମେଶ ଭଞ୍ଜ, ହରେକୃଷ୍ଣ ସ୍ୱାଇଁ, ଆଲୋକ ମିଶ୍ର, ସୋନାଲି ବିଶ୍ୱାଳ, ରବୀନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ସାହୁ, ଜଗନ୍ନାଥ ଦାଶ, ଶଙ୍କର୍ଷଣ ସାହୁ, ସରୋଜ ମହାନ୍ତି, ପିୟୁଷ ଶତପଥୀ, ଶ୍ରୀନିବାସ ସ୍ୱାଇଁ, ବିଷ୍ଣୁପ୍ରସାଦ ନାୟକ, ଶ୍ରୀରେନ୍ଦ୍ର ବିଶ୍ୱାଳ ଓ ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅବିନାଶ ଦାଶ ଧନ୍ୟବାଦ ଦେଇଥିଲେ।


ଅତିଥି କବିତା ପୁସ୍ତକ ଲୋକାର୍ପଣ କରୁଛନ୍ତି ।

## ଟ୍ରାଡିସନାଲ କରାଟେ ଏକାଡେମୀର ସଫଳତା

ଛତିଆ,୨୮।୮(ସୌମ୍ୟ ରଞ୍ଜନ ସାହୁ): ବାଲେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୧୯ତମ ରାଜ୍ୟ ସାତୋକାନ କରାଟେ ପ୍ରତିଯୋଗିତା ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଛତିଆ ଏବଂ ଟାଙ୍ଗୀ(କଟକ)ସ୍ଥିତ ଟ୍ରାଡିସନାଲ କରାଟେ ଏକାଡେମୀ ପ୍ରତିଯୋଗୀ ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଏକାଡେମୀର କଟକ ଓ ଯାଜପୁରରୁ ୧୭ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନେ ୧୨ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୮ କାଂସ୍ୟ ମୋଟ୍ ୩୩ ପଦକ ପାଇଛନ୍ତି। ପ୍ରତିଯୋଗୀଙ୍କ ମଧ୍ୟରେ ସ୍ନେହାଶ୍ରୀ ଦାସ- ୨ ସ୍ୱର୍ଣ୍ଣ ପଦକ, ମନୀଷା ଦାସ ୧ ସ୍ୱର୍ଣ୍ଣ, ୧ କାଂସ୍ୟ ପଦକ, ଅଭିପ୍ସା ରାଉତ- ୨ ସ୍ୱର୍ଣ୍ଣ, ୧ ରୌପ୍ୟ ପଦକ, ଆୟୁଷ୍ମତୀ ଜେନା ୨ ସ୍ୱର୍ଣ୍ଣ ପଦକ, ଶେଖ ଇବ୍ରହିମ ୧ ସ୍ୱର୍ଣ୍ଣ ପଦକ, ୧ ରୌପ୍ୟ ପଦକ,


ସଫଳତା ହାସଲ କରିଥିବା ପ୍ରତିଯୋଗୀ ।

ପ୍ରିୟଦର୍ଶିନୀ ସାହୁ ୧ ରୌପ୍ୟ, ୨ କାଂସ୍ୟ ପଦକ, ରାଜେଶ ସାହୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ପଦକ, ତପନ ବେହେରା ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧କାଂସ୍ୟ ପଦକ, ରୁଦ୍ରନାରାୟଣ ଦାସ ୩ ରୌପ୍ୟ ପଦକ, ଦିବ୍ୟାନ୍ସୁ ବେହେରା ୧ ସ୍ୱର୍ଣ୍ଣ, ୧ କାଂସ୍ୟ ପଦକ, ଗୌତମ ଗୋଛାୟତ ୧ ସ୍ୱର୍ଣ୍ଣ ପଦକ, ଆୟୁଷ ସାହୁ ୧କାଂସ୍ୟ ପଦକ, ଶ୍ରୀଆରାଧ୍ୟା ଦାସ ୨ ରୌପ୍ୟ ପଦକ, ଅଭିନବ ଷଡ଼ଙ୍ଗୀ ୧ କାଂସ୍ୟ ପଦକ, ଋତୁରାଜ ମହାନ୍ତି ୧ କାଂସ୍ୟ ପଦକ, ଆଦିତ୍ୟ ନାୟକ ୧ ରୌପ୍ୟ ପଦକ ହାସଲ କରିଛନ୍ତି। ସେନସାଇ ସନକ କୁମାର ଦେଓ, ସେନସାଇ ସତ୍ୟରଞ୍ଜନ ପଟ୍ଟନାୟକ ଓ ସେନସାଇ ଗୋପାଳ କୃଷ୍ଣ ନାୟକ ରେଫରୀ ଓ ଜଜ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସଫଳତା ପାଇଁ ଉଭୟ ଜିଲାରେ ଖୁସିର ଲହରି ଖେଳିଯାଇଛି।

# ଜାତୀୟ ଉଦ୍ୟାନରେ ମୌସୁମୀ ପକ୍ଷୀଙ୍କ ସମାବେଶ

- ବାର୍ଡ ଫ୍ଲୁ ନିରାକରଣ ପାଇଁ ରକ୍ତ ଓ ମଳ ସଂଗ୍ରହ ପ୍ରସ୍ତୁତି
- କୁଆ, ବତକ, କୁକୁଡା, ପାରା ଆଦି ରୋଗର ବାହକ
- ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ଜରୁରୀ


ଭିତରକନିକାରେ ଦେଶୀୟ ପକ୍ଷୀ।

କେନ୍ଦ୍ରାପଡ଼ା,୨୮।୮(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଗତ ମାସକ ମଧ୍ୟରେ ୨ଥର ସହସ୍ରାଧିକ କୁକୁଡା ମରିଛନ୍ତି। ଏଠାରେ ବାର୍ଡ ଫ୍ଲୁ ସନ୍ଦେହ ହୋଇଛି। ଏହି ବ୍ଲକ ଜାଗୁଲାଇପଡ଼ା ଗ୍ରାମରେ ବୁଧବାର ୧୦ରୁ ଊର୍ଦ୍ଧ୍ୱ କାଉଙ୍କ ମୃତ୍ୟୁ ଏହି ସନ୍ଦେହକୁ ଦୃଢ଼ କରିଛି। ପ୍ରତିଦିନ ପାରା, କୁଆ, ବତକଙ୍କ ଅସ୍ୱାଭିକ ସ୍ଥିତି ଅନୁଧ୍ୟାନ ସହ ସମ୍ଭାବ୍ୟ ରୋଗ ସଂକ୍ରମଣ ସ୍ଥାନରେ କୁକୁଡା ମରାଯାଇଛି। ଆସନ୍ତା ୩୦ରୁ ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ମୌସୁମୀ ପକ୍ଷୀଙ୍କ ବନବିଭାଗ ପକ୍ଷରୁ ଗଣନା ଆରମ୍ଭ ହେବା ଦେଶୀୟ ପକ୍ଷୀଙ୍କ ସମାବେଶ ହୋଇଥିବାରୁ ରାଜନଗର ବନବିଭାଗ ଓ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଓ ଜିଲାର ଅନ୍ୟ ଅଞ୍ଚଳର କୁକୁଡା ଫାର୍ମ, ଗୃହପାଳିତ ପକ୍ଷୀଙ୍କ ମଳ ଓ ରକ୍ତ ନମୁନା ସଂଗ୍ରହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ପ୍ରାଣୀଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ରାପିଡ ରେସପନ୍ସ ଟିମ୍ ସହ କୁକୁଡା ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିଆଁ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ ପାଇଁ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ସିଡିଭିଓ ଡା. ମନୋଜ କୁମାର ପଟ୍ଟନାୟକ ଓ ଏଡିଏମ୍‌ଓ ଡା. କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ର କହିଛନ୍ତି, ବାର୍ଡଫ୍ଲୁ ପାଇଁ ଏଚ୍‌୫ଏନ୍‌୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁ ପକ୍ଷୀଙ୍କ ମୃତ୍ୟୁ ହୁଏ। ପକ୍ଷୀଙ୍କ ସହିତ ମିଳାମିଶା କରୁଥିବା ଲୋକ ଏଥିରେ ସଂକ୍ରମିତ ହେବା ବହୁବାର ଦେଖିବାକୁ ମିଳିଛି। ସଂକ୍ରମିତ ରୋଗ ପାଇଁ କୁକୁଡା ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତି। ସେହିପରି କଞ୍ଚା ଅଥବା ଦରସିଝା ଅଣ୍ଡା ଏହି ସମୟରେ ଆଦୌ ବ୍ୟବହାର କରିବା ଉଚିତ ନୁହେଁ। ବାର୍ଡଫ୍ଲୁରେ ସଂକ୍ରମିତ ପ୍ରଥମ ମଣିଷ ୧୯୯୭ରେ ହଂକକଂରେ ଚିହ୍ନଟ ହୋଇଥିଲା। ସେହିବର୍ଷ ପ୍ରାୟ ୬୦ ପ୍ରତିଶତ ଗୃହପାଳିତ ପକ୍ଷୀଙ୍କର ମୃତ୍ୟୁ ହୋଇଥିଲା। ସଂକ୍ରମିତ ପକ୍ଷୀଙ୍କ ମଳ, ଲାଳ, ଆଖିରୁ ନିଗୁଡୁଥିବା ପାଣି ଏହି ଭୂତାଣୁର ବାହକ ହୋଇଥାନ୍ତି। ବିଶେଷକରି ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। କଫ, ଡାଇରିଆ, ଜ୍ୱର, ଶ୍ୱାସ ନେବାରେ କଷ୍ଟ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଳା ଖସଖସ ହେବା, ନାକରୁ ଅନବରତ ପାଣି ଗଡିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ। ଲକ୍ଷଣ ଦେଖା ହେବାର ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି ଏଡିଏମ୍‌ଓ ଡା. ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଏ ସମ୍ପର୍କରେ ସିଡିଭିଓ ଡା. ପଟ୍ଟନାୟକ କହିଛନ୍ତି, ବିଭାଗ ପକ୍ଷରୁ ରାପିଡ ରେସପନ୍ସ ଟିମ୍ ଗଠନ କରାଯାଉଛି। ଏଥିରେ ଜଣେ ଭିଏଏସ, ଜଣେ ଏଲଆଇ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଓ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଏହି ଟିମ୍ ଜିଲାର କୁକୁଡା ଫାର୍ମ ମାଲିକଙ୍କୁ ରୋଗ ଚିହ୍ନଟ ସମ୍ପର୍କରେ ତାଲିମ ପ୍ରଦାନ କରିବା ଆବଶ୍ୟକତା ଥିଲେ ଭିତରକନିକା ସମେତ ଜିଲାର ଅନ୍ୟସ୍ଥାନରେ ପକ୍ଷୀଙ୍କ ମଳ ଓ ରକ୍ତର ନମୁନା ସଂଗ୍ରହ କରାଯାଇ କଟକସ୍ଥ ଏଡିଆରଆଇ (ଆନିମାଲ ଡିଜିଜ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)କୁ ପଠାଯିବ। ଡିଏଫ୍‌ଓ ଭରଦ୍ୱାଜ ଗାଉଁକର କହିଛନ୍ତି ଯେ ଅସୁସ୍ଥ ପକ୍ଷୀଙ୍କୁ ଚିହ୍ନଟ କରିବାକୁ ବନ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି କୌଣସି ପକ୍ଷୀ ଏହି ରୋଗରେ ଶୀକାର ହୋଇ ମରି ନ ଥିବା ଡିଏଫ୍‌ଓ ମତ ଦେଇଛନ୍ତି।

## ଦଳୀୟ ଗୀତରେ ଛାତ୍ରୀଛାତ୍ର ନାଚିବା ନେଇ ଥାନାରେ ଅଭିଯୋଗ

ରାଜକନିକା,୨୮।୮(ସଞ୍ଜୟ କୁମାର ଦାଶ)

ରାଜକନିକା ସଦରସ୍ଥିତ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପରିସରରେ ନିର୍ଦ୍ଦିଷ୍ଟ ଏକ ଦଳୀୟ ଗୀତରେ ଛାତ୍ରୀଛାତ୍ର ନାଚିବାକୁ ନେଇ ଥାନାରେ ଅଭିଯୋଗ ହେଉଛି । ସୂଚନାଯୋଗ୍ୟ, ମହାବିଦ୍ୟାଳୟ ପରିସରରେ ଗତ ୨୭ତାରିଖ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପ୍ରରିପ୍ରେକ୍ଷୀରେ କେତେଜଣ ଛାତ୍ରୀଛାତ୍ର ନିର୍ଦ୍ଦିଷ୍ଟ ଏକ ଦଳୀୟ ଗୀତରେ ନାଚୁଥିବାର ଭିଡିଓ ଭାଇରାଲ ହୋଇଛି । ଏହାକୁ ନେଇ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶ୍ରେୟସ ଦାସ କହିଛନ୍ତି, ଆଗକୁ ଛାତ୍ର ସଂସଦ ନିର୍ବାଚନ ଅଛି । ଏହାଛଡା ପବିତ୍ର ଶିକ୍ଷାନୁଷ୍ଠାନରେ ଗଣେଶ ପୂଜାରେ ଏଭଳି ଏକ ନିର୍ଦ୍ଦିଷ୍ଟ ଦଳୀୟ ଗୀତରେ ପିଲାମାନେ ନାଚିବା ଅଶୋଭନୀୟ । ମହାବିଦ୍ୟାଳୟର କର୍ତ୍ତୃପକ୍ଷ କିମ୍ବା କର୍ମଚାରୀମାନେ କାହିଁକି ବାରଣ ନ କଲେ ବୋଲି ଅଭିଯୋଗ ଆଣି ତଦନ୍ତ ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ତଦନ୍ତ ହେବ ବୋଲି ଥାନାଅଧିକାରୀ କହିଛନ୍ତି।

## ଭାରତୀୟ ନୌସେନା ପକ୍ଷରୁ ଉପକୂଳ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ରାଜନଗର,୨୮।୮(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାଗର ତଟବର୍ତ୍ତି ତାଲଚୁଆ ସାମୁଦ୍ରିକ ଥାନା ଏବଂ ଭାରତୀୟ ନୌସେନା ପକ୍ଷରୁ ଉପକୂଳ ମତ୍ସ୍ୟଜୀବୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ତାଲଚୁଆ ସାମୁଦ୍ରିକ ଥାନା ପରିସରରେ ଆୟୋଜିତ ସଚେତନା କାର୍ଯ୍ୟକ୍ରମରେ ଭାରତୀୟ ନୌସେନା ବିଭାଗର ଅଧିକାରୀ ଅଶ୍ୱିନୀ କୁମାର ପ୍ରଧାନ, ଅନୁପ ସିଂ, ମେରାଇନ ଥାନା ଆଇଆଇସି ବିମଳ କୁମାର ମଲିକ ପ୍ରମୁଖ ଯୋଗ ଦେଇ ଉପକୂଳ ମତ୍ସ୍ୟଜୀବୀମାନେ ସମୁଦ୍ରରେ ମାଛ ମାରିବା ସମୟରେ ଲାଗୁ ହୋଇଥିବା ସମସ୍ତ ଆଇନକୁ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଉପକୂଳ ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀମାନେ ଏକକ ରଙ୍ଗ ଡଙ୍ଗା ବ୍ୟବହାର କରିବା, ଛୋଟ ଛୋଟ ମାଛଧରା ବୋଟର ପଞ୍ଜୀକରଣ କରିବା, ଦଳହୋଇ ମାଛ ଧରିବା, ପ୍ରଚୁର ମାଛ ବହୁଳ ସ୍ଥାନରେ କମ ସଂଖ୍ୟାରେ ଯିବା ନେଇ ମତ୍ସ୍ୟ ବିଭାଗ ସହିତ ପରାମର୍ଶ ନେବା ଏବଂ ମାଛ ଧରିବା ସମୟରେ ବିଭାଗ ତରଫରୁ ନିର୍ଦ୍ଧାରିତ ସୀମା ଭିତର ରହି ମାଛ ଧରିବା ପାଇଁ ଉପକୂଳ ମତ୍ସ୍ୟଜୀବୀମାନଙ୍କୁ ସଚେତନା କରାଇଥିଲେ। ଉପକୂଳ ଅଞ୍ଚଳର ଶତାଧିକ ମତ୍ସ୍ୟଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ତାଲଚୁଆ ଥାନାର ଜ୍ଞାନେନ୍ଦ୍ର ମହାନ୍ତି, ବିଜୟ ସାମଲ, ନବଘନ ମହାରଣା, ଧର୍ମେନ୍ଦ୍ର ବେହେରା, ଆଲୋକ ଭୂଷଣ ରଥ, ଜିତେନ୍ଦ୍ର ମଲିକ ପ୍ରମୁଖ ପରିଚାଳନା କରିଥିଲେ।

## ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରାଜନଗର,୨୮।୮(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪ନଂ.ଜୋନର ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ତଥା ଜୋନ ସଭାପତି ମାନସ ରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୪୨ ଜଣ ପ୍ରତିଯୋଗୀ କବାଡି,ବ୍ୟାଡମିଣ୍ଟନ, ଭଲିବଲ ଓ ଯୋଗାସନ ଆଦି ପ୍ରତିଯୋଗିତାରେ ଭାଗ ନେଇ ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ଏହି ଜୋନସ୍ତରୀୟ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀଣାପାଣି ହାଇସ୍କୁଲ ଦିଘିର ପ୍ରଧାନ ଶିକ୍ଷକ କ୍ଷିତିଶ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ନିରଞ୍ଜନ ନାୟକ, ପରିଚାଳନା କମିଟିର ସଭାପତି କାର୍ତ୍ତିକ ବେହେରା, ବରିଷ୍ଠ କ୍ରୀଡ଼ା ଶିକ୍ଷକ ପ୍ରଭାକର ଦାସ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ପିଲାମାନେ ନିଜର ଦକ୍ଷତା ଓ ଅନ୍ତର୍ନିହିତ ଗୁଣର ବିକାଶ କରିପାରିଲେ ଶ୍ରେଷ୍ଠ କ୍ରୀଡ଼ାବିତ ହୋଇପାରିବେ ବୋଲି କହିଥିଲେ । ଜୋନ ସମ୍ପାଦକ ବିକାଶ ରଞ୍ଜନ ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଓମ୍ ପ୍ରକାଶ ବାରିକ ଅତିଥି ପରିଚୟ, ଶିକ୍ଷୟିତ୍ରୀ ଅନପୂର୍ଣ୍ଣା ଚୁଲି ସଂଯୋଜନା କରିଥିଲେ । ଶିକ୍ଷକ ଦୀପକ ନାୟକ ଧନ୍ୟବାଦ ଦେଇଥିଲେ ।

## ବରାଡ଼ିଆ-ମଧୁବନ ରାସ୍ତା ମରଣଯନ୍ତା

### ଆନ୍ଦୋଳନ ପାଇଁ ଗ୍ରାମବାସୀଙ୍କ ସଜବାଜ

ରାଜକନିକା,୨୮।୮(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବରାଡିଆ ପଞ୍ଚାୟତର ବରାଡିଆ-ମଧୁବନ ରାସ୍ତା ମରଣଯନ୍ତା ପାଲଟିଛି । ଏ ସଂକ୍ରାନ୍ତରେ ଅଞ୍ଚଳବାସୀଙ୍କ ସମେତ ସାମାଜିକ କର୍ମୀ ମଙ୍ଗୁଳି ଚରଣ ବେହେରା ଅଭିଯୋଗ କରିଛନ୍ତି । କିଛି ଦିନ ପୂର୍ବେ ବରାଡିଆ-ମଧୁବନ ପ୍ରାୟ ୧କି.ମି. ରାସ୍ତାର କାମ ନୂତନ ଭାବେ ହୋଇଥିଲା । ଠିକ୍ ଢଙ୍ଗରେ କାମ ନ ହୋଇଥିବା କାରଣରୁ ଏବେ ରାସ୍ତା ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ଦୈନନ୍ଦିନ ସ୍କୁଲ, କଲେଜ ଛାତ୍ରୀଛାତ୍ର ଯାତାୟାତ କରିବା ସହ ପଞ୍ଚାୟତରୁ ରାଜକନିକା ସଦର ମହକୁମାକୁ ବିଭିନ୍ନ କାର୍ଯ୍ୟ ନେଇ ଦୈନିକ ଲୋକମାନେ ଯିବା ଆସିବା କରିଥାନ୍ତି । ରାସ୍ତାରେ ଏକାଧିକ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ସେଠାରେ ପାଣି ଜମି ରହୁଛି । ଫଳରେ ଛାତ୍ରୀଛାତ୍ରଙ୍କ ସମେତ ଲୋକମାନେ ସେହି ଗର୍ତ୍ତରେ ପଡ଼ି ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆ ଖାବରା ହେଉଛନ୍ତି । ବରାଡିଆଠାରେ ଏକ ରାଷ୍ଟ୍ରାୟତ ବ୍ୟାଙ୍କ ଥିବାରୁ ସେଠାକୁ ଯିବାକୁ ହେଲେ ଏହି ରାସ୍ତା ହିଁ ଭରସା। ଏହାବାଦ୍ ହାଇସ୍କୁଲ, ଶିଶୁ ବିଦ୍ୟାମନ୍ଦିରକୁ ଦୈନିକ ଅନେକ ଛାତ୍ରୀଛାତ୍ର ଯାତାୟାତ କରିଥାନ୍ତି । ଏହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଆର.ଡି. ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି । ଯଦି ଯଥାଶୀଘ୍ର ରାସ୍ତା ମରାମତି କରା ନ ଯାଏ ତେବେ ଅଞ୍ଚଳବାସୀଙ୍କ ସମେତ ସାମାଜିକ କର୍ମୀ ବେହେରା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

କିଛିଦିନ ପୂର୍ବେ ଏହି ରାସ୍ତାରେ ଥିବା କଲଭର୍ଟ ପାଖରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇ ଯାନବାହାନ ଚଳାଚଳ ବନ୍ଦ ହୋଇଥିଲା। ଜଳ ସେଚନ ତଟବନ୍ଧ ବିଭାଗରୁ ଅତି ତରବରିଆ ଭାବେ କିଛି ବାଲିବସ୍ତା ପକାଇ ଦାୟିତ୍ୱ ସାରିଦେଇଥିବା ବେଳେ, ଏବେ ବି ସେହି ସ୍ଥାନ ବିପଦଶଙ୍କୁଳ ଅବସ୍ଥାରେ ରହିଛି।


ଖାଲଖମାରେ ପରିପୂର୍ଣ୍ଣ ବରାଡ଼ିଆ-ମଧୁବନ ରାସ୍ତା।

## ସାମାଜିକ କର୍ମକୁ ଗୁରୁତ୍ୱ ଦେଉଥିଲେ ଭଜକୃଷ୍ଣ


ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

କେନ୍ଦ୍ରାପଡ଼ା,୨୮।୮(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହରର ମନକରପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ଭଜକୃଷ୍ଣ ରାଉତ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ମୃତିରେ ଭଜକୃଷ୍ଣ ଶୀର୍ଷକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି । ଶିକ୍ଷାବିତ୍ ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକକର୍ମୀ ତଥା ଶିକ୍ଷାବିତ୍ ଗଜକୃଷ୍ଣ ରାଉତ ସମସ୍ତଙ୍କ ସହିତ ଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲା ପରିଷଦ ସଭାପତି ଲିଳିତା ଦାସ, ପୌରାଧକ୍ଷା ସରିତା ସାହୁ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ଡ. ସିପ୍ରା ମଲିକ, ଭାଜପା ନେତ୍ରୀ ଗୀତାଞ୍ଜଳି ସେଠୀ, ଆଇନଜୀବୀ ଭୀମସେନ ଭୂୟାଁ, ଯୁବନେତା ରାଜେଶ ପଣ୍ଡା, ଧିରେନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିଥିଲେ । ସେମାନେ କହିଥିଲେ ଯେ ସ୍ୱର୍ଗତ ରାଉତ ବିଭିନ୍ନ ଅନୁଷ୍ଠାନରେ ରହି ସାମାଜିକ କର୍ମକୁ ସୂଚାରୂ ରୂପେ ସମ୍ପାଦନ କରିଛନ୍ତି। ତାଙ୍କର ଏହି ଅବଦାନ ଜିଲାବାସୀଙ୍କ ଅନ୍ତରରେ ଅମର କରି ରଖିଛି । ଜଳମତ ନିର୍ବିଶେଷରେ ତାଙ୍କର ବ୍ୟକ୍ତିତ୍ୱ ସମାଜ ପାଇଁ ଆଦର୍ଶ ହୋଇଥିବାରୁ ସହରର ଏକ ପ୍ରମୁଖ ସ୍ଥାନରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ଓ ପୂର୍ଣ୍ଣାଙ୍ଗ ଆତ୍ମଜୀବନୀ ପ୍ରକାଶ କରିବାକୁ ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ ପ୍ରତାପ ପତି ବେଦପାଠ କରିଥିବା ବେଳେ ଟ୍ରଷ୍ଟ ସଦସ୍ୟ ମାନସ ରଞ୍ଜନ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଟ୍ରଷ୍ଟର ଆବାହକ ରଶ୍ମିରଞ୍ଜନ ରାଉତ, ସ୍ମୃତିରଞ୍ଜନ ରାଉତ, ଦୀପକ ବାରିକ, ଉପେନ୍ଦ୍ର ନାୟକ, ଜ୍ଞାନରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋ ଚାଲାଣ ନେଇ ୨ ଗୋଷ୍ଠୀ ମାରପିଟ, ୪ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ,୨୮।୮(କଳ୍ପତରୁ ନାୟକ)

ଗୋରୁ ଚାଲାଣକୁ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳର ୨ ଗୋଷ୍ଠୀ ମଧରେ ଗଣ୍ଡଗୋଳ ଘଟିଛି । ଏଥିରେ କେତେଜଣ ଆହତ ହେବା ସହିତ ଜଣେ ଗୁରୁତର ହୋଇଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ୨ଟି ମାମଲା(ନଂ,୨୬୧,୨୬୨/୨୫)ରୁଜୁ କରି ଉଭୟ ପକ୍ଷର ୪ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାକୁ ନେଇ ପଟ୍ଟାମୁଣ୍ଡାଇରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଉଛି । ସୂଚନା ଅନୁଯାୟୀ, ବୁଧବାର ଅନ୍ୟ ସମ୍ପ୍ରଦାୟର ଜଣେ ଯୁବକ କାକୁଡିପଲ୍ଲୀ ନିକଟରେ କେତେକ ବୁଲା ଗାଈ ଓ ଷଣ୍ଢକୁ ନେଇ ଯାଉଥିବାବେଳେ ତାଙ୍କୁ ବଜରଙ୍ଗ ଦଳର ଜଣେ ସଦସ୍ୟ ଅଟକାଇ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ । ଏହାପରେ କେତେଜଣ ଯୁବକ ଏକାଠି ହୋଇ ସମ୍ପୃକ୍ତ ଯୁବକଙ୍କୁ ଆକ୍ରମଣ କରିଥିଲେ । ଏହା ପରେ ଆହତ ଯୁବକଙ୍କ ସମର୍ଥକମାନେ ଆସି ଆକ୍ରମଣ କରିଥିବା ଯୁବକମାନଙ୍କୁ ଆକ୍ରମଣ କରିଥିଲେ । ଏଥିରେ ୪ଜଣ ଆହତ ହେବା ସହିତ ଜଣେ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ପରେ କେନ୍ଦ୍ରାପଡ଼ା ଓ ଶେଷରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏହି ଘଟଣାକୁ ନେଇ ପଟ୍ଟାମୁଣ୍ଡାଇରେ ଉତ୍ତେଜନା ଲାଗି ରହିଛି ।

## ବାପାଙ୍କ ସଂସ୍କାର ହିଁ ପିଲାମାନଙ୍କୁ ଭଲ ମଣିଷ କରେ

ଆଳି, ୨୮।୮ (ବନମାଳୀ ସେନାପତି )

ବାପାଙ୍କ ସଂସ୍କାର ପାଇଁ ହିଁ ପିଲାମାନେ ଭଲ ମଣିଷ ହେଇଥାନ୍ତି ବୋଲି ଗୁରୁବାର ସନ୍ଧ୍ୟାରେ ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ପିତୃ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି କବି ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଯାଜପୁର ବ୍ରଜସୁନ୍ଦର ଜୁନିୟର କଲେଜ ଅଧ୍ୟାପକ ରବିନାରାୟଣ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାମାୟଣର ବିଭିନ୍ନ ଚରିତ୍ର ଉପରେ ଆଲୋକପାତ କରି ପିତାଙ୍କ କର୍ମ କିପରି ହେବା ଉଚିତ ବୋଲି କହିଥିଲେ। ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମ ପ୍ରସଙ୍ଗରୁ ଆରମ୍ଭ କରି ଆଜିର ସମାଜରେ ବାପାଙ୍କ ଭୂମିକାର ଅବତାରଣା କରିଥିଲେ। ଯେଉଁ ପରିବାର ଯେତେ ସଂସ୍କାରିତ ସେ ପରବାର ଶିଶୁ ସେତେ ସଂସ୍କାରିତ ହେଇଥାଆନ୍ତି। ତେଣୁ ପିଲାଙ୍କୁ ଭଲମଣିଷ କରି ତୋଳିବାରେ ବାପାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ରାପଡ଼ା ଜିଲା ଗାୟତ୍ରୀ ପରିବାର ସଭାପତି ନାରାୟଣ ପଣ୍ଡା ତାଙ୍କ ଅଭିଭାଷଣରେ ପରିବାର ପାଇଁ ଗାୟତ୍ରୀ ମନ୍ତ୍ରର କେତେ ପ୍ରଭାବ ରହିଛି ସେ ବିଷୟରେ ଆଲୋଚନା ଆରମ୍ଭ କରି କହିଥିଲେ ଯେ ମା'ବାପାମାନେ ଗାୟତ୍ରୀ ମନ୍ତ୍ରର ଉପଯୁକ୍ତ ବ୍ୟବହାର କଲେ ବୃଦ୍ଧକାଳରେ ସେମାନଙ୍କୁ ଆଉ ବୃଦ୍ଧାଶ୍ରମକୁ ଯିବାକୁ ପଡିବ ନାହିଁ। ଜଣେ ସଂସ୍କାରିତ ପୁଅ ବାପାଙ୍କୁ କେବେ ବୃଦ୍ଧାଶ୍ରମକୁ ପଠାଇବ ନାହିଁ ବରଂ ତାଙ୍କର ଉପଯୁକ୍ତ ସେବା କରିବ। ସମ୍ପାଦକ ସୁଶାନ୍ତ ଦାଶ ସ୍ୱାଗତ ଭାଷଣରେ ପରିବାର ମୁଖିଆ ବାପାଙ୍କ ବିଷୟରେ କହିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଆଚାଯ୍ୟା ସଞ୍ଜୁଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ଉପସଭାପତି ସନ୍ନିଭା ମିଶ୍ର ଦାଶ, ନିର୍ଭୟ କୁମାର ସାହୁ, ନିରାକାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ପିତୃ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ବନ୍ୟାଜଳ କମୁଛି, ଦୁର୍ଦ୍ଦଶା କମୁନି

ଡ଼େରାବିଶ,୨୮।୮(ବେବର୍ତ୍ତା ଅଜୟ ଦାସ)


ଗାଁ ଭିତରେ ପଶିରହିଥିବା ବନ୍ୟାଜଳ।

ଗତ ଦୁଇ ଦିନ ହେବ ବିରୁପା ନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଡେରାବିଶ ବ୍ଲକ ବେଣିପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆ ଅଧିବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ମଙ୍ଗଳପୁର ପଞ୍ଚାୟତର ୯ନମ୍ବର ୱାର୍ଡ ଘେରିବନ୍ଧ ତଳେ ଥିବା ୨୦ରୁ ଊର୍ଦ୍ଧ୍ୱ ପରିବାର ପାଣି ଘେରରେ ଅଛନ୍ତି । ଗୁରୁବାର ସକାଳେ ବନ୍ୟାଜଳ ସମାନ୍ୟ ହ୍ରାସ ପାଇଛି। ତଥାପି ବନ୍ୟାପାଣି ଲୋକମାନଙ୍କ ବାରଣ୍ଡାରେ ଜମି ରହିଛି। ସରିସୃପର ଭୟ ଓ ନଦୀରେ ଥିବା କୁମ୍ଭୀର ଆଶଙ୍କାରେ ଗ୍ରାମବାସୀ ବନ୍ଧ ଉପରୁ ଆଶ୍ରୟ ନେଇଛନ୍ତି । ଏପରିକି ବନ୍ୟାଜଳ ମାଟି ଘରର କାନ୍ଥକୁ ଲାଗିଥିବାରୁ ବହୁ ପରିବାର ବିପଦଶଙ୍କୁଳ ଅବସ୍ଥାରେ ରହିଛନ୍ତି।

କେନ୍ଦ୍ରାପଡା ଜିଲା ବନ୍ୟା ନିୟନ୍ତ୍ରଣ କକ୍ଷ ସୂଚନା ଅନୁଯାୟୀ, ଗତ ସୋମାବାର ଠାରୁ ରେଙ୍ଗାଲି ଡ୍ୟାମରୁ ୩ଟି ଗେଟ ଦେଇ ଛଡାଯାଇଥିବା ବନ୍ୟାଜଳ ଓ ସମଲ ବ୍ୟାରେଜରେ ୧୦ଟି ଗେଟ ଦେଇ ନିଷ୍କାସିତ ହେଉଥିବା ବନ୍ୟାଜଳ ନିୟନ୍ତ୍ରଣ ପାଇଁ ଗୁରୁବାର ଅପରାହ୍ନ ୪ଟାରେ ରେଙ୍ଗାଲିର ୨ଟି ଗେଟ ବନ୍ଦ କରାଯାଇ ଗୋଟିଏ ଗେଟ ଓ ସମଲ ବ୍ୟାରେଜରେ ଖୋଲାଯାଇଥିବା ୧୦ଟିରୁ ୪ଗେଟ ବନ୍ଦ କରାଯାଇ ୬ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବ୍ରାହ୍ମଣୀର ଶାଖା ବିରୁଡା ନଦୀର ଗୋପାଳପୁରଠାରେ ବିପଦ ସଙ୍କେତ ୧୦.୦୫ ମିଟର ଥିବା ବେଳେ ଆଜି ଅପରାହ୍ନ ସୁଦ୍ଧା ୯.୬୨ ମିଟର ଓ ଇନ୍ଦୁପୁରଠାରେ ବିପଦ ସଙ୍କେତ ୮,୨୩ ଥିବା ବେଳେ ଅପରାହ୍ନ ସୁଦ୍ଧା ୮ମିଟର ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ମଙ୍ଗଳବାର ଅପରାହ୍ନରେ ସମଲ ବ୍ୟାରେଜରୁ ବ୍ରାହ୍ମଣୀକୁ ୨ଲକ୍ଷ ୧୫ ହଜାର ଘନଫୁଟ ବନ୍ୟାଜଳ ଛଡାଯାଉଥିବା ବେଳେ ଗୁରୁବାର ଅପରାହ୍ନ ସୁଦ୍ଧା ୧ଲକ୍ଷ ୨୦ ହଜାର ଘନଫୁଟ ପାଣି ବ୍ରାହ୍ମଣୀରେ ଛଡ଼ାଯାଉଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉମେଶଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତ, ସହକାରୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀ ଓ ସଞ୍ଜୟ କୁମାର ଶତପଥୀ ଓ କନିଷ୍ଠ ଯନ୍ତ୍ରୀ ଗୋରାଶିଷ ସାହୁ ପ୍ରମୁଖ ଯାଜପୁର ଜିଲାର ବାଲିଚନ୍ଦ୍ରପୁରଠାରୁ କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ଯାଏ ନଦୀବନ୍ଧର ସ୍ଥିତି ପ୍ରତି ସତର୍କ ନଜର ରଖିଛନ୍ତି।

### ଦୁଃଖ ଭୋଗୁଛନ୍ତି ମଙ୍ଗଳପୁର ୯ନଂ. ୱାର୍ଡ ବାସିନ୍ଦା

**ସଂକ୍ଷେପରେ**

## ରକ୍ତଦାନ ଶିବିର

ଆସିକା ୨୮।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ପକ୍ଷରୁ ଗୁରୁବାର ବ୍ଲକର ଗହଙ୍ଗୁସ୍ଥିତ ଉପସେବା କେନ୍ଦ୍ରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶାନ୍ତିଶକ୍ତି ଭବନର ସଞ୍ଚାଳିକା ପ୍ରଭାତିଙ୍କ ସଂଯୋଜନାରେ ଗହଙ୍ଗୁ ସରପଞ୍ଚ ମନୋଜ ପରିଡ଼ା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗହଙ୍ଗୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡାକ୍ତର ମନୋଜ ସ୍ୱାଇଁ, ବ୍ରହ୍ମପୁର ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଜ୍ୟୋତି ଯାଜ୍ଞସେନୀ, ବରିଷ୍ଠ ବ୍ରହ୍ମାକୁମାର ଲକ୍ଷ୍ମଣ ଓ ମୋହନ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ଭାଇଚାରାର ସନ୍ଦେଶ ପ୍ରଦାନ ଲାଗି ତ୍ୟାଗପୂତ ପ୍ରୟାସ କରିଥିବା ଦାଦି ପ୍ରକାଶମଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ଏକଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସୂଚନା ଦେଇଥିଲେ। ଏହି ଶିବିରରେ ୧୭ ୟୁନଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡିଛି।

## ଡାକ ଚୌପାଲ୍ କାର୍ଯ୍ୟକ୍ରମ

ଆସିକା ୨୮।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଡାକ ମଣ୍ଡଳ ପକ୍ଷରୁ ମଙ୍ଗଳବାର ଆସିକା ବ୍ଲକର ବାଲିସିରାସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଡାକ ଚୌପାଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଡାକମଣ୍ଡଳ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣଲ୍ ଦିଲ୍ଲୀପ ବେହେରା, ନିରୀକ୍ଷକ ଶଶି ରଞ୍ଜନ, ପିଏଲ୍‌ଆଇ ଉନ୍ନୟନ ଅଧିକାରୀ ଦୀପକ ପାଣିଗ୍ରାହୀ, ଗୁଣ୍ଡପଡା ପୋଷ୍ଟ ମାଷ୍ଟର ପ୍ରସନ୍ନ ପାଢ଼ୀ, ଷ୍ଟେଟ ବ୍ୟାଙ୍କ ବାଲିସିରା ଶାଖା ପରିଚାଳକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏତଦ୍ ଅବସରରେ ଡାକ ବିଭାଗର ବିଭିନ୍ନ ସେବା ଓ ସଞ୍ଚୟ ଯୋଜନା, ଡାକ ବିଭାଗର ବୀମା, ଗ୍ରାମିଣ ଡାକ ଜୀବନ ବୀମା, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ, ଆଧାର ସେବା ଯୋଜନା ଏବଂ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜନସାଧାରଣ ଏହି ସେବା ପାଇବା ଲାଗି ଆଗେଇ ଆସିବା ନିମନ୍ତେ ଅଧିକ୍ଷକ ବେହେରା ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ବହୁ ଡାକ କର୍ମଚାରୀ ଓ ବାଲିସିରା ଜନସାଧାରଣ ସାମିଲ୍ ଥିଲେ।

## ମଧୁବୈଶ୍ୟ ସମାଜର ବନ୍ଧୁ ମିଳନ, କର୍ମକର୍ତ୍ତା ଚୟନ

ବୁଗୁଡ଼ା, ୨୮।୮ (କାଳିଚରଣ ଦାଶ)

ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ବୁଗୁଡ଼ା ମୁଠାର ପାରିବାରିକ ବନ୍ଧୁ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଡା. ଅମ୍ବିକା ବିଷୋୟୀ, ମୁଖ୍ୟବକ୍ତା ଭାବେ ସମ୍ବାଦ ସାହିତ୍ୟ ଘର ସଭାପତି ରଘୁନାଥ ସାହୁ ଓ ସମ୍ମାନିତ ଅତିଥି ଭାବେ ବୁଗୁଡ଼ା ମିଡ଼ିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ ପଟ୍ଟନାୟକ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ତାଲୁକା ସମ୍ପାଦକ ରାଜେନ୍ଦ୍ର ସାହୁ ଯୋଗଦେଇ ସମାଜ ଗଠନର ଉପାଦେୟତା ଓ ଆବଶ୍ୟକ ନିୟମାବଳୀ ଉପରେ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ କୁଳ ବେହେରା ଭାବେ କିରଣ ସାହୁଙ୍କୁ ଅଭିଷିକ୍ତ କରାଯାଇଥିବା ବେଳେ ନୂତନ କର୍ମକର୍ତ୍ତା ଚୟନରେ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ସାହୁ, ଉପସଭାପତି ଭାବେ ସନ୍ତୋଷ ସାହୁ, ସମ୍ପାଦକ ଭାବେ ନୀଳ ମାଧବ ସାହୁ, ସହ-ସମ୍ପାଦକ ଭାବେ ସନ୍ତୋଷ ସାହୁ, କୋଷାଧ୍ୟକ୍ଷ ଭାବେ ମନୋଜ ସାହୁ, ଉପଦେଷ୍ଟା ଭାବେ ରଘୁନାଥ ସାହୁ ଓ ପ୍ରଦୀପ ସାହୁ ଏବଂ ପରିଚାଳନା କମିଟି ସଦସ୍ୟ ଭାବେ ଅରବିନ୍ଦ ସାହୁ, କାହ୍ନୁ ଚରଣ ସାହୁ, ନିଳାଞ୍ଚଳ ସାହୁଙ୍କୁ ମନୋନୀତ କରାଯାଇଥିଲା।

## ଚକ୍ଷୁ ଚିକିତ୍ସା ଶିବିର

ଗଞ୍ଜାମ, ୨୮।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ସହର ପୁଇଁତୋଳା ବଡ଼ ସାହି ପୂଜା କମିଟି ପକ୍ଷରୁ ଗୁରୁବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମ ଓ ଆଖପାଖ ଅଞ୍ଚଳର ବହୁ ଲୋକ ନିଜର ଆଖି ପରୀକ୍ଷା କରିଛନ୍ତି। ସେହିପରି ପୁଇଁତୋଳା ବାରିକି ସାହି ପୂଜା କମିଟି ପକ୍ଷରୁ ଏହି ପୂଜା ଉପଲକ୍ଷେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ସତ୍ତା ହରାଇଲାଣି ଗଜପତିଙ୍କ ଅମଳର ୫ ସାଗର

**କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀ, ମସ୍ୟଜୀବୀ**

ପାରଳାଖେମୁଣ୍ଡି, ୨୮।୮ (ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିର ପ୍ରଜା ବତ୍ସଳ ଶାସକ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏହି ଅଞ୍ଚଳର ବିକାଶ ପାଇଁ ସାଗର ଯୋଜନା ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ସେ ୫ଟି ବୃହତ ସାଗର ଖୋଳି ଥିଲେ। ସାଗରଗୁଡ଼ିକ ହେଲା ରାମ ସାଗର, ସୀତା ସାଗର, ଲକ୍ଷ୍ମଣ ସାଗର, କୃଷ୍ଣ ସାଗର ଓ ଗଜପତି ସାଗର। ଚାଷୀ ଓ ମସ୍ୟଜୀବୀଙ୍କ ସହ ସାଧାରଣ ଲୋକଙ୍କ ଲାଗି ଏକଦା ବ୍ୟବହୃତ ହେଉଥିବା ଏହି ସାଗରଗୁଡ଼ିକ ଏବେ ପୋତି ହୋଇଗଲାଣି।



ପୋତି ହୋଇଯାଇଥିବା ସାଗର।

ଏହି ସାଗରଗୁଡ଼ିକ ମହେନ୍ଦ୍ରତନୟା ନଦୀ ସହ କେନାଲ ସଂଯୋଗ ହୋଇଥିଲା। ଯାହାଦ୍ୱାରା ନଦୀର ଅଧିକ ଜଳ କେନାଲ ମାଧ୍ୟମରେ ଚାଷଜମିକୁ ମାଡ଼ିବ। ସାଗର ସବୁ ଭର୍ତ୍ତି ହୋଇ ପୁଣି ତଳେ ଥିବା ଚାଷଜମିକୁ ଜଳ ଯୋଗାଇବ। ଯଦି ଜଳ ବଳକା ହୋଇଯାଏ ତେବେ ତାହ ନଦୀରେ ମିଶିବା ବ୍ୟବସ୍ଥା ହୋଇଥିଲା। ଚାଷୀ ଓ ମସ୍ୟଜୀବୀଙ୍କ ଜୀବନରେଖା ପାଲଟିଥିବା ଏହି ସାଗରଗୁଡ଼ିକର ଜଳକୁ ସ୍ଥାନୀୟ ଲୋକେ ପାନୀୟ ଜଳ ରୂପେ ମଧ୍ୟ ବ୍ୟବହାର କରୁଥିଲେ। ଜଳସେଚନ ବିଭାଗ ତଥା ରାଜ୍ୟ ସରକାରଙ୍କ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏ ପାଞ୍ଚଟି ସାଗର ଶ୍ରୀହୀନ ହୋଇପଡିଛି। ରକ୍ଷଣବେକ୍ଷଣ ଅଭାବରୁ ସାଗର ସବୁ ପଙ୍କ ମାଟି, ଘାସ ବୁଦା ଓ ଦଳରେ ଭର୍ତ୍ତି ହୋଇ ଗଲାଣି। ପୂର୍ବତନ ସରକାର ଏହି ସାଗରଗୁଡିକ ମଧ୍ୟରୁ ରାମ ସାଗରର ପୁନରୁଦ୍ଧାର ପାଇଁ ୩ କୋଟି ୨୧ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ସେହି ଅର୍ଥରେ କିଛି ମାତ୍ରାରେ କାମ ହୋଇ ବନ୍ଦ ରହିଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ସେହିଭଳି କୃଷ୍ଣ ସାଗରର ପୁନରୁଦ୍ଧାର ପାଇଁ ୨କୋଟି ୫୪ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ଏହି ଅର୍ଥରେ ହୋଇଥିବା କାର୍ଯ୍ୟ ଅତି ନିମ୍ନମାନର ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିଭଳି ଗଜପତି ସାଗର ପାଇଁ ୧କୋଟି ୧୯ ଲକ୍ଷ ଟଙ୍କା ଆସିଥିବା ବେଳେ ଏଥିରେ କିଛି ମାତ୍ରାରେ ମରାମତି କରାଯାଇଛି। ଏବେ କିଛି ବର୍ଷ ହେଲା ଆସମାଜିକ ଲୋକେ ସାଗରଗୁଡ଼ିକୁ ଏଗୁଡ଼ିକୁ ଡଷ୍ଟବିନ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସହର ଉପକଣ୍ଠରେ ଥିବା ରାମ ସାଗର ଓ ସୀତା ସାଗରରେ କୁଢ କୁଢ ଅଳିଆ ଆବର୍ଜନା ଆଣି ଫିଙ୍ଗି ଚାଲିଯାଉଛନ୍ତି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ରାମ ସାଗର, କୃଷ୍ଣ ସାଗର ଓ ଗଜପତି ସାଗରର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଟ୍ରିପାଲ ଆର୍ ଯୋଜନାରେ ଅର୍ଥ ମଞ୍ଜୁର କରିଥିଲେ। କୃଷ୍ଣ ସାଗର କାମ ସମ୍ପୂର୍ଣ୍ଣ ହୋଇଯାଇ ଥିବା ବେଳେ ଅନ୍ୟ ଦୁଇଟି ସାଗରର କିଛି ମାତ୍ରାରେ କାମ ହୋଇ ବନ୍ଦ ହୋଇଯାଇଛି। ଠିକାଦାର କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି କାମ ବନ୍ଦ କରିଦେଇଛନ୍ତି। ସୀତା ସାଗର ପୁନରୁଦ୍ଧାର ପାଇଁ ଡିପିଆର ପ୍ରସ୍ତୁତ କରି ପଠାଯାଇଛି। ପର୍ଯ୍ୟାୟ କ୍ରମେ ଅନ୍ୟ ସାଗର ଓ କେନାଲ ଗୁଡ଼ିକର ରିନୋଭେସନ କାମ ହେବ ବୋଲି ମଲ୍ଲିକ କହିଛନ୍ତି।

# ବସ୍ ଧକ୍କାରେ ଜଣେ ମୃତ, ୨ ଗୁରୁତର

## ମୃତଦେହ ରଖି ରାସ୍ତା ଅବରୋଧ କଲେ ଲୋକେ

ଦାରିଙ୍ଗବାଡି, ବ୍ରାହ୍ମଣୀଗାଁ ୨୮।୮ (ଅରୁଣ ସାହୁ/ମନୋରଞ୍ଜନ ରଣା):

ଦାରିଙ୍ଗବାଡି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟିଛି। ବସ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବ୍ରାହ୍ମଣୀଗାଁର ବନ୍ଦସା ମାଝୀ। ଗୁରୁତର ୨ ହେଲେ ଚା'ଦୋକାନି ପେଟା ଓରଫ ପିତର ମାଝୀ ଏବଂ ବନ୍ଧାବୁଡି ମାଝୀ। ଗୁରୁତରଙ୍କୁ ପ୍ରଥମେ ବ୍ରାହ୍ମଣୀଗାଁ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିବା ପୋଲିସ କହିଛି। କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯିବା ସହ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଲୋକ ଅଟକାଇ ରଖିଥିଲ। ସେହିପରି ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନକାରୀ ମାନେ ବିକ୍ଷୋଭ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଦାରିଙ୍ଗବାଡ଼ିରୁ ବ୍ରାହ୍ମଣୀଗାଁଦେଇ ଅଡବା, ମୋହନା ଓ ବ୍ରହ୍ମପୁରକୁ କୌଣସି ଗାଡିମୋଟର ଯାତାୟାତ ଠପ୍ ହୋଇଯାଇଥିଲା। ଏନେଇ ଖବର ପାଇ ଘଟଣାସ୍ଥଳରେ ତହସିଲଦାର ଫାଲଗୁନୀ କୁମାର, ବ୍ରାହ୍ମଣୀଗାଁ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଆନ୍ଦୋଳନରୁ ହଟିଥିଲେ। ଗୁରୁବାର ସକାଳେ ପଦ୍ମାଳୟ ଯାତ୍ରୀବାହି ବସ୍‌ଟି ଗଦାପୁର ଦେଇ ବ୍ରହ୍ମପୁର ଯାଉଥିବା ବେଳେ ବିକ୍ରାନ୍ତ ବସ୍ ଦାରିଙ୍ଗବାଡିରୁ ବ୍ରହ୍ମପୁର ଯାଉଥିଲା। ତେବେ ପୂର୍ବରୁ ବିକ୍ରାନ୍ତ ବସ୍‌ଟି ବ୍ରାହ୍ମଣୀଗାଁର ଆମଗାଁ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଯାତ୍ରୀଙ୍କୁ ଚଢ଼ାଉଥିବା ବେଳେ ପଛରେ ଆସୁଥିବା ପଦ୍ମାଳୟ ବସ୍ ଦ୍ରୁତ ଗତିରେ ଆସି ପୂର୍ବରୁ ଠିଆ ହୋଇଥିବା ବିକ୍ରାନ୍ତ ବସ୍‌କୁ ଓଭେରଟେକ କରିଥିଲା। ଆଗରେ ଠିଆ ହୋଇଥିବା ଏକ କାରକୁ ପଦ୍ମାଳୟ ବସ୍‌ଟି ଧକ୍କା ଦେବା ଫଳରେ କାରଟି ଚା'ଦୋକାନ ଆଡକୁ ମାଡ଼ିଯାଇ ଥିଲା। ସେଠାରେ ଚା'ପିଉଥିବା ବନ୍ଦସା ମାଝୀ ଏବଂ ଦୋକାନ ମାଲିକ ପେଟା ମାଝୀ ଓ ବନ୍ଧାବୁଡି ମାଝୀଙ୍କ ଉପରେ ମାଡି ଯାଇଥିଲା।

# ରାମଚଣ୍ଡୀଙ୍କ ପୀଠରେ ସ୍ୱଚ୍ଛତା ଅଭିଯାନ

ଛତ୍ରପୁର/ଗଞ୍ଜାମ, ୨୮।୮ (ସନ୍ତୋଷ ପାଢ଼ୀ/ ବିଦ୍ୟାଧର ସାହୁ)

ଛତ୍ରପୁର ସହର ନିକଟରେ ଥିବା କରପଡ଼ା ପଞ୍ଚାୟତର ନୀଳାଦ୍ରିପୁର ପାହାଡ଼ ଶିଖରରେ ଅବସ୍ଥିତ ମା'ରାମଚଣ୍ଡୀ ପୀଠରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଆଗକୁ ଆସୁଥିବା ପାର୍ବଣ ଋତୁକୁ ତଥା ନୂଆଖାଇ ଅବସରରେ ଏହି ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲାର ଭାରପ୍ରାପ୍ତ କ୍ୟାଡର ପବ୍ଲିକ୍ ପ୍ରୋଶେକକ୍ୟୁଟର ରାଜେଶ ମିଶ୍ର ଓ ପରାମର୍ଶଦାତା ତ୍ରିପତି ବାଲାଜୀ ମିଶ୍ରଙ୍କ ପରାମର୍ଶରେ ପୂଜା କମିଟି ସଭାପତି ସିଏଚ୍ ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ରାମଚଣ୍ଡୀ ପୂଜା କମିଟି, ସେବା ପ୍ରତିନିଧି ସଙ୍ଗଠନର ସଦସ୍ୟ, ଏନ୍‌ଏସି ଛତ୍ରପୁରର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶଙ୍କ ସହାୟତାରେ ତଥା କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଷ୍ଟମ ବାଟାଲିୟନର ଶତାଧିକ କର୍ମଚାରୀ ସାମିଲ ଥିଲେ। ନୂତନ ଭାବେ ଗଠନ କରାଯାଇଥିବା ମନ୍ଦିର ପୂଜା କମିଟିର ସମସ୍ତ ସଦସ୍ୟ ତଥା ମନ୍ଦିର ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜାକମିଟି ସମ୍ପାଦକ ବିମଳ ପଣ୍ଡା, ଉପସଭାପତି ଦିବାକର ନାୟକ, ଶିବରାମ ନାୟକ, କୁଞ୍ଜ ନାୟକ (କୋଷାଧ୍ୟକ୍ଷ), ଉପଦେଷ୍ଟା ବଂଶୀଧର ନାୟକ, ଶଙ୍କର ନାୟକ, ଓକିଲ ଲସିତ ବେହେରା, ସମାଜିକ କର୍ମୀ ମନୋଜ ମିଶ୍ର, ଏସ୍. ରବି, ସନ୍ତୋଷ ପଣ୍ଡା, ସୁଧୀର ମହାରଣା, ଉତ୍ତମ ନାୟକ, ନିଳାଞ୍ଚଳ ଚୌଧୁରୀ, ଦଣ୍ଡ ମହାରଣା, ସୁଶାନ୍ତ ଗୌଡ଼, ଶଙ୍କର ଚର୍ତ୍ତି, ନାରାୟଣ ଚର୍ତ୍ତି, ବରୁଣ ଚୌଧୁରୀ, ଗୋପାଳ ନାୟକ ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ। ମନ୍ଦିର ସଂଯୋଜକ କମଳ ପଣ୍ଡା ତଥା କରପଡ଼ା ସରପଞ୍ଚ ଅଜୟ ନାୟକ ଏହି ମହତ କାର୍ଯ୍ୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଆଇ. ମନ୍ମଥ ରାଓଙ୍କୁ ପଞ୍ଚମ ବିମୁଗ୍ଧା ସମ୍ମାନ

ପାରଳାଖେମୁଣ୍ଡି, ୨୮।୮ (ଗିରିଧାରୀ ପରିଚ୍ଛା)

ଭୁବନେଶ୍ୱରସ୍ଥିତ ଭଞ୍ଜକଳାମଣ୍ଡପରେ ପଦମୃତ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଆୟୋଜିତ ପଞ୍ଚମ ବିମୁଗ୍ଧା ଉତ୍ସବରେ ପାରଳାଖେମୁଣ୍ଡିର କଳାକାର ଆଇ. ମନ୍ମଥ ରାଓଙ୍କୁ ପଞ୍ଚମ ବିମୁଗ୍ଧା ସମ୍ମାନ ପ୍ରଦାନ କରାଯାଇଛି। ରାଓଙ୍କୁ ମାନପତ୍ର, ଉପଢୌକନ ଓ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ଗୁରୁ ଧନେଶ୍ୱର ସ୍ୱାଇଁ, ପଣ୍ଡିତ ରଘୁନାଥ ପାତ୍ର, ଛଉ ନୃତ୍ୟବିତ୍ ଶୁଭଶ୍ରୀ ମୁଖାର୍ଜୀ, ଅନୁଷ୍ଠାନର ଉପଦେଷ୍ଟା ନୃସିଂହ ଚରଣ ପଟ୍ଟନାୟକ, ପଦାମୃତ ନୃତ୍ୟାୟନର ସମ୍ପାଦକ ସୀତାକାନ୍ତ ଜେନା ମଞ୍ଚାସୀନ ଥିଲେ। ପରେ ଅନୁଷ୍ଠାନର ନୃତ୍ୟ ଗୁରୁ ତଥା ଦୂରଦର୍ଶନ ଶିଳ୍ପୀ ପ୍ରୀତିପ୍ରିୟା ବେହେରା ଓ ବିଦ୍ୟୁପ୍ରିୟା ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଛାତ୍ର ମାନେ ଓଡିଶୀ ପରିବେଷଣ କରିଥିଲେ।

# ଆକର୍ଷଣୀୟ ୧୪ ଫୁଟ ଗଣେଶ ମୂର୍ତ୍ତି



ଧରାକୋଟ, ୨୮।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଅଞ୍ଚଳରେ ଗଣେଶ ପୂଜା ପାଇଁ ଉତ୍ସବ ମୁଖରିତ ହୋଇଉଠିଛି। ବରଡ଼ାବାଲି ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଶିବ ମନ୍ଦିର ଛକରେ ଗଜାନନ ଯୁବକ ସଂଘ ପକ୍ଷରୁ ଆୟୋଜିତ ଗଣେଶ ପୂଜା ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ୧୪ ଫୁଟ ଉଚ୍ଚ ଓ ୧୨ ଫୁଟ ଓସାରର ବିରାଟ ଗଣେଶ ପ୍ରତିମା ଏଠାରେ ସ୍ଥାପନ କରାଯାଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ଭଳିକି ଭଳି ରଙ୍ଗୀନ ଆଲୋକ ମାଳରେ ମଣ୍ଡପକୁ ସଜା ଯାଇଛି। ବୁଧବାର ସନ୍ଧ୍ୟାରେ ମୂର୍ତ୍ତି ସ୍ଥାପନ ପରେ ମନ୍ତ୍ରପାଠ କରି ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଛି। କମିଟିର ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଦିନ ଭଜନ ସମାରୋହ, ଶୁକ୍ରବାର ମେଲୋଡି, ଶନିବାର ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଶାଳକାୟ ଗଣେଶ ପ୍ରତିମା ଦେଖିବା ପାଇଁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଏଠାରେ ସବୁଦିନ ସ୍ୱତନ୍ତ୍ର ଲଡୁ ଭୋଗ ଭକ୍ତଙ୍କୁ ପ୍ରଦାନ କରାଯିବ। ସେହିପରି ଧରାକୋଟ ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ପ୍ରଭୁ ଗଣେଶଙ୍କ ପୂଜା ଧୁମଧାମରେ ପାଳନ ହୋଇଯାଇଛି।

# ୪ ମାସ ହେଲା ରଥସାହି ଛକ ଅନ୍ଧାର

ପୁରୁଷୋତ୍ତମପୁର, ୨୮।୮ (ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଏନ୍‌ଏସିର ମୁଖ୍ୟ ରଥସାହି ଛକ ଦୀର୍ଘ ୪ ମାସରୁ ଉର୍ଦ୍ଧ୍ୱ ହେଲା ଅନ୍ଧକାର ରହିଛି। ଏଥିପ୍ରତି ଏନ୍‌ଏସି ନିର୍ବାହି ଅଧିକାରୀ, ଅଧକ୍ଷକି କୌଣସି ଜନପ୍ରତିନିଧିଙ୍କ ଜନର ପଡୁନାହିଁ। ଏହି ସ୍ଥାନଟି ଜନଗହଳିପୂର୍ଣ୍ଣ ଓ ଆସିକା-ହୁମ୍ମା ମୁଖ୍ୟରାସ୍ତା ହୋଇଥିବା ହେତୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାକୁ ରୋକିବା ପାଇଁ ୩ବର୍ଷ ତଳେ ଏଠାରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ହାଇମାକ୍ସ ପୋଷ୍ଟ ନିର୍ମାଣ କରାଯାଇ ସେଥିରେ ୩ଶହ ୱାଟ କ୍ଷମତା ସମ୍ପନ୍ନ ୬ଟି ଲାଇଟ ଲଗାଯାଇଥିଲା। ମାତ୍ର ଏହା ଖରାପହେବା ପରେ ତାହାକୁ ବଦଳାଇ ମିଶାମିଶି କରି ୩ ଶହ ୩ଟି ଓ ୨୫୦ କ୍ଷମତା ସମ୍ପନ୍ନ ନିମ୍ନମାନର ଲାଇଟ ଲଗାଯାଇଥିଲା।



ରଥସାହି ଛକରେ ଥିବା ଅଚଳ ହାଇମାକ୍ସ

ଯାହାକି ସେହି ଲାଇଟମାନ ଦୀର୍ଘ ୬ମାସ ହେଲା ଗୋଟାଏ ପରେ ଗୋଟାଏ ପୋଡି ନଷ୍ଟହେବାରେ ଲାଗିଥିବା ବେଳେ ବର୍ତ୍ତମାନ ୪ମାସରୁ ଉର୍ଦ୍ଧ୍ୱ ହେଲା ଜଳୁଥିବା ଗୋଟିଏ ମାତ୍ର ଲାଇଟ କେତେବେଳେ ଲାଗୁଛି ତ କେବେବେଳେ ବନ୍ଦ ହୋଇପଡୁଛି। ଫଳରେ ଆଲୋକି କରଣ ହୋଇ ନ ପାରି ସମ୍ପୂର୍ଣ୍ଣ ଅନ୍ଧକାର ରହୁଛି। ଯାହାଦ୍ୱାରା ଏଠାରେ ଦୁର୍ଘଟଣାମାନ ଘଟିବା ସହ ଜଗନ୍ନାଥ ମନ୍ଦିରକୁ ସନ୍ଧ୍ୟାରେ ଦର୍ଶନଲାଗି ଆସୁଥିବା ମହିଳାମାନେ ବିଭିନ୍ନପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିନେଇ ଜନସାଧାରଣ ଏନ୍‌ଏସି ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ କେହି ଗୁରୁତ୍ୱ ଦେଉନାହାନ୍ତି। ଏଣୁ ମହିଳାଙ୍କ ସୁରକ୍ଷା ଓ ଦୁର୍ଘଟଣା ଦୃଷ୍ଟିକୁ ଗୁରୁତ୍ୱଦେଇ ଗଞ୍ଜାମ ଜିଲାପାଳ ଏଥିପ୍ରତି ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

## ଗଣେଶ ପୂଜାରେ ୧୦୦୮ ଦ୍ୱୀପ ପ୍ରଜ୍ୱଳନ

ରମ୍ଭା, ୨୮।୮ (ବନବାସୀ ସେଠୀ)

ପାର୍ଲ୍ଟନିବାସ ରୋଡ଼ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ପ୍ରାକ୍ତନ ଅଧ୍ୟାପକ ଡା. ବିଜୟାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ପୂଜା କରିଥିଲେ ପୁରୋହିତ ବିଶ୍ୱନାଥ ରଥ। କର୍ତ୍ତା ରୂପେ ଜିତେନ୍ଦ୍ର ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ପୂଜାକମିଟିରେ ପରିଚାଳକ ଭାବେ ସୁଜିତ ବେହେରା, ଟିକୁ ସାମନ୍ତ, ସୁରେନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଜୀବନ ସ୍ୱାଇଁ, ସଦସ୍ୟା ଆଶା ବଜାଜ, ସନ୍ତୋଷ ବଜାଜ, ଗୀତା ପଟ୍ଟନାୟକ ଏବଂ ସଦସ୍ୟଭାବେ କାଉନସିଲର କ୍ଷେତ୍ରମୋହନ ବେହେରା, କାହ୍ନୁ ମହାପାତ୍ର, ଗୁଟୁ ସାହୁ, ରାଜେଶ ବଜାଜ, ଗୁପ୍ତେଶ୍ୱର ସେଠୀ, ଦୀପକ ବଜାଜ, ଜିତୁ ପଣ୍ଡା, ମୁନ୍ନୁ ବଜାଜ, ଡା. ସରୋଜ ଦାଶ ସହଯୋଗ କରିଥିଲେ। ଏହିଅବସରରେ ୧୦୦୮ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା।

# ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ

କବିସୂର୍ଯ୍ୟନଗର, ୨୮।୮ (କୃପାସିନ୍ଧୁ ସ୍ୱାଇଁ)

ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଶାଖା ପ୍ରଭୁପ୍ରୀତ ଭବନଠାରେ ଦାଦି ପ୍ରକାଶ ମଣୀଜୀଙ୍କ ୧୮ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ସୁଜ୍ଞାନୀ ଦାଦିଙ୍କ ସ୍ମୃତି ଚାରଣ କରିଥିଲେ। ଦାଦି କେଉଁଭଳି ବ୍ରାହ୍ମବାବଙ୍କ ଅବ୍ୟକ୍ତ ହେବାପରେ ଏହି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସେବାକୁ ବିଶ୍ୱବିଖ୍ୟାତ କରିଥିଲେ ତାହାର କିଛି ଝଲକ ପ୍ରଦାନ କରିଥିଲେ। ଦାଦିଙ୍କ ସ୍ଲୋଗାନ ଥିଲା ନିମିତ୍ତ, ନିର୍ମାନ, ନିର୍ମାଣ ନିର୍ମଳ ବାଣୀ। ସଂସ୍ଥାର ହେଡ ହେଲେମଧ ନିଜକୁ ମିମିତ୍ତ କରି ସେବାକରୁଥିଲେ। ସେ କହୁଥିଲେ ନିଜକୁ ହେଡ ଭାବିଲେ ହେଡଏକ ଆସିଯାଇଥାଏ। ଦାଦି ସଦା ବାବାଙ୍କ ସେବାକୁ ବଢାଇବା ପାଇଁ ତତ୍ପର ରହୁଥିଲେ। ବାବାଙ୍କୁ ପ୍ରତ୍ୟକ୍ଷ କରାଇବା ପାଇଁ ପ୍ରୋଗ୍ରାମ କରୁଥିଲେ। ଆଜି ସାରା ବିଶ୍ୱ ଏହି ତପସ୍ୱିନୀ ମହାନ ଆତ୍ମାଙ୍କ ଅବ୍ୟକ୍ତ ଦିବସକୁ ବିଶ୍ୱ ବନ୍ଧୁତ୍ୱ ଦିବସରୂପେ ପାଳନ କରୁଛି। ଯାହାକୁ ଆମର ମିଳିତ ଜାତି ସଂଘ ପ୍ରଦାନ କରିଛି। ଏହି ବିଶ୍ୱବିଦ୍ୟାଳୟର ଅନେକ ଭାଇଭଉଣୀ ଏହି ସଭାରେ ଉପସ୍ଥିତରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଲକ୍ଷାଧିକ ଟଙ୍କାର ଫର୍ନିଚର ସାମଗ୍ରୀ ପୋଡ଼ି ପାଉଁଶ

**ଶର୍ଟସର୍କିଟ୍‌ରୁ ଜଳିଗଲା ଘର**

ଛତ୍ରପୁର, ୨୮।୮ (ଦିଲ୍ଲୀପ ସାମଲ /ସନ୍ତୋଷ ପାଢ଼ୀ)

ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ (ମଠ) ଉପର ସାହିର ୟୁ. ନାଗେଶ୍ୱର ଆଚାରୀଙ୍କ ଘରେ ଅଗ୍ନିକାଣ୍ଡ ଘଟି ଫର୍ନିଚର ସାମଗ୍ରୀ, ମେଶିନ ସହ ବହୁ ଆସବାବପତ୍ର ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏପରି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଘର ଭିତରୁ ନାଗେଶ୍ୱର ଧୂଆଁ ବାହାରୁଥିବା ଦେଖି କେଉଁଠୁ ଏପରି ଧୂଆଁ ବାହାରୁଛି ଚିନ୍ତା କରି ଏଣେତେଣେ ଆଖି ବୁଲାଇଥିଲେ। ଅଳ୍ପ କିଛି ସମୟ ମଧ୍ୟରେ ନିଆଁ ବ୍ୟାପି ଘର ଜଳିବାକୁ ଲାଗିଥିଲା। ପରିବାର ଓ ସ୍ଥାନୀୟ ଲୋକ ନିଆଁ ଲିଭାଇବାକୁ ଉଦ୍ୟମ କରି ଛତ୍ରପୁର ଅଗ୍ନିଶମ କାର୍ଯ୍ୟାଳୟକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁରେ ପୋଡି ହୋଇ ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ନାଗେଶ୍ୱର ଜଣେ ଗରିବ ଶ୍ରେଣୀ ବ୍ୟକ୍ତି। ବିଭିନ୍ନ ଫର୍ନିଚର କାମ କରିବାକୁ ଲୋକମାନଙ୍କଠାରୁ ବିଭିନ୍ନ ସାମଗ୍ରୀ ଆଣି ତିଆରି କରିବା ଲାଗି ଘରେ ରଖିଥିଲେ। ଏବେ ଅଗ୍ନିକାଣ୍ଡରେ ସେ ସବୁ ପୋଡି ପାଉଁଶ ହୋଇଯାଇଛି। ଫଳରେ ଲୋକମାନଙ୍କୁ କିପରି ଜିନିଷ ପ୍ରସ୍ତୁତ କରି ଦେବେ ସେନେଇ ସେ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ଖବର ପାଇ ସୁନ୍ଦରପୁର ସରପଞ୍ଚ ଗଗନ ବେହେରା ଓ ଆରଆଇ ସୁଶାନ୍ତ ଶବର ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ନାଗେଶ୍ୱରଙ୍କୁ ରେଡକ୍ରସ ପାଣ୍ଠିରୁ ସରପଞ୍ଚ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

# ସାର ଦୋକାନ ସମ୍ମୁଖରେ ଚାଷୀଙ୍କ ଲମ୍ବା ଲାଇନ୍

ଆସିକା ୨୮।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବସଷ୍ଟାଣ୍ଡ ସଂଲଗ୍ନ କଳିଙ୍ଗା ରୋଡରେ ଥିବା ଏକ ସାର ଦୋକାନରେ ଗୁରୁବାର ଦିନ ୟୁରିଆ ସାର ପାଇଁ ଚାଷୀଙ୍କ ଲମ୍ବା ଧାଡି ଲାଗିଥିବା ଲକ୍ଷ୍ୟ କରାଯାଇଥିଲା। ପ୍ରଚଣ୍ଡ ଖରାରେ ଚାଷୀମାନେ ସାର ନେବା ଲାଗି ଧାଡିରେ ଥିବା ବେଳେ ଠିକଣା ସମୟରେ ସେମାନଙ୍କୁ ଉପଯୁକ୍ତ ଭାବେ ସାର ମିଳୁନଥିବା ଅଭିଯୋଗ କରୁଥିଲେ। ତେବେ ଏହାକୁ ନେଇ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ସ୍ଥାନୀୟ କୃଷି ବିଭାଗକୁ ପଚାରିବାରେ ଆସିକା ବ୍ଲକ୍‌ରେ ଚଳିତ ବର୍ଷ ୭ହଜାର ୧୬୩ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଇଛି। ଏଥିଲାଗି ପ୍ରାୟ ୨ହଜାର ଟନ୍ ସାରର ଆବଶ୍ୟକତା ରହିଛି। ତେବେ ଆସିକା ବ୍ଲକର ୨୦ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଓ ୧୪ଟି ଘରୋଇ ବିକ୍ରେତା ଏଭଳି ସମୁଦାୟ ୩୪ଟି କେନ୍ଦ୍ରରେ ସାର ବିକ୍ରି ଲାଗି ବ୍ୟବସ୍ଥା ହୋଇଛି। ଅଦ୍ୟାବଧି ଆବଶ୍ୟକୀୟ ସାରର ପ୍ରାୟ ୫୦ ପ୍ରତିଶତ ସାର ଚାଷୀଙ୍କୁ ବଣ୍ଟା ସରିଲାଣି। ଧାନ ରୁଆ ପରେ ଆବଶ୍ୟକ ଥିବା ସାର ଲାଗି ଚାଷୀ ଏଭଳି ଧାଡି ଲଗାଇଥିବା ଜଣାପଡିଛି। ତେବେ ଚାଷୀଙ୍କୁ ଆବଶ୍ୟକୀୟ ସାର ଯୋଗାଣ ଲାଗି କୃଷି ବିଭାଗ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଥିବା ବେଳେ ବଣ୍ଟନ ବ୍ୟବସ୍ଥାରୁ ସୁବ୍ୟବସ୍ଥା କରିବା ଲାଗି ବିଭିନ୍ନ ବିକ୍ରୟ କେନ୍ଦ୍ର ଓ ସମିତିମାନଙ୍କୁ ଗସ୍ତ କରି ଏହା ତଦାରଖ କରାଯାଉଥିବା କୁହାଯାଇଛି।

## ଗ୍ରାମ ଉନ୍ନୟନ ନିର୍ଦ୍ଦେଶକଙ୍କ ତାରାତାରିଣୀ, କାଳେଶ୍ୱର ପୀଠ ପରିଦର୍ଶନ

ପୁରୁଷୋତ୍ତମପୁର, ୨୮।୮ (ସିମାଞ୍ଚଳ ମିଶ୍ର)

ରାଜ୍ୟ ସରକାରଙ୍କ ଗ୍ରାମ୍ୟଉନ୍ନୟନ ବିଭାଗ ନିର୍ଦ୍ଦେଶକ ଇଂ ଶିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗଞ୍ଜାମ ଜିଲା ଗସ୍ତରେ ଆସିଛନ୍ତି। ଏଥିସହ ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀ ଓ ବଡ଼ଖରିଡ଼ା କାଳେଶ୍ୱର ମନ୍ଦିର ମଡେଲ ପାର୍କ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। କିପରି ଏହାର ଆହୁରି ବିକାଶ ଘଟିବ ସେଥିନେଇ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲା ନିର୍ବାହିଅଧିକାରୀ ବିଜୟ ବେହେରା, ବିଡିଓ ଶରତ ପାତ୍ର ଓ ତହସିଲଦାର ବିନୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କର୍କଟ ରୋଗ ନିରାକରଣ ପାଇଁ ଗବେଷଣା କରୁଛନ୍ତି ଅୟେସ୍କାନ୍ତା

ଭଞ୍ଜନଗର, ୨୮।୮ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦର ଝିଅ ଡକ୍ଟର ଅୟେସ୍କାନ୍ତା ମହାନ୍ତି ଦକ୍ଷିଣ କୋରିଆରେ କର୍କଟ ରୋଗ ପାଇଁ ନାନୋ ମେଡିସିନ ଉପରେ ଗବେଷଣା କରୁଥିଲେ। ଇତିମଧ୍ୟରେ ସେ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ବୁଧବାର ଡକ୍ଟର ମହାନ୍ତିଙ୍କୁ ଦକ୍ଷିଣ କୋରିଆର ଗୱାଙ୍ଗଜୁର ଚୋନାମ ନ୍ୟାଶନାଲ ୟୁନିଭର୍ସିଟି ପକ୍ଷରୁ ବାୟୋମେଡିକାଲ ସାଇନ୍ସରେ ଡକ୍ଟର ଅଫ ଫିଲୋଶଫି (ପିଏଚ୍‌ଡି) ଉପାଧି ପ୍ରଦାନ କରାଯାଇଛି। ଚୋନାମ ନ୍ୟାଶନାଲ ୟୁନିଭର୍ସିଟିର ଉପକୁଳପତି ପ୍ରଫେସର୍ ଲି କୁନ-ବେ ତାଙ୍କୁ ସମ୍ମାନିତ କରିଥିଲେ। ଜଗନ୍ନାଥପ୍ରସାଦ ଭଳି ସହରରୁ ଅୟେସ୍କାନ୍ତା ଦକ୍ଷିଣ କୋରିଆ ଯାଇ ସେଠାରେ ପାଠପଢି ଆଗକୁ ଯାଇପାରିଛନ୍ତି। ଅୟେସ୍କାନ୍ତା ହେଉଛନ୍ତି ଜଗନ୍ନାଥପ୍ରସାଦ କଲେଜର ଅବସରପ୍ରାପ୍ତ ଓଡିଆ ବିଭାଗ ପ୍ରାଧ୍ୟାପକ ଲୋକନାଥ ମହାନ୍ତି ଏବଂ ମାତା ବିଜୟଲକ୍ଷ୍ମୀ ମହାନ୍ତିଙ୍କ କନ୍ୟା। ସେ ଜଗନ୍ନାଥପ୍ରସାଦରେ ପ୍ରାଥମିକ ଶିକ୍ଷା ଏବଂ ଯୁକ୍ତ ୨ ଓ ଭୁବନେଶ୍ୱରରେ ମେଡିକାଲ କୋଚିଂ ସାରିବା ପରେ ନୟାଗଡ଼ରେ ଯୁକ୍ତ ୩ ପଢ଼ିଥିଲେ। ପରେ ଭୁବନେଶ୍ୱରସ୍ଥିତ ସିପେଟରେ ପିଜି କରିବା ପରେ ଗବେଷଣା କରିବାକୁ ଦକ୍ଷିଣ କୋରିଆ ଚାଲିଯାଇଥିଲେ। ସେଠାରେ ସେ ୬ ବର୍ଷ ଗବେଷଣା କରିବା ପରେ ସେ ଏହି ସଫଳତା ପାଇଛନ୍ତି। 'କ୍ୟାନ୍‌ସର ଚିକିତ୍ସା ପାଇଁ ଲେଜର-ଟ୍ରିଗର୍ଡ ନାନୋମେଡିସିନର ବିକାଶ' ତାଙ୍କ ସନ୍ଦର୍ଭ ଥିଲା। ତାଙ୍କର ଏହି ଗବେଷଣା କର୍କଟ ରୋଗର ନିରାକରଣ ନିମନ୍ତେ ବହୁତ ସହାୟକ ହେବ ଏବଂ ଆଗାମୀ ଯୁବ ବୈଜ୍ଞାନିକମାନଙ୍କୁ ପ୍ରେରଣା ଯୋଗାଇବ। ଏହା ଏକ ଶ୍ରେଷ୍ଠ ସନ୍ଦର୍ଭ ଭାବେ ପୁରସ୍କୃତ ହେଇଛି। ତାଙ୍କର ଏହି ସଫଳତାରେ ଦକ୍ଷିଣ କୋରିଆରେ ଅବସ୍ଥିତ ତାଙ୍କ ସ୍ୱାମୀ ତଥା ବରିଷ୍ଠ ବୈଜ୍ଞାନିକ ଡକ୍ଟର ଆଦିତ୍ୟ ନାରାୟଣ ମହାପାତ୍ରଙ୍କ ଭୂମିକାକୁ ସେ ସ୍ୱୀକାର କରିଛନ୍ତି।



ପରିବାର ସହ ଅୟେସ୍କାନ୍ତା।

**ଦକ୍ଷିଣ କୋରିଆରେ ଓଡ଼ିଆ ଝିଅଙ୍କ ସଫଳତା**

ସୂଚନାଯୋଗ୍ୟ, ଅୟେସ୍କାନ୍ତା ଜଣେ ଭଲ ସଙ୍ଗୀତଜ୍ଞ। ଏଥିସହ ସେ କଲେଜରେ ପାଠ ପଢିବା ସମୟରେ ଜାତୀୟ ସେବା ଯୋଜନାର ଜଣେ ସକ୍ରିୟ ସ୍ୱେଚ୍ଛାସେବୀ ଥିଲେ। ସେ ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ପୁରସ୍କାର ପାଇଛନ୍ତି। ୨୦୧୫ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଅୟେସ୍କାନ୍ତାଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ରୂପେ ପୁରସ୍କୃତ କରିଥିଲେ। ଜଣେ ଯୁବ କଣ୍ଠଶିଳ୍ପୀ ଭାବେ ମଧ୍ୟ ସେ ୨୦୧୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୧ ବର୍ଷରେ ୨.୬୮ ଲକ୍ଷ କୋଟି ଜମା

**ଭୁବନେଶ୍ୱର,୨୮।୮**

କ୍ରମାଗତ ଭାବେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍ ଜେଡିୱାଇ)ର ଖାତା ସଂଖ୍ୟା ଏବଂ ଜମା ରାଶିରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ପାଉଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୨୦୧୪ ଅଗଷ୍ଟ ୨୮ରେ ଆରମ୍ଭ ହୋଇଥିବା ଏହି ଯୋଜନାକୁ ନିକଟରେ ୧୧ବର୍ଷ ପୂର୍ତ୍ତି ହୋଇଛି। ଏହି ୧୧ ବର୍ଷ ମଧ୍ୟରେ ମୋଟ ୨.୬୮ ଲକ୍ଷ କୋଟି ଟଙ୍କା ଜମା ହୋଇଛି। ଏପରିକି ଏହି ଯୋଜନା ଅଧୀନରେ ୫୬ କୋଟିରୁ ଅଧିକ ଜନଧନ ଖାତା ଖୋଲାଯାଇଛି ଏବଂ ୩୮ କୋଟିରୁ ଅଧିକ ମାଗଣା ରୂପେ କାର୍ଡ ହିତାଧିକାରୀଙ୍କୁ ଜାରି କରାଯାଇଛି।

ସେହିଭଳି ଏହି ଯୋଜନା ଭାରତର ଆର୍ଥିକ ଦୃଶ୍ୟପଟରେ ଏକ ଯୁଗାନ୍ତକାରୀ ପ୍ରଭାବର ୧୧ ବର୍ଷ ପୂରଣ କରୁଛି। ବିଶ୍ୱର ସର୍ବବୃହତ୍ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ଭାବେ ପିଏମ୍ ଜେଡିୱାଇ ବହୁ ଲକ୍ଷ ବଞ୍ଚିତ ନାଗରିକଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ସୁବିଧାକୁ ପୁନଃ ପରିଭାଷିତ କରିଚାଲିଛି। ଏ ନେଇ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ଏହା ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଅଭିବୃଦ୍ଧି ଏବଂ ବିକାଶର ଏକ ପ୍ରମୁଖ ବାହକ ସାଜିଥିଲାବେଳେ ବ୍ୟାଙ୍କ ଖାତାଗୁଡ଼ିକର ସାର୍ବଜନୀନ ଉପଲବ୍ଧତା ଗରିବ ଏବଂ ବଞ୍ଚିତ ଲୋକମାନଙ୍କୁ ଆନୁଷ୍ଠାନିକ ଅର୍ଥବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଭାବେ ସାମିଲ ହେବାକୁ ଏବଂ ଏହାର ସୁଯୋଗରୁ ଲାଭ ପାଇବାକୁ ସକ୍ଷମ କରିଥାଏ।

### ୫୬ କୋଟିରୁ ଅଧିକ ଜନଧନ ଖାତା




ଅପରପକ୍ଷରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ବ୍ୟବହାରକରି ବିଭିନ୍ନ ଯୋଜନା ଅଧୀନରେ ସହାୟତା ପ୍ରଦାନ କରିବା ସହ ଋଣ ସୁବିଧା ପ୍ରଦାନ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା ଏବଂ ସଞ୍ଚୟ ଓ ନିବେଶ ବୃଦ୍ଧି କରିବା ପାଇଁ ପିଏମ୍ ଜେଡିୱାଇ ଏକ ପ୍ରମୁଖ ମାର୍ଗ ହୋଇଆସିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି। ବିଗତ ୧୧ ବର୍ଷ ମଧ୍ୟରେ ୫୬କୋଟିରୁ ଅଧିକ ଜନଧନ ଖାତା ଖୋଲାଯାଇଛି, ଯେଉଁଥିରେ ମୋଟ ୨.୬୮ଲକ୍ଷ କୋଟି ଟଙ୍କା ଜମା ହୋଇଛି। ଡିଜିଟାଲ କାରବାରକୁ ସହଜ କରିବା ଲାଗି ୩୮ କୋଟିରୁ ଅଧିକ ମାଗଣା ରୂପେ କାର୍ଡ ଜାରି କରାଯାଇଛି ବୋଲି ସୀତାରାମନ କହିଛନ୍ତି। ସେହିପରି ପିଏମ୍ ଜେଡିୱାଇ ଅଧୀନରେ ୬୭% ଖାତା ଗ୍ରାମୀଣ କିମ୍ବା ଅର୍ଦ୍ଧ-ସହରାଞ୍ଚଳରେ ଖୋଲାଯାଇଛି ଏବଂ ୫୬% ଖାତା ମହିଳାମାନଙ୍କ ନାମରେ ରହିଛି। ଦେଶର ଉପାନ୍ତ ଅଞ୍ଚଳରେ ରହୁଥିବା ଅବହେଳିତ ବ୍ୟକ୍ତିମାନଙ୍କୁ କିପରି ଆନୁଷ୍ଠାନିକ ଆର୍ଥିକ କ୍ଷେତ୍ର ମଧ୍ୟକୁ ଅଣାଯାଇଛି ତାହା ଏଥିରୁ ପ୍ରମାଣିତ ହୋଇଛି ବୋଲି ଅର୍ଥମନ୍ତ୍ରୀ ସୀତାରାମନ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏ ନେଇ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ପିଏମ୍ ଜେଡିୱାଇ କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ସବୁଠାରୁ ସଫଳ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ମଧ୍ୟରୁ ଅନ୍ୟତମ ହୋଇଥିଲାବେଳେ ଜନଧନ ଯୋଜନା ସମ୍ମାନ, ସଶକ୍ତୀକରଣ ଏବଂ ସୁଯୋଗ ଉପରେ ଆଧାରିତ ରହିଛି। ପ୍ରତ୍ୟେକ ପରିବାରର ଗୋଟିଏ ବ୍ୟାଙ୍କ ଖାତା ରହିବା ଉଚିତ ଏବଂ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କର ବୀମା ଓ ପେନ୍‌ସନ କଭରେଜ ରହିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ୨୦୨୧ ସ୍ୱାଧୀନତା ଦିବସ ଅଭିଭାଷଣରେ ଘୋଷଣା କରିଥିଲେ। ଦେଶବ୍ୟାପୀ ବିଭିନ୍ନ ସମ୍ପୂର୍ଣ୍ଣତା ଅଭିଯାନ ମାଧ୍ୟମରେ ଏ ଦିଗରେ ନିରନ୍ତର ପ୍ରୟାସ ସହ ଆମେ ବ୍ୟାଙ୍କ ଖାତା ଖୋଲିବାରେ ପ୍ରାୟତଃ ପୂର୍ଣ୍ଣତା ହାସଲ କରିପାରିଛୁ ଏବଂ ସାରା ଦେଶରେ ବୀମା ଓ ପେନସନ ସୁବିଧାରେ ନିରନ୍ତର ବୃଦ୍ଧି ଘଟିଛି। ଆମେ ଏକ ସମ୍ପୂର୍ଣ୍ଣତା ଅଭିଯାନ ଆରମ୍ଭ କରିଛୁ। ଯେଉଁଠାରେ ଦେଶର ପ୍ରତ୍ୟେକ ୨.୭ଲକ୍ଷ ପଞ୍ଚାୟତରେ ଅତି କମରେ ଗୋଟିଏ ଶିବିର ଅନୁଷ୍ଠିତ ହେବ।

# ‘ଅନ୍‌ଲାଇନ ଜେନେରେଟିଭ୍ ଏଆଇ ହ୍ୟାକ୍‌ଥନ୍’

**ଭୁବନେଶ୍ୱର,୨୮।୮**




ଦେଶର ପ୍ରମୁଖ ଆଇଟି କମ୍ପାନୀ ‘କଗ୍ନିଜାଣ୍ଟ’କୁ ନିକଟରେ ଆଉ ଏକ ସଫଳତା ଓ ମାନ୍ୟତା ମିଳିଛି। ଏପରିକି କମ୍ପାନୀ ବିଶ୍ୱର ସର୍ବବୃହତ୍ ଅନ୍‌ଲାଇନ ଜେନେରେଟିଭ୍ ଏଆଇ ହ୍ୟାକ୍‌ଥନ୍ ଆୟୋଜନକରି କଗ୍ନିଜାଣ୍ଟ ଗିନିଜ୍ ୱାର୍ଲଡ ରେକର୍ଡ୍ସରେ ସ୍ଥାନ ପାଇଛି। ଏହି ରେକର୍ଡ ସୃଷ୍ଟିକାରୀ ‘ଭାଇବ୍‌କୋଡିଂ’ କାର୍ଯ୍ୟକ୍ରମରେ ୪୦ ଦେଶର ୫୩,୧୯୯ ସହଯୋଗୀ ଅଂଶଗ୍ରହଣ କରିଥିଲାବେଳେ ୧୦ଦିନର ଅବଧିରେ ୩୦,୬୦୧ଟି କାର୍ଯ୍ୟକ୍ଷମ ଏଆଇ ପ୍ରୋଟୋଟାଇପ ସୃଷ୍ଟି କରିଥିଲେ। ଅପରପକ୍ଷରେ ନବୀନତାକୁ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ଏବଂ ଏଆଇ ଦକ୍ଷତାକୁ ତ୍ୱରାନ୍ୱିତ କରିବା ପାଇଁ ପରିକଳ୍ପିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟବସାୟିକ ବିଭାଗ ମାନବ ସମ୍ବଳ, ସେଲ୍ସ, ଇଞ୍ଜିନିୟରିଂ, ଫାଇନାନ୍ସ, ଆଇନ, ମାର୍କେଟିଂ ଏବଂ ଡେଲିଭରିର କର୍ମଚାରୀଙ୍କୁ ବାସ୍ତବ ବ୍ୟବହାରରେ ଜେନେରେଟିଭ୍ ଏଆଇ ଟୁଲ୍‌ଗୁଡିକ ସହ ପରୀକ୍ଷା ନିରୀକ୍ଷା କରିବାକୁ ଆମନ୍ତ୍ରଣ ଦିଆଯାଇଥିଲା। ଏପରିକି ଦାଖଲ କରାଯାଇଥିବା ନବୀନତା ମଧ୍ୟରେ ଏକ ଏଚ୍‌ଆର୍ ୱେଲ୍‌ନେସ୍ କମ୍ପାନିଅନ୍ ଆପ୍ ଏବଂ ଏକ ମାର୍କେଟିଂ କମ୍ପ୍ଲାୟାନ୍ସ ଚେକର୍ ଭଳି ଆବିଷ୍କାର ଅନ୍ତର୍ଭୁକ୍ତ ଥିଲା। ସେହିଭଳି ଏହି ଉଦ୍ୟମ କେବଳ ଏକ ବିଶ୍ୱ ରେକର୍ଡ ସ୍ଥାପନ ବିଷୟ ନୁହେଁ; ଏହା ଏଆଇ ଅର୍ଥନୀତି ପାଇଁ ଗତି ସ୍ଥିର କରିବା ବିଷୟ ବୋଲି କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍. କହିଛନ୍ତି। ଭାଇବ୍ କୋଡିଂ ଏବଂ ଆମର ଗ୍ଲୋବାଲ୍ ଭାଇବ୍ କୋଡିଂ କମ୍ୟୁନିଟି ମାଧ୍ୟମରେ ଆମେ ବୃହତ୍ ପରିମାଣରେ ସୃଜନଶୀଳତାକୁ ମୁକ୍ତକରୁଛୁ ଏବଂ ଲୋକଙ୍କୁ ସମ୍ଭବ ଜିନିଷକୁ ପୁନକଳ୍ପନା କରିବାକୁ ସଶକ୍ତ କରୁଛୁ ବୋଲି ସେ କହିଛନ୍ତି।

ଏହି ଉଦ୍ୟମକୁ ଭବିଷ୍ୟତର ସଫ୍ଟୱେର ବିକାଶର ଏକ ଝଲକ ବୋଲି ପ୍ରଯୁକ୍ତି ଅଂଶୀଦାରମାନେ ପ୍ରଶଂସା କରିଛନ୍ତି।

# ରିଆସ୍ୟୁର ୩.୦ର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୮**

ଦେଶର ପ୍ରମୁଖ ବୀମା କମ୍ପାନୀ ତଥା ନିଭା ବୁପା ହେଲଥ ଇନସ୍ୟୁରାନ୍ସର ସଦ୍ୟତମ ଫ୍ଲାଗସିପ୍ ଉତ୍ପାଦ ‘ରିଆସ୍ୟୁର ୩.୦’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ନିଭା ବୁପାର ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ଡ. ଭବତୋଷ ମିଶ୍ର କହିଛନ୍ତି, ଆମେ ସର୍ବଦା ସୀମାକୁ ଚ୍ୟାଲେଞ୍ଜ କରିବା ଏବଂ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଗ୍ରାହକ-ପ୍ରଥମ ନବସୃଜନ ଆଣିବା ପାଇଁ ପ୍ରୟାସ କରିଆସିଛୁ। ପୁନଃ ଭରସା ୩.୦ ସହିତ ଆମେ ବୀମାକୃତ ରାଶି ଉପରେ ଚୂଡ଼ାନ୍ତ ସମାଧାନ ପ୍ରଦାନ କରି ରହିଆଉ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# କେନ୍‌ଷ୍ଟାରର ନୂତନ ଏୟାରକୁଲର ରେଞ୍ଜ

**ଭୁବନେଶ୍ୱର,୨୮।୮ (ଅଭୟ ଦାଶ)**

କେନ୍‌ଷ୍ଟାରର ବହୁ ପ୍ରତୀକ୍ଷିତ ତଥା ନୂତନ ଏୟାର କୁଲର ରେଞ୍ଜର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ହରିୟାଣାର ଗୁରୁଗ୍ରାମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଇଣ୍ଡିଆଜ ଫାଷ୍ଟ ଏନର୍ଜି ଏଫିସିଏଣ୍ଟ ୫-ଷ୍ଟାର ରେଟେଡ୍ ଏୟାର କୁଲର ରେଞ୍ଜର ଶୁଭାରମ୍ଭ ସହ ଏକ ୫ ବର୍ଷିଆ ୱାରେଣ୍ଟି ସମ୍ପର୍କରେ ଘୋଷଣା କରିଛି।

ଏୟାର କୁଲରର ଏହି ନୂତନ ସମ୍ଭାର ଶକ୍ତି-ସଞ୍ଚୟକାରିତାକୁ ଏକାଠି କରିବା ସହ ଆଧୁନିକତମ-ଜ୍ଞାନକୌଶଳ ତଥା ବିଦ୍ୟୁତ୍ ବିଲ୍‌ରେ ସଞ୍ଚୟ କରିବା ସହ ଏହା ମଧ୍ୟ ଉନ୍ନତମାନର ଶୀତଳୀକରଣ ଦକ୍ଷତାକୁ ସୁନିଶ୍ଚିତ କରିଥାଏ। ୫ଟି ଶକ୍ତି (ପାୱାର ଅଫ୍ ୫) ସହ ମିଶି ଏହି କୁଲର, ବିଏଲ୍‌ଡିସି ମାକ୍ସ ଟେକ୍ନୋଲୋଜି ସହ ସଜ୍ଜିତ ହେବା ସଙ୍ଗେ ସଙ୍ଗେ ଶକ୍ତିଶାଳୀ ବାୟୁ ପ୍ରଦାନକାରିତା ପାଇଁ ଏଥିରେ କ୍ୱାଡର ଫ୍ଲୋ ଟେକ୍ନୋଲୋଜି ସାମିଲ ରହିଛି।

ଏ ସମ୍ପର୍କରେ କେନ୍‌ଷ୍ଟାରର ସିଇଓ ସୁନୀଲ ଜୈନ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ସମ୍ଭାରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ନୂତନ ଭାବେ ଉପସ୍ଥାପିତ ବିଇଇ ୫-ଷ୍ଟାର ରେଟେଡ୍ କେନ୍‌ଷ୍ଟାର କୁଲରସ ରେଞ୍ଜ ଆମର ଭାରତ ସରକାରଙ୍କ ସବୁଜ ଏବଂ ଆସନ୍ତାକାଲିର ଶକ୍ତି-ସଞ୍ଚୟ ପାଇଁ ରହିଥିବା ଦୂରଦୃଷ୍ଟିତାକୁ ପ୍ରମାଣ କରୁଛି। ଏପରିକି ଆମର ସହ୍ୟକାରିତା ଏବଂ ପ୍ରତିଧ୍ୱନିତ ପାଇଁ ରହିଥିବା ବଚ୍‌ନବଦ୍ଧତାର ଦୃଢ଼ତା ପାଇଁ ଏହା ଯଥାର୍ଥରେ ଏକ ପ୍ରମାଣପତ୍ର ବୋଲି କୁହାଯାଉଛି। ସେହିଭଳି କେନ୍‌ଷ୍ଟାରର ଜାତୀୟ ବିକ୍ରି ମୁଖ୍ୟ (ନ୍ୟାଶନାଲ ସେଲ୍‌ସ୍ ହେଡ୍) ସନ୍ତୋଷ ଭାମ୍‌ରେ କହିଥିଲେ, ଆମେ ଆମର ନୂତନ ଉତ୍ପାଦ ତଥା ପ୍ରଥମ ୫-ଷ୍ଟାର ରେଟେଡ୍ ଏୟାର କୁଲର ସମ୍ଭାରକୁ ଉପସ୍ଥାପନକରି ବେଶ୍ ଆନନ୍ଦିତ ଅଛୁ। ଏପରିକି ଏଭଳି ଏକ ମାନ୍ୟତା ସହିତ ୫ବର୍ଷର ୱାରେଣ୍ଟି ପ୍ରକୃତରେ କେନ୍‌ଷ୍ଟାରର ବଚ୍‌ନବଦ୍ଧତାକୁ ଜ୍ଞାନକୌଶଳର ନବୀକରଣତା ଦିଗରେ ପ୍ରଦାନ କରୁଛି।


ଅନାବରଣ ଅବସରରେ କେନ୍‌ଷ୍ଟାରର ସିଇଓ ସୁନୀଲ ଜୈନ ଏବଂ ଜାତୀୟ ବିକ୍ରି ମୁଖ୍ୟ ସନ୍ତୋଷ ଭାମ୍‌ରେ ଉପସ୍ଥିତ ଅଛନ୍ତି।

# ଟେକ୍ନୋଲୋଜି ଜରିଆରେ ଦକ୍ଷତା ବିକାଶକୁ ଗୁରୁତ୍ୱ

**ଭୁବନେଶ୍ୱର,୨୮।୮**

ଏଚ୍‌ସିଏଲ୍‌ଟେକ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଫ୍ଲାଗ୍‌ଶିପ ପ୍ରୋଗ୍ରାମ ‘ଟେକ୍‌ବି’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଭୁବନେଶ୍ୱରରେ ଗ୍ରାଜୁଏଟମାନଙ୍କୁ ଏହାର ଟେକ୍‌ବି ୟର୍ଲି କ୍ୟାରିୟର ପ୍ରୋଗ୍ରାମ ପ୍ରଦାନ କରିବା ଏବଂ ଟେକ୍ନୋଲୋଜି ଶିଳ୍ପରେ କ୍ୟାରିୟର କରିବା ପାଇଁ କମ୍ପାନୀ ଆଶାୟୀମାନଙ୍କୁ ସୁଯୋଗ ଦେବାକୁ ଯୋଜନା ରଖିଛି। ଟେକ୍‌ବି ହେଉଛି ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଯାହାକୁ ହାଇସ୍କୁଲ ଗ୍ରାଜୁଏଟଙ୍କ ପାଇଁ ଡିଜାଇନ କରାଯାଇଛି। ଏଚ୍‌ସିଏଲ୍‌ଟେକ୍‌ର ବରିଷ୍ଠ ଉପାଧ୍ୟକ୍ଷ ସୁବାରମଣ ବି କହିଛନ୍ତି, ବର୍ତ୍ତମାନ ସମୟରେ ଆମେ ଟେକ୍ନୋଲୋଜି ଜରିଆରେ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେବା ସାଙ୍ଗକୁ ନିଯୁକ୍ତି ସୁଯୋଗ ଭଳି ସୁବିଧା ଶିକ୍ଷା ମାଧ୍ୟମରେ ପ୍ରଦାନ କରୁଛୁ। ଏପରିକି ଟେକ୍‌ବି ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମଠାରୁ ଅଧିକ ହୋଇଥିଲାବେଳେ ଏହା ଟେକ୍ନୋଲୋଜି କ୍ଷେତ୍ରରେ ସାର୍ଥକ କ୍ୟାରିୟର ଗଠନ କରିବା ପାଇଁ ଉଚ୍ଚାଭିଳାଷୀ ଯୁବପିଢ଼ିଙ୍କ ପାଇଁ ଏକ ଲଞ୍ଚ ପ୍ୟାଡ୍ ବୋଲି କୁହାଯାଉଛି।

# Classified Everyday

**0674-2580101, 9692975378**



**REAL ESTATE SALE**

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

One bounded commercial plot touching to NH (Nakhara to NIALI) 10KM from Nakhara 6500 sft@ 2500/ sft, 3sides road. 7809525452. D-76484

Resort/ Cottage at Puri @14.90Lakhs, Lunching offer@ 9.90 Lakhs(Only on 31st August), Contact- 8917622925. D-1780

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781



Ashok Leyland mini truck with tiptop condition and all India/ Odisha permit available for rent purpose . Contact- 9668814120. D-1778

Two bedroom apartment for small family at Bomikhal, Bhubaneswar with two wheeler garage : 9238574993. D-1787

5-Story Building for Rent Approx 10,000sqft./- Palasuni, Bhubaneswar Spacious 1BHK & 2BHK units available. Ideal Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 7205010464. D-1762



Newly open Jyoti Spa positively heath benefits (Expert therapist). Contact- 8458067955. D-76933

Full body massage experience, good looking therapist @999 (bhubaneswar) 8658088274. D-1791

## LOST

I, Trupti Ranjan Nayak has lost all 10th & 12th original Certificates of my daughter Priyanshi Nayak on 16th Aug. at Tankapani Road, Bhubaneswar, if any one found please call 9178049690. D-1786

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Our client states that Kailash Chandra Agrawal, son of Balmukund Agrawal is the absolute owner of the property being Mouza- Boringpadar, P.S.- Kesinga, Dist.- Kalahandi, Odisha, Sale deed vide doc No.- 2832 of 2008 in Favour of Kailash Chandra Agrawal. Area- 0.43 decimals, he having purchased the same from Milap Chandra Jain, by a Sale Deed dated 15.10. 2008 registered as 2832 at the office of Bhawanipatna. The original of the said document being Original Regd. Sale deed vide doc No.- 2832 of 2008 in Favour of Kailash Chandra Agrawal registered at Bhawanipatna & Original ROR Khaitan Patta No.- 356/610 in Favour of Kailash Chandra Agrawal, were lost by our client (Axis Bank Ltd), while in their custody. The said property is in possession of Kailash Chandra Agrawal and is absolutely free from any encumbrance whatsoever. If any person has any claim or interest over the said property, he/she is requested to forward their claims along with the relevant documents to us within 15 days of this public notice. If we do not receive any claim from any person within 15 days, it will be strictly presumed that this property is absolutely free from any claim or encumbrance, and no one has any claim over this property. Adv. Surya Narayan Mohapatra, Deheripali, Budharaja, Sambalpur, PIN Code- 768004, Mob- 9437175734. D-76934

## AFFIDAVIT

By virtue of an affidavit no-4849 sworn before The EXECUTIVE MAGISTRATE, Baripada dated- 08/08/2025 I,Janata Manjari Patra , At- Tikpada, P.O.- Mahulia,P.S.- Rasgobindpur , Dist.- Mayurbhanj declare that I have changed my minor son's name from Rahit Kumar Singh (Old Name) to Rohit Singh (New Name). Henceforth, he will be known as Rohit Singh for all purposes. D-1788

I, Bibhudhananda Tripathy, S/o- Netra Nanda Tripathy, resident of C/619, Koelnagar, P.O.- Rourkela, Dist.- Sundargarh- 769014 Odisha, declare by this affidavit No.- 9178, dated- 28.08.2025, that now onwards I shall be known as Bibudhananda Tripathy for all future purposes. D-1789

By virtue of an affidavit sworn before Executive Magistrate, Cuttack vide No.- 4577, dtd- 15.10.2024, I Annapurna Padhi, W/o.- Pratap Chandra Tripathy, At- Andilo, P.O./P.S.- Balianta, Dist.- Khurda, declared as my actual name is Annapurna Padhi as per the my Aadhaar Card. But in the Birth & Educational Certificate of my son namely Chiranjeeb Tripathy my surname was wrongly mentioned as "Tripathy" instead of "Padhi". Henceforth I shall be known as Annapurna Padhi in the Birth & Educational Certificate of my son namely Chiranjeeb Tripathy for all purposes. D-1790

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସନ୍ଧ୍ୟାରାଣୀ ଘଡ଼ାଇ**
(21.08.1952 - 19.08.2025)
ମା’ ଚାହୁଁ ଚାହୁଁ ଏଗାର ଦିନ ହେଇଗଲା। ତୁମର ସେ ହସ ହସ ମୁହଁ ସବୁବେଳେ ମନେ ପଡୁଛି। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ
ଧ-୧୬୮୪

**ପ୍ରଥମ ଶ୍ରାଦ୍ଧବାର୍ଷିକି ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ ରବିନ୍ଦ୍ର କୁମାର ମହାପାତ୍ର**
ଭୁବନେଶ୍ୱର
ଆବିର୍ଭାବ : ୨୭.୦୯.୧୯୪୮
ତିରୋଧାନ : ୨୯.୦୮.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି : ବନ୍ଧୁ ଏବଂ ଆତ୍ମୀୟସ୍ୱଜନ
ଧ-୧୬୮୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
“ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ତସ୍ମାଦପରିହର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ”



**✓ସୁନୀତି ସାମଲ**
ଆଇ ଆର୍ ସି ଭିଲେଜ, ଭୁବନେଶ୍ୱର
ଆବିର୍ଭାବ : ୦୧.୦୭.୧୯୪୧
ତିରୋଧାନ : ୧୯.୦୮.୨୦୨୫
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ଅମାୟିକ ବ୍ୟକ୍ତିତ୍ୱ ଏବଂ ଆଶୀର୍ବାଦ ଆମମାନଙ୍କ ପାଇଁ ଚିର ପ୍ରେରଣାଦାୟୀ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ- ୧୬୮୩

**୧୨ତମ ଶ୍ରାଦ୍ଧବାର୍ଷିକୀ**



**✓ସନ୍ଧ୍ୟାରାଣୀ ସେଠୀ**
ମାର୍କଣ୍ଡେଶ୍ୱର ସାହି, ମଙ୍ଗଳାଘାଟ ପୁରୀ ଟାଉନ୍
ଆବିର୍ଭାବ: ୨୦।୦୨।୬୪
ତିରୋଧାନ: ୧୧।୦୯।୨୦୧୩
ଚାହୁଁ ଚାହୁଁ ୧୨ବର୍ଷ ବିତିଗଲା । ତୁମର ସ୍ମୃତିକୁ ପାଥେୟ କରି ଆଗେଇ ଚାଲିଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇଛି। ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୧୬୬୯


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646




ଅଶୋକ ମହାନ୍ତି


**୨୦୩୬ ଅଲିମ୍ପିକ୍ କ୍ରୀଡ଼ାର ଆୟୋଜକ ହେବା ପାଇଁ ୨୦୨୪ ଅକ୍ଟୋବର ୧ରେ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘ (ଆଇଓସି) ନିକଟରେ 'ବିଡ୍' ଦାଖଲ କରିଛି। ଗୁଜରାଟର ଅହମ୍ମଦାବାଦ ହୋଷ୍ଟ ସିଟି ଭାବେ ମନୋନୀତ ହୋଇଥିବାବେଳେ ମୁମ୍ବାଇ, ଗୋଆ, ଭୋପାଳ, ପୁଣେ ଏପରି କି ଭୁବନେଶ୍ୱରକୁ ସହଆୟୋଜକ ସହର ଭାବେ ଚୟନ କରାଯିବାର ପ୍ରସ୍ତାବ ରହିଛି...**

# ୨୦୩୬ ଅଲିମ୍ପିକ୍ କ୍ରୀଡ଼ା ଓ ଭାରତ

୨୦୩୬ ଅଲିମ୍ପିକ୍ କ୍ରୀଡ଼ାର ଆୟୋଜକ ହେବା ପାଇଁ ୨୦୨୪ ଅକ୍ଟୋବର ୧ରେ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘ (ଆଇଓସି) ନିକଟରେ 'ବିଡ୍' ଦାଖଲ କରିଛି। ରିଲାଏନ୍ସ ଫାଉଣ୍ଡେସନ ଅଧ୍ୟକ୍ଷା ନିତା ଅମ୍ବାନିଙ୍କ ପ୍ରଚେଷ୍ଟା ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ସମର୍ଥନରେ ଗୁଜରାଟର ଅହମ୍ମଦାବାଦ ସହର ହୋଷ୍ଟ ସିଟି ଭାବେ ମନୋନୀତ ହୋଇଥିବାବେଳେ ଅନ୍ୟାନ୍ୟ ସହର ଯଥା ମୁମ୍ବାଇ, ଗୋଆ, ଭୋପାଳ, ପୁଣେ ଏପରିକି ଭୁବନେଶ୍ୱରକୁ ମଧ୍ୟ ସହ ଆୟୋଜକ ସହର ଭାବେ ଚୟନ କରିବାର ପ୍ରସ୍ତାବ ରହିଛି।

| କ୍ରୀଡ଼ା ଇଭେଣ୍ଟ | ବିଶ୍ୱ ମାନ୍ୟତାରେ ଭାରତ/ ଅନୁବନ୍ଧିତ ଦେଶ ସଂଖ୍ୟା |
|---|---|
| ଫୁଟବଲ (ପୁରୁଷ) | ୧୨୭/୨୧୦ |
| ଫୁଟବଲ (ମହିଳା) | ୭୦/୧୮୯ |
| ଭଲିବଲ (ପୁରୁଷ) | ୫୨/୭୬ |
| ଭଲିବଲ (ମହିଳା) | ୫୬/୭୯ |
| ବାସ୍କେଟବଲ (ପୁରୁଷ) | ୭୬/୧୬୦ |
| ବାସ୍କେଟବଲ (ମହିଳା) | ୭୯/୧୬୦ |
| ହକି(ପୁରୁଷ) | ୭/୯୬ |
| ହକି(ମହିଳା) | ୯/୮୦ |
| ବ୍ୟାଡ଼ମିଣ୍ଟନ (ପୁରୁଷ) | ୫/୧୨୬ |
| ଟେନିସ (ପୁରୁଷ) | ୩୬/୧୫୯ |
| ଟେନିସ(ମହିଳା) | ୨୯/୧୪୨ |

ବିଶ୍ୱର ଏହି ସର୍ବୋଚ୍ଚ ବହୁ ଶୃଙ୍ଖଳା ବିଶିଷ୍ଟ କ୍ରୀଡ଼ା ସମାରୋହ ବ୍ୟୟବହୁଳ କାର୍ଯ୍ୟକ୍ରମ ଭାବେ ପରିଚିତ। ୨୦୩୬ ଅଲିମ୍ପିକ୍ ପାଇଁ ପ୍ରାୟ ୬୪ ହଜାର କୋଟି ଟଙ୍କାର ଆନୁମାନିକ ଖର୍ଚ୍ଚ ଆକଳନ କରାଯାଇଛି। ଯେଉଁଥିରେ କି ୩୦ ପ୍ରତିଶତ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତୀକରଣ, ୬୦ ପ୍ରତିଶତ ନୂତନ ଭିତ୍ତିଭୂମି ପ୍ରଭୃତି ଏବଂ ୧୦ ପ୍ରତିଶତ ଅସ୍ଥାୟୀ ନିର୍ମାଣର ପ୍ରସ୍ତାବ ରହିଛି।

ପ୍ରତି ଚାରିବର୍ଷରେ ହେଉଥିବା ଏହି ମର୍ଯ୍ୟାଦାଜନକ କ୍ରୀଡ଼ା ସମାରୋହର ସଫଳ ଆୟୋଜନ ଆୟୋଜକ ରାଷ୍ଟ୍ରର ସମ୍ମାନ ସହିତ ଜଡ଼ିତ ଥିବାରୁ ରାଷ୍ଟ୍ରଗୁଡ଼ିକ ପର୍ଯ୍ୟାପ୍ତ ଆର୍ଥିକ ଓ ମାନବ ସମ୍ବଳ ନିୟୋଜିତ କରିଥାନ୍ତି। ଏକାଧିକ ରାଷ୍ଟ୍ର ଏପରି ବ୍ୟୟବହୁଳ କ୍ରୀଡ଼ା କାର୍ଯ୍ୟକ୍ରମରେ କଳ୍ପନାତୀତ ଅର୍ଥ ବିନିଯୋଗ ଦ୍ୱାରା ଦେଶର ଅର୍ଥନୀତି ଉପରେ ପଡୁଥିବା ଅତିରିକ୍ତ ବୋଝକୁ ପୁନରୁଦ୍ଧାର କରିବା ପାଇଁ ଅନେକ ବର୍ଷ ନେଇଥାନ୍ତି। ଏହା ସତ୍ତ୍ୱେ ଏହି ସମ୍ମାନଜନକ କ୍ରୀଡ଼ା ସମାରୋହ ଆୟୋଜନ କରିବା ପାଇଁ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରବଳ ଆଗ୍ରହ ଏବଂ ପ୍ରତିଯୋଗିତା ପରିଲକ୍ଷିତ ହୋଇଥାଏ।

ଦ୍ରୁତଗତିରେ ବୃଦ୍ଧି ପାଉଥିବା ଭାରତୀୟ ଅର୍ଥନୀତି ଏପରି ଏକ ସମ୍ମାନଜନକ କ୍ରୀଡ଼ା ସମାରୋହ ଆୟୋଜନ କରିବା ପାଇଁ ନିଶ୍ଚିତ ଭାବେ ସକ୍ଷମ ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଏଠାରେ ଯେଉଁ ପ୍ରଶ୍ନଟି ମନକୁ ଆନ୍ଦୋଳିତ କରୁଛି ତାହା ହେଲା ଆୟୋଜକ ଦେଶ ଭାବେ ଆମ ଦେଶର କ୍ରୀଡ଼ାବିତ୍‌ମାନଙ୍କର ପ୍ରଦର୍ଶନ ବିଶ୍ୱସ୍ତରୀୟ ହୋଇ ସେମାନେ ପଦକ ତାଲିକାରେ ଏକ ସମ୍ମାନଜନକ ସ୍ଥାନ ହାସଲ କରିବାରେ ସକ୍ଷମ ହୋଇପାରିବେ କି? ୨୦୩୬ ଅଲିମ୍ପିକ୍ ପାଇଁ ଭାରତ 'ବିଡ୍' ଦାଖଲ କଲା ପରେ ବିଭିନ୍ନ ଫୋରମ୍‌ରେ ଆମ ଦେଶର କ୍ରୀଡ଼ାମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଭାରତ ଆୟୋଜକ ଦେଶ ଭାବେ ୨୦୩୬ ଅଲିମ୍ପିକ୍‌ରେ ପ୍ରଥମ ୧୦ ନଂ. ସ୍ଥାନରେ ରହିବା ପାଇଁ ଉଦ୍ୟମ କରିବ। ଏପରି ଭବିଷ୍ୟବାଣୀ ନିଶ୍ଚିତ ଭାବେ ଅତ୍ୟନ୍ତ ଉତ୍ସାହ ପ୍ରଦାନକାରୀ ମନେହୁଏ।

ଗତ କିଛି ବର୍ଷ ଧରି କେନ୍ଦ୍ର ସରକାର କ୍ରୀଡ଼ାକୁ ଅଗ୍ରାଧିକାର ଦେଇ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିଛନ୍ତି। ପ୍ରତିଷ୍ଠିତ କର୍ପୋରେଟ୍ ସଂସ୍ଥାମାନଙ୍କର ସହଭାଗିତାର ଏକାଧିକ 'ଉଚ୍ଚ ଗୁଣବତ୍ତା କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ର' ପ୍ରତିଷ୍ଠା, ପର୍ଯ୍ୟାପ୍ତ କ୍ରୀଡ଼ା ଭିତ୍ତିଭୂମିର ସଂରଚନା, 'ଖେଲୋ ଇଣ୍ଡିଆ ଗେମ୍ସ' କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଆୟୋଜନ, ଏଲିଟ୍ ଆଥ୍‌ଲେଟ୍‌ମାନଙ୍କ ପାଇଁ ବିଦେଶରେ ଶ୍ରେଷ୍ଠ କୋଚ୍‌ମାନଙ୍କ ଦ୍ୱାରା ତାଲିମ ବ୍ୟବସ୍ଥା ପ୍ରଭୃତି ଆମ କ୍ରୀଡ଼ାବିତ୍‌ଙ୍କର ପ୍ରଦର୍ଶନରେ ଉନ୍ନତି ଆଣିବାରେ ସହାୟକ ହୋଇପାରିଛି।

୧୮୯୬ରୁ ଆରମ୍ଭ ହୋଇଥିବା ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ଇତିହାସକୁ ଅବଲୋକନ କଲେ ଜଣାଯାଏ ଭାରତର



କ୍ରୀଡ଼ାବିତ୍‌ମାନେ ୨୦୨୪ ପ୍ୟାରିସ୍ କ୍ରୀଡ଼ା ପର୍ଯ୍ୟନ୍ତ ସମୁଦାୟ ୪୧ଟି ପଦକ (୧୦ ସ୍ୱର୍ଣ୍ଣ, ୧୦ ରୌପ୍ୟ ଏବଂ ୨୧ କାଂସ୍ୟ) ଜିତିବାରେ ସକ୍ଷମ ହୋଇଛନ୍ତି (୧୦ଟି ସ୍ୱର୍ଣ୍ଣ ମଧ୍ୟରୁ ୮ଟି ଦଳଗତ କ୍ରୀଡ଼ା ହକି ଏବଂ ୨ଟି ବ୍ୟକ୍ତିଗତ କ୍ରୀଡ଼ା ଜାଭେଲିନ୍ ଥ୍ରୋ ଏବଂ ରାଇଫଲ୍ ସୁଟିଂ)। ଭାରତର ର୍ୟାଙ୍କ୍ ୬୦ତମ ସ୍ଥାନରେ ରହିଛି। ବିଗତ ୩୦ଟି ଅଲିମ୍ପିକ୍ସ ପଦକ ତାଲିକାରେ ୧୩ଥର ଆୟୋଜକ ଦେଶ ପ୍ରଥମ ସ୍ଥାନରେ ରହିଥିବାବେଳେ ୧୩ଥର ପ୍ରଥମ ୧୦ସ୍ଥାନ ଏବଂ ୪ଥର ପ୍ରଥମ ୧୫ ସ୍ଥାନରେ ରହିଛି। ଆମ ଦେଶ ଭାରତ ଏ ପର୍ଯ୍ୟନ୍ତ ୨୬ଟି ଅଲିମ୍ପିକ୍ କ୍ରୀଡ଼ାରେ ଭାଗନେଇ କେବଳ ଟୋକିଓ ୨୦୨୦/୨୧ କ୍ରୀଡ଼ାରେ ୪୮ତମ ସ୍ଥାନରେ ରହିଥିବାବେଳେ ଅନ୍ୟ ସମସ୍ତ କ୍ରୀଡ଼ାରେ ପ୍ରଥମ ୫୦ ସ୍ଥାନ ମଧ୍ୟରେ ରହିବାରେ ସକ୍ଷମ ହୋଇପାରି ନାହିଁ।

ଆୟୋଜକ ଦେଶଭାବେ ଆମ କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନ ଅତ୍ୟନ୍ତ ଉଚ୍ଚକୋଟୀର ହେବା ଆବଶ୍ୟକ। ଯେପରି କି ପଦକ ତାଲିକାରେ ଅନ୍ତତଃ ପ୍ରଥମ ୨୦ ସ୍ଥାନରେ ରହିପାରିବେ, ନଚେତ୍ କ୍ରୀଡ଼ା ମାନଚିତ୍ରରେ ଆମେ ଉପଯୁକ୍ତ ସମ୍ମାନ ପାଇବାରୁ ବଞ୍ଚିତ ହେବା। ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯେ ଆଉ ମାତ୍ର ୧୧ ବର୍ଷର ପ୍ରସ୍ତୁତି ସମୟ ମଧ୍ୟରେ ଆମ କ୍ରୀଡ଼ାବିତ୍‌ମାନେ ବିଶ୍ୱସ୍ତରୀୟ ପ୍ରଦର୍ଶନ କରିବାରେ ସଫଳ ହୋଇ ପାରିବେକି ?

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକାଂଶ ଲୋକପ୍ରିୟ ଅଲିମ୍ପିକ୍ କ୍ରୀଡ଼ା ଶୃଙ୍ଖଳାଗୁଡ଼ିକରେ ବର୍ତ୍ତମାନ ଆମ ଦେଶର ସ୍ଥାନ (ର୍ୟାଙ୍କ୍) ଉତ୍ସାହଜନକ ସ୍ଥିତିରେ ନାହିଁ। ସନ୍ତରଣ ଏବଂ ଜିମ୍ନାଷ୍ଟିକ୍ସ ଭଳି ଲୋକପ୍ରିୟ ଅଲିମ୍ପିକ୍ କ୍ରୀଡ଼ାରେ ଭାରତକୁ କୌଣସି ର୍ୟାଙ୍କ୍ ପ୍ରଦାନ କରାଯାଇନାହିଁ। ଅଲିମ୍ପିକ୍ କ୍ରୀଡ଼ାରେ ଯେଉଁ ୩ଟି କ୍ରୀଡ଼ା ଶୃଙ୍ଖଳାରେ ସର୍ବାଧିକ ପଦକ ଜିତିବାର ସୁଯୋଗ ଥାଏ ତନ୍ମଧ୍ୟରୁ ଆଥ୍‌ଲେଟିକ୍ସରେ ୪୮, ସନ୍ତରଣରେ ୩୭ ଏବଂ ଜିମ୍ନାଷ୍ଟିକ୍ସରେ ୧୪ ସ୍ୱର୍ଣ୍ଣ ପଦକ ଅନ୍ତର୍ଭୁକ୍ତ। ୧୨୮ ବର୍ଷର ଅଲିମ୍ପିକ୍ କ୍ରୀଡ଼ା ଇତିହାସରେ ଜଣେ ମାତ୍ର ଭାରତୀୟ ଆଥ୍‌ଲେଟ ନୀରଜ ଚୋପ୍ରା ଟୋକିଓ ୨୦୨୦ ଏବଂ ପ୍ୟାରିସ ୨୦୨୪ରେ ଜାଭେଲିନ୍ ଥ୍ରୋରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ନିଆରା ରେକର୍ଡ ପ୍ରତିଷ୍ଠାକରି ଦେଶପାଇଁ ଗୌରବ ଆଣିଛନ୍ତି। ପଦକ ତାଲିକାରେ ଶୀର୍ଷ ୧୦ କିମ୍ବା ୨୦ ସ୍ଥାନରେ ରହିବାକୁ ହେଲେ ଏହି ସୀମିତ ସଫଳତା ଯଥେଷ୍ଟ ନୁହେଁ। ତେଣୁ ଆମ କ୍ରୀଡ଼ାବିତ୍‌ମାନେ ସନ୍ତରଣ, ଜିମ୍ନାଷ୍ଟିକ୍ସ ପରି ଇଭେଣ୍ଟଗୁଡ଼ିକ ପାଇଁ ଧ୍ୟାନଦେବା ଆବଶ୍ୟକ। କାରଣ ଏଥିରେ ଏକାଧିକ ପଦକ ପ୍ରାପ୍ତ ହେବାର ସୁଯୋଗ ଥାଏ।

ବର୍ତ୍ତମାନ ଆମର ଲକ୍ଷ୍ୟ ୨୦୩୬ ଅଲିମ୍ପିକ୍ସ। ଆମକୁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିବା ଆବଶ୍ୟକ। ଭାରତ ଏକ ବିକାଶଶୀଳ କ୍ରୀଡ଼ା ଶକ୍ତିରୁ ପୂର୍ଣ୍ଣ ବିକଶିତ କ୍ରୀଡ଼ାଶକ୍ତିଭାବେ ରୂପାନ୍ତରିତ ହେବାଲାଗି କେନ୍ଦ୍ର ସରକାର, ସବୁ ରାଜ୍ୟ ସରକାର, ଜାତୀୟ ଓ ରାଜ୍ୟ ସଂଘ, ପ୍ରତିଷ୍ଠିତ କର୍ପୋରେଟ ସଂସ୍ଥା, କ୍ରୀଡ଼ାବିତ୍‌ଙ୍କ ନିଷ୍ଠା ଓ ପରିଶ୍ରମ ଏବଂ ସର୍ବୋପରି ଦେଶର ଅଗଣିତ କ୍ରୀଡ଼ାପ୍ରେମୀଙ୍କ ସହଯୋଗ ଏବଂ ସଂକଳ୍ପ ଏକାନ୍ତ ଜରୁରୀ। ୨୦୩୬ ଅଲିମ୍ପିକ୍ସ ପଦକ ତାଲିକାରେ ଭାରତ ପ୍ରଥମ ୧୦ ସ୍ଥାନରେ ରହିବା ଅତ୍ୟନ୍ତ କଷ୍ଟକର ହେଲେ ମଧ୍ୟ ଲକ୍ଷ୍ୟ ହାସଲ ଅସମ୍ଭବ ନୁହେଁ।



## ସନ୍ତରଣରେ ବଢ଼ୁଛି ଓଡ଼ିଶାର ଆଶା

କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ୁଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହାଇ ପରଫର୍ମାନ୍ସ ସେଣ୍ଟର ଏବଂ ଅନ୍ୟ କେତେକ ସ୍ଥାନରେ ସବ୍ ସେଣ୍ଟର ଉପଲବ୍ଧ ହେବା ପରଠାରୁ ଏକାଧିକ କ୍ରୀଡ଼ାରେ ରାଜ୍ୟ କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ବିଶେଷ କରି ସନ୍ତରଣରେ ଓଡ଼ିଶା ପ୍ରତିଯୋଗୀମାନେ ନିକଟ ଅତୀତରେ



ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ପ୍ରତ୍ୟାଶା ରାୟ।

ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ଆଶା ବଢ଼ାଇଛନ୍ତି। ଜାତୀୟ ମହିଳା ସନ୍ତରଣରେ ପ୍ରତ୍ୟାଶା ରାୟଙ୍କଠାରୁ ଆରମ୍ଭ କରି ସୃଷ୍ଟି ଉପାଧ୍ୟାୟ, ମନ୍ନତା ମିଶ୍ର, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଆଦି ଅନେକ ସନ୍ତରଣକାରୀମାନେ ଓଡ଼ିଶାର ଉପସ୍ଥିତିକୁ କ୍ରମାଗତଭାବେ ଜାହିର କରି ଆସୁଥିବାବେଳେ ପୁରୁଷ ସନ୍ତରଣରେ ଏବେ ଇତିହାସ ସୃଷ୍ଟି କରିଛନ୍ତି ସାଇ ସ୍ୱରୂପ ସ୍ୱାଇଁ।

ଓଡ଼ିଶାର ପ୍ରତିଭା ସମ୍ପନ୍ନ ସୁଇମିଂ ସେନ୍‌ସେଶନ ସାଇ ସ୍ୱରୂପ ଅହମଦାବାଦ୍‌ର ନାରାୟଣପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅଗଷ୍ଟ ପ୍ରଥମ ସପ୍ତାହରେ ଅନୁଷ୍ଠିତ ୫୧ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ୩ଟି ପଦକ ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଥମେ ସେ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିବା ସହ ଓଡ଼ିଶା ସନ୍ତରଣ ଦୁନିଆରେ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ପୂର୍ବରୁ ୧୯୯୦ରେ ରଙ୍କନିଧି ସେଠ୍ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅର୍ଥାତ୍ ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ଓଡ଼ିଶା ପାଇଁ ଜାତୀୟ ସୁଇମିଂରୁ ପଦକ ଜିତିଥିଲେ ସାଇ ସ୍ୱରୂପ। ପରେ ସେ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ନୂଆ ଫର୍ଦ୍ଦ ଯୋଡ଼ିଥିଲେ। କେବଳ ସେତିକି ନୁହେଁ ସେ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଥିଲେ। ଅର୍ଥାତ୍ ଏହି ଜାତୀୟ ପ୍ରତିଯୋଗିତାରେ ସେ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ଜିତିଥିଲେ।

ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ଗର୍ବିତ କରି ସାରିଥିବା ପ୍ରତ୍ୟାଶା ଚଳିତ ବର୍ଷ ଉତ୍ତରାଖଣ୍ଡର ହଲଦ୍ୱାନିଠାରେ ଅନୁଷ୍ଠିତ ୩୮ତମ ଜାତୀୟ କ୍ରୀଡ଼ାର ୪x୧୦୦ ମିଡ୍‌ଲେ ରିଲେରେ ସ୍ୱର୍ଣ୍ଣ ଏବଂ ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାଛଡ଼ା କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୭୮ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ୪x୧୦୦ ମିଡ୍‌ଲେ ରିଲେରେ ରୌପ୍ୟ ଏବଂ ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦୧୬ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏହି ସନ୍ତରଣ ତାରକା। ଇତିମଧ୍ୟରେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପାଖାପାଖି ୫୦ ପଦକ ଜିତି ସାରିଲେଣି। ସେହିପରି ୨୦୨୩ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ସୃଷ୍ଟି ୨୦୨୫ରେ ଚମକପ୍ରଦ ପ୍ରଦର୍ଶନ କରି ଜାତୀୟ ସ୍ତରରେ ଚର୍ଚ୍ଚାରେ ରହିଛନ୍ତି। ସେ ୩୮ତମ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଛନ୍ତି। ଭୁବନେଶ୍ୱରରେ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ସୃଷ୍ଟି ଜାତୀୟ ସ୍ତରରେ ପାଖାପାଖି ଦୁଇ ଡଜନ ପଦକ ଜିତି ସାରିଛନ୍ତି। ମନ୍ନତା ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ମଧ୍ୟ ଜାତୀୟ କ୍ରୀଡ଼ା ଓ ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଚମକ ଦେଖାଇ ପଦକ ଜିତିଛନ୍ତି। ଏହା ବ୍ୟତୀତ ଅଗଷ୍ଟ ପ୍ରାରମ୍ଭରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ପ୍ରତିଭା ପ୍ରଦର୍ଶନ କରିଛନ୍ତି ଓଡ଼ିଶାର ସଂହିତା ଘୋଷ।

**–ତପନ କୁମାର ସ୍ୱାଇଁ**



ପଦକ ସହ ସାଇ ସ୍ୱରୂପ ସ୍ୱାଇଁ।

# ହକି ଜଗତର ଉଜ୍ଜ୍ୱଳ ତାରକା




ଭାରତୀ ଭୂଷଣ ମିଶ୍ର


(ଭାଗ-୧)


ଆଜି ଜାତୀୟ କ୍ରୀଡ଼ା ଦିବସ। ହକିର ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କର ପବିତ୍ର ଜନ୍ମତିଥି। ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ମନର ନିଭୃତ କୋଣରେ ଲୁଚିରହିଥାଏ ଗୋଟିଏ ମହତ୍ତ୍ୱାକାଂକ୍ଷା ଯେ କିଭଳି ସେ ନିଜ ଦେଶକୁ ଅଲିମ୍ପିକ୍ କ୍ରୀଡ଼ାରେ ପ୍ରତିନିଧିତ୍ୱ କରିବେ ଓ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ପଦକ ହାସଲ କରିବେ। ସେହି କ୍ରମରେ ପ୍ରତ୍ୟେକ ଦେଶ ମଧ୍ୟ ପ୍ରଚେଷ୍ଟା କରିଥାନ୍ତି ଯେ ଯୋଜନାବଦ୍ଧ ପଦକ୍ଷେପ ନେଇ କିଭଳି ଅଲିମ୍ପିକ୍ କ୍ରୀଡ଼ାରେ ନିଜ ଦେଶର ପରାକାଷ୍ଠା ପ୍ରଦର୍ଶନ କରିବେ। ଏହି ଦୃଷ୍ଟିରୁ ବିଚାର କଲେ ଆମେମାନେ ଜାଣିପାରିବା ଯେ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାରେ ଆମମାନଙ୍କର ପ୍ରିୟ ଜନ୍ମଭୂମି ଭାରତର ପ୍ରଦର୍ଶନ ସେମିତି ଉତ୍ସାହ ଜନକ ନୁହେଁ। ଗୋଟିଏ ଛୋଟିଆ ପରିସଂଖ୍ୟାନ ଦେଲେ ତାହା ସ୍ପଷ୍ଟ ହୋଇଯିବ। ୧୮୯୬ରେ ଗ୍ରୀସ୍‌ର ଏଥେନ୍ସ ସହରରେ ଅନୁଷ୍ଠିତ ହେଲା ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା। କିନ୍ତୁ ପ୍ରଥମ ଥର ପାଇଁ ୧୯୦୦ ମସିହାର ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ନର୍ମାନ ପ୍ରିଚାର୍ଡ ପ୍ରତିନିଧିତ୍ୱ କରି ଆଥ୍‌ଲେଟିକ୍ସରେ ଦୁଇଗୋଟି ରୌପ୍ୟ ପଦକ ହାସଲ କଲେ। ଏହିଭଳି ଭାରତ ଏସୀୟ ମହାଦେଶର ପ୍ରଥମ ଦେଶ ଭାବେ ଅଲିମ୍ପିକ କ୍ରୀଡ଼ାରେ ପଦକ ହାସଲ କଲା। କିନ୍ତୁ ବିଧିବଦ୍ଧ ଭାବେ ୧୯୨୦ ମସିହାର ଆଣ୍ଟୱର୍ପ ଅଲିମ୍ପିକ୍ କ୍ରୀଡ଼ାକୁ ଭାରତ ତା'ର ଜାତୀୟ ଦଳ ପ୍ରେରଣ କଲା, ଯେଉଁଥିରେ ତିନିଜଣ ଆଥ୍‌ଲେଟ ଓ ଦୁଇଜଣ କୁସ୍ତିଯୋଦ୍ଧା ତଥା ଦୁଇଜଣ ଅଫିସିଆଲ୍ ଏପରି ମୋଟ ସାତଜଣ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ, ଯେଉଁ ପ୍ରସିଦ୍ଧ ଖେଳାଳି ବିଗତ ଦିନରେ ଭାରତୀୟ ହକିର କର୍ଣ୍ଣଧାର ଥିଲେ ତାଙ୍କର ସ୍ମୃତିଚାରଣ କରିବା ଆମର ଆଜିର ଦିନରେ ପରମ କର୍ତ୍ତବ୍ୟ। ଏହି କ୍ରମରେ ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କର ନାମ ପ୍ରଥମେ ମନକୁ ଆସେ....

### ସ୍ୱର୍ଗତ ମେଜର ଧ୍ୟାନଚାନ୍ଦ

ବର୍ତ୍ତମାନର ପ୍ରୟାଗରାଜ ତଥା ତତ୍‌କାଳୀନ ଆଲ୍ଲାହାବାଦରେ ଗୋଟିଏ ରାଜସ୍ଥାନୀ ରାଜପୁତ୍ ପରିବାରରେ ୧୯୦୫ ଅଗଷ୍ଟ ୨୯ ତାରିଖରେ ଜନ୍ମ ନେଇଥିଲେ ଧ୍ୟାନଚାନ୍ଦ। ପିତା ସୋମେଶ୍ୱର ଦତ୍ତ ସିଂ ଭାରତୀୟ ସୈନ୍ୟବାହିନୀରେ ସୁବେଦାର ଭାବେ କାର୍ଯ୍ୟରତ ଥିଲେ। ମାତାଙ୍କ ନାମ ଥିଲା ଶାରଦା ସିଂହ। ହାଇସ୍କୁଲ ଶିକ୍ଷା ସମାପ୍ତି ପରେ ପରିବାରର ପ୍ରଥାକୁ ସମ୍ମାନ ଦେଇ ୧୯୨୨ରେ ସେ ପ୍ରଥମ ବ୍ରାହ୍ମଣ ରେଜିମେଣ୍ଟରେ ଜଣେ ସିପାହି ଭାବେ ଭର୍ତ୍ତି ହେଲେ। ପିଲାଟି ଦିନରୁ ଯେହେତୁ ତାଙ୍କର କୁସ୍ତି ପ୍ରତି ଆଗ୍ରହ ଥିଲା ତେଣୁ ସେ ନିୟମିତ ଶରୀରଚର୍ଯ୍ୟା ଓ ବ୍ୟାୟାମ ପ୍ରତି ଧ୍ୟାନ ଦେଉଥିଲେ। ସୈନ୍ୟବାହିନୀରେ ଯୋଗଦେବା ନିମନ୍ତେ ଏହା ତାଙ୍କୁ ସାହାଯ୍ୟ କଲା। ଇତିମଧ୍ୟରେ ପିତାଙ୍କର ବଦଳି ହେବା ହେତୁ ତାଙ୍କ ପରିବାର ଝାନ୍‌ସୀ ସହରକୁ

> **ପରିସଂଖ୍ୟାନରୁ ଜଣାଯାଏ ଯେ ୧୯୨୬ରୁ ୧୯୪୯ ମଧ୍ୟରେ ହକିର ଯାଦୁକର ମେଜର ଧ୍ୟାନଚାନ୍ଦ ୧୮୫ଟି ହକି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ମୋଟ ୫୭୦ ଗୋଲ ଦେଇଥିଲେ। ସେହିଭଳି ଘରୋଇ ଓ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ତାଙ୍କର ଗୋଲ ସଂଖ୍ୟା ଥିଲା ୧୦୦୦ରୁ ଅଧିକ, ଯାହାକି ଏକ ରେକର୍ଡ। ଅଗଷ୍ଟ ୨୯ ଧ୍ୟାନଚାନ୍ଦଙ୍କ ଜନ୍ମତିଥିକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି..**

ଚାଲିଗଲେ। ପିଲାଦିନେ ତାଙ୍କ ନାମ ଥିଲା ଧ୍ୟାନ ସିଂ। ମାତ୍ର ୧୬ ବର୍ଷ ବୟସରେ ସୈନ୍ୟବାହିନୀରେ ସେ ଯୋଗଦେଇ ଥିବାରୁ ତାଙ୍କ ରେଜିମେଣ୍ଟରେ ସମସ୍ତେ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ। ସେତେବେଳକୁ ବ୍ରିଟିଶ ରେଜିମେଣ୍ଟର ସୈନ୍ୟମାନେ ଭାରତରେ ହକି ଖେଳକୁ ପ୍ରଚଳନ କରାଇ ସାରିଥାନ୍ତି ଓ ଏହା ଲୋକପ୍ରିୟତା ହାସଲ କରି ଚାଲିଥାଏ। ପ୍ରଥମ ବ୍ରାହ୍ମଣ ରେଜିମେଣ୍ଟରେ ସୁବେଦାର ମେଜର ଭାବେ ସେତେବେଳେ କାର୍ଯ୍ୟରତ ଥିବା ହକି ଖେଳାଳି ଓ ପ୍ରଶିକ୍ଷକ ଭୋଲେତିୱାରୀଙ୍କର ଦୃଷ୍ଟି ପଡ଼ିଲା ଧ୍ୟାନ ସିଂଙ୍କ ଉପରେ। ମଣି-କାଞ୍ଚନ ଯୋଗ ସଦୃଶ ସେ ତାଙ୍କଠାରେ ଜଣେ ଭଲ ଖେଳାଳିର ଲକ୍ଷଣ ଦେଖିପାରି ତାଙ୍କୁ ହକି ଖେଳିବାକୁ ରାଜି କରାଇଲେ। ଧ୍ୟାନ ସିଂ ଖେଳରେ ଏପରି ମନୋନିବେଶ କରିଗଲେ ଯେ ସମୟ ପାଇବା ମାତ୍ରେ ହକି ବଲ୍ ଓ ଷ୍ଟିକ୍ ଧରି ଅଭ୍ୟାସ କରିଚାଲିଲେ। ଏପରିକି ଚନ୍ଦ୍ରପକ୍ଷ ରାତିରେ ଖୋଲାପଡ଼ିଆରେ ଏକୁଟିଆ ଖେଳିବାକୁ ମଧ୍ୟ ପଛାଇଲେ ନାହିଁ। ଏହା ଦେଖି ସେନା ଅଧିକାରୀମାନେ ଆଦରରେ ତାଙ୍କୁ 'ଚାନ୍ଦ' ବୋଲି ଡାକିବାକୁ ଆରମ୍ଭ କଲେ। ଧ୍ୟାନ ସିଂରୁ ସେ ପାଲଟି ଗଲେ ଧ୍ୟାନଚାନ୍ଦ। ୧୯୨୬ ପର୍ଯ୍ୟନ୍ତ ସେ ନିଜ ରେଜିମେଣ୍ଟ ପାଇଁ ଆର୍ମି ଟୁର୍ନାମେଣ୍ଟଗୁଡ଼ିକରେ ହକି ଖେଳି ନିଜକୁ ଜଣେ ଦୁର୍ଦ୍ଧର୍ଷ ଫରୱାର୍ଡ ଭାବେ ପ୍ରତିଷ୍ଠିତ କରିସାରିଥିଲେ। ତା'ପରେ ୧୯୨୬ରେ ଜାତୀୟ ଦଳରେ ସ୍ଥାନ ପାଇ ନ୍ୟୁଜିଲାଣ୍ଡ ଗସ୍ତରେ ସାମିଲ ହେଲେ। ଏହି ଗସ୍ତ ସମୟରେ ତାଙ୍କର କ୍ରୀଡ଼ା ଦକ୍ଷତା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା ଓ ମାତ୍ର ୨୩ ବର୍ଷ ବୟସରେ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କଲେ ହକିଖେଳରେ। ଏହି ଅଲିମ୍ପିକ୍ସରେ ଭାରତ ହକିରେ ତା'ର ସମସ୍ତ ମ୍ୟାଚ୍‌ରେ ବିଜୟ ଲାଭ କରି ଫାଇନାଲ୍‌ରେ ନେଦରଲାଣ୍ଡ୍ସକୁ ୩-୦ ଗୋଲ୍‌ରେ ହରାଇବା ସହ ସ୍ୱର୍ଣ୍ଣପଦକ ହାସଲ କଲା। ସେମାନେ ମୋଟ ୨୯ ଗୋଲ୍ ଦେଇଥିବାବେଳେ ଗୋଟିଏ ମଧ୍ୟ ଗୋଲବରଣ କରି ନ ଥିଲେ। ଏହି ୨୯ରୁ କେବଳ ଧ୍ୟାନଚାନ୍ଦ ଦେଇଥିଲେ ୧୪ଟି ଗୋଲ୍, ଯାହାକି ତାଙ୍କର ଅପୂର୍ବ କ୍ରୀଡ଼ା ନୈପୁଣ୍ୟର ପ୍ରମାଣ ଦିଏ। ଏହାପରେ ୧୯୩୨ର ଲସ୍ ଏଞ୍ଜେଲ୍ସ ଓ ୧୯୩୬ର ବର୍ଲିନ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ହକିଦଳ ସ୍ୱର୍ଣ୍ଣପଦକ ହାସଲ କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲା। ଏହି ୩ ଅଲିମ୍ପିକ୍ସରେ ଭାରତ ମୋଟ ୧୦୨ ଗୋଲ ଦେଇଥିବାବେଳେ ମାତ୍ର ୩ଟି ବରଣ କରିଥିଲା, ଯାହାକି ଏକ ବିରଳ ଉପଲବ୍ଧି। ଏହି ୧୦୨ ଗୋଲରୁ କେବଳ ଧ୍ୟାନଚାନ୍ଦ ଦେଇଥିଲେ ୩୭ଟି ଗୋଲ। ଏହାପରେ ବିଶ୍ୱଯୁଦ୍ଧ ସଂଘଟିତ ହେବାରୁ ଦୀର୍ଘ ବ୍ୟବଧାନରେ ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା ୧୯୪୮ରେ ଲଣ୍ଡନରେ ଅନୁଷ୍ଠିତ ହେଲା। ଏକ ପରିସଂଖ୍ୟାନରୁ ଜଣାଯାଏ ଯେ ୧୯୨୬ରୁ ୧୯୪୯ ମଧ୍ୟରେ ଧ୍ୟାନଚାନ୍ଦ ୧୮୫ଟି ହକି ମ୍ୟାଚ୍‌ରେ (ଅନ୍ତର୍ଜାତୀୟ) ମୋଟ ୫୭୦ ଗୋଲ ସ୍କୋର କରିଥିଲେ। ସେହିଭଳି ଘରୋଇ ଓ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ତାଙ୍କର ଗୋଲ ସଂଖ୍ୟା ଥିଲା ୧୦୦୦ରୁ ଅଧିକ, ଯାହାକି ଏକ ଈର୍ଷଣୀୟ ରେକର୍ଡ। ୧୯୩୫ରେ ଆଡିଲେଡ୍‌ଠାରେ ତାଙ୍କ ଖେଳ ଦେଖିବା ପରେ କିମ୍ବଦନ୍ତୀ କ୍ରିକେଟର ସାର ଡୋନାଲ୍ଡ ବ୍ରାଡ୍‌ମ୍ୟାନ୍ ତାଙ୍କୁ ବଧେଇ ଜଣାଇ କହିଥିଲେ ଯେ ତୁମେ କ୍ରିକେଟ୍‌ରେ ରନ୍ କଲାପରି ଗୋଲ୍ ଦେଉଛ। ୧୯୪୭ ପର୍ଯ୍ୟନ୍ତ ତାଙ୍କର ଏହି ଖେଳ ଜୀବନ ନିଜର ଦ୍ୟୁତିରେ ବିଶ୍ୱକୁ ଅଭିଭୂତ କରି ରଖିଥିଲା। ତାଙ୍କର ଅପୂର୍ବ ଷ୍ଟିକ୍ ଚାଳନା ଓ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ଗୋଲ୍ ଦେବାର ଶୈଳୀରେ ଅଭିଭୂତ ହୋଇ ଲୋକମାନେ ତାଙ୍କୁ ହକିର ଯାଦୁକର ଆଖ୍ୟା ଦେଇଥିଲେ। ୧୯୩୬ ବର୍ଲିନ୍ ଅଲିମ୍ପିକ୍‌ର ହକି ଫାଇନାଲରେ ତାଙ୍କର କ୍ରୀଡ଼ା ଦକ୍ଷତାରେ ତତ୍‌କାଳୀନ ଜର୍ମାନୀର ଏକଛତ୍ର ଶାସକ ଆଡୋଲ୍ଫ ହିଟଲର ତାଙ୍କ ସହିତ କରମର୍ଦ୍ଦନ କରି ତାଙ୍କୁ ଜର୍ମାନ ସେନାର ଉଚ୍ଚ ପଦ (ଜେନେରାଲ) ଗ୍ରହଣ କରିବାକୁ ନିମନ୍ତ୍ରଣ ଦେଇଥିଲେ ଓ ଜର୍ମାନୀର ନାଗରିକତ୍ୱ ପ୍ରଦାନ ପାଇଁ ପ୍ରସ୍ତାବ ରଖିଥିଲେ। କିନ୍ତୁ ଦେଶ ଭକ୍ତ ଧ୍ୟାନଚାନ୍ଦ ବିନମ୍ରତାର ସହ ତାହା ପ୍ରତ୍ୟାଖ୍ୟାନ କରି ଦେଇଥିଲେ।



ମେଜର ଧ୍ୟାନଚାନ୍ଦ

୧୯୫୬ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ। ତାଙ୍କ ପରେ ଦ୍ୱିତୀୟ ହକି ଖେଳାଳିଭାବେ ସିନିୟର ଦଳର ପୂର୍ବତନ ଗୋଲକିପର ପି.ଆର୍. ଶ୍ରୀଜେଶ ୨୦୨୫ରେ ପଦ୍ମଭୂଷଣ ଉପାଧି ଲାଭ କରିଛନ୍ତି। ହକି ପ୍ରତି ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନ ପାଇଁ ଭାରତ ସରକାର ୧୯୯୪ ମସିହାରେ ତାଙ୍କ ଜନ୍ମ ଦିବସକୁ 'ଜାତୀୟ କ୍ରୀଡ଼ା ଦିବସ' ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ। ୧୯୮୦ରେ ତାଙ୍କ ନାମରେ ଭାରତ ସରକାର ସ୍ମାରକୀ ଡାକ ଟିକେଟ୍ ପ୍ରଚଳନ କରିଛନ୍ତି। ସେହିପରି ୨୦୦୨ରେ ଦିଲ୍ଲୀର ନ୍ୟାଶନାଲ ଷ୍ଟାଡିୟମକୁ ତାଙ୍କ ନାମରେ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମ ନାମରେ ନାମିତ କରାଯାଇଛି। ଏଠାରେ ମଧ୍ୟ ତାଙ୍କର ଏକ ପ୍ରତିମୂର୍ତ୍ତି (୮ ଫୁଟ ଉଚ୍ଚର ଅଷ୍ଟଧାତୁ ନିର୍ମିତ) ସ୍ଥାପିତ ହୋଇଛି। ଦେଶର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା (ଡାଇଭିଂରେ) କ୍ୟାପଟେନ୍ ବଜରଙ୍ଗୀ ପ୍ରସାଦ ଥରେ କହିଥିଲେ ଯେ "ଧ୍ୟାନଚାନ୍ଦଙ୍କୁ ହକିର ଯାଦୁକର ଅପେକ୍ଷା ହକିର ବୈଜ୍ଞାନିକ ଭାବେ ସମ୍ଭାଷଣ କରିବାକୁ ମୁଁ ଅଧିକ ପସନ୍ଦ କରିବି।" ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନକୁ ତାଙ୍କ ନାମରେ 'ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ଭାବେ ୨୦୨୧ରୁ ପ୍ରଦାନ କରାଯାଉଛି। ତାଙ୍କ ରଚିତ ପୁସ୍ତକ 'ଦି ଗୋଲ୍' ତାଙ୍କ ଜୀବନର ଏକ ମାର୍ମିକ ଅଭିବ୍ୟକ୍ତି। ୧୯୭୯ ଡିସେମ୍ବର ୩ ତାରିଖ ଦିନ ଏହି କିମ୍ବଦନ୍ତୀ ପୁରୁଷ ପରମପିତାଙ୍କ ନିକଟକୁ ଚାଲିଗଲେ ରୋଗ ଶଯ୍ୟାରୁ। କିନ୍ତୁ କ୍ରୀଡ଼ା ଜଗତର ଜାଜ୍ୱଲ୍ୟମାନ ତାରକା ଭାବେ ସେ ବିଶ୍ୱ ଆକାଶରେ ଏବେ ବି ଚିର ଭାସ୍ୱର। ଏହି ମହାନ୍ ଖେଳାଳିଙ୍କ ଅମ୍ଳାନ ସ୍ମୃତିପ୍ରତି ଏହି ପ୍ରତିବେଦକ ଅଗଣିତ ଗୁଣମୁଗ୍ଧ ଦେଶବାସୀଙ୍କ ସହ ଭକ୍ତିଅର୍ଘ୍ୟ ଅର୍ପଣ କରୁଛି ଆଜିର ପବିତ୍ର ଦିବସରେ।


(ପରବର୍ତ୍ତୀ ଭାଗ ଆସନ୍ତା କ୍ରୀଡ଼ା ଜଗତ ପୃଷ୍ଠାରେ)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୯/୨୦୨୫ Bhubaneswar, Friday, August 29/ 2025

# ତୃତୀୟ ରାଉଣ୍ଡରେ ଅଲକାରାଜ, ସାବାଲେଙ୍କା

**ୟୁଏସ୍ ଓପନ୍**

ନ୍ୟୁୟର୍କ,୨୮।୮

ପୁରୁଷ ସିଙ୍ଗଲ୍ସରେ ୨୦୨୨ ସଂସ୍କରଣର ଚାମ୍ପିୟନ କାର୍ଲୋସ ଅଲକାରାଜ ଓ ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ବର୍ଷର ଚତୁର୍ଥ ତଥା ଅନ୍ତିମ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଇଞ୍ଜୁରି କାରଣରୁ ପଞ୍ଚମ ସିଡ୍ ଜ୍ୟାକ ଡ୍ରାପର ଦ୍ୱିତୀୟ ରାଉଣ୍ଡରୁ ଓହରି ଯାଇଥିବା ବେଳେ ହୋଲଗର ରୁନ ପରାଜୟ ସହ ବିଦାୟ ନେଇଛନ୍ତି।

ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଅଲକାରାଜ ୬-୧, ୬-୦, ୬-୩ ସେଟ୍‌ରେ ମାଟିଆ ବେଲୁସିଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଷଷ୍ଠ ସିଡ୍ ବେନ ଶେଲଟନ ୬-୪, ୬-୨, ୬-୪ ସେଟ୍‌ରେ ପାବ୍ଲୋ କାରେନୋ ବୁସ୍ତାଙ୍କୁ, ଉଗୋ ବ୍ଲାନଚେଟ ୬-୭ (୨/୭), ୭-୬ (୭/୫), ୩-୬, ୬-୪, ୭-୬ (୧୦/୭) ସେଟ୍‌ରେ ୧୬ତମ ସିଡ୍ ଜାକୁବ ମେନସିକଙ୍କୁ, ୧୭ତମ ସିଡ୍ ଫ୍ରାନ୍ସେସ ଟିଆଫୋ ୬-୪, ୭-୫, ୬-୭(୮/୧୦), ୭-୫ ସେଟ୍‌ରେ ମାର୍ଟିନ ଡାମ ଜୁନିୟରଙ୍କୁ, ୩୨ତମ ସିଡ୍ ଲୁସିଆନୋ ଡାର୍ଡେରି ୬-୦, ୭-୬ (୭/୩), ୨-୬, ୬-୪ ସେଟ୍‌ରେ ଏଲିଅଟ ସ୍ପିଜିରିଙ୍କୁ ଓ ଆଡ୍ରିଆନ ମାନାରିନୋ ୬-୪, ୬-୭(୫/୭), ୬-୩, ୬-୩ ସେଟ୍‌ରେ ଜୋର୍ଡାନ ଥମ୍ପସନଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ରୁନ ୬-୭(୫/୭), ୬-୨, ୩-୬, ୬-୪, ୫-୭ ସେଟ୍‌ରେ ଜାନ-ଲେନାର୍ଡ ଷ୍ଟ୍ରଫଙ୍କଠାରୁ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସାବାଲେଙ୍କା ୭-୬(୭/୪), ୬-୨ ସିଧାସଳଖ ସେଟ୍‌ରେ ପୋଲିନା କୁଦେରମେଟୋଭାଙ୍କୁ, ଚତୁର୍ଥ ସିଡ୍ ଜେସିକା ପେଗୁଲା ୬-୧, ୬-୩ ସେଟ୍‌ରେ ଆନା ବ୍ଲିଙ୍କୋଭାଙ୍କୁ, ପଞ୍ଚମ ସିଡ୍ ମିରା ଆଣ୍ଡ୍ରିଭା ୬-୧, ୬-୩ ସେଟ୍‌ରେ ଆନାସ୍ତାସିଆ ପୋଟାପୋଭାଙ୍କୁ, ସପ୍ତମ ସିଡ୍ ଜସ୍ମିନ ପାଓଲିନି ୬-୩, ୬-୩ ସେଟ୍‌ରେ ଇଭା ଜୋଭିକ୍‌ଙ୍କୁ, ନବମ ସିଡ୍ ଏଲେନା ରିବାକିନା ୬-୩, ୭-୬ (୯/୭) ସେଟ୍‌ରେ ଟେରେଜା ଭାଲେଣ୍ଟୋଭାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୧୭ତମ ସିଡ୍ ଲ୍ୟୁଡମିଲା ସାମସୋନୋଭା ୬-୪, ୩-୬, ୨-୬ ସେଟ୍‌ରେ ପ୍ରିସ୍କିଲା ହନଙ୍କଠାରୁ, ୨୫ତମ ସିଡ୍ ଜେଲେନା ଓସ୍ତାପେଙ୍କୋ ୫-୭, ୧-୬ ସେଟ୍‌ରେ ଟେଲର ଟାଉନସେଣ୍ଡଙ୍କଠାରୁ ଓ ୩୨ତମ ସିଡ୍ ମ୍ୟାକକାର୍ଟନି କେଜଲର ୬-୭(୭/୯), ୨-୬ ସେଟ୍‌ରେ ମର୍କେଟା ଭଣ୍ଡ୍ରୋସୋଭାଙ୍କଠାରୁ ପରାଜୟ ସହ ବିଦାୟ ନେଇଛନ୍ତି।



ମ୍ୟାଚ୍ ଜିତିବା ପରେ କାର୍ଲୋସ ଅଲ୍‌କାରାଜ।

## ଗ୍ରାଣ୍ଡ୍ ଚେସ୍ ଫିନାଲେ ପାଇଁ ପ୍ରଜ୍ଞାନନ୍ଦଙ୍କୁ ଯୋଗ୍ୟତା

ସେଣ୍ଟ ଲୋଇସ, ୨୮।୮ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ଶିଙ୍କ ଫିଲ୍ଡ କପ୍ ଚେସ୍ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇଛନ୍ତି। ଏଥିସହିତ ସେ ଗ୍ରାଣ୍ଡ ଚେସ୍ ଟୁର୍ ଫିନାଲେ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ୱେସ୍‌ଲି ସୋ’ ନାଟକୀୟ ଥ୍ରି-ୱେ ପ୍ଲେଅଫ୍ ବିଜୟ ସହ ଟାଇଟଲ ବିଜୟୀ ହୋଇଛନ୍ତି। ୱେସ୍‌ଲି ୯ମ ଓ ଫାଇନାଲ ରାଉଣ୍ଡରେ ଉଜ୍‌ବେକିସ୍ତାନର ନୋଦିରବେକ୍ ଅବ୍‌ଦୁସାତ୍ତୋରୋଭଙ୍କୁ ପରାସ୍ତ କରିବା ଦ୍ୱାରା ୫.୫ ପଏଣ୍ଟ ଅର୍ଜନ କରି ତାଙ୍କ ଦେଶର ଫାବିଆନୋ କାରୁଆନା ଏବଂ ପ୍ରଜ୍ଞାନନ୍ଦଙ୍କ ସହ ମିଳିତ ଅଗ୍ରଣୀ ଲାଭ କରିଥିଲେ। ଫଳରେ ତାଙ୍କୁ ପ୍ଲେଅଫର ସାମ୍ନା କରିବାକୁ ପଡ଼ିଥିଲା। ଏଥିରେ ସେ ସମ୍ଭାବ୍ୟ ୨ ପଏଣ୍ଟରୁ ୧.୫ ପଏଣ୍ଟ ଅର୍ଜନ କରିଥିଲେ। ପ୍ରଜ୍ଞାନନ୍ଦ ଯୁକ୍ତରାଷ୍ଟ୍ର ଆମେରିକାର ଲେଭନ ଆରୋନିଆନଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଥିବା ବେଳେ କାରୁଆନାଙ୍କୁ ଏକ ଟାଇବ୍ରେକ୍‌ରେ ପରାସ୍ତ କରି ୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ କାରୁଆନା ଟାଇବ୍ରେକର ପରେ ୱେସ୍‌ଲିଙ୍କ ସହ ତାଙ୍କ ଗେମ୍ ଡ୍ର ରଖି ତୃତୀୟ ହୋଇଥିଲେ। ଗ୍ରାଣ୍ଡ ଚେସ୍ ଟୁର୍‌ରେ ସର୍ବାଧିକ ପଏଣ୍ଟ ସ୍କୋର କରି ଫ୍ରାନ୍ସର ମିକ୍ସିମି ଭାଚିର ଲାଗ୍ରେଭ୍ , ଲେଭନ ଆରୋନିଆନ, କାରୁଆନା ଓ ପ୍ରଜ୍ଞାନନ୍ଦଙ୍କ ସହ ଗ୍ରାଣ୍ଡଚେସ୍ ଟୁରଖ ଫାଇନାଲେ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ପୁରସ୍କୃତ ହେବେ ବିଜୟ, ଅନିମେଶ, ରାଖାଲ

ଭୁବନେଶ୍ୱର, ୨୮।୮ (ତପନ ସ୍ୱାଇଁ)

ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମତିଥି ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର ରାଜ୍ୟର ସର୍ବଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ହେଁ ଚୟନକର୍ତ୍ତାଙ୍କ ସୁପାରିସ ଅନୁସାରେ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ ହେବେ। ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡଧାରୀ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇବେ। ସେହିପରି ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ତାରକା ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, ସୁଷମା ନନ୍ଦ (ଜୁଡୋ) ଶ୍ରେଷ୍ଠ କୋଚ୍, କ୍ରୀଡ଼ା ଖବରଦାତା ବିମଳ କୁମାର ରାଉଳ, ଉଦୀୟମାନ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ପୁରସ୍କୃତ ହେବେ। ଡାକ୍ତର ସୁଦୀପ ଶତପଥୀ ବୈଷୟିକ କ୍ରୀଡ଼ା ଅଧିକାରୀ ପୁରସ୍କାର ପାଇବାକୁ ଥିବାବେଳେ ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ପ୍ରକାଶଯୋଗ୍ୟ ଯେ, ଟ୍ରଫି ଓ ମାନପତ୍ର ସହ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ୩ ଲକ୍ଷ ଟଙ୍କା ଏବଂ ଅବଶିଷ୍ଟ ସମସ୍ତ ପୁରସ୍କାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇ ଆସୁଛି।

## ବିଶ୍ୱର ୨ନମ୍ବର ଖେଳାଳିଙ୍କୁ ହରାଇଲେ ସିନ୍ଧୁ

ପ୍ୟାରିସ, ୨୮।୮ (ପି.ଟି.)

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏକ ପ୍ରି-କ୍ୱାର୍ଟରଫାଇନାଲରେ ସେ ଚାଇନାର ୱାଙ୍ଗ୍ ଝି ୟିଙ୍କୁ ୨୧-୧୯, ୨୧-୧୫ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ୧୫ତମ ର୍‍ୟାଙ୍କିଂପ୍ରାପ୍ତ ସିନ୍ଧୁ ୨୦୧୯ରେ ବାସେଲଠାରେ ବିଶ୍ୱ ଟାଇଟଲ ହାସଲ କରିଥିଲେ। ଗୁରୁବାର ମ୍ୟାଚ ଜିତିବା ଦ୍ୱାରା ଚାଇନିଜ ଖେଳାଳିଙ୍କ ବିପକ୍ଷରେ ତାଙ୍କର ବିଜୟ-ପରାଜୟ ରେକର୍ଡ ୩-୨ ସ୍ଥିତିକୁ ଚାଲି ଆସିଛି। ୩୦ ବର୍ଷୀୟା ଏହି ଭାରତୀୟ ବର୍ତ୍ତମାନ ବିଶ୍ୱର ନମ୍ବର ୯ ଖେଳାଳି ଇଣ୍ଡୋନେସିଆର ପୁତ୍ରି କୁସୁମା ୱାର୍ଦାନୀଙ୍କୁ ଭେଟିବେ। ସିନ୍ଧୁ ଆଉ ଗୋଟିଏ ବିଜୟ ହାସଲ କରିପାରିଲେ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ପଦକ ସଂଖ୍ୟା ୬କୁ ବୃଦ୍ଧି ପାଇବ। ଇଭେଣ୍ଟର ସର୍ବାଧିକ ପଦକ ଜିତିବାରେ ରହିଥିବା ରେକର୍ଡର ସେ ସମକକ୍ଷ ହୋଇପାରିବେ। ଅନ୍ୟ ଏକ ବିପର୍ଯ୍ୟୟ ଭାରତର ଧ୍ରୁବ କାପିଲା ଓ ତନିଶା କ୍ରାଷ୍ଟୋ ବିଶ୍ୱର ୫ ନମ୍ବର ଯୋଡ଼ି ହଂକଂର ଟାଙ୍ଗ୍ ଚୁନ୍ ମାନ୍‌ଙ୍କୁ ୧୯-୨୧, ୨୧-୧୨, ୨୧-୧୫ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

## ଦୁଲୀପ ଟ୍ରଫି: ନର୍ଥ ଜୋନ୍ ୩୦୮/୬

ବେଙ୍ଗାଲୁରୁ,୨୮।୮

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ ଏ’ରେ ଗୁରୁବାରଠାରୁ ଦୁଲୀପ ଟ୍ରଫି ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ନର୍ଥ ଓ ଇଷ୍ଟ ଜୋନ ପରସ୍ପରକୁ ଭେଟିଛନ୍ତି। ଇଷ୍ଟ ଜୋନ ଅଧିନାୟକ ରିୟାନ ପରାଗ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଇଷ୍ଟ ଜୋନ ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡ଼ିଆ ଖେଳାଳି ସନ୍ଦୀପ ପଟ୍ଟନାୟକଙ୍କୁ ପ୍ଲେଇଂ ଇଲେଭେନ ସ୍ଥାନ ଦିଆଯାଇନାହିଁ। ପ୍ରଥମ ବ୍ୟାଟିଂ କରିଥିବା ନର୍ଥ ଜୋନ ପ୍ରଥମ ଦିନ ଶେଷ ସୁଦ୍ଧା ୬ ଉଇକେଟ ହରାଇ ୩୦୮ ରନ କରିଛି। ଦଳ ପାଇଁ ଆୟୁଷ ବଦୋନୀ ସର୍ବାଧିକ ୬୩, ନିଶାନ୍ତ ସିନ୍ଧୁ ୪୭, ୟଶ ଧୁଲ ୩୯, ଅଧିନାୟକ ଅଙ୍କିତ କୁମାର ୩୦ ଓ ଶୁଭମ ଖଜୁରିଆ ୨୬ ରନ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ କହ୍ନେୟା ୱାଧାୱାନ ୪୨ ଓ ମୟଙ୍କ ଡାଗର ୨୮ ରନ କରି ଅପରାଜିତ ରହିଛନ୍ତି। ଇଷ୍ଟ ଜୋନ ପାଇଁ ମନିଶି ୩ ଉଇକେଟ ନେଇଥିବା ବେଳେ ମହମ୍ମଦ ଶାମି, ସୁରଜ ସିନ୍ଧୁ ଜୈସ୍ୱାଲ ଓ ମୁଖତାର ହୁସେନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

### ମାଲେୱାରଙ୍କ ୧୯୮*; ସେଣ୍ଟ୍ରାଲ ଜୋନ୍ ୪୩୨/୨

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ ବି’ରେ ଖେଳାଯାଉଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ସେଣ୍ଟ୍ରାଲ ଜୋନ୍ ଓ ନର୍ଥ ଇଷ୍ଟ ଜୋନ୍ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ସେଣ୍ଟ୍ରାଲ ଜୋନ୍ ପ୍ରଥମ ଦିନ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୪୩୨ ରନ୍ କରିଛି। ଦଳ ପାଇଁ ଅଧିନାୟକ ରଜତ ପଟିଦାର ୧୨୫ (୨୧ ଚୌକା ଓ ୩ ଛକା) ରନ ଶତକୀୟ ପାଳି ଖେଳି ଆଉଟ୍ ହୋଇଥିବା ବେଳେ ଆର୍ଯ୍ୟନ ଜୁୟାଲ ୬୦ ରନ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଦାନିଶ ମାଲେୱର ୩୫ ଚୌକା ଓ ୧ ଛକା ସହିତ ୧୯୮ ଓ ୟଶ ରାଠୋଡ ୩୨ ରନ କରି ଅପରାଜିତ ରହିଛନ୍ତି। ନର୍ଥ ଇଷ୍ଟ ଜୋନ୍ ପାଇଁ ଆକାଶ ଚୌଧାରୀ ଓ ଫେଇରୋଇଜାମ ଜତିନ ଗୋଟିଏ ଲେଖାଏ ଉଇକେଟ ହାତେଇଛନ୍ତି।



ବିହାରର ରାଜଗିରିଠାରେ ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟ ପୂର୍ବରୁ ଗୁରୁବାର ଟ୍ରଫି ସହ ମିଳିତ ଫଟୋ ସେସନରେ ଭାରତ ଅଧିନାୟକ ହରମନପ୍ରୀତ ସିଂ ଏବଂ ଅନ୍ୟ ଦଳଗୁଡ଼ିକର ଅଧିନାୟକମାନେ।

## ଓଡିଏମ୍ ଗ୍ଲୋବାଲ-କିସ୍ ଫାଇନାଲ

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ**

ଭୁବନେଶ୍ୱର,୨୮।୮(ଅନାଦି କର)

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଶୁକ୍ରବାର ହେବାକୁ ଥିବା ଫାଇନାଲରେ ଓଡିଏମ୍ ଗ୍ଲୋବାଲ ଓ କିସ୍ ପରସ୍ପରକୁ ଭେଟିବେ।

ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ୨-୦ ଗୋଲରେ ଡିଏଭି ପୋଖରିପୁଟକୁ ହରାଇଛି। ବିଜୟୀ ଦଳ ପାଇଁ ଆୟୁଷ ଗୋପେ ଓ ଲକି ମିରିନା ଗୋଟିଏ ଲେଖାଏ ଗୋଲ କରିଥିଲେ। ଅତିଥି ଭାବେ ଓଡ଼ିଶା ଫୁଟବଲ ଦଳର ପୂର୍ବତନ ଅଧିନାୟକ ନିପୁନ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଆୟୁଷ ଗୋପେଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ କିସ୍ ୪-୦ ଗୋଲରେ ବିକାଶ ରେସିଡେନସିଆଲ ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ବଚନ ପୃଷ୍ଟି ଦୁଇଟି ଗୋଲ କରିଥିବା ବେଳେ ସମିର ବୋଇଦା ଓ ମାହ୍ଲୁ ମାର୍ଡି ଗୋଟିଏ ଲେଖାଏଁ ସ୍କୋର କରିଥିଲେ। ଭୁବନେଶ୍ୱର ଫୁଟବଲ ଏକାଡେମୀ କ୍ଲବ ସଭାପତି ତାପସ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବଚନ ପୃଷ୍ଟିଙ୍କୁ ପୁରସ୍କୃତ କରିଥିଲେ।



ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରୁଛନ୍ତି।

## ସଙ୍ଗୀତ ମାଧ୍ୟମରେ ବଶିଷ୍ଠଙ୍କ ସମର୍ଥନ

**ଭାରତର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଦାବି**

ଭୁବନେଶ୍ୱର, ୨୮।୮ (ତପନ ସ୍ୱାଇଁ)

ଭାରତ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଦାବି ଉପସ୍ଥାପନ କରିଛି। ଜାତୀୟ କ୍ରୀଡ଼ା ଦିବସ ପାଳନ ପୂର୍ବରୁ ଏକ ଭିଡିଓ ଜାରିକରି ସଙ୍ଗୀତ ମାଧ୍ୟମରେ ନିଜର ସମର୍ଥନ ଜଣାଇଛନ୍ତି କେରଳ କାଲିକଟସ୍ଥିତ ମାଲାବାର ଖ୍ରୀଷ୍ଟିଆନ କଲେଜର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ବଶିଷ୍ଠ। ସେ ଉଭୟ ଇଂଲିଶ ଓ ହିନ୍ଦୀରେ ସଙ୍ଗୀତ ସଂଯୋଜନା କରିଛନ୍ତି। ବଶିଷ୍ଠଙ୍କ ଗୀତକୁ ସ୍ୱର ଦେଇଛନ୍ତି ତାଙ୍କ ପୂର୍ବତନ ଛାତ୍ର ସାଇ ଗିରିଧର। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୨୦୩୬ ଅଲିମ୍ପିକ୍ସକୁ ନେଇ ସେ ଏକ ପୋଷ୍ଟର ମଧ୍ୟ କରିଛନ୍ତି।




ପ୍ରଫେସର ବଶିଷ୍ଠ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

## କିଟ୍‌ର ୭ ଛାତ୍ରଙ୍କୁ ଯୋଗ୍ୟତା

**ଭୁବନେଶ୍ୱର, ୨୮।୮ (ତପନ ସ୍ୱାଇଁ):** ଜାପାନର ଟୋକିଓରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ୭ ଛାତ୍ରୀଛାତ୍ର ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ଅନୁ ରାଣୀ (ଜାଭେଲିନ୍ ଥ୍ରୋ), ପାରୁଲ ଚୌଧାରୀ (୩୦୦୦ ମିଟର ଷ୍ଟିପଲ ଚେଜ୍), ପ୍ରିୟଙ୍କା ଗୋସ୍ୱାମୀ (୩୫ କିଲୋମିଟର ଚାଲି), ଅଙ୍କିତା (୩୦୦୦ ମିଟର ଷ୍ଟିପଲ ଚେଜ୍), ଅନିମେଶ କୁଜୁର (୨୦୦ ମିଟର ରେସ୍), ପ୍ରବୀଣ ଚିତ୍ରାଭେଲ (ଟ୍ରିପଲ ଜମ୍ପ) ଓ ଆକାଶଦୀପ ସିଂ (୨୦ କିଲୋମିଟର ଚାଲି)। ଏହି ସମସ୍ତ ଆଥଲେଟ୍ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଆଥ୍‌ଲେଟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଡିସେମ୍ବରରୁ ହୋଇପାରେ ଆଇଏସ୍‌ଏଲ୍

**ସୁପ୍ରିମକୋର୍ଟରେ ଦାଖଲ ହେଲା ସର୍ବସମ୍ମତି ସମାଧାନ**

ନୂଆଦିଲ୍ଲୀ,୨୮।୮(ପି.ଟି.)

ଭାରତୀୟ ଫୁଟବଲରେ ଦେଖାଦେଇଥିବା ସମସ୍ୟା ଏବେ ସମାଧାନ ଦିଗରେ ମୁହାଁଇଛି। ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଗୁରୁବାର ସୁପ୍ରିମକୋର୍ଟରେ ସର୍ବସମ୍ମତି ସମାଧାନର ଏକ ପ୍ରସ୍ତାବ ଦାଖଲ କରିଛନ୍ତି। ଏଥିରେ ଆସନ୍ତା ଡିସେମ୍ବରରେ ଇଣ୍ଡିଆନ ସୁପର ଲିଗ୍ ଆୟୋଜନ ଲାଗି ଆର୍ଥିକ ସହଯୋଗୀ ଚୟନ ପାଇଁ ଏକ ପାରଦର୍ଶୀ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ଦୁଇ ପକ୍ଷ ସହମତି ପ୍ରକାଶ କରିଛନ୍ତି। ମୁଖ୍ୟ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନରେ ପହଞ୍ଚିଛନ୍ତି। ସାଧାରଣ ସ୍ୱାର୍ଥ ଓ ଭାରତରେ ଫୁଟ୍‌ବଲ କ୍ରୀଡ଼ାର ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଭୟ ପକ୍ଷ ସହମତିପୂର୍ଣ୍ଣ ସମାଧାନରେ ପହଞ୍ଚିଥିବା କହିଛନ୍ତି।



ଫିଫା ଓ ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ପକ୍ଷରୁ ଏଆଇଏଫ୍‌ଏଫ୍‌କୁ ଅନ୍ତର୍ଜାତୀୟ ବାସନ୍ଦ ଧମକ ଦିଆଯିବାର ଦିନକ ପରେ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ସହମତି ପ୍ରକାଶ କରିଛନ୍ତି। ‘ଆଇଏସ୍‌ଏଲ୍ ଆୟୋଜନ ଲାଗି ଆବଶ୍ୟକ ଥିବା ଆର୍ଥିକ ସହଯୋଗୀ ଚୟନ କରିବା ପାଇଁ ଏଆଇଏଫ୍‌ଏଫ୍ ଏକ ମୁକ୍ତ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଓ ପାରଦର୍ଶୀ ଟେଣ୍ଡର ପ୍ରକ୍ରିୟା କରିବାକୁ ରାଜି ହୋଇଛି। ଏହି ପ୍ରକ୍ରିୟା ଜାତୀୟ କ୍ରୀଡ଼ା ନୀତି ୨୦୧୧, ଜାତୀୟ କ୍ରୀଡ଼ା ଶାସନ ୨୦୨୫, ଏଆଇଏଫ୍‌ଏଫ୍ ସମ୍ବିଧାନ ଓ ଫିଫା ଏବଂ ଏଏଫ୍‌ସି ନିୟମ ଅନୁଯାୟୀ ହେବ। ଏହି ଟେଣ୍ଡର ପ୍ରକ୍ରିୟାକୁ ସ୍ୱତନ୍ତ୍ର ପେସାଦାର ସଂସ୍ଥା ଦ୍ୱାରା କରାଯାଇପାରେ। ଏହି ପ୍ରକ୍ରିୟା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଶେଷ ହେବ। ଯାହା ଫଳରେ କ୍ଲବ୍ସ, ପ୍ରସାରଣକାରୀ ସଂସ୍ଥା, ସ୍ପନସର୍ସ ଓ ଅନ୍ୟ ଅଂଶୀଦାରଙ୍କୁ ସ୍ପଷ୍ଟ ଚିତ୍ର ମିଳିପାରିବ। ଏଏଫ୍‌ସିର ଅନୁମତି ମିଳିଲା ପରେ ନୂଆ ଲିଗ୍ ଡିସେମ୍ବରରୁ ଆରମ୍ଭ ହୋଇପାରିବ’ ବୋଲି ଦାଖଲ ହୋଇଥିବା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି।

**ଏଆଇଏଫ୍‌ଏଫ୍‌କୁ ଏନ୍‌ଓସି ଦେବ ଏଫ୍‌ଏସ୍‌ଡିଏଲ୍**

ଏଫ୍‌ଏସ୍‌ଡିଏଲ୍ ବର୍ତ୍ତମାନ ଏଆଇଏଫ୍‌ଏଫ୍‌ର ଆର୍ଥିକ ସହଯୋଗୀ। ୨୦୧୦ରେ ଉଭୟଙ୍କ ମଧ୍ୟରେ ୧୫ ବର୍ଷ ଲାଗି ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ) ସାଇନ୍ କରାଯାଇଥିଲା। ଏହି ଏମ୍‌ଆର୍‌ଏ ଅଧୀନରେ ଏଫ୍‌ଏସ୍‌ଡିଏଲ୍ ଆଇଏସ୍‌ଏଲ୍ ଆୟୋଜନ କରୁଥିଲା। ଡିସେମ୍ବର ୮ ତାରିଖରେ ଚୁକ୍ତିର ଅବଧି ଶେଷ ହେବାକୁ ଥିବାରୁ ଏଫ୍‌ଏସ୍‌ଡିଏଲ୍ ଜୁନ ୧୧ ତାରିଖରେ ଆଇଏସ୍‌ଏଲ୍‌କୁ ସ୍ଥଗିତ ଘୋଷଣା କରିଥିଲା। ପୂର୍ବରୁ ସ୍ୱାକ୍ଷର ହୋଇଥିବା ଚୁକ୍ତିରେ ରଖାଯାଇଥିବା ପ୍ରଥମେ ମୂଲଚାଲ କରିବା ଓ ମେଳ କରିବାର ଅଧିକାରକୁ ହଟାଇବା ଲାଗି ଏଫ୍‌ଏସ୍‌ଡିଏଲ୍ ରାଜି ହୋଇଛି। ଏହା ଏଆଇଏଫ୍‌ଏଫ୍‌କୁ ଏକ ମୁକ୍ତ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଓ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ଆୟୋଜନ କରିବା ପାଇଁ ନୋ ଅବ୍‌ଜେକ୍‌ଶନ ସାର୍ଟିଫିକେଟ୍ (ଏନ୍‌ଓସି) ପ୍ରଦାନ କରିବ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ